

ରମେଶଙ୍କୁ ବିଶ୍ୱ ଚାମ୍ପିଅନସିପ୍ ଟିକେଟ୍ ପୃଷ୍ଠା ୬

ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 142 | ଭାଗ ୩୩ | ସଂଖ୍ୟା ୧୪୨ Bhubaneswar | Tuesday 12 August 2025 | Page 8 Rs. 5.00 ● ଭୁବନେଶ୍ୱର ମଙ୍ଗଳବାର ୧୨ ଅଗଷ୍ଟ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

### ବରଗଡ଼ରେ ଚାଞ୍ଚଲ୍ୟ

# ପେଟ୍ରୋଲ ଢାଳି ଆତ୍ମହତ୍ୟା କଲେ ଛାତ୍ରୀ

- ସମ୍ପର୍କୀୟ ଅଜା ଓ ଜଣେ ଦୋକାନୀ ଅଟକ
- ଉଦ୍ଧାର ସମୟର ଭିଡିଓକୁ ଜବତ କରିଛି ପୋଲିସ
- ଯାଞ୍ଚ ପାଇଁ ଗଠନ ହୋଇଛି ତିନୋଟି ତଦନ୍ତକାରୀ ଟିମ
- ପରିବାର ସଦସ୍ୟଙ୍କ ବୟାନ ରେକର୍ଡ କରିଛି ପୋଲିସ



ବରଗଡ,୧୧ ।୮(ସଂଚାର ବ୍ୟୁରୋ): ପୁଣି ଜଣେ ନାବାଳିକା ଛାତ୍ରୀ ନିଜକୁ ପେଟ୍ରୋଲ ଢାଳି ଜାଳିଦେଇଛି। ସୋମବାର ସକାଳେ ବରଗଡ ଜିଲ୍ଲା ଗାଇସିଲଟ ବ୍ଲକର ଫିରିଙ୍ଗମାଳ ଗାଁରେ ଜଣେ ୧୩ ବର୍ଷୀୟା ନାବାଳିକା ଘରଠାରୁ ଅନତିଦୂରରେ ରହିଥିବା ଖେଳପଡ଼ିଆ ମଝିରେ ପେଟ୍ରୋଲ ଢାଳି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଗାଇସିଲେଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଆତ୍ମହତ୍ୟାର କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନଥିବା ବେଳେ ଗାଏସିଲେଟ ଥାନାରେ ୨ ଜଣଙ୍କୁ ଅଟକ ରଖିଛି ପୋଲିସ। ସଂପର୍କୀୟ ଅଜା ଓ ଜଣେ ଦୋକାନୀଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ➪ପୃଷ୍ଠା-୬

### ଅଭିଯୋଗ ଶୁଣାଣିରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଭର ପ୍ରତିଶ୍ରୁତି

# ସବୁ ସମସ୍ୟାର ସମାଧାନ ହେବ, ବିଚଳିତ ହୁଅନ୍ତୁନି

- ନିୟମିତ ଅଭିଯୋଗ ଶୁଣାଣି ଯୋଗୁଁ ବଢୁଛି ଭରସା
- ଏବେ ସୁଦ୍ଧା ୮୮% ଅଭିଯୋଗର ସମାଧାନ ହୋଇଛି
- ଦିବ୍ୟାଙ୍ଗ ଲୋକଙ୍କ ପାଖକୁ ଯାଇ ଅଭିଯୋଗ ଶୁଣିଲେ ମୁଖ୍ୟମନ୍ତ୍ରୀ
- ବର୍ଷ ବର୍ଷ ଧରି ପଡ଼ିରହିଥିବା ସମସ୍ୟାର ହେଉଛି ସମାଧାନ



ଭୁବନେଶ୍ୱର,୧୧ ।୮(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ଆଜି ଥିଲା ୧୪ତମ ପାଳି। ଆଜି ଭୁବନେଶ୍ୱର ୟୁନିଟ-୨ ଠାରେ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ମନ୍ତ୍ରିମଣ୍ଡଳର ବରିଷ୍ଠ ମନ୍ତ୍ରୀଗଣ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ନିୟମିତ ଅଭିଯୋଗ ଶୁଣାଣି ଯୋଗୁ ବିଭିନ୍ନ କାରଣରୁ ସମସ୍ୟାରେ ଥିବା ଲୋକମାନେ ଆଶା ଓ ଭରସା ନେଇ ଆସୁଛନ୍ତି ଏବଂ ସେମାନଙ୍କ ସମସ୍ୟାର ସମାଧାନ ମଧ୍ୟ କରାଯାଉଛି। ଗତ ୧୩ଟି ପାଳିରେ ଗ୍ରହଣ କରାଯାଇଥିବା ୧୨,୨୫୨ଟି ଅଭିଯୋଗ ମଧ୍ୟରୁ ୧୦,୮୦୭ଟି ଅଭିଯୋଗର ସମାଧାନ କରାଯାଇଛି । ଯାହା ଶତକଡ଼ା ୮୮ ପ୍ରତିଶତ ଅଟେ । ବାକି ଅଭିଯୋଗ ଗୁଡ଼ିକ ପ୍ରକ୍ରିୟା ମଧ୍ୟରେ ରହିଛି । ଲୋକଙ୍କ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିୟମିତ ପ୍ରୟାସ ଯୋଗୁ ସରକାରଙ୍କ ପ୍ରତି ଲୋକଙ୍କ ଆସ୍ଥା ବୃଦ୍ଧି ପାଇଛି।

ପ୍ରତିଥର ଭଳି ମୁଖ୍ୟମନ୍ତ୍ରୀ ପୂର୍ବାହ୍ନରେ ପ୍ରଥମେ ଆସି ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ବାହାରେ ଅପେକ୍ଷା କରିଥିବା ଦିବ୍ୟାଙ୍ଗ ଓ ଜଟିଳ ରୋଗରେ ପୀଡିତ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଜଣ ଜଣ କରି ଭେଟିଥିଲେ ଏବଂ ସେମାନଙ୍କ ଅଭିଯୋଗ ପତ୍ର ଗ୍ରହଣ କରି ତୁରନ୍ତ ➪ପୃଷ୍ଠା-୬

### ଯାଜପୁର ମେଡିକାଲ କଲେଜ ନିର୍ମାଣରେ ବ୍ୟାପକ ଅନିୟମିତତା

# ୧୯୯ କୋଟିରୁ ଅଧିକ ଖର୍ଚ୍ଚକୁ ନେଇ ଉଠିଲା ପ୍ରଶ୍ନ



ଯାଜପୁର, ୧୧।୮ (ସଂଚାର ବ୍ୟୁରୋ): ପାଣିକୋଇଲି ପୂର୍ତ୍ତ ବିଭାଜନ ଅଧୀନରେ ଯାଜପୁର ଟାଉନ ଠାରେ ୧୦୦ ଶଯ୍ୟା ବିଶିଷ୍ଟ ମହାରାଜା ଯଯାତୀ କେଶରୀ ମେଡିକାଲ କଲେଜ ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମତତା ଓ ଆର୍ଥିକ ଦୁର୍ନୀତି ଅଭିଯୋଗ ସାମ୍ନାକୁ ଆସିଛି। କେନ୍ଦ୍ରୀୟ ଯୋଜନା ଅନୁଦାନରେ ମେଡିକାଲ କଲେଜ ନିର୍ମାଣ ପାଇଁ ଆକଳନ ମୂଲ୍ୟ ୩୨୬ କୋଟି ୬୮ ଲକ୍ଷ ଟଙ୍କା ଥିବାବେଳେ ବ୍ୟୟ ୫୨୬ କୋଟି ୨୧ ଲକ୍ଷ ଟଙ୍କାରେ ପହଞ୍ଚିଛି। ଯାହାକି ଆକଳନ ମୂଲ୍ୟ ଠାରୁ ୧୯୯ କୋଟି ୫୩ ଲକ୍ଷ ଟଙ୍କା ଅଧିକ। ଏହି ଅତିରିକ୍ତ ଖର୍ଚ୍ଚର ତଥ୍ୟ ➪ପୃଷ୍ଠା-୬

# ଅନ୍‌ଲାଇନରେ ବିକ୍ରି ହେବନି ମହାପ୍ରସାଦ

### ପ୍ରସ୍ତାବକୁ ଅଗ୍ରାହ୍ୟ କଲେ ଶ୍ରୀମନ୍ଦିର ପ୍ରଶାସନ ଓ ସରକାର



ଭୁବନେଶ୍ୱର,୧୧।୮(ସଂଚାର ବ୍ୟୁରୋ) : ଅନଲାଇନରେ ବିକ୍ରି ହେବ ନାହିଁ ମହାପ୍ରସାଦ। ବିଭିନ୍ନ ସଂସ୍ଥା ଦେଇଥିବା ପ୍ରସ୍ତାବକୁ ଅଗ୍ରାହ୍ୟ କଲେ ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାର । ଭାରତର ଅନ୍ୟ ମନ୍ଦିର ତୁଳନାରେ ମହାପ୍ରଭୁଙ୍କ ମହାପ୍ରସାଦର ପବିତ୍ରତା ଓ ମାନ୍ୟତା ସଂପୂର୍ଣ୍ଣ ଅଲଗା । କିଛି ଦିନ ତଳେ କିଛି ସଂସ୍ଥା ମହାପ୍ରଭୁଙ୍କ ଶୁଖିଲା ଭୋଗ ଓ ମହାପ୍ରସାଦ ଅନଲାଇନରେ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ମନ୍ଦିର ପ୍ରଶାସନକୁ ଅନୁରୋଧ କରିଥିଲେ ।



ଯଦିଓ ମହାପ୍ରସାଦ ଦେଶ ବିଦେଶରେ ଭକ୍ତଙ୍କ ପାଖରେ ପହଞ୍ଚିବା ସୁବିଧା ହେବ। ମହାପ୍ରସାଦର ପବିତ୍ରତା ଦୃଷ୍ଟି କୋଣରୁ ଶ୍ରୀମନ୍ଦିର ପ୍ରଶାସନ କିମ୍ବା ରାଜ୍ୟ ସରକାର ଏ ପ୍ରସ୍ତାବରେ ରାଜି ହୋଇନାହାନ୍ତି। କାରଣ ଅନଲାଇନରେ ମହାପ୍ରସାଦ ନିଆଗଲେ, ତାର ପବିତ୍ରତା ଅକ୍ଷୁର୍ଣ୍ଣ ରଖି ପାରିବେ ନାହିଁ ବୋଲି ସନ୍ଦେହ ରହିଛି । ମନ୍ଦିର ପ୍ରଶାସନ ଏବଂ ସରକାର ଅନଲାଇନ ମହାପ୍ରସାଦ ବିକ୍ରିକୁ ନେଇ ସହମତ ନାହାନ୍ତି । ସମସ୍ତ ଭକ୍ତଙ୍କୁ ଅନୁରୋଧ, ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ ସହ ମହାପ୍ରସାଦ ପାଇବାର ସୌଭାଗ୍ୟ ପାଆନ୍ତୁ । ମହାପ୍ରସାଦ ଅନଲାଇନ ବିତରଣ ହେଉନାହିଁ । ଯେଉଁ ଉଦ୍ୟମ ➪ପୃଷ୍ଠା-୬


# ଗଞ୍ଜାମରେ ଡବଲ ମର୍ଡର

- ଘର ଭିତରେ ମହିଳାଙ୍କୁ ହତ୍ୟା, ଝିଅ ଗୁରୁତର
- ବୃଦ୍ଧଙ୍କୁ ଗଳାକାଟି ହତ୍ୟା, ଅଭିଯୁକ୍ତ ଅଟକ

ବ୍ରହ୍ମପୁର/ହିଞ୍ଜିଳିକାଟୁ, ୧୧।୮ (ସଂଚାର ବ୍ୟୁରୋ): ଗଞ୍ଜାମରୁ ଆସିଛି ଲୋମଟାଙ୍କୁରା ହତ୍ୟାକାଣ୍ଡର ଚିତ୍ର। ଏଠାରେ ଗୋଟିଏ ଦିନରେ ଦୁଇ ଦୁଇଟା ହତ୍ୟାକାଣ୍ଡ ଲୋକଙ୍କ ହୋସ୍ ଉଡ଼ାଇଦେଇଛି। ବ୍ରହ୍ମପୁରର ନିମଖଣ୍ଡିରେ ଜଣେ ମହିଳାଙ୍କୁ ଘର ଭିତରେ ହତ୍ୟା କରାଯାଇଥିବା ବେଳେ ତାଙ୍କ ଝିଅକୁ ମଧ୍ୟ ମରଣାନ୍ତକ ହତ୍ୟା ଉଦ୍ୟମ କରାଯାଇଛି। ସେହିଭଳି ହିଞ୍ଜିଳି ଥାନା ଅନ୍ତର୍ଗତ ରାଳବ ଗ୍ରାମରେ ଜଣେ ବୃଦ୍ଧଙ୍କୁ ସାହି ମଝିରେ ଗଳାକାଟି ଅତି ନିର୍ମମ ଭାବେ ହ୍ୟା କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଆରମ୍ଭ କରିଛି।

ବ୍ରହ୍ମପୁର ପୋଲିସ ଜିଲାର ନିମଖଣ୍ଡି ଥାନା ଅନ୍ତର୍ଗତ ଶ୍ରୀମା ନଗରରେ ଜଣେ ମହିଳାଙ୍କୁ ଅତି ବିଭତ୍ସ ଭାବେ ହତ୍ୟା କରାଯାଇଛି। ସେହିପରି ଧରା ପଡ଼ିଯିବା ଭୟରେ ଉକ୍ତ ମହିଳାଙ୍କ ଝିଅକୁ ମଧ୍ୟ ଘାତକ ଆକ୍ରମଣ କରାଯାଇଛି। ମୃତ ମହିଳା ଜଣଙ୍କ ସାଧୁ ଚରଣ ସ୍ୱାଇଁଙ୍କ ସ୍ତ୍ରୀ ଗାୟତ୍ରୀ ସ୍ୱାଇଁ (୩୦)। ଆହତ ଥିବା ତାଙ୍କ ଝିଅ ହେଲେ ନିଲମ ସ୍ୱାଇଁ (୧୦)। ସେମାନେ ଘରେ ଶୋଇଥିବା ବେଳେ ଆକ୍ରମଣ କରାଯାଇଥିବା ଅନୁମାନ କରାଯାଉଛି। ଘର ଭିତରେ ମୁମୂର୍ଷୁ ଅବସ୍ଥାରେ ପଡିଥିବା ନିଲମଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ବୟାନ ରେକର୍ଡ ଆଧାରରେ ପୋଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ପ୍ରୟାସ କରୁଛି। ଅଭିଯୁକ୍ତ ଜଣଙ୍କ ତାଙ୍କ ସମ୍ପର୍କୀୟ ବୋଲି ଜଣାପଡିଛି। ବ୍ରହ୍ମପୁର ଏସପି ଡା. ସର୍ୱଣା ବିବେକ ଏମ, ସଦର ଏସଡ଼ିପିଓ, ଥାନାଧିକାରୀ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ସେହିପରି ଗୁରୁତରଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ତାଙ୍କୁ ଭୁବନେଶ୍ୱର ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅଞ୍ଚଳରେ ଏହାକୁ ନେଇ ଚାଞ୍ଚଲ୍ୟ ଖେଳିଯାଇଛି। ନିମଖଣ୍ଡି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ➪ପୃଷ୍ଠା-୬

# ଗାଈ ଚରେଇଥାନ୍ତେ ବରିଷ୍ଠ ନେତ୍ରୀ



ଭୁବନେଶ୍ୱର,୧୧।୮(ସଂଚାର ବ୍ୟୁରୋ): କଥା କଥାରେ ସୋସିଆଲ ମିଡିଆରେ ଯୁକ୍ତ ତର୍କ କରୁଥିବା ଜଣେ ନାରୀ ନେତ୍ରୀ ରାଜନୀତିକୁ ଆସିନଥିଲେ କୁଆଡେ ଗାଈ ଚାରାଇଥାନ୍ତେ। ଏହି ନେତ୍ରୀଜଣଙ୍କ ତାଙ୍କ ଯୁବାବସ୍ଥାରେ ଗାଈଆଳଙ୍କ ପ୍ରତି ଆକର୍ଷିତ ହୋଇଥିବା ନେଇ ତାଙ୍କ ଅଞ୍ଚଳର କିଛି ଲୋକ କରୁଥିବା ଆଲୋଚନାରୁ ଜଣାଯାଇଛି। ଲୋକସେବା ଭବନର ଚା' ଖଟିରେ ଯାଜପୁର ଜିଲ୍ଲାର କିଛି ବ୍ୟକ୍ତି ଏ ନେଇ କରୁଥିବା ଆଲୋଚନାରୁ ଜଣାଯାଇଛି ଯେ, ବର୍ତ୍ତମାନର ଏହି ନେତ୍ରୀ ପାଠପଢିବା ବୟସରେ ଜଣେ ଗାଈଆଳ ଯୁବକଙ୍କ ସହିତ ଘନିଷ୍ଠତା ବଢାଇଥିଲେ । ଏତେ ଘନିଷ୍ଠ ହୋଇଥିଲେ ଯେ, କିଛିଦିନ ପାଇଁ କୁଆଡେ ତାଙ୍କ ସହିତ ରଫୁଚକ୍କର ହୋଇଯାଇଥିଲେ । ତେବେ ଗାଁ ଲୋକେ କୌଣସି ପ୍ରକାରେ କଥାଟିକୁ ଚାପିବାରେ ସଫଳ ହୋଇଥିଲେ । ଝିଅଟିର ଏଭଳି କାଣ୍ଡ କାରଖାନା ଗାଁ ଦାଣ୍ଡରେ ପଡିବାରୁ ପରିବାର ଲୋକେ ମୁହଁ ଉଠାଇ ଚାଲିପାରି ନଥିଲେ । ତେଣୁ ପରିବାରର ସଦସ୍ୟମାନେ ମିଶି ଝିଅ ଉପରେ କଡା ନଜର ରଖିଥିଲେ। ଅବଶ୍ୟ ପରେ ରାଜନୀତିରେ ପାଦ ଥାପିବାରୁ ନେତ୍ରୀ ଜଣଙ୍କ ଧୀରେ ଧୀରେ ଗାଈଆଳଙ୍କ କଥା ପାଶୋରିବାକୁ ଲାଗିଲେ। ହେଲେ ଗାଈଆଳ କିନ୍ତୁ ଏହାକୁ ପାଶୋରୀ ନଥିବାର ପରିଣତ ବୟସରେ ଏବେ ଯାହାକୁ ଦେଖୁଛନ୍ତି ଅତୀତର ସ୍ମୃତି ରୋମନ୍ଥନ କରୁଛନ୍ତି। ଗାଁକୁ ଯାଇଥିବାବେଳେ ଜଣେ ଯାଜପୁରିଆ ବାବୁ ଏହି କଥାଶୁଣି ଚା' ଖଟିରେ ବିସ୍ତୃତ ଆଲୋଚନା କରୁଥିବା ବେଳେ ଅନେକ ତାଙ୍କ ମୁହଁକୁ ଆଁ କରି ଅନାଇବା ସହିତ ଚା' ସହ ବିସ୍କୁଟ ଖାଇବେ କି ନାହିଁ ସେହି କଥା ଭାବି ହେଉଥିଲେ।

### ପୁରୀ-ଲାଲଗଡ଼ ଏକ୍ସପ୍ରେସ ଶ୍ରୀଗଙ୍ଗାନଗର ପର୍ଯ୍ୟନ୍ତ ସମ୍ପ୍ରସାରିତ

ଭୁବନେଶ୍ୱର,୧୧।୮(ସଂଚାର ବ୍ୟୁରୋ): ଭାରତୀୟ ରେଳବାଇ ଟ୍ରେନ୍ ନମ୍ବର ୨୦୪୭୨/୨୦୪୭୧ ପୁରୀ-ଲାଲଗଡ଼-ପୁରୀ ସାପ୍ତାହିକ ଏକ୍ସପ୍ରେସକୁ ୧୩ ଅଗଷ୍ଟ ୨୦୨୫ ଠାରୁ ପୁରୀରୁ ଶ୍ରୀ ଗଙ୍ଗାନଗର ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ନିଷ୍ପତ୍ତି ନେଇଛି। ଏହି ସମ୍ପ୍ରସାରଣ ବଙ୍ଗୋପସାଗରକୁ ଥର ମରୁଭୂମି ସହିତ ➪ପୃଷ୍ଠା-୬

# ସମାଲୋଚକଙ୍କୁ ସରୁ ଚଟକଣି

- ରାହୁଲ ଗାନ୍ଧୀ, କଂଗ୍ରେସ ଏବଂ ଇଣ୍ଡି ମେଣ୍ଟ ଉପରେ ବର୍ଷିଲେ କେନ୍ଦ୍ରମନ୍ତ୍ରୀ
- ଅନୁପ୍ରବେଶକାରୀଙ୍କୁ ଭୋଟର୍ କରି ରାଜନୈତିକ ରୁଟି ସେକୁଛି କଂଗ୍ରେସ
- ଭିତ୍ତିହୀନ ଅଭିଯୋଗ ଆଣି ଦେଶରେ ଅରାଜକତା ସୃଷ୍ଟି କରିବାକୁ ଅପଚେଷ୍ଟା




ନୂଆଦିଲ୍ଲୀ, ୧୧।୮: କଂଗ୍ରେସ ଦଳ ଏବଂ ଏହାର ସହଯୋଗୀମାନେ କେବଳ ଭୋଟ ବ୍ୟାଙ୍କ ରାଜନୀତିରେ ଲିପ୍ତ। ଅନୁପ୍ରବେଶକାରୀଙ୍କୁ ଭୋଟର୍ କରି ସେମାନେ ନିଜର ରାଜନୈତିକ ରୁଟି ସେକିବାକୁ ଚାହୁଁଛନ୍ତି ବୋଲି ସୋମବାର ନୂଆଦିଲ୍ଲୀ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ରାହୁଲ ଗାନ୍ଧୀ, କଂଗ୍ରେସ ଏବଂ ଇଣ୍ଡି ମେଣ୍ଟ ଉପରେ ବର୍ଷିଛନ୍ତି ବିଜେପିର ବରିଷ୍ଠ ନେତା ତଥା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଯେଉଁମାନେ ସମ୍ବିଧାନର ଦ୍ୱାହି ଦିଅନ୍ତି, ସେମାନେ ଆଜି ସମ୍ବିଧାନର ମୂଳ ପ୍ରତିଷ୍ଠାନଗୁଡ଼ିକୁ ଦୁର୍ବଳ କରିବାକୁ ଷଡ଼ଯନ୍ତ୍ର ରଚୁଛନ୍ତି। ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ଦଳ ନିର୍ବାଚନ କମିଶନ ଭଳି ଏକ ନିରପେକ୍ଷ ସଂସ୍ଥା ଉପରେ ଭିତ୍ତିହୀନ ଅଭିଯୋଗ ଆଣି ଦେଶରେ ଅରାଜକତା ସୃଷ୍ଟି କରିବାକୁ ଅପଚେଷ୍ଟା କରୁଛନ୍ତି। ସ୍ୱତନ୍ତ୍ର ସଂଶୋଧିତ ଭୋଟର ତାଲିକା (ଏସଆଇଆର) ଭଳି ନିୟମିତ ପ୍ରକ୍ରିୟାକୁ ରାଜନୈତିକ ଅସ୍ତ୍ର କରି ଏହି ଲୋକମାନେ ଅନୁପ୍ରବେଶକାରୀଙ୍କ ସପକ୍ଷରେ ଭୋଟ ବ୍ୟାଙ୍କ ରାଜନୀତି କରୁଛନ୍ତି। ତେବେ ପରିବାର କ୍ଷମତାଚ୍ୟୁତ ହେବା ବାସ୍ତବରେ ସେମାନଙ୍କୁ ଅଧିକ କଷ୍ଟ ଦେଇଛି। ଇଣ୍ଡି ମେଣ୍ଟର ଲୋକମାନେ ➪ପୃଷ୍ଠା-୬

# ଦାୟିତ୍ୱ ନେଲେ ମହିଳା କମିଶନ ଅଧ୍ୟକ୍ଷା



ଭୁବନେଶ୍ୱର,୧୧।୮ (ସଂଚାର ବ୍ୟୁରୋ): ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଭାବେ ଶୋଭନା ମହାନ୍ତି ସୋମବାର ଦିନ ବିଧିବଦ୍ଧ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଦାୟିତ୍ୱ ଗ୍ରହଣ କରିବା ପରେ ସେ ତାଙ୍କର ପ୍ରଥମ ପ୍ରତିକ୍ରିୟାରେ କହିଛନ୍ତି ଯେ ସମାଜର ଅସହାୟ ଅବହେଳିତ ମହିଳାଙ୍କ ସୁରକ୍ଷା ଏବଂ ନ୍ୟାୟ ପାଇଁ କାମ କରିବେ । ସେ କହିଛନ୍ତି ଯେ ପ୍ରତିଟି ମହିଳା କିପରି ସୁରକ୍ଷା ପାଇବେ ତୃଣମୂଳ ସ୍ତରରେ ସେ ଦିଗରେ ଚେଷ୍ଟିତ ରହିବି। ସେମାନଙ୍କ ସମସ୍ୟାକୁ ସାମ୍ନାକୁ ଆଣିବି । ଯେଉଁ ଦାୟିତ୍ୱ ମିଳିଛି ଅଧ୍ୟକ୍ଷା ଭାବେ ମୁଁ ସର୍ବଦା ଚେଷ୍ଟା କରିବି ଯେପରି ମହିଳାମାନେ ଗୁହାରି କରି ବିଫଳ ନହେବେ । ମୋ ପାଖକୁ ଯେଉଁ ଅଭିଯୋଗ ଆସିବ ତାକୁ ପୁଙ୍ଖାନୁପୁଙ୍ଖ ତଦନ୍ତ ପରେ ନିର୍ଣ୍ଣାୟକ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି । ସେହିଭଳି ଶିଶୁ ଅଧିକାର ସୁରକ୍ଷା କମିଶନର ଅଧ୍ୟକ୍ଷା ବବିତା ପାତ୍ର ମଧ୍ୟ ଆଜି ଦାୟିତ୍ୱ ନେଇଛନ୍ତି।



### କାନ ଡେରିଥା

ଆତ୍ମହତ୍ୟା ଏବେ ଟ୍ରେଣ୍ଡ କରୁଛି
ନ୍ୟାୟ ପାଇବା ପାଇଁ
ପୁଅ ନାଲୁଆମୀ ଆଉ ଚଳିବନି
ତାଙ୍କ ଘରେ ପଶ ଯାଇ
ଟଙ୍କା ଫଙ୍କା କିଛି ନାହିଁ...
ପ୍ରେମ କଲାବେଳେ ପଚାରିଥିଲ କି
ଦାଉ ସାଧ କାହିଁ ପାଇଁ ?

■ ଦେବାଶିଷ

# ଭୋଟ ଚୋରି କହିବାକୁ ବିଜେଡିର ସନ୍ନିପାତ

- ସାଂସଦଙ୍କ ରାଲିରୁ ନିଜକୁ ଦୂରେଇଲା
- ଚୋରିକୁ କହୁଛନ୍ତି ତ୍ରୁଟି




ଭୁବନେଶ୍ୱର,୧୧।୮(ସଂଚାର ବ୍ୟୁରୋ): ନିର୍ବାଚନରେ ହାରିବା ପରେ ବିଜେଡି ନେତାମାନେ ଭୋଟ ଜାଲିଆତି ଆରୋପ ଲଗାଇଥିଲେ । କେଉଁ କେଉଁ ନିର୍ବାଚନମଣ୍ଡଳୀରେ ଏଭଳି ହୋଇଛି ତାହାର ତାଲିକା ଉପସ୍ଥାପନ କରିବା ସହିତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଥିଲେ। ହେଲେ ସମାନ ପ୍ରସଙ୍ଗ ଯେତେବେଳେ ସଂସଦରେ ଉଠୁଛି, ବିଜେଡି ନେତାମାନଙ୍କର ସନ୍ନିପାତ ଅବସ୍ଥା ଲକ୍ଷ୍ୟ କରାଯାଉଛି। ଏପରିକି ୩ଶହ ସାଂସଦ ଯେତେବେଳେ ଏଭଳି ଅଭିଯୋଗ ନେଇ ଭାରତର ନିର୍ବାଚନ କମିଶନଙ୍କ ଦପ୍ତରକୁ ରାଲିରେ ଗଲେ ସେତେବେଳେ ବିଜେଡିର ସାଂସଦମାନଙ୍କୁ ଦେଖିବାକୁ ମିଳିଲା ନାହିଁ ।

ସାରା ଦେଶରେ ଏବେ ଭୋଟ ଚୋରି ଓ ଭୋଟର ତାଲିକାରେ ଜାଲିଆତିକୁ ନେଇ ରାଜନୀତି ଜୋର ଧରିଛି। ବିରୋଧୀଦଳ ନେତା ରାହୁଲ ଗାନ୍ଧୀ ଏହି ପ୍ରସଙ୍ଗ ଉଠାଇବା ପରେ ବିଭିନ୍ନ ରାଜନୀତିଜ୍ଞ ତାଙ୍କୁ ସମର୍ଥନ କରୁଛନ୍ତି । ଶାସକ ବିଜେପି ଗୋଟିଏ ପଟେ ଥିବାବେଳେ ଅଧିକାଂଶ ବିରୋଧୀ ଦଳ ଆଉ ଗୋଟିଏ ପଟେ । ଓଡିଶାରେ ବିଜେପିଠାରୁ ହାରିଥିବା ବିଜେଡି କିନ୍ତୁ ବିରୋଧୀ ଶିବିରରେ ନାହିଁ। ଆଜି ସଂସଦରୁ ତିନିଶହ ସାଂସଦ ନିର୍ବାଚନ କମିଶନଙ୍କୁ ଭେଟିବାକୁ ଯାଇଥିବା ବେଳେ ବିଜେଡି ସାଂସଦମାନେ ସେଥିରେ ସାମିଲ ହୋଇନଥିଲେ ।

ଏହା ଏବେ ବିଜେପି-ବିଜେଡି ସମ୍ପର୍କକୁ ନେଇ ପୁଣିଥରେ ଚର୍ଚ୍ଚାର ଖୋରାକ ଯୋଗାଇଛି । ପୂର୍ବରୁ ୱାକଫ ବିଲ୍ ଉପରେ ମତଦାନ ସମୟରେ ବିଜେଡି ଯେଭଳି ଆଚରଣ କରିଥିଲା, ବର୍ତ୍ତମାନ ସେହି ଅବସ୍ଥାରେ ପଡିଛି। ନିଜେ କରିଥିବା ଅଭିଯୋଗକୁ ଦୋହରାଇବାକୁ କେବଳ ଡରୁନାହିଁ, ଏବେ ଦଳର କିଛି ନେତା ପୁଣିଥରେ ପ୍ରସଙ୍ଗ ଭିତ୍ତିକ ସମର୍ଥନ କଥା ଉଠାଇବାରେ ଲାଗିଛନ୍ତି । ➪ପୃଷ୍ଠା-୬

# ଗ୍ରାହକଙ୍କ ଗାଳି ଶୁଣି କଲ୍ ସେଣ୍ଟର ଝିଅ ମୂର୍ଚ୍ଛା



ଝିଅମାନଙ୍କ ଉପରେ ନିର୍ଯାତନା ନେଇ ରାଇଜ କମ୍ପୁଥିବାବେଳେ ରାଜଧାନୀର ଗୋଟିଏ କଲ ସେଣ୍ଟରରେ କାମ କରୁଥିବା ଝିଅଟିଏ ଗ୍ରାହକଙ୍କ ଗାଳି ଶୁଣି ମୂର୍ଚ୍ଛା ହୋଇଯାଇଛନ୍ତି। ଅବସ୍ଥା ଏଭଳି ହୋଇଛ ଯେ, ତାଙ୍କୁ ପ୍ରଥମେ ସରକାରୀ ଓ ପରେ ଗୋଟିଏ ବେସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିବାକୁ ପଡିଛି । ମିଳିଥିବା ସୂଚନା ଅନୁଯାୟୀ ଗୋଟିଏ ନାମୀ ଦାମୀ କଲସେଣ୍ଟରେ କାର୍ଯ୍ୟରତ ଝିଅକୁ ଜଣେ ଗ୍ରାହକ ଅତ୍ୟନ୍ତ ଉତ୍ତେଜିତ ହୋଇ ଖରାପ ଭାଷାରେ ଗାଳି କରିବା ସହିତ ଚାକିରି ଖାଇବାର ଧମକ ଦେବା ପରେ ଝିଅଟି ନିଜ ଆସନରେ ମୂର୍ଚ୍ଛାହୋଇ ଯାଇଥିଲେ। ➪ପୃଷ୍ଠା-୬

# ବିଧାୟକଙ୍କ ହସ୍ତକ୍ଷେପ ପରେ ହେଲା ବିରୁପା ନଦୀବନ୍ଧ ମରାମତି

**ତେରାକିଶ,୧୧।୮ (ସଂଚାର ବ୍ୟୁରୋ):** ତେରାକିଶ ବ୍ଲକ ବିରୁପା ନଦୀରେ ବିଭିନ୍ନ ସମୟରେ ବନ୍ୟାଜନିତ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଏଥିପାଇଁ ତେରାକିଶ ବ୍ଲକ ଅନ୍ତର୍ଗତ ବିରୁପା ନଦୀକୂଳରେ ଅବସ୍ଥିତ ବେଣୀପୁର, ମଙ୍ଗଳପୁର ଓ ଛୋଟି ପଞ୍ଚାୟତରେ ଜନସାଧାରଣ ଏବେ ଭୟଭୀତ ଅବସ୍ଥାରେ ଥିଲେ । ଦୁର୍ବଳ ବନ୍ଧ ପାଇଁ ୨୦୨୦ରେ ବେଣୀପୁରଠାରେ ଘେରିବନ୍ଧ ଭାଙ୍ଗି ବେଣୀପୁର ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟାଇଥିଲା। ଚଳିତବର୍ଷ ନଦୀବନ୍ଧର ସୁରକ୍ଷା ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ଅଧିକାରୀ ବନ୍ଧ ରାସ୍ତା ଏଭଳି ଶୋଚନୀୟ ହୋଇପଡ଼ିଛି ଯେ ଅଧିକାରୀଙ୍କ ଗାଡ଼ି ବନ୍ଧ ଉପରେ ଯିବା ତ ଦୂରର କଥା, ଚାଲିଚାଲି ମଧ ଯାଇ ହେଉନାହିଁ। ଏହି ବନ୍ଧ ପଲି ରଘୁନାଥପୁରଠାରୁ ବେଣୀପୁର ପର୍ଯ୍ୟନ୍ତ ବନ୍ଧ ରାସ୍ତାର ବହୁ ସ୍ଥାନ ଖାଲଖମାରେ ଭର୍ତ୍ତି ହୋଇଛି । କେଉଁଠି ପିଚୁ ଉଠି ବଡ଼ ବଡ଼ ଗାଡ଼ ସୃଷ୍ଟି ହୋଇଛି ତ ଆଉ କେଉଁ ସ୍ଥାନରେ ପିଚୁ ନଷ୍ଟ ହୋଇଯାଇ ତା' ତଳୁ କାଦୁଅ ବାହାରିଲାଣି। ଏଭଳି ସ୍ଥଳେ ନଦୀବନ୍ଧର ନିରୀକ୍ଷଣ କରିବା କଷ୍ଟକର ହେବ ବୋଲି ବିଧାୟକ କୁ ଜଣାଇ ଥିଲେ।

ନଦୀବନ୍ଧ ରାସ୍ତା ଅତ୍ୟନ୍ତ ବିପର୍ଯ୍ୟସ୍ତ ଅବସ୍ଥାରେ ଥିଲା ଓ ଜନସାଧାରଣଙ୍କର ଯାତାୟାତରେ ଅସୁବିଧା ସୃଷ୍ଟି କରୁଥିଲା। ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଅରବିନ୍ଦ ମହାପାତ୍ରଙ୍କ ନିର୍ଦ୍ଦେଶରେ ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ ହେଉଛି। ଏହା ଦ୍ୱାରା ଜନସାଧାରଣଙ୍କ ଯାତାୟାତ ସୁବିଧା ହେବ ବୋଲି ଆଶା କରାଯାଉଛି। ପ୍ରକାଶ ନାୟକ, ପୂର୍ବତନ ସରପଞ୍ଚ ପ୍ରଭାତ ମଲ୍ଲିକ, ସୂର୍ଯ୍ୟକାନ୍ତ ନାୟକ, ଦିଲୀପ ଭୂଆଁ, ଗୌରାଙ୍ଗ ପଣ୍ଡା ଓ ଅଞ୍ଚଳବାସୀଙ୍କ ତରଫରୁ ମାନ୍ୟବର ବିଧାୟକଙ୍କୁ ଧନ୍ୟବାଦ ପ୍ରଦାନ କରାଯାଇଛି।



## ବଜାର ନିକଟ ନାଳରେ ୨୦ ଫୁଟର କୁମ୍ଭୀର



**ରାଜନଗର,୧୧।୮ (ସଂଚାର ବ୍ୟୁରୋ):** ରାଜନଗରବ୍ଲକ ଚାନ୍ଦିବାଗାଁଶମୂଳ ପଞ୍ଚାୟତ ଜରିମୂଳ ବଜାର ୟ ର ବ୍ୟାଙ୍କ ଅଫ ବରୋଦା ନିକଟ ନାଳରେ ବିରାଟକାୟ ପ୍ରାୟ ୨୦ ଫୁଟର ବଡ଼ଲା କୁମ୍ଭୀର ଭସିବା ସହିତ କେନାଲ ନିକଟରେ ଥିବା ଚାଷଜମି ଉପରକୁ ଉଠି ଶୋଇଥିବା ଅବସ୍ଥାରେ ଦେଖିବାକୁ ମିଳିଛି। ପୂର୍ବରୁ ଏହି କୁମ୍ଭୀର ମହିଳାଙ୍କୁ ଟାଣି ନେଇ ଖାଇଥିବାରୁ ପୁଣି ଆକ୍ରମଣର ଆଶଙ୍କା କରି ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ବନବିଭାଗକୁ ସ୍ଥାନୀୟ ଲୋକେ ଖବର ଦେବା ପରେ ବି ବନବିଭାଗ କୌଣସି ପଦକ୍ଷେପ ନେଉନଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଫରେଷ୍ଟର ବିଜୟ କୁମାର ପାତ୍ରଙ୍କୁ ପଚାରିବାରୁ ଖବର ପାଇବା ପରେ କୁମ୍ଭୀରକୁ ଜାଲ ମାଧମରେ ଧରିବା ପାଇଁ ଉଦ୍ୟମ ଜାରି ରହିଛି ବୋଲି କହିଛନ୍ତି।

## ମହାବିଦ୍ୟାଳୟ ସମ୍ମୁଖରେ ଅନଶନ



**ରାଜନଗର,୧୧।୮ (ସଂଚାର ବ୍ୟୁରୋ):** ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ସମୁଖରେ ଆଜି ୮ ଜଣ ଚାକିରି ଆଶାୟୀ ଅନଶନରେ ବସିଥିଲେ। ମହାବିଦ୍ୟାଳୟ ପକ୍ଷରୁ ବିଭିନ୍ନ ପଦବୀ ପାଇଁ ଅସ୍ଥାୟୀ ନିଯୁକ୍ତି ଦିଆଯାଇଛି। ଏହି ନିଯୁକ୍ତିରେ ଅନିୟମିତତା ହୋଇଥିବା ଅଭିଯୋଗ କରି ସଞ୍ଜୟ କୁମାର ମହାରଣା, ଦେବ ପ୍ରସାଦ ସାହୁ, ସୁନୀଲ କୁମାର ସାହୁ, ବ୍ରହ୍ମାନନ୍ଦ ସେଠୀ, ରାଜ କିଶୋର ସ୍ୱାଇଁ, ପ୍ରହଲ୍ଲାଦ ଦାସ ପ୍ରମୁଖ ମହାବିଦ୍ୟାଳୟ ଗେଟ ନିକଟରେ ଅନଶନରେ ବସିଥିଲେ। ବିଦ୍ୟାଳୟର ଅଧକ୍ଷଙ୍କ ସହ ଆଲୋଚନା ପରେ ଅନଶନକାରୀ ଉଠି ଯାଇଥିଲେ।

## ଜାତୀୟ ଉଦ୍ୟାନର ମଈପୁରା ନଦୀରୁ ଜାଲ ଓ ଡିଙ୍ଗି ଜବତ



**ରାଜନଗର,୧୧।୮ (ସଂଚାର ବ୍ୟୁରୋ):** ଗତ କାଲି ରାତି ୨ଟା ସମୟରେ ଭିତରକନିକା ଜାତୀୟ ଉଦ୍ୟାନର ମଈପୁରା ନଦୀରେ ବେଆଇନ ଭାବେ ଜାଲ ବସାଇ ମାଛ ଧରୁଥିବା ଖବରପାଇ ରାଜନଗର ନୂତନ ଡିଏଫଓଙ୍କ ନିର୍ଦ୍ଦେଶରେ ଏସିଏଫ ଗଗନ ବିହାରୀ ମଲ୍ଲିକ, ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେଉରା, ଗୁପ୍ତି ଫରେଷ୍ଟର ବିଭୂତି ଭୂଷଣ ତରାଇ,ତ୍ରିଦୀପ ପ୍ରଧାନ, ବିଶ୍ୱ ରଂଜନ ତରାଇ,ଦେବ ପ୍ରସାଦ ମୁଣ୍ଡା ସହ ବନ କର୍ମଚାରୀ ପହଞ୍ଚି ୧୦ ଟି ମୁଣା ଜାଲ ଓ ଡିଙ୍ଗି ଜବତ କରିଥିଲେ। ବନ କର୍ମଚାରୀ ଯିବା ଦେଖି ଜାଲ ବସାଇଥିବା ମତ୍ସ୍ୟଜୀବୀ ଖସି ଚାଲିଯାଇଥିଲେ। ଜବତ ଡିଙ୍ଗିରୁ ୨୫ କିଲୋ ମାଛ ଜବତ କରାଯାଇଛି ।

## ଭୋଟର ତାଲିକାରୁ ଯୋଗ୍ୟ ଭୋଟରଙ୍କୁ କାଟିବା ବନ୍ଦ କରିବାକୁ ଦାବି



**କେନ୍ଦ୍ରାପଡ଼ା,୧୧।୮ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସିପିଏମ ଜିଲ୍ଲା କମିଟିର ଏକ ପ୍ରତିନିଧି ଦଳ ଆଜି ନିର୍ବାଚନ କମିଶନଙ୍କ ଉଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନାଙ୍କୁ ଭେଟି ନିର୍ବାଚନୀ ତାଲିକା ସଂପର୍କରେ ଗୁରୁତ୍ୱପୂର୍ଣ୍ଣ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଭୋଟର ତାଲିକାର "ସ୍ୱତନ୍ତ୍ର ଗଭୀର ପୁନଃ ନିରୀକ୍ଷଣ " ପ୍ରକ୍ରିୟା ସମ୍ପର୍କରେ ସି ପି ଆଇ (ଏମ୍) ଚିନ୍ତା ପ୍ରକାଶ କରି ବିଭିନ୍ନ ଦାବି ଉଠାଇଛି। ଯେଉଁମାନେ ଯୋଗ୍ୟ ଭୋଟର, ସେମାନଙ୍କୁ ତାଲିକାରୁ ବାଦ ଦେବା ଚେଷ୍ଟା ଗ୍ରହଣୀୟ ନୁହେଁ । ସେହିପରି, ଭୋଟର ତାଲିକା ରେ ଅନ୍ତର୍ଭୁକ୍ତ ହେବା ପାଇଁ ଯୋଗ୍ୟତା ଓ ଆବଶ୍ୟକ କାଗଜପତ୍ର/ ଡକ୍ୟୁମେଣ୍ଟ ସମ୍ପର୍କିତ ମାନଦଣ୍ଡ ଗୁଡିକୁ ଅତି ସରଳ କରାଯିବା ପାଇଁ ସି ପି ଆଇ (ଏମ୍) ଦାବି କରିଛି।ଏହି ପ୍ରତିନିଧି ଦଳରେ ଜିଲ୍ଲା ସମ୍ପାଦକ ଗୟାଧର ଧଳ, ଜଗତଜୀବନ ଦାଶ,ଉମେଶ ଚନ୍ଦ୍ର ସିଂହ, କାଳୀପ୍ରସାଦ ନାୟକ, ନରୋତ୍ତମ ପାର୍ଥସାରଥୀ, ମାଧବ ଦାସ, ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

## କ୍ରୀୟାଯୋଗୀ ପରମହଂସ ପ୍ରଜ୍ଞାନାନନ୍ଦଜୀଙ୍କ ଜନ୍ମଜୟନ୍ତୀରେ ରକ୍ତଦାନ ଶିବିର

**ପଟ୍ଟାମୁଣ୍ଡାଇ,୧୧।୮ (ସଂଚାର ବ୍ୟୁରୋ):** ଆନ୍ତର୍ଜାତିକ ଖ୍ୟାତି ସଂପନ୍ନ କ୍ରୀୟାଯୋଗୀ ପରମହଂସ ପ୍ରଜ୍ଞାନାନନ୍ଦଜୀଙ୍କ ୬୬ତମ ଜନ୍ମଜୟନ୍ତୀ ଅବସରରେ କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ବେଲତଳସ୍ଥିତ ହରିହରାନନ୍ଦ ଧାନ ମନ୍ଦିର ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରୁ ସ୍ୱାମିଜୀଙ୍କ ପାଦୁକା ପୂଜା, ସମୂହ ପ୍ରାର୍ଥନା, ଦୀପଦାନ, ସଂକୀର୍ତ୍ତନ ଆଦି ପରିବେଷଣ ସହ ଗୁରୁବନ୍ଦନା ଗାନ କରାଯାଇଥିଲା । ସମବେତ ଭକ୍ତମାନେ ପରମପୂଜ୍ୟ ସ୍ୱାମିଜୀଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ । ଏହାପରେ ଧାନ ମନ୍ଦିର ପରିସରରେ ଆୟୋଜିତ ରକ୍ତଦାନ ଶିବିରରେ ସ୍ୱେଚ୍ଛାସେବୀମାନେ ରକ୍ତଦାନ କରିଥିଲେ । ମୋଟ ୩୭ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ଧାନ ମନ୍ଦିରର ବାବା ଦୁଷ୍ମନ୍ତ ସାହୁଙ୍କ ସଂଯୋଜନା ଓ ବାବା ଗୋପିନ୍ନାଥ କର ସଭାପତିତ୍ୱ ଓ ଅଭିମନ୍ୟୁ ପଢିହାରଙ୍କ ତତ୍ୱାବଧାନରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ସ୍ୱାମୀ ସୁଗିଦାନନ୍ଦ ଗିରି, ସ୍ୱାମୀ ବ୍ରଜେଶାନନ୍ଦ ଗିରି , ସ୍ୱାମୀ ଧାନନିଷ୍ଠାନନ୍ଦ ଗିରି, ବାବା ବ୍ରଜ କିଶୋର ପଣ୍ଡା, ବାବା ଅଭିମନ୍ୟୁ ପଢିହାରୀ, ବାବା ପାବନୀ ରାଉତ ସଂଯୁକ୍ତା ବିଶ୍ୱାଳ , ନବେନ୍ଦୁ ବାଗଚି , ଗୌରାଙ୍ଗ ଚରଣ ମହାନ୍ତି , ବିଜୟ ରାୟ, ଗୋପିନାଥ ତ୍ରୀପାଠୀ, ମିଟୁ ମନୋଜ ନାୟକ ସମେତ ବହୁ ଶିଷ୍ୟଗଣ ଉପସ୍ଥିତ ରହି ଶିବିରକୁ ପରିଚାଳନା କରିଥିଲେ । ପଟ୍ଟାମୁଣ୍ଡାଇ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଶିବିରରେ ଉପସ୍ଥିତ ରହି ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଏଇ ଅବସରରେ ଧାନ ମନ୍ଦିର ପକ୍ଷରୁ ମିଷ୍ଟାନ୍ନ ବଣ୍ଟନ ଓ ଭୋଜନ ବ୍ୟବସ୍ଥା କରାଯାଇଥିଲା ।

### ଜଣ୍ଡିସ୍ ରୋଗରେ ୬ ଛାତ୍ରଛାତ୍ରୀ ଆକ୍ରାନ୍ତ ଘଟଣା

## ବିଦ୍ୟାଳୟରେ ପହଞ୍ଚିଲା ମେଡିକାଲ ଟିମ୍

**ଆଳି,୧୧।୮ (ସଂଚାର ବ୍ୟୁରୋ):** ଆଳି ବ୍ଲକ ଅନ୍ତର୍ଗତ ଗୋପାଳପୁର ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୂଷିତପାଣି ପିଇ ୬ଜଣ ଛାତ୍ରଛାତ୍ରୀ ଜଣ୍ଡିସ୍ ରୋଗରେ ଆକ୍ରାନ୍ତ ହୋଇଥିବା ନେଇ ଅଭିଭାବକ ମାନେ ଗଣମାଧମ ରେ ଅଭିଯୋଗ କରିବା ପରେ ତତ୍ପରତା ଦେଖାଇଛି ପ୍ରଶାସନ। ଖବର ପାଇ ସୋମବାର ସକାଳେ ଆଳି ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏକ ସ୍ୱତନ୍ତ୍ର ମେଡ଼ିକାଲ ଟିମ ବିଦ୍ୟାଳୟରେ ପହଞ୍ଚି ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ରକ୍ତ ନମୁନା ସଂଗ୍ରହ କରିବା ସହ ଛାତ୍ରଛାତ୍ରୀଙ୍କୁ ଔଷଧ ଓ ଓଆରଏସ ପ୍ରଦାନ ସହ ପାଣିର ନମୁନା ସଂଗ୍ରହ କରିବା ସହ ଛାତ୍ର ଛାତ୍ରୀଙ୍କୁ ସଚେତନତା କରାଯାଇଥିଲା।

ଅନ୍ୟ ପକ୍ଷରେ ପଞ୍ଚାୟତ ଓ ପାନୀୟଜଳ ବିଭାଗର ଅଧିକାରୀ ମଧ ପହଞ୍ଚି ବିଦ୍ୟାଳୟର ନଳକୂପ ଓ ଚତୁର୍ପାଶ୍ୱ ସହିତ ଗୋପାଳପୁର ଓ ପତ୍ରପୁର ଅଂଚଳରେ ଦୂଷିତ ନଳକୂପ ଆଖପାଖରେରେ ବ୍ଲିଚିଂ ପାଉଡର ସିଞ୍ଚନ କରିଥିଲେ। ସେପଟେ ପ୍ରଧାନ ଶିକ୍ଷୟତ୍ରୀ କହିଛନ୍ତି ବହୁଦିନ ଧରି ସ୍କୁଲ ପରିସରରେ ଥିବା ଏକମାତ୍ର ନଳକୂପରୁ ଦୂଷିତ ଓ ନର୍ଦ୍ଦମା ପାଣି ବାହାରୁଥିବା ଅଭିଯୋଗ କରିଥିଲି କିନ୍ତୁ ଏ ନେଇ ପ୍ରଶାସନ କର୍ଣ୍ଣପାତ କରିନାହାନ୍ତି। ଯାହା ଫଳରେ ଏହି ସ୍କୁଲରେ ପାଠପଢୁଥିବା ୬ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଜଣ୍ଡିସ୍ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ଅନ୍ୟ ପଟେ ଖୁବ୍ ଶୀଘ୍ର ସ୍ଥାୟୀ ସମାଧାନ ସହ ନୂତନ ନଳକୂପ ଯୋଗାଇ ଦେବାକୁ ସରକାରଙ୍କୁ ଗ୍ରାମବାସୀମାନେ ଦାବି କରିଛନ୍ତି।



## ରାଜସ୍ୱ ଅମଲା ସଙ୍ଘ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା



**କେନ୍ଦ୍ରାପଡ଼ା,୧୧।୮ (ସଂଚାର ବ୍ୟୁରୋ):** ଓଡିଶା ରାଜସ୍ୱ ଅମଲା ସଙ୍ଘର ଡାକରାରେ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ କର୍ମଚାରୀମାନେ ସମୂହ ଛୁଟିରେ ଯିବା ସହ ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ରହିଛନ୍ତି । ସଙ୍ଘ ପକ୍ଷରୁ କୁହାଯାଇଛି ଯେ ବହୁ ପ୍ରତୀକ୍ଷିତ ଦଶ ଦଫା ଦାବି ପୂରଣ କରିବାରେ ରାଜ୍ୟ ସରକାରଙ୍କ ସହ ଆଲୋଚନା ବିଫଳ ହେବା ପରେ ରାଜ୍ୟ ସଂଘର ପୂର୍ବନିର୍ଦ୍ଧାରିତ ନିଷ୍ପି ପ୍ରକାରେ ୧୧ ଅଗଷ୍ଟରୁ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ରାଜସ୍ୱ ଅମଲାମାନେ ସମୂହ ଛୁଟିରେ ରହିବା ପରିପ୍ରେକ୍ଷୀରେ ସୋମବାର କେନ୍ଦ୍ରାପଡା ଜିଲ୍ଲାର ସମସ୍ତ ରାଜସ୍ୱ ଅମଲା ମଧ ସମୂହ ଛୁଟିରେ ଅଛନ୍ତି।

ପ୍ରକାଶ ଥାଉକି ଗତ ୮ ତାରିଖ ଦିନ ରାଜସ୍ୱ ଅମଲାମାନେ ନିଜ ନିଜ ଅଧିକାରୀଙ୍କୁ ସମୁହ ଛୁଟି ଦରଖାସ୍ତ ପ୍ରଦାନ କରିଥିଲେ । ଯେତେ ଦିନ ପର୍ଯ୍ୟନ୍ତ ରାଜ୍ୟ ସରକାର ଦାବି ପୂରଣ କରି ବିଜ୍ଞପ୍ତି ପ୍ରକାଶ ନକରିବେ ସେତେ ଦିନ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଜିଲ୍ଲା ସଭାପତି ସୁକାନ୍ତ କୁମାର ଜେନା, ସମ୍ପାଦକ ଶୈଳେନ୍ଦ୍ର ନାରାୟଣ ପଧାନ ପ୍ରମୁଖ ସୂଚନାଦେଇ କହିଛନ୍ତି । ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କର ୧୦ ଦଫା ଦାବି ପୂରଣ କରିବା ନିମିତ ରାଜ୍ୟ ସରକାରଙ୍କୁ ବାରମ୍ବାର ନିବେଦନ କରାଯାଇଥିଲା ମଧ ସରକାର ଦାବି ପୂରଣ କରିବାରେ ବିଫଳ ହୋଇଛନ୍ତି।

## ଓଡ଼ିଶା ଲୋକଦଳ ପକ୍ଷରୁ ବିକ୍ଷୋଭ



**କେନ୍ଦ୍ରାପଡ଼ା,୧୧।୮ (ସଂଚାର ବ୍ୟୁରୋ):** ଓଡିଶା ଲୋକଦଳ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଦାବି ନେଇ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସେହିସବୁ ଦାବି ଗୁଡିକ ମଧରେ କେନ୍ଦ୍ରାପଡାରୁ ଭୁବନେଶ୍ୱରକୁ ସକାଳ ଓ ସନ୍ଧ୍ୟାରେ ଦୁଇଟି ଯାତ୍ରୀବାହୀ ରେଳ ଚଳାଚଳ କରାଯିବା, ବତୀଘର ଓ ଜମ୍ବୁଦୀପକୁ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ କରାଯିବା, ନଦୀଭିତ୍ତିକ ବନ୍ଦର ନିର୍ମାଣ ଯୋଜନାରେ କେନ୍ଦ୍ରାପଡା ଜିଲ୍ଲାର ନଦୀମୁହାଣ ଗୁଡିକ ସାମିଲ କରାଯିବା, ସମୁଦ୍ର ଉପକୂଳବର୍ତ୍ତୀ ଗ୍ରାମଗୁଡିକରେ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯିବା, ମେଡିକାଲ କଲେଜ ଘୋଷଣାରେ ସୀମିତ ନରହି ତୁରନ୍ତ କାର୍ଯ୍ୟକାରୀ କରାଯିବା, ଦଶମୌଜିରେ ଡାକ୍ତରଖାନା କରାଯିବା, ଜିଲ୍ଲାର ଯୁବପିଢ଼ୀଙ୍କ ରୋଜଗାର ପାଇଁ ଶିଳ୍ପ ପ୍ରତିଷ୍ଠା କରାଯିବା, ଚାଷ ଜମିକୁ ଜଳସେଚନ ପାଇଁ ମାର୍ଶାଘାଇ କେନାଲ ଓ ଅନ୍ୟ ପୁରୁଣା କେନାଲ ଗୁଡିକର ପୁନରୁଦ୍ଧାର କରାଯିବା ସହ ନୂତନ କେନାଲ ଖୋଳାଯିବା, ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀ ଗୁଡିକୁ ସୁଦୃଢ କରାଯିବା ସହ ସେସବୁର ସୁପରିଚାଳନା କରାଯିବା, ଜିଲ୍ଲାର ୬୦ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ଜନସାଧାରଣଙ୍କୁ ଭତ୍ତା ଯୋଜନାରେ ସାମିଲ କରାଯାଇ ମାସିକ ୩ହଜାର ୫ଶହ ଟଙ୍କା ଭତ୍ତା ପ୍ରଦାନ କରାଯିବା, ଜିଲ୍ଲାର ସମସ୍ତ ଗ୍ରାମ ଗୁଡିକୁ କେନ୍ଦ୍ରାପଡା ମୁଖ୍ୟ କେନାଲ ସହ ପକ୍କା ରାସ୍ତା ଦ୍ୱାରା ସଂଯୋଗୀକରଣ ସହ ଜାତୀୟ ରାଜପଥକୁ ସଂଯୋଗ କରାଯିବା ପ୍ରଭୃତି ଦାବି ଗୁଡିକ ରହିଛି । ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଓଡିଶା ଲୋକଦଳ ପକ୍ଷରୁ ସତୀଶ କୁମାର ନନ୍ଦ, ସମ୍ବିତ କୁମାର ପଣ୍ଡା, ଖଗେନ୍ଦ୍ର କୁମାର ସିଆଳ, ଅବିନାଶ ଦାଶ, ଦିବାକର ରାଉଳ, କିରଣ ଭୋଇ ଓ ସନ୍ତୋଷ ନାରାୟଣ ପ୍ରମୁଖ ଶତାଧିକ କର୍ମୀ ସାମିଲ ହୋଇ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ।

## କେନ୍ଦ୍ରାପଡ଼ା ନଗର ବିଜେପି ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା




**କେନ୍ଦ୍ରାପଡ଼ା,୧୧।୮ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ନଗର ବିଜେପି ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଯାଇଛି। ନଗର ସଭାପତି ନିହାରୀକା ନାୟକଙ୍କ ନେତୃତ୍ୱ ରେ ଆୟୋଜିତ ଏହି ଶୋଭାଯାତ୍ରା ସ୍ଥାନୀୟ ବାଲା ବାବା ମନ୍ଦିର ରୁ ବାହାରି ପୁରୁଣା ମଟର ଷ୍ଟାଣ୍ଡ ରେ ପହଞ୍ଚିଥିଲା। ଉକ୍ତ ଶୋଭାଯାତ୍ରାଟି ଦେଶାତ୍ମବୋଧକ ସଂଗୀତ ସହ ନାରା ରେ ପ୍ରକମ୍ପିତ ହୋଇଥିଲା। ଶେଷରେ ବିଧାନସଭା ନେତ୍ରୀ ଗୀତାଞ୍ଜଳୀ ସେଠୀ ଜାତୀୟ ପତାକା ତ୍ରିରଙ୍ଗା, ଅପରେସନ୍ ସିନ୍ଦୁର ଏବଂ ସହିଦ ମାନଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ଦୁର୍ଯ୍ୟୋଧନ ସାହୁ, ରାଜ୍ଯ ସଂଖ୍ୟା ଲଘୁ ସେଲ୍ ଉପ-ସଭାପତି ସଲିମ୍ ଖାନ୍, ଜିଲ୍ଲା ସାଧାରଣ ସମ୍ପାଦକ ଉପିନ୍ କୁମାର ରାଉତରାୟ, ଅମିତାଭ ସୁଆର, ଜିଲ୍ଲା ମିଡିଆସେଲ୍ ସଭାପତି ନେହେରୁ କୁମାର ସାହୁ, ଜିଲ୍ଲା ମହିଳା ମୋର୍ଚ୍ଚା ଉପ-ସଭାନେତ୍ରୀ ସସ୍ମିତା ସାହୁ, ମନିନ୍ଦ୍ର ରାଉତ୍, ପ୍ରଭାତ ମହାନ୍ତି, ନଗର ଉପ-ସଭାପତି ରାଜେନ୍ଦ୍ର ପତି, ବିନୋଦ କୁମାର ବେହେରା, ନାରାୟଣ ସିଂହ, ସୁବାସ ସାହୁ, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ହାଡିବନ୍ଧୁ ସିଂହ, ଅଶୋକ ଲେଙ୍କା ପ୍ରମୁଖ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ବିଜେପି ତରଫରୁ ତ୍ରିରଙ୍ଗା ଶୋଭାଯାତ୍ରା



**ମହାକାଳପଡ଼ା,୧୧।୮ (ସଂଚାର ବ୍ୟୁରୋ):** ମହାକାଳପଡା ନିର୍ବାଚନ ମଣ୍ଡଳୀର ଜମ୍ବୁ ମଣ୍ଡଳ ଅଧୀନ ସୁନିତି ପଞ୍ଚାୟତର ବେଣାକନ୍ଦା ଠାରୁ ଜଗରଜର ହାଟ ଓ ରାମଚଣ୍ଡୀ ମଣ୍ଡଳ ର ପେଟଛେଲା ଠାରୁ ରାମଚଣ୍ଡୀ ପର୍ଯ୍ୟନ୍ତ ବିଜେପି ତରଫରୁ 'ତ୍ରିରଙ୍ଗା ଶୋଭାଯାତ୍ରା' ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମକୁ ଜନସାଧାରଣ ଏବଂ ବିଜେପିର କାର୍ଯ୍ୟକର୍ତ୍ତାଙ୍କ ସହିତ ବିଜେପି ଜିଲ୍ଲା ସଭାପତି ଶଶାଙ୍କ ସେଖର ସେଠୀ ଉପସ୍ଥିତ ଥିଲେ। ତ୍ରିରଙ୍ଗା ହେଉଛି ସାହସ, ବୀରତ୍ୱ, ସତ୍ୟ, ଶାନ୍ତି, ଭାତୃତ୍ୱ ଏବଂ ପ୍ରଗତିର ପ୍ରତୀକ । ସମସ୍ତଙ୍କ ମଧରେ ଦେଶପ୍ରେମ ତଥା ଜାତୀୟତାଭାବ ଜାଗ୍ରତ କରିବା ପାଇଁ ସମସ୍ତେ ଘରେ ଘରେ ତ୍ରିରଙ୍ଗାକୁ ସାମିଲ୍ କରାଇବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ନେତା ସରୋଜ କାନ୍ତ ସାହୁ, ତରୁଣ କାନ୍ତି କାଞ୍ଜିଲାଲ, ମଣ୍ଡଳ ସଭାପତି ପବିତ୍ର ଚୌଧୁରୀ, ତ୍ରିଲୋଚନ ରାଉତ, ପୂର୍ବତନ ମଣ୍ଡଳ ସଭାପତି ପ୍ରଶାନ୍ତ ସେଠୀ, ସମିତି ସଭ୍ୟ ପ୍ରତାପ ଚନ୍ଦ୍ର ଦାସ, କୃଷ୍ଣ ପଦ ମଣ୍ଡଳ, ସରପଞ୍ଚ ଭଗବତି ମଣ୍ଡଳ, ଶିବାନୀ ବିଜୁଳି, ଚନ୍ଦ୍ର କାନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାପାଳ ଓ ଏସପିଙ୍କ ମିଳିତ ଜନଶୁଣାଣି ଶିବିର

### ୭୫ ଅଭିଯୋଗ ଉପରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ



**ପଟ୍ଟାମୁଣ୍ଡାଇ,୧୧।୮ (ସଂଚାର ବ୍ୟୁରୋ):** ଆଜି ପଟ୍ଟାମୁଣ୍ଡାଇ ବ୍ଲକ ସମ୍ମିଳନୀ କକ୍ଷରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ଏସପିଙ୍କ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାପଡ଼ା ଜିଲ୍ଲାର ନୂତନ ଜିଲ୍ଲାପାଳ ରଘୁରାମ ଆର ଆୟାର, ଏସ ପି ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲ୍ଲାପାଳ ନବ କୃଷ୍ଣ ଜେନା, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଅଜାମ୍ବର ମହାନ୍ତି, ଡେପୁଟି କଲେକ୍ଟର ତୃପ୍ତି ମହାନ୍ତି, ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଓ ବିଡ଼ିଓ ଅଶୋକ ମହାନ୍ତି ଯୋଗ ଦେଇ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ ।

ଏହି ଜନ ଶୁଣାଣୀ ଶିବିରରେ ଆଗତ ୭୫ଅଭିଯୋଗ ଉପରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ଜନ ଶୁଣାଣୀ ଶିବିରରେ ଭାରପ୍ରାପ୍ତ ସିଡିଏମଓ ଡ଼ା ପ୍ରମୋଦ ପ୍ରହରାଜ, ପଟ୍ଟାମୁଣ୍ଡାଇ ବ୍ଲକ ଉପାଧାକ୍ଷା ଜୟନ୍ତୀ ସ୍ୱାଇଁ ଅତିରିକ୍ତ ବିଡ଼ିଓ ନନ୍ଦିନୀ ଶତପଥୀ,ଏସ ଡିପି ଓ କ୍ଷମାସାଗର ପଣ୍ଡା ଆଇ ଆଇ ସି ବନ୍ଦନା ପାତ୍ର ସବଡିଭିଜନ ହସ୍ପିଟାଲ ମୁଖ୍ୟ ଚିକିତ୍ସାଧିକାରୀ ଡ଼ା ନିରାକାର ପରିଡା, ଗ୍ରାମ୍ୟ ଉନ୍ନୟନ ଯନ୍ତ୍ରୀ ସୁବାଷ ଥାଟୋଇ, ପଟ୍ଟାମୁଣ୍ଡାଇ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ଅଶୋକ ସାହୁ, ଜଳସମ୍ପଦ ସହକାରୀ ଯନ୍ତ୍ରୀ ମନୋରଞ୍ଜନ ସାହୁ, ବିଦ୍ୟୁତ ବିଭାଗ ସହକାରୀଯନ୍ତ୍ରୀ ସ୍ମୃତି ରଞ୍ଜନ ରଥ, ବ୍ଲକ ସହକାରୀ ଯନ୍ତ୍ରୀ ବିନୟ ମିଶ୍ର ଓ ପ୍ରସନ୍ନ ରାଉତ ପୂର୍ତ୍ତ ବିଭାଗ ସହନିର୍ବାହୀ ଯନ୍ତ୍ରୀ କୃପାସିନ୍ଧୁ ଧଳ, ସହକାରୀ ଯନ୍ତ୍ରୀ ଜ୍ୟୋତି ରଞ୍ଜନ ବେହେରା, ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ସୁଦାମ ସାହୁ, ବ୍ଲକ ଉଦ୍ୟାନ କୃଷି ଅଧିକାରୀ ସୌମ୍ୟ ରଞ୍ଜନ ସେଠୀ ସି ଡି ପି ଓ ଲକ୍ଷ୍ମୀମଣି ସିଂ, ଯୋଗାଣ ନିରୀକ୍ଷକ ପୁଷ୍ପଲତା ଗାହାଣ,ବ୍ଲକ ସହକାରୀ ଶିକ୍ଷା ଅଧିକାରୀଣୀ ସୁନିତୀ ଦାଶ ପ୍ରମୁଖ ଜିଲ୍ଲା ଓ ବ୍ଲକ ସ୍ତରୀୟ ପ୍ରଶାସନିକ ଅଧିକାରୀ ଯୋଗଦେଇ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ ।

## ମହିଳା ନିର୍ଯାତନା ବିରୋଧରେ ଯୁବଛାତ୍ର ବିଜେଡି ପକ୍ଷରୁ ଶୋଭାଯାତ୍ରା

**ପଟ୍ଟାମୁଣ୍ଡାଇ,୧୧।୮ (ସଂଚାର ବ୍ୟୁରୋ):** ରାଜ୍ୟ ବିଜେଡି ସୁପ୍ରିମୋ ପୂର୍ବତନ ମୁଖ୍ୟମନ୍ତ୍ରୀ ବିରୋଧୀଦଳ ନେତା ନବୀନ ପଟନାୟକଙ୍କ ଆହ୍ୱାନରେ ସାରା ରାଜ୍ୟରେ ଦେଖାଦେଇଥିବା ମହିଳା ନିର୍ଯ୍ୟାତନା, ବ୍ୟଭିଚାର, କଲେଜ ଛାତ୍ରୀ ପୋଡି ମାମଲା ବୃଦ୍ଧି ପାଇବା ସର୍ବୋପରି ମହିଳା ଛାତ୍ରୀ ଅସୁରକ୍ଷିତ ଥିବାବେଳେ ସରକାରଙ୍କ ନିଷ୍କ୍ରିୟତା ବିରୋଧରେ ପଟ୍ଟାମୁଣ୍ଡାଇ ଯୁବଛାତ୍ର ବିଜେଡି ରାସ୍ତାକୁ ଓହ୍ଲାଇଛି । ଆଜି ପଟ୍ଟାମୁଣ୍ଡାଇ ନଗର ଯୁବବିଜେଡି ସଭାପତି ଅଶୋକ ଧଳଙ୍କ ନେତୃତ୍ୱରେ ବହୁ ଯୁବଛାତ୍ର ବିଜେଡି ନେତା ଓ କର୍ମୀମାନେ ସ୍ଥାନୀୟ ହରପାର୍ବତୀ ମନ୍ଦିର ଠାରୁ ମହିଳା ସୁରକ୍ଷା କ୍ଷେତ୍ରରେ ସରକାରୀ ବିଫଳତା ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ଏକ ବିରାଟ ଶୋଭାଯାତ୍ରାରେ ପଟ୍ଟାମୁଣ୍ଡାଇ ସହର ପରିକ୍ରମା କରି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ସମ୍ମୁଖରେ ପହଂଚି ଥିଲେ । ଶେଷରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜି)ଙ୍କ ଉଦେଶ୍ୟରେ ଏକ ଦାବିପତ୍ର ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧିକାରୀ ବନ୍ଦନା ପାତ୍ରଙ୍କୁ ପ୍ରଦାନ କରିଥିଲେ । ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ଓ ମହିଳା ନିର୍ଯ୍ୟାତନା ବିରୋଧରେ ପଟ୍ଟାମୁଣ୍ଡାଇ ଯୁବଛାତ୍ର ବିଜେଡି ପକ୍ଷରୁ ସ୍ଥାନୀୟ ମେଡିକାଲ ଛକ ଠାରେ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା ।



## ଉପମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସିଡ଼ିପିଓଙ୍କୁ ଅଙ୍ଗନବାଡି କର୍ମୀଙ୍କ ଦାବିପତ୍ର



**ରାଜନଗର,୧୧।୮ (ସଂଚାର ବ୍ୟୁରୋ):** ଅଲଓଡ଼ିଶା ଅଙ୍ଗନୱାଡି ଲେଡ଼ିଜ ୱାର୍କରସ ଆସୋସିଏସନ ରାଜନଗର ଶାଖା ପକ୍ଷରୁ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଶିଶୁ ବିକାଶ ବିଭାଗ ଓ ମିଶନ ଶକ୍ତି ବିଭାଗ ଓଡିଶାଙ୍କ ଉଦ୍ଦେଶ୍ୟରେ ରାଜନଗର ସିଡ଼ିପିଓ ଦୀପାଳି ମିଶ୍ରଙ୍କୁ ୭ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ବିଭିନ୍ନ ସମସ୍ୟା ଓ ଦାବି ସମ୍ପର୍କରେ ଅବଗତ କରାଯାଇଛି।

ସଂଘ ପକ୍ଷରୁ ସମ୍ପାଦିକା ପୁଷ୍ପ ଲତା ରଥ, ରମା ବତୀ ସ୍ୱାଇଁ, ମିନତୀ ଭୂୟାଁ, ମଞ୍ଜୁ ବାଲା ମଲ୍ଲିକ, କବିତା ବାରିକ, ବନଲତା ମୁଖାଲ, ସସ୍ମିତା ବେହେରା, ଲକ୍ଷ୍ମୀରାଣୀ ସେଠୀ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

# କ୍ରପ୍ ୱେଦର୍ ୱାଚ୍ ବୈଠକ



ଭୁବନେଶ୍ୱର,୧୧।୮(ସଂଚାର ବ୍ୟୁରୋ): ଆଜି କୃଷି ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ପ୍ରମୁଖ ଶାସନ ସଚିବ ଡ଼. ଅରବିନ୍ଦ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ କ୍ରପ୍ ୱେଦର୍ ୱାଚ୍ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରାଜ୍ୟରେ ଫସଲର ସ୍ଥିତି, ପାଣିପାଗ, ସାର ଯୋଗାଣ ସ୍ଥିତି ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଥିଲା। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଉପଲକ୍ଷେ ଓଡ଼ିଶାରେ ବହୁଳ ମାତ୍ରାରେ ବୃକ୍ଷରୋପଣ ଅଭିଯାନ ଆରମ୍ଭ ହେଉଛି। ଏହି ସବୁଜିମା ଅଭିଯାନ ଅନ୍ତର୍ଗତ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ୨୩ ଲକ୍ଷ ଚାରା ରୋପଣ କରାଯିବା ପାଇଁ ବିଭାଗ ନିଷ୍ପତ୍ତି ନେଇଛି । ବର୍ତ୍ତମାନ ସମୟରେ ପାଣିପାଗ ଅନୁକୂଳ ଥିବାରୁ ଚାଷ କାର୍ଯ୍ୟ ସୁରୁଖୁରୁରେ ଚାଲିଛି । କେନାଲ ଗୁଡ଼ିକର ମରାମତି କରି ଆବଶ୍ୟକ ପରିମାଣର ପାଣି ଚାଷ ଜମିକୁ ଯୋଗାଇ ଦିଆଯାଇଛି । ସେହିଭଳି, ସାରା ରାଜ୍ୟରେ ସାର ଯୋଗାଣ କରାଯାଉଛି । ଯେଉଁଠାରୁ ସାର ଯୋଗାଣ ନେଇ କିଛି ବି ଅଭିଯୋଗ ଆସୁଛି ବିଭାଗ ତା ଉପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ବୋଲି ଡ଼ ପାଢ଼ୀ ମତବ୍ୟକ୍ତ କରିଛନ୍ତି । ଏହାବ୍ୟତୀତ କୃଷି ସମୃଦ୍ଧି ହେଲ୍ପ ଲାଇନ ମାଧ୍ୟମରେ ଚାଷୀଙ୍କୁ ସଠିକ ସୂଚନା ପ୍ରଦାନ କରାଯାଉଛି । ଆଗାମୀ ସମୟରେ ସାର ଯୋଗାଣକୁ ସୁଦୃଢ଼ କରିବା ନିମନ୍ତେ ଅଧିକ ରେଳ ରେକ୍ ପଏଣ୍ଟ ପାଇଁ ବିଭାଗ ତରଫରୁ ରେଳ ମନ୍ତ୍ରଣାଳୟକୁ ଚିଠି ଲେଖା ଯାଇଛି। ବୈଠକରେ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଉଦ୍ୟାନ କୃଷି ନିର୍ଦ୍ଦେଶକ କୁଲାଙ୍ଗେ ଗୋରଖ ୱାମନ, ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା, କୃଷି ନିର୍ଦ୍ଦେଶକ ଲିଟି ପଟ୍ଟନାୟକ, ପାଣିପାଗ ନିର୍ଦ୍ଦେଶକ ଡ଼ ମନୋରମା ମହାନ୍ତି, କୃଷି ବିଭାଗ, ସମବାୟ ବିଭାଗ, ଜଳସେଚନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ ।

### କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନର ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ

# ଅଭିଯୋଗର ଶୀଘ୍ର ସମାଧାନ ଉପରେ ଗୁରୁତ୍ୱାରୋପ



ଭୁବନେଶ୍ୱର,୧୧।୮(ସଂଚାର ବ୍ୟୁରୋ): ଆଜି ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଏବଂ ପ୍ରଧାନମନ୍ତ୍ରୀ-କୁସୁମ ଭଳି ଶକ୍ତି ବିଭାଗର ପ୍ରମୁଖ ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନ ସମୀକ୍ଷା କରିଛନ୍ତି। ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଯୋଜନା ଓଡ଼ିଶାର ସ୍ୱଚ୍ଛ ଶକ୍ତି ପରିବର୍ତ୍ତନରେ ଅଗ୍ରଣୀ ଭୂମିକା ଗ୍ରହଣ କରିବ।

ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି, ଓଡ଼ିଶା ଏକ ସ୍ଥାୟୀ, ଆତ୍ମନିର୍ଭରଶୀଳ ଶକ୍ତି ଭବିଷ୍ୟତର ଲକ୍ଷ୍ୟରେ ଅଗ୍ରସର ହେଉଛି - ଯେଉଁଠାରେ ନବସୃଜନ ଅନ୍ତର୍ଭୁକ୍ତିକରଣର ସମନ୍ୱୟରେ ପ୍ରତ୍ୟେକ ପରିବାର ଏବଂ ଚାଷୀ ସଶକ୍ତ ହୁଅନ୍ତି। ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନାରେ ମୋଟ ୧,୨୮,୩୩୬ ଆବେଦନ କରିଛନ୍ତି, ଯେଉଁଥିରୁ ୧,୨୭,୮୨୦ଟି ଆବେଦନ ସମ୍ଭାବ୍ୟତାକୁ ଅନୁମୋଦନ ଦିଆଯାଇଛି। ଏଯାବତ ୩୩.୬ ମେଗାୱାଟ କ୍ଷମତା ସ୍ଥାପନ କରାଯାଇଛି। ସେହିପରି, ପ୍ରଧାନମନ୍ତ୍ରୀ-କୁସୁମ ଯୋଜନାରେ, ୫୦ ମେଗାୱାଟ କ୍ଷମତାକୁ ଓଡ଼ିଶା ବିଦ୍ୟୁତ ନିୟାମକ ଦ୍ୱାରା ଅନୁମୋଦନ ପ୍ରାପ୍ତ କରାଯାଇଛି। ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ବିଭାଗ ଦ୍ୱାରା ଅଭିଯୋଗଗୁଡ଼ିକର ଶୀଘ୍ର ସମାଧାନ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ, ବିଶେଷକରି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସିଥିବା ଅଭିଯୋଗର ତ୍ୱରିତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ନିୟମିତ ଭାବରେ ଭେଣ୍ଡରମାନଙ୍କର କାର୍ଯ୍ୟଦକ୍ଷତା ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଠିକଭାବେ କାର୍ଯ୍ୟ କରୁନଥିବା ଭେଣ୍ଡରଙ୍କ ପଞ୍ଜିକରଣ ରଦ୍ଦ କରିବାକୁ ମଧ୍ୟ ବୈଠକରେ ଆଲୋଚନା କରାଯାଇଛି। ଶକ୍ତି ବିଭାଗ ପ୍ରମୁଖ ସଚିବ ବିଶାଳ ଦେବ, ବିତ୍ତପରାମର୍ଶ ଦାତା-ତଥା-ସ୍ୱତନ୍ତ୍ର ସଚିବ ଦେବିଦତ୍ତ ତ୍ରିପାଠି, ଅତିରିକ୍ତ ସଚିବ ସାଈଦତ୍ତ ବିପ୍ଳବ କେଶରୀ ପ୍ରଧାନ, ଓରେଡା, ଟାଟା ପାୱାର ଏବଂ ଶକ୍ତି ବିଭାଗର ବରିଷ୍ଠ ଅଧିକାରୀମାନେ କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା ପାଇଁ ସେମାନଙ୍କର ସୁଦୃଢ଼ ଏବଂ ରଣନୈତିକ ରୋଡମ୍ୟାପ୍ ପ୍ରଦାନ କରିଥିଲେ।

## ନୀରବତା ହିଁ ନିରାପତ୍ତା ଗଣତନ୍ତ୍ର ପାଇଁ ବିପଦଜନକ

ଯାଜପୁର, ୧୧।୮(ସଂଚାର ବ୍ୟୁରୋ): ମୁକ୍ତ ମତ ପ୍ରକାଶ ତଥା କଥା କହିବାର ଅଧିକାର ସଂକୁଚିତ ହୋଇ ପଡିବା ଭଳି ଅଣ ନିଶ୍ୱାସ ପରିସ୍ଥିତି ସୃଷ୍ଟି ହେଉଛି। ନୀରବତା ହିଁ ନିରାପତ୍ତା ନୀତି ଏକ ସୁସ୍ଥ , ସମୃଦ୍ଧ ଗଣତାନ୍ତ୍ରିକ ବ୍ୟବସ୍ଥା ଓ ପରମ୍ପରା ପାଇଁ ବିପଦ ଜନକ। ଏଭଳି ଅବସ୍ଥାରେ ଅନ୍ୟାୟ ବିରୋଧରେ କଲମ ଚଳାଉଥିବା ନିଷ୍ପାପର ସାମ୍ବାଦିକ ଗଣତନ୍ତ୍ର ପାଇଁ ବଡ ସମ୍ପଦ ଓ ସାମର୍ଥ୍ୟ । ଓଡିଶା ସାମ୍ବାଦିକ ସଂଗଠନର 'ସମନ୍ୱୟର ପ୍ରତିବିମ୍ବ ସାମ୍ବାଦିକତା, ସେବା ଓ ସାହିତ୍ୟ' ଶୀର୍ଷକ ଆଲୋଚନାଚକ୍ରରେ ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ମତ ପ୍ରକାଶ କରିଛନ୍ତି । ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ଓଡିଶୋ ପଞ୍ଚାୟତ ଅଣ୍ଡେଇ ଗୋଡା ଠାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଶ୍ରୀ ଶତପଥୀ କହିଥିଲେ ଯେ, ଉଦାରବାଦ ଅର୍ଥନୀତି କେବଳ ଅର୍ଥନୀତିରେ ସୀମିତ ରହିବା କଥା । ହେଲେ ରାଜନୈତିକ, ସାମାଜିକ, ସାଂସ୍କୃତିକ ଏବଂ ବ୍ୟକ୍ତିଗତ ଜୀବନରେ ଯାବତୀୟ ବିଶୃଙ୍ଖଳା କ୍ଷେତ୍ରରେ ଉଦାରବାଦର ପ୍ରଭାବ ପଡୁଛି। ଯିଏ ଯାହା ବିଶୃଙ୍ଖଳା କରିଗଲେ ବି ସେଥନେଇ ବ୍ୟବସ୍ଥା ଉଦାର ରହୁଛି। ସାମ୍ବାଦିକଟି ମ୍ବାଦିକଟିଏ ଖ ଖବର ପରିବେଷଣ କ୍ଷଣ କାର୍ଯ୍ୟରେ ସଂଯମ, ଶୃଙ୍ଖଳା, ନିଭୂ ନିର୍ଭୁଲ ପ୍ରତି ଶତ ପ୍ରତିଶତ ସଚେତନ ରହିବା ଜରୁରୀ। ସମାଜରେ ବିଭିନ୍ନ ପ୍ରକାର ଶୋଷଣ ବିରୋଧରେ ଅନେକ ଲେଖକଙ୍କ କାଳଜୟୀ ସାହିତ୍ୟ ସମୃଦ୍ଧ ଏବଂ ସୃଜନଶୀଳ ସାମ୍ବାଦିକତାର ପ୍ରତିଛବି ହୋଇଛି। ଏଥିରେ ବିଜେପିର ରାଜ୍ୟ ପ୍ରବକ୍ତା ପବିତ୍ର ମୋହନ ଦାସ, କୋରେଇ ବିଧାୟକଙ୍କ ପ୍ରତିନିଧ ପ୍ରହ୍ଲାଦ ପଣ୍ଡା, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ କୈଳାସ ଚନ୍ଦ୍ର ନାୟକ ପ୍ରମୁଖ ଅତିଥ ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ମନୋଜ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୋଷାଧ୍ୟକ୍ଷ ସଫିକୁଲ୍ଲୁନା ଖାଁ ଧନ୍ୟବାଦ ପ୍ରଦାନ କରିଥିଲେ । ଏଥିରେ ବରିଷ୍ଠ ସାମ୍ବାଦିକ ସୀତାକାନ୍ତ ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଚାରାରୋପଣ ଅନୁଷ୍ଠିତ ହୋଇଥିଲା ।

### ■ ନିର୍ବାଚନରେ ସ୍ୱଚ୍ଛତା ଆଣିବାରେ ଇସି ବିଫଳ

# ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବ ବିଜେଡି

- ନିର୍ବାଚନ କମିସନ ନିକଟରୁ ସନ୍ତୋଷଜନକ ଉତ୍ତର ମିଳିନାହିଁ
- ଫର୍ମ ୧୭ ସି ପ୍ରଦାନ ନ କରିବା, ନିର୍ବାଚନର ସ୍ୱଚ୍ଛତାକୁ ପ୍ରଶ୍ନ ଉଠାଉଛି
- କଂଗ୍ରେସ ଏହି ପ୍ରସଙ୍ଗ ଉଠାଇବାର ବହୁ ପୂର୍ବରୁ ବିଜେଡି ଉଠାଇଥିଲା



ଭୁବନେଶ୍ୱର, ୧୧।୮(ସଂଚାର ବ୍ୟୁରୋ): ୮ ମାସ ତଳେ ବିଜୁ ଜନତା ଦଳ ତରଫରୁ ଗତ ନିର୍ବାଚନରେ ପରିଲକ୍ଷିତ ଭୋଟ ଅସଙ୍ଗତିକୁ ନେଇ ନିର୍ବାଚନ କମିସନରଙ୍କ ନିକଟରେ ତଥ୍ୟ ପ୍ରଦାନ କରାଯାଇ ଉତ୍ତର ମଗାଯାଇଥିଲା, ଯାହାର ସନ୍ତୋଷଜନକ ଉତ୍ତର ଏପର୍ଯ୍ୟନ୍ତ ମିଳିନାହିଁ । ତେଣୁ, ବିଜୁ ଜନତା ଦଳ ଏହି ମାମଲାକୁ ନେଇ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେବ ବୋଲି ଆଜି ସୂଚନା ଦେଇଛି । ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ପୂର୍ବତନ ରାଜ୍ୟସଭା ସାଂସଦ ତଥା ଦଳର ମୁଖପାତ୍ର ଅମର ପଟ୍ଟନାୟକ, ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ ଓ ବିଧାୟକ ଧ୍ରୁବ ଚରଣ ସାହୁ ଏହି ସୂଚନା ଦେଇଛନ୍ତି।

ଅମର ପଟ୍ଟନାୟକ କହିଥିଲେ, ଗତ ନିର୍ବାଚନରେ ଭୋଟ ଶେଷ ହେବା ପରେ ନିର୍ବାଚନ କମିସନରଙ୍କ ଦ୍ୱାରା ଦିଆଯାଇଥିବା ତଥ୍ୟକୁ ଅନୁଶୀଳନ କରିବା ପରେ ଅନେକ ତାରତମ୍ୟ ପରିଲକ୍ଷିତ ହୋଇଥିଲା। ଗୋଟିଏ ଦାୟିତ୍ୱସମ୍ପନ୍ନ ରାଜନୈତିକ ଦଳ ହିସାବରେ, ବିଜେଡି ତରଫରୁ ନିର୍ବାଚନ କମିସନରଙ୍କୁ ଏହି ତାରତମ୍ୟ ସମ୍ପର୍କରେ ପ୍ରଶ୍ନ କରାଯାଇଥିଲା । ଏହି ତାରତମ୍ୟ ମୁଖ୍ୟତଃ ତିନୋଟି ବିନ୍ଦୁରେ କେନ୍ଦ୍ରିତ ଥିଲା। ପ୍ରଥମଟି ଥିଲା, ରାଜ୍ୟର ସମସ୍ତ ସଂସଦ କ୍ଷେତ୍ରରେ, ଇଭିଏମରେ ପଡ଼ିଥିବା ଭୋଟ ସଂଖ୍ୟା ଅପେକ୍ଷା ଗଣତି ହୋଇଥିବା ଭୋଟ ସଂଖ୍ୟା ଅଧିକ ଥିଲା । ଦ୍ୱିତୀୟଟି ହେଲା ସଂସଦ କ୍ଷେତ୍ରର ଭୋଟ ସଂଖ୍ୟା ଅପେକ୍ଷା ଏହା ମଧ୍ୟରେ ଆସୁଥିବା ବିଧାନସଭାର ସମୁଦାୟ ଭୋଟ ସଂଖ୍ୟା ମଧ୍ୟରେ ଉଲ୍ଲେଖନୀୟ ତାରତମ୍ୟ ରହିଥିଲା। ତୃତୀୟଟି ହେଲା, ନିର୍ବାଚନ ସମୟ ଶେଷ ହୋଇଯିବା ପରେ ଭୋଟ ପଡିବା ସଂଖ୍ୟା ପ୍ରାୟ ୭ ପ୍ରତିଶତରୁ ୩୦ ପ୍ରତିଶତ ପର୍ଯ୍ୟନ୍ତ ରହିଥିଲା। ପଚାଶ ପ୍ରତିଶତ ବିଧାନସଭା ଆସନରେ ଏହି ତାରତମ୍ୟ ୧୫ରୁ ୩୦ ପ୍ରତିଶତ ପର୍ଯ୍ୟନ୍ତ ରହିଥିଲା ।

ଶ୍ରୀ ପଟ୍ଟନାୟକ କହିଥିଲେ, ୨୦୨୪ ମସିହା ଡିସେମ୍ବର ୧୯ ତାରିଖରେ ବିଜେଡି ତରଫରୁ ଏହି ସମ୍ବନ୍ଧରେ ଅଭିଯୋଗ ଦାଖଲ କରାଯାଇ, ଏହାର ଉତ୍ତର ରଖିବାକୁ ଅନୁରୋଧ କରାଯାଇଥିଲା । ଏହାଛଡା, ନିର୍ବାଚନ ପ୍ରକ୍ରିୟାକୁ ଅଧିକ ପାରଦର୍ଶିତା କରିବା ପାଇଁ, ଭୋଟର ଲିଷ୍ଟ ପ୍ରସ୍ତୁତିରୁ ଆରମ୍ଭ କରି ଭୋଟ ଗଣତି ଶେଷ ହେବା ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟାକୁ ଅଡିଟ୍ କରିବା ପାଇଁ ମଧ୍ୟ ଅନୁରୋଧ କରାଯାଇଥିଲା। ନିର୍ବାଚନ ପ୍ରକ୍ରିୟାର ଏପରି ଅଡିଟ୍ ବ୍ୟବସ୍ଥା ସମସ୍ତ ବିକଶିତ ରାଷ୍ଟ୍ର ମାନଙ୍କରେ ରହିଛି । ସେହିପରି ଭିଭିପ୍ୟାଡ଼ ବ୍ୟବସ୍ଥାରେ, କେବଳ ୫%ରେ ସୀମିତ ନରଖି, ସମସ୍ତ ଭୋଟ ପାଇଁ ଲାଗୁ କରାଯାଉ ବୋଲି ଅନୁରୋଧ କରାଯାଇଥିଲା । ନିୟମ ଅନୁଯାୟୀ ନିର୍ବାଚନ ପରେ, ଫର୍ମ ୧୭ ସି ନିର୍ବାଚନ କମିସନଙ୍କ ଦ୍ୱାରା ପ୍ରଦାନ କରାଯିବା କଥା, କିନ୍ତୁ, ନିର୍ବାଚନ କମିସନ ତାହା ଦେଉନାହାନ୍ତି । ଭୋଟ ତାରତମ୍ୟ ସମ୍ପର୍କରେ ନିର୍ବାଚନ କମିସନଙ୍କ ତରଫରୁ କୁହାଯାଇଥିଲା, ଯେଉଁ ଇଭିଏମରେ ତ୍ରୁଟି ଥିଲା ସେହି ବାକ୍ସକୁ ଗଣତି ପାଇଁ ବିଚାର କରାଯାଇ ନଥିଲା। କିଛି ଇଭିଏମ୍ ରେ ମକ୍ ପୋଲ ସମୟରେ ପଡ଼ିଥିବା ଭୋଟ ଗୁଡିକୁ ବାଦ୍ ଦିଆଯାଇ ନଥିବା କାରଣରୁ ଭୋଟ ଅଧିକ ହୋଇଥିଲା। କିନ୍ତୁ, ଏହାକୁ ବାଦ୍ ନଦେଇ ଭୋଟ ସଂଗ୍ରହ କରିବା ଏକ ଅପରାଧ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ଯେହେତୁ, କିଛି ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ଫଳାଫଳକୁ ନେଇ ଉଚ୍ଚ ନ୍ୟାୟାଳୟରେ କେସ୍ ଦାଖଲ ହୋଇଛି, ସେଥିପାଇଁ ଫର୍ମ ୧୭ ସି ପ୍ରଦାନ କରାଯାଇ ପାରିବ ନାହିଁ ବୋଲି ନିର୍ବାଚନ କମିସନଙ୍କ ଉତ୍ତର ସନ୍ତୋଷଜନକ ନୁହେଁ । କାରଣ, ଓଡିଶାରେ ମାତ୍ର ୨୮ଟି ନିର୍ବାଚନ ମଣ୍ଡଳୀରେ କେସ୍ ହୋଇଛି। ଏହାକୁ ଛାଡି ଅନ୍ୟ ନିର୍ବାଚନ ମଣ୍ଡଳୀ ଗୁଡିକର ଫର୍ମ ୧୭ ସି ପ୍ରଦାନ କରିବା କଥା, କିନ୍ତୁ ନିର୍ବାଚନ କମିସନ ସେଗୁଡିକ ମଧ୍ୟ ପ୍ରଦାନ କରୁନାହାନ୍ତି। ଶ୍ରୀ ପଟ୍ଟନାୟକ କହିଥିଲେ, ନିକଟରେ ରାହୁଲ ଗାନ୍ଧୀ ନିର୍ବାଚନରେ ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠାଇବା ପରେ ରାଜ୍ୟରେ କଂଗ୍ରେସ ମଧ୍ୟ ପ୍ରଶ୍ନ କରିଛି । କିନ୍ତୁ, ଏହାର ବହୁ ପୂର୍ବରୁ ବିଜୁ ଜନତା ଦଳ ଏହି ପ୍ରସଙ୍ଗ ଉଠାଇଥିଲା । ବିଜେଡି ଦ୍ୱାରା ପୂର୍ବରୁ ଦାବି କରାଯାଇଥିବା ଅଡିଟ୍ ବ୍ୟବସ୍ଥାକୁ ମଧ୍ୟ ରାହୁଲ ଗାନ୍ଧୀ ଦୋହରାଇଛନ୍ତି । ନିର୍ବାଚନ ଫଳାଫଳକୁ ନେଇ ରାଜ୍ୟବାସୀଙ୍କ ମନରେ ନିର୍ବାଚନର ସ୍ୱଚ୍ଛତାକୁ ସୃଷ୍ଟି ହୋଇଥିବା ସନ୍ଦେହକୁ ଦୂର କରିବାରେ ନିର୍ବାଚନ କମିସନ ସକ୍ଷମ ହୋଇପାରି ନାହାନ୍ତି, ଯେଉଁଥିପାଇଁ ବିଜୁ ଜନତା ଦଳ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବାକୁ ଯାଉଛି ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ । ଶର୍ମିଷ୍ଠା ସେଠି କହିଥିଲେ, ନିର୍ବାଚନ ଫଳାଫଳ ପ୍ରକାଶ ପାଇବାର ପରଦିନ ମୁଁ ନିର୍ବାଚନ କମିସନଙ୍କୁ ଯାଜପୁର ସଂସଦ କ୍ଷେତ୍ରର ଫର୍ମ ୧୭ ସି ପାଇଁ ଆବେଦନ କରିଥିଲି। ଏହା ମୋତେ ପ୍ରଦାନ କରା ନ ଯିବାରୁ, ମୁଁ ଭାରତର ନିର୍ବାଚନ କମିସନଙ୍କୁ ଚିଠି ଲେଖିଥିଲି, କିନ୍ତୁ, ମୋତେ ସନ୍ତୋଷଜନକ ଉତ୍ତର ମିଳି ନଥିଲା । ଯାହା ଫଳରେ, ମୁଁ ବାଧ୍ୟହୋଇ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲି । ଏବେ ତାହା ବିଚାରାଧୀନ ରହିଛି ।

## ଲୁହା ପଡ଼ି ସ୍କୁଲ ଛାତ୍ରର ମୃତ୍ୟୁ



ସମ୍ବଲପୁର,୧୧।୮(ସଂଚାର ବ୍ୟୁରୋ) : ବୁଢାରାଜା ୟୁପି ସ୍କୁଲରେ ଅଘଟଣ । ଷଷ୍ଠ ଶ୍ରେଣୀର ଜଣେ ଛାତ୍ରଙ୍କ ଉପରେ ଲୁହା ପଡିବାରୁ ତାଙ୍କର ମୃତ୍ୟୁ ଘଟିଛି । ରେଳ ବିଭାଗର ଏକ ବଡ଼ ଲୁହା ଖଣ୍ଡ ପଡିଯିବାରୁ ଛାତ୍ରଙ୍କର ମୃତ୍ୟୁ ହୋଇଛି । ମୃତ ଛାତ୍ର ଜଣକ ହେଉଛନ୍ତି ଦିପୁ ଯାଦବ । ସ୍କୁଲରେ ପାଠ ପଢା ସମୟରେ ସେ ପରିଶ୍ରା ପାଇଁ ବାହାରକୁ ଯାଇଥିବା ସମୟରେ ଅଘଟଣ ଘଟିଛି । ପାଖରେ ରେଳ ଲାଇନ ଥିବାବେଳେ ଏକ ଲୁହା ପୋଲକୁ କାଟୁଥିଲେ ଶ୍ରମିକ । ଲୁହାଟି ଛିଟିକି ପଡି ସ୍କୁଲ ଭିତରେ ପଡିଥିଲା । ଯାହାଫଳରେ ଛାତ୍ରଙ୍କ ମୁଣ୍ଡରେ ପଡିବା ପରେ ଗୁରୁତର ଆହତ ହୋଇଥିଲେ । ତାଙ୍କୁ ତୁରନ୍ତ ମେଡିକାଲ ଆଣିଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ଛାତ୍ରଙ୍କ ମୃତ୍ୟୁ ପରେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖିବାକୁ ମିଳିଥିଲା ।

## ସାଇବର ଠକେଇ: ମହିଳାଙ୍କଠୁ ଠକିନେଲେ ୨ ଲକ୍ଷ ୮୦ ହଜାର



ବାରିପଦା, ୧୧।୮(ସଂଚାର ବ୍ୟୁରୋ): ଅଦୃଶ୍ୟ ସାଇବର ଠକଙ୍କ ଜାଲରେ ଫସି ମହିଳା ଜଣକ ଠକେଇର ଶିକାର ହୋଇ ୨ଲକ୍ଷ ୮୦ ହଜାର ଟଙ୍କା ହରାଇଛନ୍ତି। ଏନେଇ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ପୁରୁଣାଘାଟି ଅଞ୍ଚଳର ଅସୀମା ମହାନ୍ତି ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କୁ ଏକ ଅଜଣା ନମ୍ବରରୁ ଫୋନ କଲ୍ ଆସିଥିଲା। ସମ୍ପୃକ୍ତ ବ୍ୟକ୍ତି ନିଜକୁ ଏକ କମ୍ପାନୀର ସିଇଓ ଭାବେ ପରିଚୟ ଦେଇଥିଲେ। ଏହାପରେ ହ୍ୱାଟ୍ସଆପ ଜରିଆରେ ମେସେଜ କରି ଅନ୍ ଲାଇନ ଟାସ୍କ କରିବାକୁ କହିଥିଲେ। ଏହା କରିବା ଦ୍ୱାରା ତାଙ୍କୁ ଟଙ୍କା ପ୍ରଦାନ କରାଯିବ ବୋଲି କହିଥିଲେ। ଏହାକୁ ନେଇ ପ୍ରଦତ ଟାସ୍କ ଅନୁଯାୟୀ କାର୍ଯ୍ୟ କରିଥିଲେ। ଏହାର କିଛି ଦିନ ପରେ ତାଙ୍କ ବ୍ୟାଙ୍କ ଆକାଉଂଟରେ ଅସୁବିଧା ପରିଲକ୍ଷିତ ହୋଇଥିଲା। ଯାହାକୁ ନେଇ ଯାଞ୍ଚ୍ କରିଥିଲେ। ତେବେ ତାଙ୍କ କ୍ରେଡିଟ କାର୍ଡ, ଡେବିଟ କାର୍ଡ ଓ ଫୋନ ପେ ଜରିଆରେ ପର୍ଯ୍ୟାୟ କ୍ରମେ ସମୁଦାୟ ୨ଲକ୍ଷ ୮୦ ହଜାର ଟଙ୍କା ଅନ୍ୟ ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର ହୋଇଛି ବୋଲି ଜାଣିବାକୁ ପାଇଥିଲେ। ଏନେଇ ସେ ଉକ୍ତ କମ୍ପାନୀକୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ସୁଦ୍ଧା ତାହା ସମ୍ଭବ ହୋଇନଥିଲା। ତେବେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି ଅସୀମା।

# ପୂର୍ବତଟ ରେଳପଥର 'ସ୍ୱଚ୍ଛତା ଅଭିଯାନ' ଜାରି



ଭୁବନେଶ୍ୱର, ୧୧।୮(ସଂଚାର ବ୍ୟୁରୋ): ପୂର୍ବତଟ ରେଳପଥ ପରିଷ୍କାର ପରିଚ୍ଛନ୍ନତା ଏବଂ ସାଧାରଣ ଜନତାଙ୍କ ଯୋଗଦାନ ପାଇଁ ସମର୍ପିତ ସ୍ୱଚ୍ଛତା ଅଭିଯାନ ଜାରି ରଖିଛି, ଯାହାର ଲକ୍ଷ୍ୟ ହେଉଛି ସଚେତନତା ବୃଦ୍ଧି କରିବା ଏବଂ ଏଥିରେ ସାଧାରଣ ଜନତାଙ୍କ ଯୋଗଦାନକୁ ପ୍ରେରଣା ଦେବା। ଏହି ଲକ୍ଷ୍ୟନେଇ ଏହାର ଷ୍ଟେସନ, ଟ୍ରେନ, କାର୍ଯ୍ୟାଳୟ ଏବଂ ଆଖପାଖ ଅଞ୍ଚଳରେ ପରିଷ୍କାର ପରିଚ୍ଛନ୍ନତା ଉପରେ ଧ୍ୟାନ ଦେଇ ସ୍ୱଚ୍ଛତା ଅଭିଯାନ ଜାରି ରଖିଛି। ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକଳାପ ପଲାସା, ବ୍ରହ୍ମପୁର, ବାଲୁଗାଁ, ଭୁବନେଶ୍ୱର, କଟକ, ଖୋର୍ଦ୍ଧା ରୋଡ୍, ଭଦ୍ରକ, ଯାଜପୁର ରୋଡ, ପାରାଦୀପ, ଢେଙ୍କାନାଳ, ଅନୁଗୁଳ, ପୁରୀ, ସମ୍ବଲପୁର, ଟିଟଲାଗଡ଼, ମୁନିଗୁଡ଼ା, ବିଶାଖାପାଟଣା, ବିଜୟନଗରମ୍, କୋରାପୁଟ, ଜଗଦଲପୁର, ମଞ୍ଚେଶ୍ୱର ୱାର୍କସପ ଏବଂଅନ୍ୟାନ୍ୟ ରେଳ ଷ୍ଟେସନ, ନିକଟବର୍ତ୍ତୀ ଷ୍ଟେସନ ଅଞ୍ଚଳ, ରେଳବାଇ ଆବାସିକ କଲୋନୀ ଏବଂ କାର୍ଯ୍ୟାଳୟ ପରିସରରେ କରାଯାଇଥିଲା।

ଅଗଷ୍ଟ ୧ ତାରିଖରୁ ଚାଲିଥିବା ଏହି ସ୍ୱଚ୍ଛତା ଅଭିଯାନ ସମଗ୍ର ଜୋନରେ ୩୧ ଅକ୍ଟୋବର ପର୍ଯ୍ୟନ୍ତ ଜାରି ରହିବ। ଅଭିଯାନ ସମୟରେ କରାଯିବାକୁ ଥିବା କାର୍ଯ୍ୟକଳାପଗୁଡ଼ିକରେ ସ୍ୱତନ୍ତ୍ର ଡ୍ରାଇଭ୍, ସଚେତନତା କାର୍ଯ୍ୟକ୍ରମ ଏବଂ ଯାତ୍ରୀ ଏବଂ ଅଂଶୀଦାରମାନଙ୍କୁ ସାମିଲ କରି କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ।

ରେଲୱେ ଷ୍ଟେସନ, ଟ୍ରେନ, ପ୍ଲାଟଫର୍ମ, ଆଖପାଖ ଅଞ୍ଚଳ, କର୍ମକ୍ଷେତ୍ର ସଫା କରିବା, ରେଳ ଟ୍ରାକରୁ ଏବଂ ନିକଟରୁ ଅଳିଆ ଅପସାରଣ ଉପରେ ଧ୍ୟାନ ଦେବା। ଜୋନରେ ଯାତ୍ରୀ ଏବଂ ଜନସାଧାରଣଙ୍କୁ ଶିକ୍ଷା ଦେବା ପାଇଁ ନୁକ୍କଡ଼ ନାଟକ (ପଥପ୍ରାନ୍ତ ନାଟକ), ସେମିନାର ଏବଂ ୱେବିନାର ଆୟୋଜନ କରାଯିବ। ସଫେଇ ଅଭିଯାନ ଏବଂ ଅଳିଆ ନିବାରଣ ଅଭିଯାନରେ ଯାତ୍ରୀ, ରେଳ ବ୍ୟବହାରକାରୀ ଏବଂ ଅଂଶୀଦାରମାନଙ୍କୁ ସାମିଲ କରି ସାମୂହିକ ଶ୍ରମଦାନ। ଅଭିଯାନ ଅବଧି ସମୟରେ ଷ୍ଟେସନଗୁଡ଼ିକର ଯାନ୍ତ୍ରିକ ସଫେଇ, ଜଳ ସ୍ଥାପନ, ଶୌଚାଳୟ ଏବଂ ପ୍ୟାଣ୍ଟ୍ରି କାର ସଫା କରିବା ଉପରେ ବିଶେଷ ଧ୍ୟାନ ଦିଆଯିବ। ରେଳ ପରିସରରେ ଅଳିଆ ନିବାରଣ କରୁଥିବା ବ୍ୟକ୍ତିବିଶେଷଙ୍କ ଉପରେ ଦଣ୍ଡ ଦିଆଯିବ ଏବଂ ପରାମର୍ଶ ମାଧ୍ୟମରେ ସଚେତନତା ବୃଦ୍ଧି କରାଯିବ। ପ୍ଲାଷ୍ଟିକ୍ ବ୍ୟବହାର ଏଡାଇବା ପାଇଁ ଯାତ୍ରୀ ସଚେତନତା, ସ୍କ୍ରାପ୍ ସଂଗ୍ରହ ଏବଂ ପ୍ଲାଷ୍ଟିକ୍ ଅଳିଆ ନିବାରଣ ମଧ୍ୟ ଅଭିଯାନର ଏକ ଅଂଶ। ଯାତ୍ରୀମାନଙ୍କୁ ଏସଏମଏସ ଏବଂ ଅନ୍ୟାନ୍ୟ ମାଧ୍ୟମରେ ପରିଷ୍କାର ପରିଚ୍ଛନ୍ନତା ଉପରେ ମତାମତ ଦେବାକୁ ଉତ୍ସାହିତ କରାଯାଏ। ପୂର୍ବ ତଟ ରେଳପଥର କର୍ମଚାରୀମାନେ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବା ଏବଂ ସାଧାରଣ ଜନତାଙ୍କୁ ଏହି ଅଭିଯାନରେ ସାମିଲ କରାଇବା ପାଇଁ ମଧ୍ୟ ଶପଥ ଓ ପ୍ରତିଶୃତି ଦେଇଥିଲେ । ପୂର୍ବତଟ ରେଳପଥ ସ୍ୱଚ୍ଛତା ଅଭିଯାନକୁ ସଫଳ କରିବା ଏବଂ ରେଳ ପରିସର ମଧ୍ୟରେ ପରିଷ୍କାର ପରିଛନତାକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧ।

## ମଈଁଷିଖାଲ ବସ୍ତିରେ ଜଣ୍ଡିସ ନିୟନ୍ତ୍ରଣାଧୀନ

ଭୁବନେଶ୍ୱର ୧୧।୮(ସଂଚାର ବ୍ୟୁରୋ): ଭୁବନେଶ୍ୱର ପୌର ନିଗମ ଅନ୍ତର୍ଗତ ବିଜେବି ନଗର ସ୍ଥିତ ମଈଁଷିଖାଲ ବସ୍ତି ରାଜୀବ ଆବାସ ଆପର୍ଟମେଣ୍ଟରେ ଜଣ୍ଡିସ ଦେଖାଦେଇଥିବା ଖବର ମିଳିବା ମାତ୍ରେ ରାପିଡ୍ ରେସ୍ପନସ୍ ଟିମ୍ ତରଫରୁ ତତକ୍ଷଣାତ୍ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ଇତି ମଧ୍ୟରେ ସଂପୃକ୍ତ ବସ୍ତିରେ ହେଲଥ୍ ଟିମ୍ ପହଞ୍ଚି ସ୍ଥାନୀୟ ସ୍ୱାସ୍ଥ୍ୟ କର୍ମୀମାନଙ୍କ ସହ ମିଳିତ ଭାବେ କ୍ଷେତ୍ରସ୍ତରୀୟ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ବର୍ତ୍ତମାନ ସୁଦ୍ଧା ସମୁଦାୟ ୧୦ ଜଣ ରୋଗୀ ଚିହ୍ନଟ ହୋଇଛନ୍ତି। ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଆବଶ୍ୟକୀୟ ଚିକିତ୍ସା ଓ ପରାମର୍ଶ ଦିଆଯାଇଛି। କୌଣସି ସଂକ୍ରମିତ ରୋଗୀ ଗୁରୁତର ହୋଇନାହାନ୍ତି କିମ୍ବା କେହି ହସ୍ପିଟାଲରେ ଆଡମିସନ୍ ହୋଇନାହାନ୍ତି। ପ୍ରାପ୍ତ ସୂଚନା ଅନୁସାରେ ସେହି ବସ୍ତି ଓ ଆପାର୍ଟମେଣ୍ଟର ୩ ଟି ସ୍ଥାନରୁ ପାଣି ନମୁନା ଏବଂ ୫ ଟି ରକ୍ତ ନମୁନା ସଂଗ୍ରହ କରାଯାଇଛି। ସଂଗୃହୀତ ରକ୍ତ ନମୁନାରୁ ୪ ଟିରେ ହେପାଟାଇଟିସ୍ ଏ' ଭାଇରସ୍ ଚିହ୍ନଟ କରାଯାଇଛି। ପାଣି ନମୁନା ପରୀକ୍ଷା ପାଇଁ ପଠାଯାଇଛି। ସୂଚନାଯୋଗ୍ୟ, ଏଠାରେ ଗଭୀର ନଳକୂପ ପାଣି ପ୍ରକ୍ରିୟା କରଣ କରି ୱାଟକୋ ମାଧ୍ୟମରେ ଯୋଗାଇ ଦିଆଯାଏ। ତେଣୁ ପାଣି ମାଧ୍ୟମରେ ସଂକ୍ରମଣର ସମ୍ଭାବନା ବହୁତ କମ୍। ସ୍ୱତନ୍ତ୍ର ଖାଦ୍ୟ ନିରାପତ୍ତା ଟିମ୍ ମଧ୍ୟ ବସ୍ତି ଓ ଆଖପାଖ ଅଞ୍ଚଳରେ ଯାଞ୍ଚ୍ କାମ ଜାରି ରଖିଛନ୍ତି। ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ବୁଲି ସଚେତନତା କାର୍ଯ୍ୟକ୍ରମ ଜାରି ରଖିଛନ୍ତି।

### ■ ସ୍ୱର୍ଗତ ଅନୀଲ ପ୍ରସାଦ ମିଶ୍ରଙ୍କ ସ୍ମୃତିସଭା

## ଅନୀଲ ଥିଲେ ସ୍ୱାଭିମାନୀ : ଭକ୍ତ ଦାସ



ଭୁବନେଶ୍ୱର, ୧୧।୮(ସଂଚାର ବ୍ୟୁରୋ) : ଓଡ଼ିଶାର ଜଣେ ପ୍ରତିଷ୍ଠିତ ଫଟୋ ସାମ୍ବାଦିକତାର ଜନକ ଭାବେ ପରିଚିତ ତଥା ଇଷ୍ଟର୍ଣ୍ଣ ପ୍ରେସ୍ ଏଜେନ୍ସି ଓ ଇପିଏର ପ୍ରତିଷ୍ଠାତା ସ୍ୱର୍ଗତ ଅନୀଲ ପ୍ରସାଦ ମିଶ୍ରଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକ ଓ ସ୍ମୃତିସଭା ଆଜି ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନରେ ପାଳିତ ହୋଇଯାଇଛି। ଏହି ସ୍ମୃତିସଭାରେ ପିସିସି ସଭାପତି ଭକ୍ତ ଚରଣ ଦାସ ଯୋଗଦେଇ କହିଲେ ଯେ, ଫଟୋ ମାଧ୍ୟମରେ ଅନେକ ବାର୍ତ୍ତା ଦେଉଥିଲେ ଅନୀଲ। ତାଙ୍କ ଫଟୋ କଥା କହୁଥିଲା। ସମାଜକୁ ସଚେତନ କରିବା ସହ ଶାସକ ଓ ବିରୋଧୀ ଦଳକୁ ବାଟ ଦେଖାଉଥିଲା। ସେ ଥିଲେ ବଡ଼ ସ୍ୱାଭିମାନୀ। କାହାକୁ କେବେହେଲେ ସହଯୋଗ ମାଗି ନାହାଁନ୍ତି ବୋଲି ଶ୍ରୀଯୁକ୍ତ ଦାସ କହିଥିଲେ। ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର କହିଲେ ଯେ, ସେ ବିଜୁବାବୁଙ୍କ ନିକଟରେ ଥିଲେ। ତାଙ୍କର ଫଟୋକ ନେଇ ବିଜୁ ଗ୍ୟାଲେରୀ କରିଥିଲେ। ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ଏକାମ୍ର ବିଧାୟକ ବାବୁ ସିଂ, ମଧ୍ୟମ ବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, କର୍ପୋରେଟର ଆସିଆ ବେଗମ, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ମହାନ୍ତି ତଥା ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଇଷ୍ଟର୍ଣ୍ଣ ପ୍ରେସ୍‌ର ସାମ୍ବାଦିକ ବନ୍ଧୁ ଏବଂ ବହୁ ମାନଗ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଇପିଏର ସମ୍ପାଦିକା ଅଞ୍ଜଳି ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସମ୍ପାଦନା କରାଯାଇଥିଲା। ପ୍ରଥମେ ମଞ୍ଚାସୀନ ଅତିଥିବୃନ୍ଦଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ସ୍ୱର୍ଗତ ମିଶ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ସମ୍ମାନୀୟ ଅତିଥିମାନେ ସ୍ୱର୍ଗତ ମିଶ୍ରଙ୍କ କାର୍ଯ୍ୟ, ନିଷ୍ଠା ଓ ବଳିଷ୍ଠ ଉଦ୍ୟମର ପ୍ରଶଂସା କରିବା ସହିତ କେଉଁଭଳି ଭାବରେ ଅନେକ ସାମ୍ବାଦିକଙ୍କ ପାଇଁ ପ୍ରେରଣା ସାଜିଛନ୍ତି, ସେ ବାବଦରେ ମତ ରଖିଥିଲେ। ଏହି ଅବସରରେ ଅନେକ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କୁ ମଞ୍ଚ ଉପରେ ସମ୍ମାନିତ କରାଯାଇଥିଲା ଏବଂ ଇପିଏ ଉଇକ୍ଲିର ସ୍ୱତନ୍ତ୍ର ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା ଦାୟିତ୍ୱରେ ଥିଲେ ବରିଷ୍ଠ ସାମ୍ବାଦିକା ସୌମ୍ୟା ତ୍ରିପାଠୀ।

# ପୁରୀର ଗ୍ରାମାଞ୍ଚଳର ୭୫%ରୁ ଅଧିକ ପରିବାରକୁ ପାନୀୟଜଳ



ଭୁବନେଶ୍ୱର,୧୧।୮: ପୁରୀ ଜିଲ୍ଲାର ଗ୍ରାମାଞ୍ଚଳର ବସବାସ କରୁଥିବା ୨.୪୪ ଲକ୍ଷ ପରିବାର ମଧ୍ୟରୁ ୭୫.୭୮ ପ୍ରତିଶତ ପରିବାରଙ୍କ ଘରକୁ ପାଇପ୍ ଜଳ ସଂଯୋଗ ମିଳିଛି । ତେବେ ଅମୃତ ୨.୦ ଯୋଜନାରେ ପୁରୀ ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ୨୪ଘଣ୍ଟିଆ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହୋଇନାହିଁ । ବିଜେଡି ସାଂସଦ ଶୁଭାଶିଷ ଖୁଣ୍ଟିଆଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି କେନ୍ଦ୍ର ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ଭି. ସୋମାନ୍ନା ।

କେନ୍ଦ୍ରମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି ଯେ, ୨୦୧୯ ମସିହାରୁ କେନ୍ଦ୍ର ସରକାର ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସରକାରଙ୍କ ସହଯୋଗରେ ଜଳ ଜୀବନ ମିଶନ କାର୍ଯ୍ୟକାରୀ କରୁଛନ୍ତି । ଏହି ଯୋଜନାରେ ପୁରୀ ସମେତ ଦେଶର ସମସତ ଗ୍ରାମାଞ୍ଚଳର ପରିବାରକୁ ବିଆଇଏସ୍:୧୦୫୦୦ ଗୁଣମାନର ଜଳ ଦିନକୁ ୫୫ ଏଲପିସିଡି ପରିମାଣର ଯୋଗାଇ ଦିଆଉଛି । ୨୦୧୯ ମସିହାରେ ପୁରୀ ଜିଲ୍ଲାରେ ମାତ୍ର ୨୧୬୯ଟି ପରିବାରକୁ ପାଇପ୍ ଯୋଗେ ପାନୀୟଜଳ ଯୋଗାଇ ଦିଆଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ଆଉ ୨.୪୨ଲକ୍ଷ ପରିବାରକୁ ଏଥିରେ ସାମିଲ କରାଯାଇଛି। ଚଳିତବର୍ଷ ଅଗଷ୍ଟ ୮ତାରିଖ ସୁଦ୍ଧା ଜିଲ୍ଲାର ଗ୍ରାମାଞ୍ଚଳରେ ୩.୨୨ ଲକ୍ଷ ପରିବାର ଥିବାବେଳେ ଏମାନଙ୍କ ମଧ୍ୟରୁ ୨.୪୪ଲକ୍ଷ ପରିବାର ଅର୍ଥାତ୍ ୭୫.୭୮ ପ୍ରତିଶତ ପରିବାରଙ୍କ ଘରକୁ ପାଇପ୍ ଜଳ ସଂଯୋଗ ମିଳିପାରିଛି ।

ଜଳ ଜୀବନ ମିଶନର ବର୍ତ୍ତମାନର ମାର୍ଗଦର୍ଶିକା ଅନୁଯାୟୀ ଭାରତୀୟମାନକବ୍ୟୁରୋ (ବିଆଇଏସ:୧୦୫୦୦ ମାନର ପାନୀୟଜଳ ପାଇପ୍ ମାଧ୍ୟମରେ ଯୋଗାଇ ଦିଆଯାଉଛି । ଯୋଗାଣ ହେଉଥିବା ଜଳରେ ରସାୟନିକ ପଦାର୍ଥକୁ ନେଇ ବିଆଇଏସ୍ ପକ୍ଷରୁ ଏକ ଗ୍ରହଣୀୟ ସୀମା ଓ ଅନୁମତି ସୀମା ସ୍ଥିତର କରାଯାଇଛି। ଏଥି ମଧ୍ୟରେ ଫ୍ଲୋରାଇଡ୍, ଟିଡିଏସ୍ ଆଦି ରହିଛି । ରାଜ୍ୟ ସରାକର ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡିକ ନିୟମିତ ଭାବେ ଜଳର ଗୁଣାମାନକୁ ଦୃଷ୍ଟିରେ ରଖି ନମୂନା ସଂଗ୍ରହ, ମନଟରିଂ ଆଦି କରିବା ସହିତ ଏହାକୁ ଅପଲୋଡ ପାଇଁ ମିଶନର ଜଳ ଗୁଣ ପରିଚାଳନା ସୂଚନା ବ୍ୟବସ୍ଥା ପୋର୍ଟାଲ ପ୍ରସ୍ତୁତ ହୋଇଛି ।

କେନ୍ଦ୍ର ଗୃହ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ୨୦୧୫ ଜୁନ୍ ୨୫ ତାରିଖରୁ ୫୦୦ ଟି ସହରାଞ୍ଚଳରେ ଅମୃତ ଯୋଜନାର ଶୁଭାରମ୍ଭ ହୋଇଥିଲା । ଜଳ ଯୋଗାଣ ସହିତ ସ୍ୱରେଜ ଆଦି କ୍ଷେତ୍ରରେ ଭିତ୍ତିଭୂମି ସୁଦୃଢ଼ ପାଇଁ ଏହି ଯୋଜନା ପ୍ରଥମେ ଗୁରୁତ୍ୱ ଦେଉଥିଲା । ଏଥି ସହିତ ସବୁଜ ବଳୟ, ପାର୍କ, ସହରାଞ୍ଚଳ ପରିବହନ ଏଥିରେ ସାମିଲ ଥିଲା । ତେବେ ଅମୃତ ଯୋଜନା ୨.୦ ରେ ୨୪ଘଣ୍ଟିଆ ଜଳ ଯୋଗାଣ ସହିତ ଡ୍ରିଙ୍କ୍ ଫ୍ରମ ଟ୍ୟାପ ଯୋଜନା କାର୍ଯ୍ୟକାରୀ ହୋଇଥିଲା । ଏଥିରେ ଓଡିଶାରେ ପ୍ରାୟ ୪୬୪ କୋଟି ଟଙ୍କା ବ୍ୟୟରେ ୪୮ଟି ପ୍ରକଳ୍ପକୁ ମଞ୍ଜୁରୀ ମିଳିଥିଲା । ତେବେ ପୁରୀ ଜିଲ୍ଲାରେ ୨୪ଘଣ୍ଟିଆ ଜଳ ଯୋଗାଣ ବ୍ୟବସ୍ଥାକୁ ଏଥିରେ ସାମିଲ କରାଯାଇନଥିଲା ।

ମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ଅମୃତ ଯୋଜନା ଅଧୀନରେ ସମଗ୍ର ଦେଶରେ ୩୪,୪୪୬ କୋଟି ଟଙ୍କା ବ୍ୟୟରେ ୮୯୦ ଟି ସ୍ୱେରେଜ ଓ ସେପ୍ଟେଜ ପରିଚାଳନା ପ୍ରକଳ୍ପ ହାତକୁ ନିଆଯାଇଥିବାବେଳେ ଏଥି ମଧ୍ୟରୁ ପ୍ରାୟ ୩୩ହଜାର କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି । ଏହା ବାଦ୍ ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ରେ ଡ୍ରେନ ସମସ୍ୟାର ସମାଧାନ ସହିତ ଉପଭୂଳ ଅଞ୍ଚଳରେ ମଇଳା ଜଳ ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଇଛି। ୨୦୨୦-୨୧ ରୁ ୨୦୨୫-୨୬ ମଧ୍ୟରେ ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ)ର ଦ୍ୱିତୀୟ ପର୍ଯ୍ୟାୟରେ ଖୋଲାରେ ମଳ ତ୍ୟାଗ ମୁକ୍ତ (ଓଡିଏଫ୍) ଓ ଓଡିଏଫ୍ ପ୍ଲସ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି । (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live



ସମ୍ପାଦକୀୟ

SANCHAR
ସଂଚାର




# ଭୋଟ୍ ଚୋରି କେତେ ସତ, କେତେ ମିଛ

ଭାରତୀୟ ରାଜନୀତିରେ ନିର୍ବାଚନ ସମୟରେ ଅନିୟମିତତାର ଅଭିଯୋଗ ନୂଆ ନୁହେଁ କିନ୍ତୁ ସମ୍ପ୍ରତି କଂଗ୍ରେସ୍ ନେତା ରାହୁଲ୍ ଗାନ୍ଧୀଙ୍କ ଦ୍ୱାରା ଉଠାଯାଇଥିବା 'ଭୋଟ୍ ଚୋରି' ଅଭିଯୋଗ ପୁଣି ଥରେ ନିର୍ବାଚନ ଆୟୋଗ (ଇସିଆଇ) ଏବଂ ବିଜେପିକୁ ବିବାଦର କେନ୍ଦ୍ରବିନ୍ଦୁରେ ପକାଇଛି। ଏହି ଅଭିଯୋଗ ଅନୁସାରେ, ଭୋଟର୍ ତାଲିକାରେ ନକଲି ଭୋଟର୍, ଡୁପ୍ଲିକେଟ୍ ଏଣ୍ଟ୍ରି ଏବଂ ବିରୋଧୀ ଭୋଟର୍ଙ୍କ ନାମ ଡିଲିଟ୍ କରି ବିଜେପିକୁ ଲାଭ ଦିଆଯାଉଛି। କର୍ଣ୍ଣାଟକ, ହରିୟାଣା, କେରଳ ଭଳି ରାଜ୍ୟଗୁଡ଼ିକରେ ଏହି ଘଟଣା ଘଟିଥିବା ଦାବି କରାଯାଉଛି। କଂଗ୍ରେସ୍ ଏହି ଅଭିଯୋଗକୁ ଏକ ଅଭିଯାନରେ ପରିଣତ କରିଛି, ଯେଉଁଥିରେ ଲୋକମାନେ 'ଭୋଟ୍ ଚୋରି' ବିରୋଧରେ ରେଜିଷ୍ଟର୍ କରିପାରିବେ। ଏହା କେବଳ ରାଜନୈତିକ ଷଡଯନ୍ତ୍ର ନା ବାସ୍ତବତା? ଏହି ପ୍ରଶ୍ନର ଉତ୍ତର ଖୋଜିବା ଆବଶ୍ୟକ।

ପ୍ରଥମେ ବାସ୍ତବତାର ପକ୍ଷରେ ଯୁକ୍ତି ଦେଖିବା। ରାହୁଲ୍ ଗାନ୍ଧୀ କର୍ଣ୍ଣାଟକର ମହାଦେବପୁରାରେ ଜଣେ ମହିଳାଙ୍କ ଦୁଇଥର ଭୋଟ୍ ଦେବାର ଉଦାହରଣ ଦେଇଛନ୍ତି। ଉତ୍ତରପ୍ରଦେଶ ଏବଂ ବିହାରର ଭୋଟର୍ ତାଲିକାରେ ୫୦୦୦ରୁ ଅଧିକ ଡୁପ୍ଲିକେଟ୍ ଭୋଟର୍ ଥିବା ରିପୋର୍ଟ ପ୍ରକାଶ ପାଇଛି। ଓଡ଼ିଶାରେ ମଧ କଂଗ୍ରେସ୍ ୨୦୨୪ ବିଧାନସଭା ଏବଂ ଲୋକସଭା ନିର୍ବାଚନରେ ଅନିୟମିତତା ଅଭିଯୋଗ କରିଛି। ରାଜ୍ୟ କଂଗ୍ରେସ୍ ସଭାପତି ଭକ୍ତ ଚରଣ ଦାସ୍ ବିଜେଡିର ଲୋକସଭାରେ ଶୂନ୍ୟ ଆସନ ପ୍ରାପ୍ତିକୁ ପ୍ରଶ୍ନ କରିଛନ୍ତି, ଯାହା ଭୋଟର୍ ତାଲିକା ମ୍ୟାନିପୁଲେସନ୍ ଦ୍ୱାରା ହୋଇଥାଇପାରେ ବୋଲି ଦାବି କରିଛନ୍ତି। ଏହି ଅଭିଯୋଗଗୁଡ଼ିକ ନିର୍ବାଚନ ପ୍ରକ୍ରିୟାର ପାରଦର୍ଶିତା ଉପରେ ପ୍ରଶ୍ନ ଉଠାଉଛି। ସ୍ପେଶାଲ୍ ଇଣ୍ଟେନ୍ସିଭ୍ ରିଭିଜନ୍ (ଏସ୍ଆଇଆର୍) ପ୍ରକ୍ରିୟାକୁ ବିରୋଧୀ ଦଳଗୁଡ଼ିକ ଚୋରିର ମାଧ୍ୟମ ବୋଲି କହୁଛନ୍ତି, ଯାହା ବିଜେପିକୁ ଅନ୍ୟାୟ ଲାଭ ଦେଉଛି। ଏହି ଘଟଣାଗୁଡ଼ିକ ନିର୍ବାଚନର ନିରପେକ୍ଷତାକୁ ହାନି ପହଞ୍ଚାଉଛି ଏବଂ ଲୋକତନ୍ତ୍ରର ମୂଳଭିତ୍ତିକୁ ଦୁର୍ବଳ କରୁଛି।

ଅନ୍ୟପକ୍ଷରେ, ଏହାକୁ ରାଜନୈତିକ ଷଡଯନ୍ତ୍ର ବୋଲି କହାଯାଉଛି। ଇସିଆଇ ରାହୁଲ୍ ଗାନ୍ଧୀଙ୍କ ଅଭିଯୋଗକୁ ଖଣ୍ଡନ କରିଛି ଏବଂ ତାଙ୍କୁ ପ୍ରମାଣ ଦେବାକୁ କିମ୍ବା କ୍ଷମା ମାଗିବାକୁ କହିଛି। ଆୟୋଗ କହିଛି ଯେ ଏହି ଅଭିଯୋଗଗୁଡ଼ିକ ପୁରୁଣା ଏବଂ ଅନୁପ୍ରାଣିତ, ଯାହା କଂଗ୍ରେସ୍ର ପରାଜୟର ଖାମଚାକୁ ଲୁଚାଇବାକୁ ଉଦ୍ୟମ। ବିଜେପି ନେତାମାନେ ଏହାକୁ 'ନୂଆ ବୋତଲରେ ପୁରୁଣା ମଦ୍' ବୋଲି କହିଛନ୍ତି, ଯାହା କଂଗ୍ରେସର ନିର୍ବାଚନୀ ହାରର ପ୍ରତିକ୍ରିୟା। କର୍ଣ୍ଣାଟକର ମନ୍ତ୍ରୀ କେଏନ୍ ରାଜନ୍ନାଙ୍କ ଭଳି କଂଗ୍ରେସ୍ର କିଛି ନେତା ମଧ ରାହୁଲଙ୍କ ଅଭିଯୋଗକୁ ବିରୋଧ କରିଛନ୍ତି, ଯାହା ଦଳ ଭିତରେ ବିଭେଦ ସୃଷ୍ଟି କରିଛି। ଇସିଆଇ କହିଛି ଯେ ଏସ୍ଆଇଆର୍ ପ୍ରକ୍ରିୟା ସ୍ୱଚ୍ଛ ଏବଂ ସମସ୍ତ ରାଜ୍ୟରେ ପ୍ରୟୋଗ ହେଉଛି, ଯାହା ଅନିୟମିତତା ହଟାଇବାକୁ ଉଦ୍ଦିଷ୍ଟ। ବିରୋଧୀଙ୍କ ମାର୍ଚ୍ଚକୁ ପୋଲିସ୍ ଅଟକାଇବା ମଧ ଏହି ଅଭିଯୋଗକୁ ରାଜନୈତିକ ଷ୍ଟଣ୍ଟ୍ ବୋଲି ପ୍ରମାଣିତ କରୁଛି ବୋଲି ବିଜେପି କହୁଛି। ଓଡ଼ିଶା ପ୍ରସଙ୍ଗରେ, କଂଗ୍ରେସର ଅଭିଯୋଗ ଯେ ବିଜେଡିର ଶୂନ୍ୟ ଲୋକସଭା ଆସନ ଅନିୟମିତତାର ଫଳ ହୋଇପାରେ, କିନ୍ତୁ ପ୍ରମାଣର ଅଭାବ ଏହାକୁ ଦୁର୍ବଳ କରୁଛି। ରାଜ୍ୟରେ ବିଜେପିର ବିଜୟ ଭୋଟର୍ ପରିବର୍ତ୍ତନର ଫଳ ହୋଇପାରେ, ନା ଚୋରିର। ତଥାପି, ଭୋଟର୍ ତାଲିକାର ଡିଜିଟାଲ୍ କପି ଉପଲବ୍ଧ ନହେବା ସନ୍ଦେହ ବଢ଼ାଉଛି। 'ଭୋଟ୍ ଚୋରି' ଅଭିଯୋଗ ରାଜନୀତିରେ ବିଭାଜନ ସୃଷ୍ଟି କରିଛି। ଯଦି ଏହା ବାସ୍ତବ ହୁଏ, ତେବେ ଏହା ଲୋକତନ୍ତ୍ରର ମୂଳକୁ ହଲଚଲ୍ କରିବ। କିନ୍ତୁ ପ୍ରମାଣର ଅଭାବ ଏହାକୁ ଷଡଯନ୍ତ୍ର ବୋଲି ପ୍ରମାଣିତ କରୁଛି। ଇସିଆଇକୁ ପାରଦର୍ଶିତା ବଢ଼ାଇବାକୁ ପଡ଼ିବ ଏବଂ ବିରୋଧୀଙ୍କୁ ପ୍ରମାଣ ଦେବାକୁ ପଡ଼ିବ। ଓଡ଼ିଶା ଭଳି ରାଜ୍ୟରେ ଏହି ବିବାଦ ନିର୍ବାଚନର ବିଶ୍ୱାସନୀୟତାକୁ ପ୍ରଭାବିତ କରୁଛି। ଲୋକତନ୍ତ୍ରର ସୁରକ୍ଷା ପାଇଁ ସମସ୍ତ ପକ୍ଷର ସହଯୋଗ ଆବଶ୍ୟକ।

# ହସ୍ପିଟାଲରେ ହେଲ୍ଥକେୟାର୍ କର୍ମୀମାନଙ୍କର ଗୁରୁତ୍ୱ



**ଡା. ଚିନ୍ମୟ ସାହୁ**

ଆଧୁନିକ ସମାଜରେ ହସ୍ପିଟାଲ କେବଳ ରୋଗଚିକିତ୍ସାର ଏକ କେନ୍ଦ୍ର ନୁହେଁ, ଏହା ଜୀବନରକ୍ଷା, ସ୍ୱାସ୍ଥ୍ୟ ସୁରକ୍ଷା ଓ ମାନବୀୟ ସେବାର ଏକ ପବିତ୍ର ପୀଠ। ଏହି ପବିତ୍ର କାର୍ଯ୍ୟକୁ ସଫଳ କରିବାରେ ସବୁଠାରୁ ବଡ଼ ଭୂମିକା ହେଉଛନ୍ତି ହେଲ୍ଥକେୟାର୍ କର୍ମୀମାନେ ଡାକ୍ତର, ନର୍ସ, ଲ୍ୟାବ୍ ଟେକ୍ନିସିଆନ୍, ଫାର୍ମାସିଷ୍ଟ, ପ୍ୟାରାମେଡିକ୍ସ, ସ୍ୱଚ୍ଛତା କର୍ମୀ ଓ ପ୍ରଶାସନିକ ଦଳ। ହେଲ୍ଥ କେୟାର୍ କର୍ମୀମାନେ କେବଳ ଚିକିତ୍ସାକାର୍ଯ୍ୟ ନୁହେଁ, ସେମାନେ ରୋଗୀଙ୍କୁ ମନୋବଳ ଦେଇଥାନ୍ତି, ସୁରକ୍ଷିତ ପରିବେଶ ସୃଷ୍ଟି କରନ୍ତି ଓ ମାନବତାର ଉଦାହରଣ ପ୍ରଦାନ କରନ୍ତି। ଏକ ରୋଗୀ ଯେତେବେଳେ ହସ୍ପିଟାଲରେ ପ୍ରବେଶ କରନ୍ତି, ସେଥିଠାରୁ ସେମାନଙ୍କର ସ୍ୱାସ୍ଥ୍ୟ ସୁରକ୍ଷାର ସମସ୍ତ ଦାୟିତ୍ୱ ଏହି କର୍ମୀମାନଙ୍କ ଉପରେ ଥାଏ। ଡାକ୍ତରମାନେ ସଠିକ୍ ରୋଗ ନିର୍ଣ୍ଣୟ ଓ ଚିକିତ୍ସା ଯୋଗାଇଥାନ୍ତି, ନର୍ସମାନେ ୨୪ ଘଣ୍ଟା ଧରି ରୋଗୀଙ୍କ ସେବାରେ ନିୟୋଜିତ ରହନ୍ତି। ଫାର୍ମାସିଷ୍ଟମାନେ ସଠିକ୍ ଔଷଧ ଓ ଡୋଜ୍ ଯାଞ୍ଚ କରନ୍ତି, ଲ୍ୟାବ୍ ଟେକ୍ନିସିଆନମାନେ ପ୍ରାମାଣିକ ପରୀକ୍ଷା ଫଳାଫଳ ଯୋଗାନ୍ତି, ପ୍ୟାରାମେଡିକ୍ସମାନେ ଆପତ୍କାଳୀନ ସମୟରେ ଜୀବନରକ୍ଷାରେ ସାହାଯ୍ୟ କରନ୍ତି। ସ୍ୱଚ୍ଛତା କର୍ମୀମାନେ



ହସ୍ପିଟାଲକୁ ସ୍ୱଚ୍ଛ ଓ ଜୀବାଣୁମୁକ୍ତ ରଖି, ରୋଗ ପ୍ରସାର ରୋକିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନେନ୍ତି। କୋଭିଡ୍-୧୯ ମହାମାରୀ ଆମକୁ ପ୍ରମାଣ କରିଦେଇଛି ଯେ, ହେଲ୍ଥକେୟାର୍ କର୍ମୀମାନେ ସତ୍ୟିକର "ଫ୍ରଣ୍ଟଲାଇନ୍ ହିରୋ"। ସେମାନେ ନିଜ ପରିବାରକୁ ଛାଡ଼ି, ନିଜ ସ୍ୱାସ୍ଥ୍ୟକୁ ବିପଦରେ ପକାଇ, ଅସଂଖ୍ୟ ପ୍ରାଣରକ୍ଷା କରିଛନ୍ତି। ସମାଜରେ ସେମାନଙ୍କ ପ୍ରତି ସମ୍ମାନ, ସୁରକ୍ଷା ଓ ଯଥୋଚିତ ସୁବିଧା ଦେବା ଆମର ସମିଷ୍ଟ ଦାୟିତ୍ୱ। ଯେତେବେଳେ ହସ୍ପିଟାଲର ପ୍ରତ୍ୟେକ କର୍ମୀ ନିଷ୍ଠା, ସମର୍ପଣ ଓ ପ୍ରୋଫେସନାଲିଜ୍ମ ସହିତ କାମ କରନ୍ତି, ସେତେବେଳେ ହସ୍ପିଟାଲ କେବଳ ଏକ ଅଟାଳିକା ନୁହେଁ, ଏହା ହୁଏ ଜୀବନରକ୍ଷାର ଏକ ମନ୍ଦିର।


**ରାଜ୍ୟ ଅଧ୍ୟକ୍ଷ**
**ଇଣ୍ଡିଆନ୍ ମେଡିକାଲ୍ ଆସୋସିଏସନ୍, ଜୁନିଅର ଡକ୍ଟର୍ସ୍ ନେଟୱର୍କ, ଓଡ଼ିଶା**


# ଭାରତରେ ମାଂସାହାରୀ ଦୁଗ୍ଧ ବିକ୍ରି କରିବାକୁ ଚାହୁଁଛି ଆମେରିକା



**ଗୋପାଳ ମହାପାତ୍ର**

ଆମେରିକାର ରାଷ୍ଟ୍ରପତି ଡ୍ରୋନାଲଡ୍ ଟ୍ରମ୍ପ ଭାରତ ଉପରେ ୫୦ ପ୍ରତିଶତ ଟାରିଫ ଘୋଷଣା କରି ଅଯଥାରେ ଚାପ ସୃଷ୍ଟି କରିବା ପାଇଁ ଉଦ୍ୟମ କରୁଛନ୍ତି। ଏପରିକି ଋଷରୁ ସେନା ଉପକରଣ ଓ ଅଶୋଧିତ ତୈଳକ୍ରୟ କରୁଥିବା ପାଇଁ ଭାରତ ଉପରେ ଜୋରିମାନା ଲାଗିବ ବୋଲି କହିଛନ୍ତି ଟ୍ରମ୍ପ। ଏସବୁ କରିବା ପଛରେ ଯେଉଁ ସବୁ କାରଣ ରହିଛି ତା ମଧ୍ୟରେ ରହିଛି ଭାରତୀୟ ଦୁଗ୍ଧ ଏବଂ କୃଷି ଉତ୍ପାଦକୁ ହଡ଼ପ କରିବା। ଟ୍ରମ୍ପ ଭାବୁଛନ୍ତି ଯେ ଭାରତ ଉପରେ ଚାପ ସୃଷ୍ଟି କରି ଏସବୁ ଉତ୍ପାଦ ପାଇଁ ଭାରତୀୟ ବଜାରକୁ ଖୋଲିଦେବ। ଭାରତ ଠିକ୍ ଭାବରେ ଜାଣିଛି ଯେ ଆମେରିକାର ଶସ୍ତା ଖାଦ୍ୟ ଶସ୍ୟ, ପଶୁ ଚାରା ଏବଂ ମାଂସାହାରୀ ଜିନିଷ (ଛେନା ଓ ଖୀର) ପାଇଁ ଭାରତୀୟ ବଜାରକୁ ଯଦି ଖୋଲିଦିଆଯିବ ତେବେ ଭାରତୀୟ କୃଷକଙ୍କ ଦୁର୍ଗତି ଅବଶ୍ୟମ୍ଭାବୀ। ଏଥିସହ ଭାରତର ଶାକାହାରୀ ସଂସ୍କୃତି ମଧ ବିଲୋପ ପାଇଯିବ। ଏଥି ସହ ଭାରତ ସରକାର ଯେଉଁ ପ୍ରାଥମିକ କୃଷି ସହକାରୀ ସମିତି (ପେକ୍ସ) ମାନଙ୍କୁ ପ୍ରୋତ୍ସାହିତ କରି କୃଷି ଏବଂ ଦୁଗ୍ଧ ଉତ୍ପାଦକୁ ବିଶ୍ୱ ବଜାରକୁ ନେବା ପାଇଁ ପୃଷ୍ଠଭୂମି ପ୍ରସ୍ତୁତ କରୁଛନ୍ତି ସେ କଥା ମଧ କଥାରେ ରହିଯିବ। ଏଣୁ ଭାରତ ସରକାର ସ୍ପଷ୍ଟ ଭାବରେ କହିଛନ୍ତି ଯେ ଏସବୁ କ୍ଷେତ୍ରରେ ବାହାରର ହସ୍ତକ୍ଷେପକୁ ସ୍ୱୀକାର କରାଯାଇ ପାରିବ ନାହିଁ। କିନ୍ତୁ ଗୋଟିଏ କଥା ସ୍ପଷ୍ଟ ଯେ ଏକତରଫା ଗ୍ଲୋବାଲାଇଜେସନରେ ଦୁନିଆର କିଛି ଭଲ ହେବ ନାହିଁ। ଏଣୁ ସ୍ୱଦେଶୀ ଉତ୍ପାଦକୁ ଗୁରୁତ୍ୱଦେଇ ଆତ୍ମନିର୍ଭର ରହିବା ଉପରେ ଅଧିକ ଗୁରୁତ୍ୱ ଦିଆଯିବା ଆବଶ୍ୟକ।

ଭାରତ ଏବେ ଦୁଗ୍ଧ ଉତ୍ପାଦ ଆତ୍ମନିର୍ଭର ହେବା ଦିଗରେ ଆଗେଇ ଚାଲିଛି। ଭାରତରେ ଗାଇକୁ ମାତା ବୋଲି କୁହାଯାଏ। ଭାରତୀୟ ଋଷିମୁନୀ ମାନେ କହିଯାଇଛନ୍ତି ଯେ ଗାଇର ଦୁଗ୍ଧରେ ଏମିତି ପୋଷକ ତତ୍ତ୍ୱ ରହିଛି ଯାହା ଶରୀର ଏବଂ ମସ୍ତିଷ୍କକୁ ସୁସ୍ଥ ରଖିଥାଏ। ଦୁଗ୍ଧରୁ ଦହି, ଲହୁଣୀ, ଛେନା ଭଳି ଅନେକ ପ୍ରକାରର ଉତ୍ପାଦ ପ୍ରସ୍ତୁତ କରାଯାଇଥାଏ। ଦୁଗ୍ଧ ଉତ୍ପାଦ ମିଠା ଦୋକାନଠାରୁ ଡାଏରୀ ଉଦ୍ୟୋଗ ମାଧ୍ୟମରେ କୋଟି କୋଟି ଲୋକଙ୍କର ରୋଜଗାରର ମାଧ୍ୟମ ପାଲଟିଥାଏ। ପ୍ରାକ୍ କାଳରୁ ଅଦ୍ୟାବଧି ଗାଇ ଜନ୍ମ ଦେଉଥିବା ବାଛୁରୀ (ବଳଦ) ଉପରେ ହିଁ ଭାରତୀୟ କୃଷି ଓ କୃଷକ ନିର୍ଭରଶୀଳ। ଦେଶର ଜିଡିପିରେ କୃଷିର ଭାଗିଦାରୀ ମଧ ୨୪ ପ୍ରତିଶତ ଅଟେ। ଦୁଗ୍ଧ ଉତ୍ପାଦନ ଏବଂ ଦୁଗ୍ଧ ପିଇବା ପ୍ରସଙ୍ଗରେ ସାରା ବିଶ୍ୱରେ ଭାରତ ମଧ ପ୍ରଥମ ସ୍ଥାନରେ ରହିଛି। ବିଶ୍ୱର ଅନ୍ୟ ଦେଶର ଲୋକଙ୍କ ଅପେକ୍ଷା ଭାରତର ଲୋକେ ଅଧିକ ପରିମାଣ ଦୁଗ୍ଧ ପାନ କରିଥାନ୍ତି। ଏଣୁ ଏହି ଦୁଗ୍ଧ ବଜାରକୁ



ଆମେରିକା କବ୍ଜା କରିବାକୁ ଚାହୁଁଛି ଏବଂ ଆମେରିକାରେ ଉତ୍ପାଦିତ ମାଂସାହାରୀ ଦୁଗ୍ଧ ଉତ୍ପାଦ ଏବଂ ପଶୁ ଚାରା ଭାରତରେ ବିକ୍ରୀ କରିବାକୁ ଚାହୁଁଛି।

ୟୁରୋପୀୟ ଦେଶ ମାନଙ୍କର ନଜର ମଧ ଏହି ଦୁଗ୍ଧ ବ୍ୟବସାୟ ଉପରେ ରହିଛି। ମାଂସାହାରୀ ଦୁଗ୍ଧ ଓ ପଶୁଚାରା ପ୍ରସଙ୍ଗରେ ଆମେରିକା ଓ ଭାରତ ମଧ୍ୟରେ ବ୍ୟବସାୟିକ ବୁଝାବଣା ପାଇଁ ଦୁଇ ଦେଶ ମଧ୍ୟରେ ଆଲୋଚନା ମଧ ଚାଲିଛି। କିନ୍ତୁ ଭାରତ ସରକାର ଆମେରିକା ସହ ଏହି ବ୍ୟବସାୟିକ ବୁଝାବଣା ପାଇଁ ପ୍ରସ୍ତୁତ ନୁହଁନ୍ତି। ଆମେରିକା ମାଂସଯୁକ୍ତ ଛେନା (ପନିର) ଓ ଅନ୍ୟାନ୍ୟ ପଦାର୍ଥ ଭାରତରେ ବିକ୍ରୀ କରିବାକୁ ଇଚ୍ଛୁକ। ଏଭଳି ମାଂସାହାରୀ ଦୁଗ୍ଧ ଜାତୀୟ ପଦାର୍ଥ ପ୍ରସ୍ତୁତି ପାଇଁ ବାଛୁରୀର ଓ ଅନ୍ୟ ପଶୁମାନଙ୍କର ଅନ୍ତନାଳୀରୁ ପ୍ରସ୍ତୁତ ଏକ ପଦାର୍ଥ ବ୍ୟବହାର କରାଯାଇଥାଏ। ଏଣୁ ଭାରତର ଶାକାହାରୀ ଲୋକେ ଏହାକୁ ପସନ୍ଦ କରିବେ ନାହିଁ ନିଶ୍ଚୟ। ଏପରିକି ଗାଇକୁ ମା ବୋଲି ଗ୍ରହଣ କରୁଥିବା ଲୋକେ (ଭାରତୀୟ ସମାଜ) ଏହାକୁ ଗ୍ରହଣ କରିବ କେମିତି? ଆମେରିକାରେ ଗାଇକୁ ମାଂସଯୁକ୍ତ ଚାରା ଖାଇବାକୁ ଦିଆଯାଇଥାଏ ଯେଉଁଥିପାଇଁ ସେମାନେ ଅଧିକ ଦୁଗ୍ଧ ଦେଇଥାନ୍ତି। କିନ୍ତୁ ଭାରତରେ ଏଭଳି କରାଯାଏ ନାହିଁ। ଏହି କାରଣରୁ ଭାରତ ସରକାର ଆମେରିକା ସହ ମାଂସାହାରୀ ଦୁଗ୍ଧ ଜାତୀୟ ପଦାର୍ଥ ବିକ୍ରୀ ପାଇଁ ଆମେରିକା ସହ ଚୁକ୍ତି କରି ପାରୁ ନାହାଁନ୍ତି।

ଆମଦେଶରେ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ୯୬ ହଜାରରୁ ଅଧିକ ସମବାୟ ସଂସ୍ଥା ଜଡିତ। ଦେଶର ୧୪ ରାଜ୍ୟରେ ରାଜ୍ୟ ସରକାରଙ୍କର ନିଜସ୍ୱ ଦୁଗ୍ଧ ସମବାୟ ସମିତି ରହିଛି। ଦେଶରେ ସମୁଦାୟ କୃଷି ଖାଦ୍ୟ ଉତ୍ପାଦ ଓ ଦୁଗ୍ଧ ସହ ଜଡିତ ପ୍ରସଂସ୍କରଣ ସୁବିଧା ମାତ୍ର ୨ ପ୍ରତିଶତ କିନ୍ତୁ ଦୁଗ୍ଧର ଅଧିକ ପ୍ରସଂସ୍କରଣ/ଶୀତଳୀ କରଣ କରାଯାଇ ଦହି, ଛେନା, ଘିଅ, ଲହୁଣୀ ଆଦି ପ୍ରସ୍ତୁତ କରାଯାଇଥାଏ। ସବୁଠାରୁ ମୁଖ୍ୟ ହେଉଛି ଏହି ଉତ୍ପାଦର ପ୍ରସ୍ତୁତି, ବିକ୍ରୀ କରି ୮କୋଟିରୁ ଅଧିକ ଲୋକ ଗୁଜୁରାଣ ମେଣ୍ଟାଉଛନ୍ତି। ପାଖାପାଖି ଦେଢ଼କୋଟି ଲୋକ ଦୁଗ୍ଧ ସମବାୟ ସମିତି ଓ ପ୍ରସଂସ୍କରଣ ସଂସ୍ଥା ସହ ଜଡିତ। ଗ୍ରାମାଞ୍ଚଳରେ ମଧ ଦୁଗ୍ଧ ଉତ୍ପାଦନ ଗୁଜୁରାଣ ମେଣ୍ଟାଇବାର ଏକ ମାଧ୍ୟମ ଅଟେ। ଗ୍ରାମାଞ୍ଚଳରେ ଉତ୍ପାଦିତ ଦୁଗ୍ଧ ମଧ ସହରକୁ ଆସିଥାଏ। ଭାରତ ସରକାର ଏବେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଭାରତୀୟ ଷ୍ଟେଟ ବ୍ୟାଙ୍କର ଏକ ବିଶ୍ଲେଷଣ ଅନୁସାରେ ଯଦି ଭାରତ ସରକାର ଆମେରିକା ସହ ମାଂସାହାରୀ ଦୁଗ୍ଧ ବ୍ୟବସାୟ ପାଇଁ ବୁଝାବଣା କରିବେ ତେବେ ଭାରତୀୟ ଦୁଗ୍ଧ ଉତ୍ପାଦନକାରୀ ବର୍ତ୍ତମାନର ମୂଲ୍ୟଠାରୁ ୧୫ ପ୍ରତିଶତ କମ୍ ମୂଲ୍ୟରେ ଦୁଗ୍ଧ ଓ ଦୁଗ୍ଧ ଜାତ ଦ୍ରବ୍ୟକୁ ବିକ୍ରି କରିବାକୁ ବାଧ ହେବେ ଓ ଏହାଦ୍ୱାରା ଦୁଗ୍ଧ ଉତ୍ପାଦକ ମାନଙ୍କୁ ବାର୍ଷିକ ୧.୦୩ ଲକ୍ଷ କୋଟି କ୍ଷତି ସହିବାକୁ ପଡ଼ିବ।


**ରାମଚନ୍ଦ୍ରପୁର, ରଣପୁର**
**ମୋବାଇଲ୍: ୯୪୩୮୪୮୫୦୯୪**


# ସ୍ୱାସ୍ଥ୍ୟ ସେବାରେ ଫାର୍ମାସୀ: ଜୀବନର ନିରବ ରକ୍ଷକ



**ଶୁଭ୍ରଜିତ ଦାଶ**

**ଭୂମିକା:** ଆଧୁନିକ ସ୍ୱାସ୍ଥ୍ୟ ପ୍ରଣାଳୀରେ ଫାର୍ମାସୀ କେବଳ ଔଷଧ ବିକ୍ରୟର ଜଗତ ନୁହେଁ, ବରଂ ଏହା ରୋଗ ପ୍ରତିରୋଧ, ଚିକିତ୍ସାର ସୁରକ୍ଷା, ଓ ରୋଗୀଙ୍କ ଜୀବନମାନ ବୃଦ୍ଧିରେ ଏକ ଅଭିନ୍ନ ସ୍ତମ୍ଭ। ଫାର୍ମାସିଷ୍ଟମାନେ ଡାକ୍ତର, ନର୍ସ, ପାଥୋଲୋଜିଷ୍ଟମାନଙ୍କ ସହ କାମ କରି, ରୋଗୀଙ୍କୁ ସଠିକ୍ ଔଷଧ, ଠିକ୍ ଡୋଜ୍ ଓ ସମୟୋପଯୁକ୍ତ ପରାମର୍ଶ ଦେଇଥାନ୍ତି।

**ଔଷଧ ପ୍ରସ୍ତୁତି ଓ ଗୁଣନିୟନ୍ତ୍ରଣ:** ଫାର୍ମାସିଷ୍ଟଙ୍କ ପ୍ରଥମ କର୍ତ୍ତବ୍ୟ ହେଉଛି ଔଷଧର ଗୁଣମାନ, ପ୍ରାମାଣିକତା ଓ ସୁରକ୍ଷା ନିଶ୍ଚିତ କରିବା। ସେମାନେ ପ୍ରେସକ୍ରିପ୍ସନ୍‌କୁ ଠିକ୍ ଭାବେ ବିଶ୍ଲେଷଣ କରି, ରୋଗୀଙ୍କ ବୟସ୍, ଓଜନ, ରୋଗର ପ୍ରକୃତି ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ତଥ୍ୟ ଅନୁସାରେ ଡୋଜ୍ ନିର୍ଦ୍ଦେଶନା କରନ୍ତି।

**ରୋଗୀ ସଚେତନତା ଓ ଶିକ୍ଷା:** ଅନେକ ସମୟରେ ରୋଗୀମାନେ ଔଷଧର ସଠିକ୍ ବ୍ୟବହାର ଜାଣିନଥାନ୍ତି, ଯାହାର ଫଳରେ ଅପ୍ରତିକ୍ଷିତ ପ୍ରତିକ୍ରିୟା କିମ୍ବା ଫଳହୀନ ଚିକିତ୍ସା ହୋଇପାରେ। ଫାର୍ମାସିଷ୍ଟମାନେ ଏହି ସମସ୍ୟାକୁ ଦୂର କରି, ଔଷଧ କେବେ, କେମିତି, କେତେ ପରିମାଣରେ ନିଆଯିବ, ସବୁ ବିଷୟରେ ସଠିକ୍ ପରାମର୍ଶ ପ୍ରଦାନ କରନ୍ତି।

**ଗବେଷଣା ଓ ନୂତନ ଆବିଷ୍କାର:** ଆଜିର ଯୁଗରେ ଫାର୍ମାସୀ କେବଳ ବ୍ୟବସାୟିକ କାର୍ଯ୍ୟରେ ସୀମିତ ନୁହେଁ। ଫାର୍ମାସିଷ୍ଟମାନେ ନୂତନ ଔଷଧ, ଭାକ୍ସିନ୍, ଜେନେଟିକ୍ ଥେରାପି ଓ ଡ୍ରଗ୍ ଡିଲିଭେରୀ ସିଷ୍ଟମ୍‌ରେ ଗବେଷଣା କରୁଛନ୍ତି। କୋଭିଡ୍-୧୯ ପରି ମହାମାରୀ ସମୟରେ, ନୂଆ ଭାକ୍ସିନ୍‌ର ଉନ୍ନୟନ ଓ ବଣ୍ଟନରେ ଫାର୍ମାସିଷ୍ଟଙ୍କ ଯୋଗଦାନ ସ୍ପଷ୍ଟ ହୋଇଛି।

**ସାର୍ବଜନୀନ ସ୍ୱାସ୍ଥ୍ୟରେ ଭୂମିକା:** ଗ୍ରାମୀଣ ଅଞ୍ଚଳରେ, ଯେଉଁଠାରେ ଡାକ୍ତରୀ ସୁବିଧା ଅଭାବ, ସେଠାରେ ଫାର୍ମାସିଷ୍ଟମାନେ ପ୍ରାଥମିକ ସ୍ୱାସ୍ଥ୍ୟ ପରାମର୍ଶ, ଟିକାକରଣ, ଓ ସାଧାରଣ ରୋଗର ଚିକିତ୍ସାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାନ୍ତି। ବନ୍ୟା, ଘୂର୍ଣ୍ଣିବାତ୍ୟା, କିମ୍ବା ମହାମାରୀ ସମୟରେ ଔଷଧ ବଣ୍ଟନ ଓ ସଚେତନତା କାର୍ଯ୍ୟକ୍ରମରେ ସେମାନଙ୍କ ଭୂମିକା ଅସାଧାରଣ।

ଚ୍ୟାଲେଞ୍ଜ ଓ ଆବଶ୍ୟକତା: ଯଦିଓ ଫାର୍ମାସିଷ୍ଟମାନଙ୍କ କାର୍ଯ୍ୟର ସ୍ୱୀକୃତି ବଢୁଛି, ତଥାପି ଗୁଣବତ୍ତାପୂର୍ଣ୍ଣ ଶିକ୍ଷା, ନିୟମିତ ପ୍ରଶିକ୍ଷଣ, ଓ ଗ୍ରାମୀଣ ଅଞ୍ଚଳରେ ପ୍ରାପ୍ୟତା ବୃଦ୍ଧି ଆବଶ୍ୟକ। ସହିତ, ଡିଜିଟାଲ୍ ହେଲ୍ଥକେୟାର ଓ ଇ-ଫାର୍ମାସୀ ସେବାକୁ ସୁରକ୍ଷିତ ଓ ନିୟନ୍ତ୍ରିତ ଭାବେ ପ୍ରଚାଳନ କରିବା ଆବଶ୍ୟକ।

**ନିଷ୍କର୍ଷ:** ଫାର୍ମାସୀ ହେଉଛି ସ୍ୱାସ୍ଥ୍ୟ ପ୍ରଣାଳୀର ନିରବ କିନ୍ତୁ ଅତ୍ୟନ୍ତ ଶକ୍ତିଶାଳୀ ସ୍ତମ୍ଭ। ଫାର୍ମାସିଷ୍ଟଙ୍କ କାର୍ଯ୍ୟ କେବଳ ଔଷଧ ଦେବାରେ ସୀମିତ ନୁହେଁ; ସେମାନେ ରୋଗୀଙ୍କ ସୁରକ୍ଷା, ସଚେତନତା, ଓ ଜୀବନ ରକ୍ଷାରେ ଜୀବନଭରି ପ୍ରୟାସରତ। ଆଗାମୀ ଦିନରେ ସ୍ୱାସ୍ଥ୍ୟ ସେବାରେ ଫାର୍ମାସୀର ଅବଦାନ ଆହୁରି ବିସ୍ତାରିତ ହେବ ଏବଂ ସେମାନେ ଅନେକ ଜୀବନର "ଅଦୃଶ୍ୟ ହୀରୋ" ଭାବେ ପରିଚିତ ହେବେ।


**ଛାତ୍ର, ଡକ୍ଟର ଇନ୍ ଫିଲୋସୋଫି**
**ତ୍ରିମ୍ବ ବିଶ୍ୱବିଦ୍ୟାଳୟ, କଟକ, ଓଡ଼ିଶା**
**ସାମାଜିକ କର୍ମୀ ତଥା ଯୁବ ନେତୃତ୍ୱ**
**ମୋବାଇଲ୍: ୯୩୪୮୪୪୧୮୩୪**




# ସ୍ୱାଧୀନତା ସଂଗ୍ରାମୀମାନଙ୍କ ସ୍ୱପ୍ନର ଭାରତ



**ଆଶୁତୋଷ ନାୟକ**

ଏ ବର୍ଷ ଆମେ ୭୯ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଛୁ। ଏହା ଆମ ୧୪୦ କୋଟି ଭାରତୀୟ ମାନଙ୍କ ପାଇଁ ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ। ଦୀର୍ଘ ୨୦୦ ବର୍ଷରୁ ଅଧିକ ବର୍ଷ ପର୍ଯ୍ୟନ୍ତ ଅହଙ୍କାରୀ ନିଷ୍ଠୁର ଇଂରେଜ ମାନେ ଆମ ଦେଶରେ ଆଧିପତ୍ୟ ବିସ୍ତାର କରିଥିଲେ। ସେମାନଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା ଆମ ଦେଶର ଏକତା ଓ ଅଖଣ୍ଡତାକୁ କ୍ଷୁର୍ଣ୍ଣ କରିବା। ସେମାନେ ଜାଣି ଶୁଣି ବିଭିନ୍ନ ସମ୍ପ୍ରଦାୟ ଯେପରିକି ହିନ୍ଦୁ, ମୁସଲିମ, ଶିଖି ଓ ଈଶାଇ ମଧ୍ୟରେ ବିବାଦର ସୂତ୍ରପାତ କରାଉଥିଲେ। ସେମାନଙ୍କ ମନ ଭିତରେ ହିଂସା ପ୍ରତିଶୋଧର ବହ୍ନି ପ୍ରଜ୍ୱଳିତ କରାଇବା ଓ ଧର୍ମ ଜାତି ଆଧାରରେ ଆମ ଦେଶକୁ ବିଭାଜିତ କରିବା, ସେମାନଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା। ନିଜର ମନ୍ଦ ଉଦ୍ଦେଶ୍ୟ କୁ ଚରିତାର୍ଥ କରିବା ପାଇଁ ଇଂରେଜ ମାନେ ସମସ୍ତ ନୀତି ନିୟମକୁ ଜଳାଞ୍ଜଳି ଦେଇ ନିଜର କଳ, ବଳ ଓ କୌଶଳ ପ୍ରୟୋଗ କରିଥିଲେ। ଅନେକାଂଶରେ ସେମାନେ ନିଜ ଯୋଜନାରେ ସଫଳ ହୋଇଥିଲେ। ସାମାନ୍ୟ କିଛି ଅର୍ଥ ଓ କ୍ଷମତା ଲୋଭରେ କିଛି ବ୍ୟକ୍ତି ବିଶ୍ୱାସଘାତ କରି ଆମ ସ୍ୱାଧୀନତା ପାଇବାର ଆଶାକୁ ଶିଥିଳ କରୁଥିଲେ। ସେହି ଦେଶଦ୍ରୋହୀ ମଧ୍ୟରେ ମୀରଜାଫର, ଜୟଚନ୍ଦ୍ର, ଜୟ ଗୋପାଳ ଭଳି, , କିଛି ବିଶ୍ୱାସଘାତକ ଥିଲେ ଯାହା ନୃଶଂସ ଅଧର୍ମୀ ଆତ୍ମଗର୍ବୀ ଅହଙ୍କାରୀ ଇଂରେଜମାନଙ୍କୁ ଧରି ୨୦୦ ବର୍ଷ ଧରି ଆମ ଦେଶର ଲୋକମାନଙ୍କୁ ଗୁଲାମ ଓ ପରାଧୀନ କରି ରଖିବାରେ ସହାୟ ହୋଇଥିଲା। ସ୍ୱାଧୀନତା ସଂଗ୍ରାମୀଙ୍କର ତ୍ୟାଗ ଓ ବଳିଦାନ ଦ୍ୱାରା ମାତୃଭୂମି ଭାରତ ଅହଙ୍କାରୀ, ଅଧର୍ମୀ, ନିଷ୍ଠୁର, ହିଂସ୍ର ଓ ଅତ୍ୟାଚାରୀ ଇଂରେଜ ମାନଙ୍କର ଗୁଲାମୀରୁ ମୁକ୍ତ ହୋଇପାରିଛି। ଜାତିର ପିତା ମହାତ୍ମାଗାନ୍ଧୀଙ୍କ ଠାରୁ ଆରମ୍ଭ କରି, ଭଗତ ସିଂ, ଜୟୀ ରାଜଗୁରୁ, ଶୁକଦେବ, ସୁବାଷ ବୋଷ, ତାନ୍ତିଆ ଟୋପେ, ରାଣୀ ଲକ୍ଷ୍ମୀବାୟୀଙ୍କ ଅବଦାନ ଅତୁଳନୀୟ ଯାହାକୁ ଶବ୍ଦରେ ପ୍ରକାଶ କରିବା ଅସମ୍ଭବ।

ଭାରତ ପରି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସାଧାରଣ ଜନତା ପ୍ରକୃତ କ୍ଷମତାର ଅଧିକାରୀ ହୋଇଥାନ୍ତି। ଜନତାଙ୍କ ଆଶୀର୍ବାଦ ବିନା କୌଣସି ରାଜନୈତିକ ବ୍ୟକ୍ତି କିମ୍ବା ଦଳ କ୍ଷମତା ହାସଲ କରିବା ଅସମ୍ଭବ। ମନୁଷ୍ୟର ୩ଟି ମୌଳିକ ଚାହିଦା ଖାଦ୍ୟ, ବସ୍ତ୍ର, ବାସଗୃହ ବିନା ସମାଜରେ ବଞ୍ଚିବା ଅସମ୍ଭବ। ଆମ ଦେଶର ଗରିବ ଏବଂ ମଧବିତ୍ତ ଏହି ୩ଟି ମୌଳିକ ଚାହିଦା ପୂରଣ କରିବା ପାଇଁ ଏବେବି ସଂଘର୍ଷ କରୁଛନ୍ତି। ଏହା ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ। ଆମ ଦେଶର ସୁବିଧାବାଦୀ, ସ୍ୱାର୍ଥପର ରାଜନେତା କ୍ଷମତା ଓ ପଦପଦବୀ ହାସଲ କରିବା ପାଇଁ ବ୍ୟଗ୍ର। ସେମାନେ ସମସ୍ତ ନୀତି, ନିୟମ, ନୈତିକତା, ଆଦର୍ଶତାକୁ ଜଳାଞ୍ଜଳି ଦେଇ ଯେକୌଣସି ଉପାୟରେ କ୍ଷମତା ହାସଲ କରିବା ପାଇଁ ସଦାସର୍ବଦା ଚେଷ୍ଟିତ।

ଯେଉଁ ସ୍ୱପ୍ନ, ଆଶା, ଭରସା ବିଶ୍ୱାସକୁ ନେଇ ଆମ ଦେଶର ସ୍ୱାଧୀନତା ସଂଗ୍ରାମୀ ମାନେ ଆମ ଦେଶକୁ ସ୍ୱାଧୀନ କରିବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ତାହା ଏବେବି ଅସପୂର୍ଣ୍ଣ ଅଛି। ସ୍ୱାଧୀନତାର ୭୯ ବର୍ଷ ପରେ ମଧ୍ୟ ଏବେବି ଅନେକ ଅସହାୟ ବ୍ୟକ୍ତି ଆମ ଦେଶରେ ପ୍ରତିଦିନ ଦୁଇ ଓଳି ଦୁଇ ମୁଠା ଖାଦ୍ୟ ପାଇଁ ସଂଘର୍ଷ କରୁଛନ୍ତି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଜନ୍ମ ରୁ ମୃତ୍ୟୁ ପର୍ଯ୍ୟନ୍ତ ଅନେକ ଯୋଜନା ପ୍ରଣୟନ କରିଛନ୍ତି। ବିଭିନ୍ନ ବଡ ଅନୁଷ୍ଠାନ, ସଂସ୍ଥା ଦ୍ୱାରା ଆମ ସରକାର ପ୍ରଶଂସା, ପୁରସ୍କାର ଗୋଟାଉଛନ୍ତି କିନ୍ତୁ ଏବେବି ଅନେକ ଗରିବ ଅସହାୟ ବ୍ୟକ୍ତିଙ୍କ ପାଖରେ ଏହି ଯୋଜନାର ଲାଭ କିମ୍ବା ସୁବିଧା ଅପହଞ୍ଚ। ବିଭିନ୍ନ ଜାତୀୟ ଆଗ ଧାଡିର ଗଣମାଧ୍ୟମର ରିପୋର୍ଟ ଅନୁସାରେ ଏବେବି ଆମ ଦେଶରେ ଅନେକ ଅସହାୟ ବ୍ୟକ୍ତି କ୍ଷୁଧାର ଜ୍ୱାଳା ସହ୍ୟ କରି ନପାରି ଅର୍ଥ ଅଭାବରୁ ଅତି ନିମ୍ନମାନର ଖାଦ୍ୟ ଖାଇବାକୁ ବାଧ ହେଉଛନ୍ତି। ଏହା ଆମ ଦେଶ ପାଇଁ ଅତ୍ୟନ୍ତ ଲଜ୍ୟାଜନକ ଘଟଣା।

୨୦୧୭ ଜାତୀୟ ସ୍ୱାସ୍ଥ୍ୟ ସର୍ଭେ ରିପୋର୍ଟ ଅନୁସାରେ ପାଖାପାଖି ୧୯କୋଟି ଜନତା ଆମ ଦେଶରେ ପ୍ରତିଦିନ ଖାଇବାକୁ ନପାଇ ଭୋକରେ ଶୋଇବାକୁ ବାଧ ହେଉଛନ୍ତି। ୪୫୦୦ ଶିଶୁ ଯେଉଁ ମାନଙ୍କ ବୟସ ୫ବର୍ଷରୁ କମ ପ୍ରତିଦିନ ଖାଦ୍ୟ ଅଭାବରୁ ସେମାନଙ୍କ ଜୀବନ ପ୍ରଦୀପ ଲିଭିଯାଉଛି। ସ୍ୱାଧୀନତା ପୂର୍ବରୁ ରାଜନେତାଙ୍କ ପାଇଁ ରାଷ୍ଟ୍ର ସର୍ବୋପରି ଥିଲା। ରାଷ୍ଟ୍ରର ଉନ୍ନତି ପାଇଁ ସବୁକିଛି ତ୍ୟାଗ କରିବା ପାଇଁ ସେମାନେ ପ୍ରସ୍ତୁତ ଥିଲେ।ନୀତି, ନୈତିକତା କୁ ସେମାନେ ସର୍ବଦା ପ୍ରାଧାନ୍ୟ ଦେଉଥିଲେ।କିନ୍ତୁ ଅତ୍ୟନ୍ତ ଦୁଃଖ ଓବିଡମ୍ବନାର ବିଷୟ ଏହିକି ଏକବିଂଶ ଶତାବ୍ଦୀର ରାଜନେତାଙ୍କ ପାଇଁ ନୀତି, ନୈତିକତା ଶବ୍ଦ ଶୈତାନର



ବେଦପାଠ ସଦୃଶ।କଳ, ବଳ, କୌଶଳ ପ୍ରୟୋଗ କରି ଯେକୌଣସି ଉପାୟରେ କ୍ଷମତା ହାସଲ କରିବା ଆଜିର ରାଜନେତାଙ୍କ ମୁଖ୍ୟ ଲକ୍ଷ୍ୟ।ଏହା ଅପ୍ରିୟ ସତ୍ୟ।

ଜନ୍ମରୁ ମୃତ୍ୟୁ ପ୍ରଯ୍ୟନ୍ତ ଆମ ସରକାର ଅନେକ ଯୋଜନା ପ୍ରଣୟନ କରୁଛନ୍ତି କିନ୍ତୁ କୋଟି କୋଟି ଟଙ୍କା ଯୋଜନା ନାମରେ ହରିଲୁଟ କରୁଛନ୍ତି ଆମ ସମାଜର ବଡ଼ପଣ୍ଡା ବୋଲାଉଥିବା ନେତା, ମନ୍ତ୍ରୀ, ଅଫିସର। ରାଜନେତାଙ୍କ ଛତ୍ରଛାୟା ତଳେ ବଡ଼ବାବୁ, ଆଇଏସ ଅଫିସର ମାନେ କୋଟି କୋଟି ଟଙ୍କା ହରିଲୁଟ କରୁଛନ୍ତି ସାଧାରଣ ଜନତାଙ୍କ କଷ୍ଟ ଉପାର୍ଜିତ ଅର୍ଥକୁ ନିଜର ବିଶାଳ ସାମ୍ରାଜ୍ୟ ନିର୍ମାଣ ରେ ବିନିଯୋଗ କରୁଛନ୍ତି।

ଆମ ଦେଶର ଗରିବ ଓ ମଧବିତ୍ତ ବ୍ୟକ୍ତି ସମସ୍ତ ନିତ୍ୟବ୍ୟବହାର କରୁଥିବା ସାମଗ୍ରୀ ଯେପରି ସାମାନ୍ୟ ଛୁଞ୍ଚି ଟୁ ଆରମ୍ଭ କରି ଫ୍ରିଜ ପ୍ରଯ୍ୟନ୍ତ ଜିଏସଟି ଆକାରରେ ସରକାର କୋଟି କୋଟି ଟଙ୍କା ଆଦାୟ କରୁଛନ୍ତି।ଟୋଲଟାକ୍ସରେ ଅନେକ ରାଜସ୍ୱ ସରକାର କମାଉଛନ୍ତି।ଏପରିକି କ୍ୟାନସର, ଡାଇବେଟିସ, ହାର୍ଟଆଟାକ ପରି ଭୟଙ୍କର ରୋଗର ଉପଶମ ପାଇଁ ବ୍ୟବହୃତ ହେଉଥିବା ମେଡ଼ିସିନ ରେ ଆମ ସରକାର ୧୨%ଜିଏସଟି ଆଦାୟ କରୁଛନ୍ତି।ଗୋଟିଏ ସାଧାରଣ ଗରିବ, ମଧବିତ୍ତ ପରିବାର ପାଇଁ ଏହା 'ବୋଝ ଉପରେ ଲଳିତା ବିଡା ସଦୃଶ 'ଜୁ ବର୍ତ୍ତମାନ ସମୟରେ ପନିପରିବା ଓ ଅତ୍ୟାବଶ୍ୟକୀୟ ସାମଗ୍ରୀର ଅହେତୁକ ବୃଦ୍ଧି ସାଧାରଣ ଗରିବ ମଧବିତ୍ତ ବ୍ୟକ୍ତିଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛି। ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ସେମାନେ ରାତିଦିନ ସଂଘର୍ଷ କରୁଛନ୍ତି ଏବଂ ଯେଉଁମାନେ କ୍ୟାନସର, ଡାଇବେଟିସ, ହାର୍ଟ ଆଟାକ ପରି ଭୟଙ୍କର ରୋଗରେ ପୀଡିତ ସେମାନଙ୍କ ସମସ୍ତ ଝାଳବୁହା କଷ୍ଟଉପାର୍ଜିତ ଅର୍ଥ ବିନିଯୋଗ ହେଉଛି ମେଡ଼ିସିନ ଏବଂ ମେଡିକାଲ ଟେଷ୍ଟରେ। ସେଥିପାଇଁ ଅନେକ ସାଧାରଣ ବ୍ୟକ୍ତି ଋଣ ଭାରରେ ଭାରାକ୍ରାନ୍ତ ହୋଇ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି।ଏଥିପାଇଁ ଆମ ସରକାରୀ କଳ ଏବଂ ଜଟିଳ ବ୍ୟବସ୍ଥା ଦାୟୀ।

ଇନ୍ଦିରାଗାନ୍ଧୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ଆମ ଦେଶରେ ଅପାତକାଳ ଘୋଷଣା କରାଯାଇଥିଲା। ଏହି ସମୟକୁ ଗଣତନ୍ତ୍ରର କଳାଦିବସ ଭାବେ ବିବେଚନା କରାଯାଏ। ସରକାରଙ୍କ ଏକଛତ୍ରବାଦୀ ନୀତିକୁ ସମାଲୋଚନା କରୁଥିବା ଅନେକ ସ୍ୱେଚ୍ଛାସେବୀ, ବିରୋଧୀ ଦଳ ନେତା, ସାମ୍ବାଦିକ ମାନଙ୍କୁ ବନ୍ଦୀ କରାଯାଇ କାରାଗାରରେ ରଖାଯାଇଥିଲା। ସେହି ସମୟରେ ୨୦୦ରୁ ଅଧିକ ସାମ୍ବାଦିକଙ୍କୁ କରାଗାରରେ ରଖାଯାଇଥିଲା। ଇଂରାଜୀ ଦୈନିକ ଖବରକାଗଜ ଇଣ୍ଡିଆନ ଏକ୍ସପ୍ରେସ ଇନ୍ଦିରାଗାନ୍ଧୀଙ୍କ ଏକଛତ୍ରବାଦୀ ନୀତି ଏବଂ ଅପାତକାଳକୁ ବିରୋଧ କରି ୧୯୭୫ମସିହା ଜୁନ୨୫ ତାରିଖରେ ତାର ସମ୍ପାଦକୀୟ ପୃଷ୍ଠାକୁ ଖାଲି ରଖିଥିଲା। ଏହିପରି ଅନେକ ଘଟଣାରେ ଇନ୍ଦିରା ଗାନ୍ଧୀଙ୍କ ବିରୁଦ୍ଧରେ ସାଧାରଣ ଜନତାଙ୍କ ବିଦ୍ରୋହର ସ୍ୱର ପ୍ରଖର ହୋଇଥିଲା ଏବଂ ନିରୀହ ଜନସାଧାରଣଙ୍କ ମନରେ ଅସନ୍ତୋଷର ବହ୍ନି ପ୍ରଜ୍ୱଳିତ ହୋଇଥିଲା।

ସେଥିପାଇଁ ମହାନ ଜନନାୟକ ସ୍ୱାଧୀନତା ସଂଗ୍ରାମୀ ସତ୍ୟ ଅହିଂସାର ପୂଜାରୀ ଜାତିର ପିତା ମହାତ୍ମା ଗାନ୍ଧୀ କହିଛନ୍ତି ଶୋଷଣକାରୀ ମାନେ ଯେବେ ସଂଗ୍ରାମୀକୁ ଲୋଭ ଦେଖାଇ କିଣିନପାରନ୍ତି, ସେତେବେଳେ ଯନ୍ତ୍ରଣା ଦେଇ ମୁହଁ ବନ୍ଦ କରିବାକୁ ଚେଷ୍ଟା କରନ୍ତି। କିନ୍ତୁ ସତ୍ୟର ଏକ ଚମତ୍କାର ଶକ୍ତି ଅଛି ଏହାକୁ ହଇରାଣ କରାଯାଇପାରିବ କିନ୍ତୁ ପରାଜିତ ନୁହଁ।

ରାମରାଜ୍ୟର ପରିକଳ୍ପନା ସେତେବେଳେ ସମ୍ଭବ ହେବ ଯେତେବେଳେ ଆମ ଦେଶର ରାଜନେତା ପରସ୍ପର କାଦୁଅଫିଙ୍ଗା ରାଜନୀତିରୁ ବିରତ ରହି ରାଷ୍ଟ୍ରର ଉନ୍ନତି ପାଇଁ ଆପ୍ରାଣ ଉଦ୍ୟମ କରିବେ। ଯେତେବେଳେ ସମସ୍ତ ଗରିବ, ସାଧାରଣ ମଧବିତ୍ତ ପରିବାରମାନଙ୍କୁ ନ୍ୟାୟ ମିଳିବ ଏବଂ ସେମାନଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା, ଉଚ୍ଚକୋଟିର ଶିକ୍ଷା, ଉତ୍ତମ ପୃଷ୍ଟିକର ଖାଦ୍ୟ, କର୍ମନିଯୁକ୍ତି ର ସୁଯୋଗ ସରକାରୀ ଏବଂ ବେସରକାରୀ ପକ୍ରିୟା ରେ ଉଭୟ ରାଜ୍ୟ ସରକାର ଓ କେନ୍ଦ୍ରସରକାର ମିଳିତ ଉଦ୍ୟମରେ କାର୍ଯ୍ୟ କରିବେ। ଏହା ସମସ୍ତ ଙ୍କ ମିଳିତ ସହଯୋଗ ରେ ସମ୍ଭବ ଏଥିରେ ତିଳେମାତ୍ର ସନ୍ଦେହ ର ଅବକାଶ ନାହିଁ। ଭୋଟ ବ୍ୟାଙ୍କ ଏବଂ କାଦୁଅ ପିଙ୍ଗା ରାଜନୀତିରୁ ଦୁରେଇ ରହି ନିଜର ଦଳୀୟ ସ୍ୱାର୍ଥ ଅପେକ୍ଷା ଆମ ରାଷ୍ଟ୍ରର ହିତ ତଥା ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟରୁ ବଞ୍ଚିତ ହେଉଥିବା ଗରିବ ଓ ମଧ୍ୟବିତ୍ତ ଲୋକଙ୍କ ଅଧିକାର ପାଇଁ ସବୁ ରାଜନେତାଙ୍କୁ ଲଢେଇ କରିବାକୁ ପଡ଼ିବ।ସମସ୍ତଙ୍କ ମିଳିତ ସହଯୋଗରେ ଆମ ଦେବଭୂମି, ମାତୃଭୂମି, ପୁଣ୍ୟଭୂମି ଭାରତର ସର୍ବାଙ୍ଗୀନ ବିକାଶ ହୋଇପାରିବ ଏବଂ ଅନ୍ୟ ରାଷ୍ଟ୍ର ପାଇଁ ଉଦାହରଣ ସୃଷ୍ଟି କରିବ ଏଥିରେ ସନ୍ଦେହର ଅବକାଶ ନାହିଁ।


**ଗୋପାଳପୁର, ବାଲେଶ୍ୱର**
**ମୋବାଇଲ୍: ୭୦୨୦୬୧୧୩୦୦**

# ସଂସଦରେ ଆଗତ ହେଲା ସଂଶୋଧିତ ଆୟକର ବିଲ୍ ୨୦୨୫



ନୂଆଦିଲ୍ଲୀ,୧୧।୮: ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସୋମବାର ଲୋକସଭାରେ ସଂଶୋଧିତ ଆୟକର ବିଲ ଉପସ୍ଥାପନ କରିଛନ୍ତି। ଏହି ନୂତନ ବିଲରେ ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଗଠିତ ସିଲେକ୍ଟ କମିଟିର ଅଧିକାଂଶ ସୁପାରିଶ ଅନ୍ତର୍ଭୁକ୍ତ ରହିଛି। ଗତ ସପ୍ତାହରେ ସରକାର ଆୟକର ବିଲ, ୨୦୨୫ ପ୍ରତ୍ୟାହାର କରିବା ନିଷ୍ପତ୍ତି ନେବା ପରେ ଏହି ପଦକ୍ଷେପ ନିଆଯାଇଛି।

ଛଅ ଦଶନ୍ଧି ପୁରୁଣା ଆୟକର ଆଇନ, ୧୯୬୧କୁ ବଦଳାଇବା ପାଇଁ ଫେବୃଆରୀ ୧୩ରେ ନୂତନ ବିଲ ଆଗତ କରାଯାଇଥିଲା। ସିଲେକ୍ଟ କମିଟିର ସୁପାରିଶ ପରେ ସରକାର ଗତ ସପ୍ତାହରେ ଏହାକୁ ପ୍ରତ୍ୟାହାର କରିଥିଲେ। ଅଗଷ୍ଟ ୧୧ରେ ଆଗତ ହୋଇଥିବା ନୂତନ ଡ୍ରାଫ୍ଟ ସାଂସଦମାନଙ୍କୁ ଏକକ ଏବଂ ସଦ୍ୟତମ ସଂସ୍କରଣ ପ୍ରଦାନ କରିବା ଲକ୍ଷ୍ୟ ରଖିଛି। ଏଥିରେ ସିଲେକ୍ଟ କମିଟି ଦ୍ୱାରା ସୁପାରିଶ କରାଯାଇଥିବା ଅଧିକାଂଶ ପରିବର୍ତ୍ତନ ଅନ୍ତର୍ଭୁକ୍ତ ବୋଲି କୁହାଯାଉଛି। ବିଲ ପ୍ରତ୍ୟାହାର ଏବଂ ସଂସଦରେ ଏକ ନୂତନ ବିଲ ଆଗତ କରିବା ବିଷୟରେ ଆଲୋଚନା କରି ଅର୍ଥମନ୍ତ୍ରୀ ସୀତାରମଣ କହିଛନ୍ତି ଯେ, ଦ୍ୱନ୍ଦ୍ୱ ଏଡାଇବା ପାଇଁ ପୂର୍ବ ବିଲ୍‌କୁ ପ୍ରତ୍ୟାହାର କରାଯାଇଛି ଏବଂ ନୂତନ ଡ୍ରାଫ୍ଟ ୧୯୬୧ ଆଇନକୁ ବଦଳାଇବା ପାଇଁ ଆଧାର ଭାବରେ କାର୍ଯ୍ୟ କରିବ।

**ପ୍ରତିବାଦ ପଦଯାତ୍ରା ଅଟକାଇଲା ପୁଲିସ**

# ରାହୁଲ ଓ ପ୍ରିୟଙ୍କାଙ୍କୁ ଉଠାଇନେଲା

ନୂଆଦିଲ୍ଲୀ,୧୧।୮: ବିହାରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ଏବଂ ୨୦୨୪ ଲୋକସଭା ନିର୍ବାଚନ ସମୟରେ ଭୋଟ ଚୋରି ଅଭିଯୋଗ ହୋଇଛି। ଏହି ଅଭିଯୋଗକୁ କେନ୍ଦ୍ର କରି ନିର୍ବାଚନ ଆୟୋଗଙ୍କ ବିରୋଧରେ ପ୍ରତିବାଦକୁ ଓହ୍ଲାଇଛନ୍ତି ୩୦୦ରୁ ଅଧିକ ସାଂସଦ। ସୋମବାର ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ସଂସଦରୁ ନିର୍ବାଚନ ଆୟୋଗଙ୍କ ନିକଟକୁ ଯିବା ପାଇଁ ଏକ ପ୍ରତିବାଦ ପଦଯାତ୍ରାର ଆରମ୍ଭ ହୋଇଥିଲା। ଏହି ସମୟରେ ପୁଲିସ ବିରୋଧୀ ନେତାମାନଙ୍କୁ ନିର୍ବାଚନ ଆୟୋଗଙ୍କ ନିକଟକୁ ଯିବାକୁ ଦେଇ ନଥିଲା। ଫଳରେ ବିରୋଧୀ ସାଂସଦମାନେ ସଂସଦ ଭବନର ମକର ଦ୍ୱାର ଦେଇ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାଳୟକୁ ଯିବାକୁ ଉଦ୍ୟମ ଜାରି ରଖିଛନ୍ତି।

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ବିରୋଧୀ ଦଳର ୩୦୦ରୁ ଅଧିକ ସାଂସଦ ଏହି ପ୍ରତିବାଦ ଶୋଭାଯାତ୍ରାରେ ସାମିଲ ହୋଇଛନ୍ତି। ରାହୁଲ ଗାନ୍ଧୀ ସଂସଦରୁ ନିର୍ବାଚନ ଆୟୋଗଙ୍କ ନିକଟକୁ ଯିବା ପାଇଁ ଆଗକୁ ବଢ଼ୁଥିବା ବେଳେ ଅଧାରାସ୍ତାରେ ପୁଲିସ ତାଙ୍କୁ ଅଟକାଇ ଦେଇଥିଲା। ଫଳରେ ଅନ୍ୟ ସାଂସଦମାନେ ଏହି ଘଟଣାରେ କ୍ଷୁବ୍ଧ ହୋଇ ରାସ୍ତା ଉପରେ ବସି ଆଗକୁ ଯିବାକୁ ଅନୁମତି ଦେବା ପାଇଁ ପୁଲିସ ନିକଟରେ ଦାବି କରିଥିଲେ। ଏଥିସହିତ ସ୍ଲୋଗାନ ଦେଇ ସରକାରଙ୍କୁ କଟାକ୍ଷ କରିବା ଆରମ୍ଭ କରିଥିଲେ।

ଏ ହଙ୍ଗାମାକୁ ଦେଖି ପୁଲିସ ସଙ୍ଗେସଙ୍ଗେ ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ, ସଞ୍ଜୟ ରାଉତ ଓ ସାଗରିକା ଘୋଷଙ୍କୁ ଘଟଣାସ୍ଥଳରୁ ଉଠାଇ ହେପାଜତକୁ ନେଇଯାଇଥିଲା। ଏହି ପ୍ରତିବାଦ ଶୋଭାଯାତ୍ରା ସମୟରେ ଟିଏମସି ସାଂସଦ ମହୁଆ ମୋଇତ୍ର ଓ ପଶ୍ଚିମବଙ୍ଗର ଆରାମବାଗର ସାଂସଦ ମିତାଲି ବାଗ ଅଚେତ ହୋଇପଡ଼ିଥିବା ଜଣାପଡ଼ିଛି। ଦୁଇ ସାଂସଦଙ୍କୁ ଅଚେତ ହେବା ଦେଖି ସାଥୀ ସାଂସଦମାନେ ପାଣି ଛିଟିକା ମାରିଥିଲେ। କିଛି ସମୟ ପରେ ମହୁଆ ମୋଇତ୍ର ଓ ମିତାଲି ବାଗଙ୍କ ଚେତା ଫେରିବା ପରେ ଦୁହିଁଙ୍କୁ ପାଣି ପିଇବାକୁ ଦିଆଯାଇ ବିଶ୍ରାମ ଦିଆଯାଇଛି।





ଅଚେତ ହୋଇଗଲେ ସାଂସଦ ମହୁଆ

## ବ୍ୟାରିକେଡ୍ ଡେଇଁଲେ ଅଖିଳେଶ ; ତାଳିମାରିଲେ ପ୍ରିୟଙ୍କା

ବିହାରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ଏବଂ ୨୦୨୪ ଲୋକସଭା ନିର୍ବାଚନ ସମୟରେ ଭୋଟ ଚୋରି ଅଭିଯୋଗର ପ୍ରତିବାଦରେ ଇଣ୍ଡିଆ ବ୍ଲକ ନେତାମାନେ ସୋମବାର ସଂସଦରୁ ଭାରତୀୟ ନିର୍ବାଚନ କମିଶନଙ୍କ ନିକଟକୁ ଏକ ପାଦଯାତ୍ରାରେ ବାହାରିଥିଲେ। ଏହି ସମୟରେ ଦିଲ୍ଲୀ ପୁଲିସ ଇଣ୍ଡିଆ ବ୍ଲକ ନେତାମାନଙ୍କୁ ମଝି ରାସ୍ତାରେ ଅଟକାଇ ଦେଇଥିଲା। ଏହା ପରେ ରାସ୍ତାରେ ନେତାମାନେ ହଙ୍ଗମା ଆରମ୍ଭ କରି ଦେଇଥିଲେ। ଏତିକି ବେଳେ ସମାଜବାଦୀ ପାର୍ଟିର ମୁଖ୍ୟ ଅଖିଳେଶ ଯାଦବ ପୁଲିସକୁ ଅଣଦେଖା କରି ବ୍ୟାରିକେଡ୍ ଡେଇଁ ପଡ଼ିଥିଲେ। ଅଖିଳେଶଙ୍କ ବ୍ୟାରିକେଡ ଡିଆଁ ଦେଖି ଘଟଣାସ୍ଥଳରେ ଉପସ୍ଥିତ ଥିବା ୱାୟନାଡର କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ତାଳି ମାରି ନିର୍ବାଚନ କମିଶନଙ୍କ ବିରୋଧରେ ସ୍ଲୋଗାନ ଦେବା ଆରମ୍ଭ କରିଥିଲେ। ପୁଲିସ ପ୍ରତିବାଦ ଶୋଭାଯାତ୍ରାକୁ ବନ୍ଦ କରିବା ମାତ୍ରେ ବିରୋଧୀ ଦଳର ସାଂସଦମାନେ ଧାରଣାରେ ବସିଥିଲେ। କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି, 'ଆମକୁ ଆଗକୁ ଯିବାକୁ ଦିଆଯାଉନାହିଁ। ସରକାର ଆମକୁ ରୋକିବା ପାଇଁ ପୁଲିସକୁ ବ୍ୟବହାର କରୁଛନ୍ତି। ଆମେ ଶାନ୍ତିପୂର୍ଣ୍ଣ ଭାବରେ ପ୍ରତିବାଦ କରୁଛୁ। ଆମେ ସମସ୍ତେ ନିର୍ବାଚନ କମିଶନଙ୍କୁ ଏସଆଇଆର ସମ୍ପର୍କିତ ଡକ୍ୟୁମେଣ୍ଟ ଦେବାକୁ ଚାହୁଁଛୁ। କାହିଁକି ଆମକୁ ଏପରି ଅଟକାଯାଉଛି ସାରକାର ତାହାର ଜବାବ ଦିଅନ୍ତୁ।'

# ଆମେରିକାକୁ ଭାରତର ତୀବ୍ର ସମାଲୋଚନା

**ମିତ୍ର ଦେଶ ମାଟିରୁ ମୁନୀର ଏପରି ବୟାନ ଦେବା ଦୁର୍ଭାଗ୍ୟଜନ**



ନୂଆଦିଲ୍ଲୀ, ୧୧।୮ : ପାକିସ୍ତାନର ସେନାମୁଖ୍ୟ ଅସୀମ ମୁନୀରଙ୍କ ପରମାଣୁ ଯୁଦ୍ଧ ବୟାନକୁ ନେଇ ଭାରତ କଡ଼ା ପ୍ରତିକ୍ରିୟା ଦେଇଛି। ଭାରତ ପାକିସ୍ତାନକୁ ଏକ ଦାୟିତ୍ୱହୀନ ଦେଶ ଓ ସେଠାରେ ଗଣତନ୍ତ୍ରର ଅଭାବ ରହିଛି ବୋଲି କହିଛି। ଏହା ସହିତ ଭାରତ ଆମେରିକାକୁ ମଧ୍ୟ ସମାଲୋଚନା କରିଛି । ଏକ ମିତ୍ର ଦେଶରେ ଥାଇ ସେ ଏପରି ବୟାନ ଦେବା ଅବଶୋଷର ବିଷୟ ବୋଲି ନୂଆଦିଲ୍ଲୀ କହିଛି । ନୂଆଦିଲ୍ଲୀ ପକ୍ଷରୁ କୁହାଯାଇଛି ଯେ, ପରମାଣୁ ଆକ୍ରମଣ ଧମକ ଦେବା ପାକିସ୍ତାନର ପୁରୁଣା ଅଭ୍ୟାସ। କିନ୍ତୁ ଏହି ପରମାଣୁ ବ୍ଲାକମେଲିଂରେ ଭାରତ ଡରିବ ନାହିଁ । "ବିଶ୍ୱର ବିଭିନ୍ନ ଦେଶ ଏଥିରୁ ନିଜର ନିଷ୍କର୍ଷ ବାହାର କରିପାରିବେ ଯେ, ସେହି ଦେଶରେ ପରମାଣୁ ଅସ୍ତ୍ର କାହା ନିୟନ୍ତ୍ରଣରେ ରହିଛି। ଏହା ସଂଦେହ ସୃଷ୍ଟି କରୁଛି କାରଣ ସେଠାରେ ସେନା ଓ ଆତଙ୍କବାଦୀ ଗୋଷ୍ଠୀ ହାତ ମିଳାଇଛନ୍ତି। ଏପରି ଏକ ତୃତୀୟ ବନ୍ଧୁ ଦେଶର ମାଟିରୁ ଏପରି ବୟାନ ଦିଆଯାଇଛି ଏହା ମଧ୍ୟ ଦୁଃଖଦ। କିନ୍ତୁ ଭାରତ ସ୍ପଷ୍ଟ କରୁଛି ଯେ, ଏହା ପରମାଣୁ ଆକ୍ରମଣର କୌଣସି ପ୍ରକାରର ବ୍ଲାକମେଲିଂ ଆଗରେ ମୁଣ୍ଡ ନୁଆଁଇବ ନାହିଁ। ଆମେ ଆମର ଜାତୀୟ ସୁରକ୍ଷା ପାଇଁ ସମସ୍ତ ପ୍ରକାରର ପଦକ୍ଷେପ ଗ୍ରହଣ କରିବୁ । ଅସୀମ ମୁନୀରଙ୍କ ବୟାନକୁ ଗୁରୁତ୍ୱ ଦିଆଯାଉଛି, କାରଣ ଗତ ଥର ଏପ୍ରିଲ ମାସରେ ସେ ଭାରତ ବିରୋଧରେ ବିଷୋଦଗାର କରିବାର କିଛିଦିନ ମଧ୍ୟରେ ପହଲଗାମ ଆକ୍ରମଣ ହୋଇଥିଲା । ଏଣୁ ଭାରତ ପକ୍ଷରୁ ସତର୍କତା ଅବଲମ୍ବନ କରାଯାଉଛି।

# ନବମ ଶ୍ରେଣୀ ପରୀକ୍ଷାରେ ପରିବର୍ତ୍ତନ

## ବହି ଦେଖି ପରୀକ୍ଷା ଦେଇପାରିବେ ଛାତ୍ରଛାତ୍ରୀ



ନୂଆଦିଲ୍ଲୀ, ୧୧।୮:କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ନବମ ଶ୍ରେଣୀ ପରୀକ୍ଷା ଢାଞ୍ଚାରେ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଛି । ଏହି ନିଷ୍ପତ୍ତି ଅନୁଯାୟୀ, ଏବେ ୯ମ ଶ୍ରେଣୀରେ ପଢୁଥିବା ପିଲାମାନେ ବହି ଦେଖି ଦେବେ ପରୀକ୍ଷା । ୨୦୨୬-୨୭ ଶିକ୍ଷାବର୍ଷରୁ ଏହାକୁ ପାଇଲଟ୍ ମୋଡରେ କାର୍ଯ୍ୟକାରୀ କରାଯିବ । ଜୁନ୍ ମାସରେ ହୋଇଥିବା ବୈଠକରେ ଏପରି ନିଷ୍ପତ୍ତିକୁ ଅନୁମୋଦନ ଦେଇଛି ସିବିଏସଇ । ଜୁନ୍ ମାସରେ ସିବିଏସ୍ଇର ବୈଠକରେ ନବମ ଶ୍ରେଣୀ ପରୀକ୍ଷାରେ ଇଣ୍ଟିଗ୍ରେଟିଂ ଓପନ୍ ବୁକ୍ ଆସେସ୍ମେଣ୍ଟ ନେଇ ଆଲୋଚନା ହୋଇଥିଲା । ଯେଉଁଥିରେ ପିଲାମାନେ ଭାଷା, ଗଣିତ, ବିଜ୍ଞାନ ଓ ସାମାଜିକ ବିଜ୍ଞାନ ବିଷୟ ପାଠ୍ୟପୁସ୍ତକ ଦେଖି ପରୀକ୍ଷା ଦେବେ। ଜାତୀୟ ଗଣମାଧ୍ୟମର ସୂଚନା ଅନୁଯାୟୀ ଏହାକୁ ସିବିଏସ୍ଇ ଗଭର୍ଣ୍ଣିଂ ବଡି ଅନୁମୋଦନ ଦେଇଛି। ଜାତୀୟ ଶିକ୍ଷା ନୀତି ୨୦୨୦ ଆଧାରରେ ପ୍ରସ୍ତୁତ ନ୍ୟାସନାଲ୍ କରିକୁଲମ ଫ୍ରେମ୍ୱାର୍କ ଫର ସ୍କୁଲ ଏଜୁକେସନ (ଏନସିଏଫଏସଇ)କୁ ଗୁରୁତ୍ୱ ଦେଇ ଏପରି ପଦକ୍ଷେପ ନିଆଯାଇଛି। ପିଲା ପରୀକ୍ଷା ଦେବା ସମୟରେ ପାଠ୍ୟପୁସ୍ତକ, କ୍ଲାସ ନୋଟ୍, ଲାଇବ୍ରେରୀ ମ୍ୟାଟେରିଆଲକୁ ବ୍ୟବହାର କରିବାର ସୁଯୋଗ ମିଳିବ । ପାଠ୍ୟକ୍ରମରୁ କ୍ରସ୍ କଟିଂ ଥିମ୍ ନେଇ ପ୍ରଶ୍ନ ପ୍ରସ୍ତୁତ କରାଯିବ । ଯାହାକୁ ନେଇ ପିଲା ବହି ଦେଖି ପରୀକ୍ଷା ଦେବେ । ଏହାକୁ ନେଇ ସାମ୍ପୁଲ ପେପର ପ୍ରସ୍ତୁତ କରାଯିବ ।

# ଆମେରିକାକୁ ଦୃଢ଼ ଜବାବ ଦେବାକୁ ଭାରତର ପ୍ରସ୍ତୁତି

ନୂଆଦିଲ୍ଲୀ,୧୧।୮ : ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଭାରତର ସାମଗ୍ରୀ ଉପରେ ୫୦ ପ୍ରତିଶତ ଟ୍ୟାକ୍ସ ଲଗାଇବାର ନିଷ୍ପତ୍ତି ପରେ ସାରା ଦେଶରେ ଆମେରିକୀୟ ବ୍ରାଣ୍ଡ ବିରୋଧରେ କ୍ରୋଧ ଓ ଅସନ୍ତୋଷ ବଢ଼ିଛି। ସେହି ଦେଶ ଯିଏ ପ୍ରଥମେ ଚୀନକୁ ତାର ଚାଲାକିକୁ ବୁଝାଇବାକୁ ସାହାସ ଦେଖାଇ ଥିଲା, ସେହି ଭାରତ ଏବେ ଆମେରିକାକୁ ଜବାବ ଦେବାକୁ ପ୍ରସ୍ତୁତି ଆରମ୍ଭ କରି ଦେଇଛି। ଗତ କିଛି ଦଶନ୍ଧି ମଧ୍ୟରେ, ଭାରତ ଏବେ ଘରୋଇ ଉତ୍ପାଦଗୁଡ଼ିକୁ ପ୍ରୋତ୍ସାହିତ କରିବାକୁ ସଂକଳ୍ପ ନେଇଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ, ଭାରତୀୟ ବଜାରରେ ଘରୋଇ ଉତ୍ପାଦ ଗୁଡ଼ିକର ଅଂଶୀଦାରକୁ ବୃଦ୍ଧି କରିବା ପାଇଁ ଚେଷ୍ଟା କରାଯାଉଛି।

## ଆମେରିକା ବ୍ରାଣ୍ଡକୁ ବହିଷ୍କାର

ଆମେରିକାର ଏହି ଶୁଳ୍କ ନିଷ୍ପତ୍ତି ପରେ, ଭାରତରେ ମେଡ୍ ଇନ୍ ଇଣ୍ଡିଆ ପ୍ରତି ସମର୍ଥନର ଲହରୀ ତୀବ୍ର ହୋଇଛି। ବ୍ୟବସାୟୀ ଓ ସାଧାରଣ ଲୋକ ଉଭୟ ବିଦେଶୀ ବ୍ରାଣ୍ଡକୁ ବହିଷ୍କାର କରିବା ଏବଂ ଦେଶର ଉତ୍ପାଦ ଗୁଡ଼ିକୁ ପ୍ରାଥମିକତା ଦେବା ବିଷୟରେ କହୁଛନ୍ତି। ସୋସିଆଲ ମିଡିଆରୁ ନେଇ ରାସ୍ତା ପର୍ଯ୍ୟନ୍ତ , ମେଡ୍ ଇନ୍ ଇଣ୍ଡିଆ ପ୍ରତି ସମର୍ଥନ ବୃଦ୍ଧି ପାଉଛି। ଭାରତ ଆମେରିକୀୟ କମ୍ପାନୀଗୁଡ଼ିକ ପାଇଁ ଏକ ବଡ଼ ଏବଂ ପ୍ରମୁଖ ବଜାର। ଏହାର ବର୍ଦ୍ଧିତ ମଧ୍ୟମ ବର୍ଗ ଓ ଧନୀ ଗ୍ରାହକମାନେ ଦୀର୍ଘଦିନ ଧରି ଅନ୍ତର୍ଜାତୀୟ ବ୍ରାଣ୍ଡଗୁଡ଼ିକୁ ପସନ୍ଦ କରି ଆସୁଛନ୍ତି। ମ୍ୟାକ ଡୋନାଲ୍ଡସ୍, କୋକା-କୋଲା, ଆମାଜନ, ଆପଲ୍ ଭଳି ନାମଗୁଡ଼ିକ ଭାରତରେ ଦୈନନ୍ଦିନ ଜୀବନର ଏକ ଅଂଶ। ଭାରତ ମଧ୍ୟ ହ୍ୱାଟ୍ସଆପର ସର୍ବାଧିକ ବ୍ୟବହାରକାରୀ ଦେଶ, ଯେତେବେଳେ କି ଡୋମିନୋଜ୍‌ରେ ସର୍ବାଧିକ ରେଷ୍ଟୁରାଣ୍ଟ ଏଠାରେ ଅଛି। ଏପରି ପରିସ୍ଥିତିରେ, ଯଦି ଭାରତରେ ଆମେରିକୀୟ ବ୍ରାଣ୍ଡଗୁଡ଼ିକର ବୟକଟ ତୀବ୍ର ହୁଏ, ତେବେ ଏହା ଏହି କମ୍ପାନୀଗୁଡ଼ିକ ବଡ଼ କ୍ଷତି ସହି ପାରନ୍ତି ।

## ମେଡ୍ ଇନ୍ ଇଣ୍ଡିଆର ସମର୍ଥନରେ ବ୍ୟବସାୟୀ




ମେଡ୍ ଇନ୍ ଇଣ୍ଡିଆକୁ ସମର୍ଥନ କରିବା ପାଇଁ ଏବେ ବ୍ୟବସାୟୀଙ୍କ ସ୍ୱର ମଧ୍ୟ ଯୋଡି ହୋଇ ଯାଇଛି। ୱାଓ ସ୍କିନ୍ ସାଇନ୍ସର ସହ-ପ୍ରତିଷ୍ଠାତା ମନୀଷ ଚୌଧୁରୀ ଏକ ଭିଡିଓ ବାର୍ତ୍ତାରେ ଚାଷୀ ଓ ଷ୍ଟାର୍ଟଅପ୍‌ଗୁଡ଼ିକୁ ଉତ୍ସାହିତ କରି କହିଛନ୍ତି ଯେ, ଏବେ ସାରା ବିଶ୍ୱରେ ମେଡ୍ ଇନ୍ ଇଣ୍ଡିଆକୁ ପ୍ରସିଦ୍ଧ କରିବାର ସମୟ ଆସି ଯାଇଛି। ସେ ଏକ ଉଦାହରଣ ଦେଇ କହିଛନ୍ତି - ଯେପରି ଦକ୍ଷିଣ କୋରିଆର ଖାଦ୍ୟ ଏବଂ ସୌନ୍ଦର୍ଯ୍ୟ ଉତ୍ପାଦ ଗୁଡ଼ିକ ସାରା ବିଶ୍ୱରେ ନିଜର ଏକ ନାଆଁ ତିଆରି କରିଛି, ସେହିପରି ଭାରତୀୟ ବ୍ରାଣ୍ଡଗୁଡ଼ିକ ମଧ୍ୟ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ଉଚିତ। ଡ୍ରାଇଭୟୁର ସିଇଓ ରହମ ଶାସ୍ତ୍ରୀ ସୋସିଆଲ ମିଡିଆରେ ଲେଖିଛନ୍ତି ଯେ , ଭାରତକୁ ମଧ୍ୟ ଚୀନ ପରି ନିଜସ୍ୱ ସୋସିଆଲ ମିଡିଆ ଏବଂ ଟେକ୍ ପ୍ଲାଟଫର୍ମ ବିକଶିତ କରିବା ଉଚିତ, ଯାହା ଦ୍ୱାରା ଟ୍ୱିଟର, ଗୁଗୁଲ, ୟୁଟ୍ୟୁବ୍ ଏବଂ ହ୍ୱାଟ୍ସଆପ୍ ଭଳି ବିଦେଶୀ ସେବା ଉପରେ ଆମର ନିର୍ଭରଶୀଳତା ହ୍ରାସ ପାଇ ପାରିବ। ଗତ ଦିନରେ ବେଙ୍ଗାଲୁରୁରେ ଏକ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୌଣସି କମ୍ପାନୀର ନାଁ ନନେଇ କହିଥିଲେ ଯେ, ଭାରତୀୟ ଟେକ୍ କମ୍ପାନୀ ଗୁଡ଼ିକ ଦୁନିଆ ପାଇଁ ପ୍ରଡକ୍ଟ ତିଆରି କରେ। ହେଲେ ଏବେ ସମୟ ଆସି ଯାଇଛି ଯେ, ଦେଶର ଆବଶ୍ୟକତାକୁ ସବୁଠୁ ଉପରେ ରଖାଯାଉ। ସୋସିଆଲ ମିଡ଼ିଆରେ ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ବିଦେଶୀ ଫୁଡ୍ ଚେନ୍‌ର ବହିଷ୍କାର କରନ୍ତୁ, ନାମକ ଏକ ଗ୍ରାଫିକ୍ ଖୁବ୍ ସେୟାର ହେଉଛି। ଯେଉଁଥିରେ ମ୍ୟାକ ଡୋନାଲ୍ଡସ ସମେତ ଅନେକ ରେଷ୍ଟୁରାଣ୍ଟ ବ୍ରାଣ୍ଡସର ଲୋଗୋ ଦେଖା ଯାଇଛି।

**● ଭାରସାମ୍ୟ ହରାଇ ଓଲଟିଲା ପିକ୍‌ଅପ ଭ୍ୟାନ**

## ୭ଜଣ ମହିଳା ଶ୍ରଦ୍ଧାଳୁଙ୍କ ମୃତ୍ୟୁ, ୩୦ ଆହତ

ପୁଣେ,୧୧।୮: ସୋମବାର ମହାରାଷ୍ଟ୍ରର ପୁଣେର ଖେଡ୍ ନିକଟରେ ଏକ ଭୟାବହ ସଡ଼କ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ୭ଜଣ ମହିଳା ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ସୋମବାର ଥିବାରୁ ମହିଳାଙ୍କ ୪୦ଜଣିଆ ଗୋଷ୍ଠୀ ଭଗବାନ କୁଣ୍ଡେଶ୍ୱରଙ୍କ ମନ୍ଦିରକୁ ଦର୍ଶନ ପାଇଁ ବାହାରିଥିଲେ। ମନ୍ଦିର ପହଞ୍ଚିବାକୁ ଆଉ କିଛିବାଟ ଥିବା ବେଳେ ଶ୍ରଦ୍ଧାଳୁ ଭର୍ତ୍ତି ପିକଅପ୍ ଭ୍ୟାନ ଭାରସାମ୍ୟ ହରାଇ ଖାଇ ରାସ୍ତାରୁ ତଳକୁ ଓଲଟି ପଡ଼ିଥିଲା। ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଘଟଣାସ୍ଥଳରେ ୭ ମହିଳା ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଥିବା ୨୫ରୁ ୩୦ଜଣ ଯାତ୍ରୀ ଆହତ ହୋଇଛନ୍ତି। ପୁଲିସ ଏହି ଦୁର୍ଘଟଣା ସମ୍ପର୍କରେ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ପଠାଇ ସମସ୍ତ ଆହତ ଯାତ୍ରୀଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରି ସେମାନଙ୍କ ସମ୍ପର୍କୀୟମାନଙ୍କୁ ଖବର ଦେଇଛି। ଏଥିସହିତ ଦୁର୍ଘଟଣାର ତଦନ୍ତ ଆରମ୍ଭ କରିଛି ପୁଲିସ।

## ଖେଳ ପ୍ରଶାସନ ବିଧେୟକ ଲୋକସଭାରେ ପାରିତ



ନୂଆଦିଲ୍ଲୀ,୧୧।୮: ବହୁପ୍ରତୀକ୍ଷିତ ରାଷ୍ଟ୍ରୀୟ ଖେଳ ପ୍ରଶାସନ (ନ୍ୟାସନାଲ୍ ସ୍ପୋର୍ଟ୍ସ ଗଭରନାନ୍ସ) ବିଧେୟକ ସୋମବାର ଲୋକସଭାରେ ପାରିତ ହୋଇଛି। କେନ୍ଦ୍ର ଖେଳ ମନ୍ତ୍ରୀ ମନସୁଖ ମଣ୍ଡଭିୟ ଏହାକୁ ସ୍ୱାଧୀନତା ପରେ ଭାରତୀୟ ଖେଳର ସବୁଠୁ ବଡ଼ ସଂସ୍କାର ବୋଲି କହିଛନ୍ତି । କେନ୍ଦ୍ରମନ୍ତ୍ରୀ ମାଣ୍ଡଭିୟ ଜୁଲାଇ ୨୩ରେ ଏହି ବିଧେୟକକୁ ଲୋକସଭାରେ ଉପସ୍ଥାପନ କରିଥିଲେ। ଏହି ବିଧେୟକରେ ଉତ୍ତରଦାୟୀ ପାଇଁ ଏକ କଠୋର ବ୍ୟବସ୍ଥା କରିବା ପାଇଁ ଏକ ରାଷ୍ଟ୍ରୀୟ ଖେଳ ବୋର୍ଡ (ଏନ୍‌ଏସବି) ଗଠନର ପ୍ରାବଧାନ ରହିଛି । ସମସ୍ତ ରାଷ୍ଟ୍ରୀୟ ଖେଳ ମହାସଂଘ (ଏନ୍‌ଏସ୍‌ଏଫ)କୁ କେନ୍ଦ୍ର ସରକାରଙ୍କଠାରୁ ଅର୍ଥ ପାଇବାକୁ ହେଲେ ଏନଏସବିଠାରୁ ମାନ୍ୟତା ହାସଲ କରିବାକୁ ପଡ଼ିବ ।xକେନ୍ଦ୍ର ଖେଳ ମନ୍ତ୍ରୀ କହିଛନ୍ତି, ଏହା ସ୍ୱାଧୀନତା ପରେ ଖେଳ କ୍ଷେତ୍ରରେ ଅଣାଯାଇଥିବା ସବୁଠୁ ବଡ଼ ସଂସ୍କାର ଅଟେ । ଏହି ବିଧେୟକ ଖେଳ ସଂଘରେ ଉତ୍ତରଦାୟୀ, ନ୍ୟାୟ ଓ ଉତ୍ତମ ପ୍ରଶାସନ ସୁନିଶ୍ଚିତ କରିବ । ଭାରତର ଖେଳ ଜଗତରେ ଏହାର ବଡ଼ ଗୁରୁତ୍ୱ ରହିବ । ତେବେ ଏହା ଦୁର୍ଭାଗ୍ୟର କଥା ଯେ ଏତେ ବଡ଼ ଗୁରୁତ୍ୱପୂର୍ଣ୍ଣ ବିଧେୟକ ଓ ସଂସ୍କାରରେ ବିରୋଧୀଙ୍କ ଭାଗିଦାରୀ ନାହିଁ। ଏହି ବିଲ୍ ଅନୁଯାୟୀ, 'ଜାତୀୟ ସ୍ୱାର୍ଥରେ ନିର୍ଦ୍ଦେଶ ଜାରି କରିବା ଏବଂ ପ୍ରତିବନ୍ଧକ ଲଗାଇବାର କ୍ଷମତା' ସମ୍ବନ୍ଧୀୟ ଧାରା ଅନୁଯାୟୀ କେନ୍ଦ୍ର ସରକାରଙ୍କ ପାଖରେ ସ୍ୱତନ୍ତ୍ର ପରିସ୍ଥିତିରେ ଭାରତୀୟ ଦଳ ଏବଂ ବ୍ୟକ୍ତିଗତ ଖେଳାଳିଙ୍କ ଅନ୍ତର୍ଜାତୀୟ ଅଂଶଗ୍ରହଣ ଉପରେ ଯୁକ୍ତିଯୁକ୍ତ ପ୍ରତିବନ୍ଧକ ଲଗାଇବାର କ୍ଷମତା ରହିବ । ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ବିଧେୟକରେ ରାଷ୍ଟ୍ରୀୟ ଖେଳ ନ୍ୟାୟାଧିକରଣର ପ୍ରସ୍ତାବ ରହିଛି । ଏହା ଅନୁସାରେ, ଏକ ଦେୱାନୀ କୋର୍ଟ ପାଖରେ ଶକ୍ତି ରହିବ, ଯିଏ ମହାସଂଘ ଓ ଖେଳାଳିଙ୍କ ଚୟନଠାରୁ ଆରମ୍ଭ କରି ବିବାଦର ସମାଧାନ କରିବ । ଥରେ ରାୟ ଆସିବା ପରେ, ନିଷ୍ପତ୍ତିକୁ କେବଳ ସର୍ବୋଚ୍ଚ ନ୍ୟାୟାଳୟରେ ହିଁ ଚ୍ୟାଲେଞ୍ଜ କରାଯାଇପାରିବ ।

## ଜେଲେନସ୍କିଙ୍କ ସହ କଥା ହେଲେ ମୋଦୀ

ନୂଆଦିଲ୍ଲୀ,୧୧।୮: ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ୟୁକ୍ରେନର ରାଷ୍ଟ୍ରପତି ଭୋଲଦୋମିର ଜେଲେନସ୍କିଙ୍କ ସହ ଟେଲିଫୋନ ଆଲୋଚନା କରିଛନ୍ତି । ଆସନ୍ତା ୧୫ ତାରିଖରେ ହେବାକୁ ଥିବା ଆମେରିକା-ରୁଷ ଆଲୋଚନା ପୂର୍ବରୁ ଏହି ଟେଲିଫୋନ ଆଲୋଚନାକୁ ବେଶ ଗୁରୁତ୍ୱ ଦିଆଯାଉଛି । ଏହି ଆଲୋଚନା ସଂପର୍କରେ ପ୍ରଧାନମନ୍ତ୍ରୀ 'ଏକ୍ସ' ରେ ଲେଖିଛନ୍ତି "ରାଷ୍ଟ୍ରପତି ଜେଲେନସ୍କିଙ୍କ ସହ କଥା ହୋଇ ଏବଂ ସାମ୍ପ୍ରତିକ ଘଟଣାବଳୀ ଉପରେ ତାଙ୍କର ଦୃଷ୍ଟିକୋଣ ଶୁଣି ଆନନ୍ଦିତ। ମୁଁ ବିବାଦର ଶୀଘ୍ର ଏବଂ ଶାନ୍ତିପୂର୍ଣ୍ଣ ସମାଧାନର ଆବଶ୍ୟକତା ଉପରେ ଭାରତର ସ୍ଥାୟୀ ଆଭିମୁଖ୍ୟ ଜଣାଇଲି। ଭାରତ ଏହି କ୍ଷେତ୍ରରେ ସମସ୍ତ ପ୍ରକାରର ଯୋଗଦାନ ଦେବାକୁ ପ୍ରତିବଦ୍ଧ, ଏବଂ ୟୁକ୍ରେନ ସହିତ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ମଜବୁତ କରିବା ପାଇଁ ମଧ୍ୟ। ସୂଚନାଯୋଗ୍ୟ ଯେ, ୧୫ ତାରିଖରେ ହେବାକୁ ଥିବା ଡୋନାଲ୍ଡ ଟ୍ରମ୍ପ ଓ ଭ୍ଲାଦିମିର ପୁଟିନ ଆଲୋଚନାକୁ ନେଇ ଜେଲେନସ୍କି ପୂର୍ବରୁ ହିଁ ଅସନ୍ତୋଷ ପ୍ରକାଶ କରିସାରିଛନ୍ତି । କୌଣସି ପ୍ରକାରର ଜମି ହସ୍ତାନ୍ତରକୁ ୟୁକ୍ରେନ ବିରୋଧ କରିବ ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ଟ୍ରମ୍ପ-ପୁଟିନ ଆଲୋଚନା ପଛରେ ଭାରତର ଏକ ଗୋପନ ଉଦ୍ୟମ ରହିଛି ବୋଲି କୁହାଯାଉଛି । ଏହି ଦୃଷ୍ଟିକୋଣରୁ ମୋଦୀ-ଜେଲେନସ୍କି ଆଲୋଚନାର ସମୟ ବେଶ ଗୁରୁତ୍ୱପୂର୍ଣ୍ଣ ।

**ଭାରତର ସବୁଠୁ ଦୁର୍ନୀତିଗ୍ରସ୍ତ ୧୦ ବିଭାଗ**

# ପୁଲିସ ବିଭାଗ ସବୁଠୁ ଆଗରେ



ନୂଆଦିଲ୍ଲୀ ୧୧।୮: ଭାରତର ସବୁଠୁ ଦୁର୍ନୀତିଗ୍ରସ୍ତ ଭାବେ ଜଣାଶୁଣା ୧୦ ବିଭାଗଙ୍କ ତାଲିକା ଜାରି ହୋଇଛି। ଏହି ତାଲିକା ଜନତାଙ୍କ ଅଭିଯୋଗ, ଗଣମାଧ୍ୟମ ରିପୋର୍ଟ, ଟ୍ରାନ୍ସପରେନ୍ସୀ ଇଣ୍ଟରନ୍ୟାସନାଲ ଓ ଲୋକପାଳ ଏବଂ ଲୋକାୟୁକ୍ତଙ୍କ ଭଳି ସଂସ୍ଥାଙ୍କ ରିପୋର୍ଟ ଉପରେ ଆଧାରିତ। ଏହି ଭ୍ରଷ୍ଟ ବିଭାଗଙ୍କ ତାଲିକାକୁ ଏନସିଆଇବିଙ୍କ ପକ୍ଷରୁ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ ରେ ମଧ୍ୟ ସେୟାର କରାଯାଇଛି।

ଭାରତରେ ଯେଉଁ ୧୦ଟି ଭ୍ରଷ୍ଟ ବିଭାଗ ଚିହ୍ନଟ ହୋଇଛନ୍ତି ଏହି ତାଲିକାର ସର୍ବାଗ୍ରେ ରହିଛି ପୋଲିସ ବିଭାଗ। ଏହି ବିଭାଗ ଉପରେ ଲାଞ୍ଚ, ମିଛ ମକଦ୍ଦମା, ଏଫଆଇଆର ରୁଜୁ ନ କରିବା, ରୋଡରେ ଚେକିଂ ଲଗାଇ ଅବୈଧ ଅସୁଲୀ, ପୀଡ଼ିତଙ୍କୁ ନ୍ୟାୟ ବଦଳେ ଦାମ ଓ ଜମିଜମା ମାମଲାରେ ପକ୍ଷପାତ ଭଳି ଗଭିର ଅଭିଯୋଗ ସବୁ ରହିଛି। ଏହା ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି ରାଜସ୍ୱ ବିଭାଗ। ଏହି ବିଭାଗ ଉପରେ ଜମିଜମାର ମିଥ୍ୟା ପଞ୍ଜିକରଣ, ଦାଖଲ ଖାରଜ, ଜମିର ସାର୍ଟିଫାଏଡ ନକଲ ଓ ଖତିୟାନ ଓ ନାମାନ୍ତରଣ (ଟ୍ରାନ୍ସଫର)ରେ ବ୍ୟାପକ ଲାଞ୍ଚ ଅଭିଯୋଗ ରହିଛି।

ଏହା ପଛକୁ ତୃତୀୟ ସ୍ଥାନରେ ନାଗରପାଳିକା ଓ ନଗରନିଗମ ଅଛନ୍ତି। ଏହି ଦୁଇ ସଂସ୍ଥା ଉପରେ ବିଲ୍ଡିଂର ନକ୍ସା ଗୃହୀତ କରିବା, ସଫେଇ ବ୍ୟବସ୍ଥା, ଅବୈଧ ନିର୍ମାଣକୁ ଅଣଦେଖା କରିବା ଓ ଲାଞ୍ଚ ନେଇ ଏପରି ନିର୍ମାଣକୁ ପ୍ରୋତ୍ସାହନ ଦେବା ଆଦି ଅଭିଯୋଗ ରହିଛି। ଚତୁର୍ଥ ସ୍ଥାନରେ ଅଛନ୍ତି ଗ୍ରାମପଞ୍ଚାୟତ ଓ ବ୍ଲକ୍। ଏହି ଦୁଇ ସଂସ୍ଥାଙ୍କ ଉପରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଶୌଚାଳୟ ଯୋଜନା, ରାସନ କାର୍ଡରେ ତ୍ରୁଟି, ବୃଦ୍ଧାବସ୍ଥା ପେନସନ ଓ ବିଧବା ପେନସନ ସହିତ ଗ୍ରାମସଭା ଓ ଅତିରିକ୍ତ କାର୍ଯ୍ୟରେ ଗୁରୁତର ଗଡବଡିର ଅଭିଯୋଗ ରହିଛି।

ଦେଶର ୧୦ ଭ୍ରଷ୍ଟ ବିଭାଗଙ୍କ ତାଲିକାର ପଞ୍ଚମ ସ୍ଥାନରେ ରହିଛି ବିଜୁଳି ବିଭାଗ। ଏହି ବିଭାଗ ଉପରେ ମିଟର ରିଡିଂରେ ହେରଫେର, ନକଲୀ ବିଲିଂ, ନୂଆ ସଂଯୋଗ ଦେବା ପାଇଁ ଲାଞ୍ଚ, କନେକ୍ସନରେ ଫଲ୍ଟ ହେଲେ ବିନା ଲାଞ୍ଚରେ କନେକ୍ସନ ନ ସଜାଡିବା ଆଦି ଅଭିଯୋଗ ରହିଛି। ସେହିପରି ଷଷ୍ଠ ଭ୍ରଷ୍ଟ ବିଭାଗ ହେଉଛି ପରିବହନ ବା ଆରଟିଓ ଏହି ବିଭାଗରୁ ବିନା ଟେଷ୍ଟରେ ଡ୍ରାଇଭିଂ ଲାଇସେନ୍ସ ପାଇବା, ବାହନ ପଞ୍ଜିକରଣରେ ଲାଞ୍ଚ, ଅନଫିଟ ବାହନଙ୍କୁ ଫିଟନେସ୍ ସାର୍ଟିଫିକେଟ ଦେବାର ଅଭିଯୋଗ ଆଦି ରହିଛି।

ଦେଶର ସପ୍ତମ ସବୁଠୁ ଦୁର୍ନୀତିଗ୍ରସ୍ତ ବିଭାଗ ହେଉଛି ସ୍ୱାସ୍ଥ୍ୟ ବିଭାଗ। ଏହି ବିଭାଗ ଉପରେ ଔଷଧ ଯୋଗାଣରେ ଭ୍ରଷ୍ଟାଚାର, ଡାକ୍ତରଙ୍କ ଅନୁପସ୍ଥିତି, ଅପରେସନ ହେବାକୁ ଥିବା ରୋଗୀଙ୍କୁ ଘରୋଇ ହସ୍ପିଟାଲକୁ ପଠାଇବା,ଅନାବଶ୍ୟକ ମହଙ୍ଗା ଔଷଧ ଲେଖି ମେଡିସିନ ଷ୍ଟୋରଙ୍କଠାରୁ କମିଶନି ଅସୁଲ କରିବା ଆଦି ଅଭିଯୋଗ ରହିଛି। ଏହି ଦୁର୍ନୀତିଗ୍ରସ୍ତ ବିଭାଗଙ୍କ ତାଲିକାର ଅଷ୍ଟମ ସ୍ଥାନରେ ରହିଛି ଶିକ୍ଷା ବିଭାଗ।

ଶିକ୍ଷା ବିଭାଗରେ ଶିକ୍ଷକ ନିଯୁକ୍ତିରେ ଦୁର୍ନୀତି, ବିଦ୍ୟାଳୟରେ ନକଲୀ ଶିକ୍ଷକଙ୍କ ଉପସ୍ଥିତି, ଘରୋଇ ସ୍କୁଲ ମାନଙ୍କ ସହ ସରକାରୀ ସ୍କୁଲର ଅନୈତିକ ସମ୍ପର୍କ ଆଦି ଅଭିଯୋଗ ରହିଛି। ସେହପରି ନବମ ଭ୍ରଷ୍ଟ ବିଭାଗ ହେଉଛି ଆବାସ ଏବଂ ସହର ବିକାଶ ବିଭାଗ। ଏହି ବିଭାଗରେ କାର୍ଯ୍ୟରତ କର୍ମଚାରୀ ଓ ଅଧିକାରୀଙ୍କ ଉପରେ ନିର୍ମାଣ ଠିକା ଓ ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ଆଦି ଅଭିଯୋଗ ରହିଛି। ସେହପରି ୧୦ମ ଦୁର୍ନୀତି ଗ୍ରସ୍ତ ବିଭାଗଟି ହେଉଛି ଆୟକର ଓ ଜିଏସଟି ବିଭାଗ। ଏହି ଦୁଇ ବିଭାଗ ଲୋକଙ୍କୁ ଚଢଉରୁ ରକ୍ଷା କରିବା ପାଇଁ ନେଣଦେଣ, ନକଲୀ ରିଟର୍ଣ୍ଣ ଓ ବ୍ୟବସାୟୀଙ୍କ ଠାରୁ ଅବୈଧ ଅସୁଲୀର ଅଭିଯୋଗ ରହିଛି। ଉଲ୍ଲେଖଯୋଗ୍ୟ ଯେ ଦେଶରେ ଦୁର୍ନୀତିର ସ୍ତର ରାଜ୍ୟ ଓ ଜିଲ୍ଲା ହିସାବରେ ଅଲଗା ଅଲଗା। ଦୁର୍ନୀତି କେବଳ ଅଧିକାରୀଙ୍କ ପର୍ଯ୍ୟନ୍ତ ସୀମିତ ନାହିଁ, ଅନେକ କ୍ଷେତ୍ରରେ ଦଲାଲ ଓ ସ୍ଥାନୀୟ ନେତାଙ୍କ ଭୂମିକା କାରଣରୁ ଲାଞ୍ଚ ରାଶି ୨ରୁ ୫ ଗୁଣା ପର୍ଯ୍ୟନ୍ତ ବଢ଼ି ଯାଇଥାଏ। ଏଥିରୁ ଗୋଟିଏ ଭାଗ ସମ୍ପର୍କିତ ଅଧିକାରୀ ନେଉଥିବା ବେଳେ ବାକି ଭାଗ ଦଲାଲ ଓ ରାଜନେତା ନେଇଯାଉଛନ୍ତି।

# ଅସ୍ମିତା ଫୁଟ୍‌ବଲ୍ ଲିଗ୍ ଜିତିଲା ଓଜିପି




**କଟକ, ୧୧।୮(ସଂଚାର ବ୍ୟୁରୋ):** ୧୩ ବର୍ଷରୁ କମ୍ ବାଳିକା ଏକଦିବସୀୟ 'ଅସ୍ମିତା ଫୁଟ୍‌ବଲ୍ ଲିଗ୍' ବୋସ୍ ସ୍ପୋର୍ଟସ୍ କମ୍ପ୍ଲେସରେ ଅନୁଷ୍ଠିତ ହୋଇଯାଇଛି। ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଏଥିରେ ଓଜିପି କ୍ଲବ୍ ବିଜେତା ହୋଇଥିବା ବେଳେ ଓଡିଏମ୍ ଫୁଟବଲ କ୍ଲବ୍ ଉପବିଜେତା ହୋଇଛି। ଓଜିପି ଓ ଓଡିଏମ୍ ମଧ୍ୟରେ ଚାଲିଥିବା ସଂଘର୍ଷପୂର୍ଣ୍ଣ ଫାଇନାଲ୍ ମ୍ୟାଚ୍ ୧-୧ ଗୋଲରେ ଡ୍ର ହୋଇଥିଲା। ଟ୍ରାଇବ୍ରେକର୍‌ରେ ଜରିଆରେ ଓଜିପି କ୍ଲବ୍ ବିଜେତା ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଓଡ଼ିଶା ବରିଷ୍ଠ ମହିଳା ଫୁଟବଲ କୋଚ୍ ଗୀତାଞ୍ଜଳି ଖୁଣ୍ଟିଆ, ଫାଓ ବୈଷୟିକ ନିର୍ଦ୍ଦେଶକ ଅକ୍ଷୟ ଦାସ, ଫାଓ ସଦସ୍ୟ କାର୍ତ୍ତିକ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜେତା ଓଜିପି ଓ ଉପବିଜେତା ଓଡିଏମ୍ ଦଳକୁ ପୁରସ୍କାର ବିତରଣ କରି ଉତ୍ସାହିତ କରିଥିଲେ।

## ବିକାଶ ରେସିଡେନ୍ସିଆଲ୍, ତନିଶୀ, ଆର୍ଶିକ ଶ୍ରେଷ୍ଠ

**ଭୁବନେଶ୍ୱର, ୧୧।୮ (ସଂଚାର ବ୍ୟୁରୋ):** କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍ ପକ୍ଷରୁ କିଟ୍ ଓ କିସ୍ କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ସିବିଏସ୍‌ଇ କ୍ଲଷ୍ଟର୍-୨ ଦୌଡ଼କୁଦ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶାର ଏକମାତ୍ର ସ୍କୁଲ୍ ଭାବେ ବରଗଡ଼ର ବିକାଶ ରେସିଡେନ୍‌ସିଆଲ୍ ସ୍କୁଲ୍ (୧୪ ବର୍ଷରୁ କମ୍ ବାଳକ) ବିଜେତା ହୋଇଛି। ଡିପିଏସ୍ ବାଲକୋ ୨ଟି ବୟସ ବର୍ଗ (୧୭ ଓ ୧୯ ବର୍ଷରୁ କମ୍ ବାଳିକା)ରେ ବିଜେତା ହୋଇଥିବାବେଳେ ଡିପିଏସ୍ ଦୁର୍ଗ (୧୪ ବର୍ଷରୁ କମ୍ ବାଳିକା), ବିଦ୍ୟାଜ୍ୟୋତି ସ୍କୁଲ୍ (୧୯ ବର୍ଷରୁ କମ୍ ବାଳକ), ଏନଏଚ୍ ଗୋଏଲ୍ ୱାର୍ଲଡ ସ୍କୁଲ, ରାୟପୁର (୧୭

### ସିବିଏସ୍‌ଇ କ୍ଲଷ୍ଟର-୨ ଦୌଡ଼କୁଦ



ବର୍ଷରୁ କମ୍ ବାଳକ) ଗୋଟିଏ ଲେଖାଏଁ ବୟସ ବର୍ଗରେ ଟ୍ରଫି ଜିତିଛନ୍ତି। ବ୍ୟକ୍ତିଗତ ଭାବେ ଡିପିଏସ୍ ବାଲକୋର ଆଶିତା ଯାଦବ ଶ୍ରେଷ୍ଠ ଆଥଲେଟ୍ ସମ୍ମାନ ପାଇଛନ୍ତି। କିଟ୍ ଇଣ୍ଟରନ୍ୟାସନାଲ୍‌ର ତନୀଶୀ ପତି ଓ ଆର୍ଶିକ ଦାସ ଯଥାକ୍ରମେ ଶ୍ରେଷ୍ ବାଳିକା ଓ ବାଳକ ସ୍ପ୍ରିଣ୍ଟର୍ ସମ୍ମାନ ଅର୍ଜନ କରିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ସିବିଏସ୍‌ଇ ପର୍ଯ୍ୟବେକ୍ଷକ ସୋନୁ କାମାତ, କିଟ୍ ଇଣ୍ଟର୍‌ନ୍ୟାସନାଲ୍ ସ୍କୁଲ୍‌ର ଅଧ୍ୟକ୍ଷ ସଂଜୟ ସୁଆର, ଅଲିମ୍ପିଆନ୍ ଦୂତି ଚାନ୍ଦ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ପଦକ ବିଜେତାମାନଙ୍କୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଡକ୍ଟର ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି। କିଟ୍ ଓ କିସ୍ ପରିସରରେ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ଓ ବ୍ୟବସ୍ଥା ପାଇଁ ଖେଳାଳି ଓ ସିବିଏସଇ ମଧ ଡକ୍ଟର ସାମନ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଅଷ୍ଟ୍ରେଲିଆର ରେକର୍ଡ ନବମ ବିଜୟ

**ଡାରୱିନ୍, ୧୧।୮:** ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟ୍ୱେଣ୍ଟି-୨୦ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୧୭ ରନ୍‌ରେ ବିଜୟୀ ହୋଇଛି। ଏଥି ସହିତ ଘରୋଇ ଦଳ ଟ୍ୱେଣ୍ଟି-୨୦ ଫର୍ମାଟରେ କ୍ରମାଗତ ନବମ ବିଜୟ ସହ ନିଜ ପାଇଁ ଏକ ନୂଆ ରେକର୍ଡ କରିଛି। ୫୨ ବଲ୍‌ରୁ ୮୩ ରନ୍ ପାଳି ଖେଳିଥିବା ଟିମ୍ ଡେଭିଡ୍ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଛନ୍ତି। ଦକ୍ଷିଣ ଆଫ୍ରିକା ପାଇଁ କିନ୍ତୁ ୧୯ ବର୍ଷୀୟ ବାମହାତୀ ଦ୍ରୁତ ବୋଲର କ୍ୱିନା ମାଫାକା (୪-୦-୨୦-୪) ଅଷ୍ଟ୍ରେଲିଆ ବିପକ୍ଷରେ ନିଜ ଦେଶ ପାଇଁ ଶ୍ରେଷ୍ଠ ବୋଲିଂ ଚିତ୍ର ଅର୍ଜନ କରିଛନ୍ତି। ୩ ମ୍ୟାଚ୍ ଶୃଙ୍ଖଳାରେ ଅଷ୍ଟ୍ରେଲିଆ ୧-୦ରେ ଆଗୁଆ ହୋଇଛି। **ସଂକ୍ଷିପ୍ତ ସ୍କୋର: ଅଷ୍ଟ୍ରେଲିଆ** ୨୦ ଓଭରରେ ୧୭୮/୧୦ (ଟିମ୍ ଡେଭିଡ୍-୮୩, କାମେରନ୍ ଗ୍ରିନ୍-୩୫, କ୍ୱିନା ମାଫାକା-୪/୨୦, କାଗିସୋ ରବାଡା-୨/୨୯)। **ଦକ୍ଷିଣ ଆଫ୍ରିକା** ୨୦ ଓଭରରେ ୧୬୧/୯ (ର୍‌ୟାନ୍ ରିକେଲଟନ୍-୭୧, ଟ୍ରିଷ୍ଟନ୍ ଷ୍ଟବ୍ସ-୩୭, ବେନ୍ ଡ୍ୱାରସୁଇସ୍-୩/୨୬, ଜୋସ୍ ହାଜେଲଉଡ୍-୩/୨୭, ଆଦାମ ଜାମ୍ପା-୨/୩୩)।

## ସାହାଣୀ କପ୍ ବିଜେତା କଟକ ଦଳକୁ ସମ୍ବର୍ଦ୍ଧନା





**କଟକ, ୧୧।୮ (ସଂଚାର ବ୍ୟୁରୋ):** କଟକ ଜିଲ୍ଲା କ୍ରୀଡ଼ା ସଂଘ(ସିଡିଏଏ) ପକ୍ଷରୁ ୬୪ତମ ସାହାଣୀ କପ୍ ବିଜେତା କଟକ ଜିଲ୍ଲା ଫୁଟ୍‌ବଲ୍ ଦଳକୁ ସମ୍ବର୍ଦ୍ଧିତ କରାଯାଇଛି। ବାରବାଟୀ ଗେଷ୍ଟ ହାଉସରେ ଆୟୋଜିତ ଏହି ଉତ୍ସବରେ ସିଡିଏଏ ସଭାପତି ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ପୌରୋହିତ୍ୟ କରିଥିଲେ।ସଂପାଦକ ଡକ୍ଟର ଆଶୀର୍ବାଦ ବେହେରା, ଓଡ଼ିଶା ଅଲିମ୍ପିକ ସଂଘ ସଂପାଦକ ଅଭିଜିତ ପାଲ, ମୁଖ୍ୟ ଉପଦେଷ୍ଟା ମଧୁସୂଦନ ସାହୁ, ଉପସଭାପତି ବିଜୟ ଦାସ, ଭକ୍ତବଲ୍ଲଭ ଦାସ, ସହଦେବ ରାଉତ, ଦିଲ୍ଲୀପ ସାହୁ, ରମେଶ ଚନ୍ଦ୍ର ମଲ୍ଲିକ, ଯୁଗ୍ମ ସଂପାଦକ କିଶୋର ବେହେରା, ବିଶ୍ୱରଞ୍ଜନ ଘଡେଇ, ନବକିଶୋର ମିଶ୍ର, କୋଷାଧକ୍ଷ ଦୀନେଶ୍ୱର ପ୍ରସାଦ ଭଗତଙ୍କ ସମେତ ବିଭିନ୍ନ ସଂଘର ସଂପାଦକ ବୀରେନ୍ଦ୍ର ବେହେରା, ସୁଧାଂଶୁ ଭୂଷଣ ମିଶ୍ର, ରବୀନ୍ଦ୍ର ରାଉତ, ଅଜୟ ବେହେରା, ଅର୍ଣ୍ଣବ ସିହ୍ନା, ପ୍ରସନ୍ନ ରାଉତ, ସିଡିଏଏ ସଦସ୍ୟ ଉପେନ୍ଦ୍ର ଦାସ, ତଡିତ କୁମାର ରାଉତ, ନୃସିଂହ ଚରଣ ଚୌଧୁରୀ, ସ୍ୱାଗତ ସାମନ୍ତରାୟ, ସନ୍ତୋଷ ଦାସ, ସୁଶାନ୍ତ ମହାନ୍ତି, ଶିବବ୍ରତ ମଲ୍ଲିକ, ପ୍ରବଳ ଦାସ, ସୁଲେମାନ ବକ୍ସ ପ୍ରମୁଖ ଯୋଗଦେଇଥିଲେ। ବିଜେତା କଟକ ଫୁଟବଲ ଦଳର ପ୍ରତି ସଦସ୍ୟ ଓ ଅଫିସିଆଲ୍‌ଙ୍କୁ ୫ ହଜାର ଟଙ୍କା ସମେତ ଏକ ହଳ ଲେଖାଏଁ ଟ୍ରାକ୍‌ସୁଟ୍ ପ୍ରଦାନ କରାଯାଇଥିଲା।

## ବାଧାଦୌଡ଼ରେ ପ୍ରଜ୍ଞା ପ୍ରଥମ




**ଭୁବନେଶ୍ୱର, ୧୧।୮ (ସଂଚାର ବ୍ୟୁରୋ):** ବିଶ୍ୱ ଦୌଡ଼କୁଦ ମହାଦେଶୀୟ ଟୁର୍ ବ୍ରୋଞ୍ଜ୍ ଲେବୁଲ୍ ଇଭେଣ୍ଟ୍‌ରେ ଓଡ଼ିଶା କେବଳ ସଫଳ ଆୟୋଜନ ନୁହେଁ ପ୍ରଦର୍ଶନରେ ବି ଚମକ ଛାଡ଼ିଛି। ମହିଳା ୧୦୦ ବାଧାଦୌଡ଼ରେ ଓଡ଼ିଶା ତାରକା ପ୍ରଜ୍ଞା ପ୍ରଶାନ୍ତି ସାହୁ ଇତିହାସ ରଚିଛନ୍ତି। ନିଜ ପ୍ରଭାବୀ ପ୍ରଦର୍ଶନରେ କଳିଙ୍ଗ ଷ୍ଟାଡିୟମ୍ ଦର୍ଶକଙ୍କୁ ବିମୋହିତ କରିବା ସହ ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର (କାଂସ୍ୟ)ରେ ଏହି ଇଭେଣ୍ଟର ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟ କ୍ରୀଡ଼ା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ରବିବାରର ଫାଇନାଲରେ ପ୍ରଜ୍ଞା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଆଧିପତ୍ୟ ବିସ୍ତାର କରିଥିଲେ। ୧୩.୭୪ ସେକେଣ୍ଡ ସମୟ ସହ ପ୍ରଥମ ସ୍ଥାନ ଅଧିକାର କରି ନେଇଥିଲେ। ତାମିନଲନାଡୁର ନନ୍ଦିନୀ କଙ୍ଗାନ (୧୩.୮୦) ଦ୍ୱିତୀୟ, କେରଳର ଅଞ୍ଜଳି ସି (୧୪.୦୦) ତୃତୀୟ ଏବଂ ଜେଏସ୍‌ଡବ୍ଲ୍ୟୁର ପ୍ରାଞ୍ଜଳି ଦିଲୀପ ପାଟିଲ (୧୪.୦୩) ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ପ୍ରଥମ ସ୍ଥାନରେ ରହି ପ୍ରଜ୍ଞା ୮୦୦ ଆମେରିକୀୟ ଡଲାର ବା ପାଖାପାଖି ୭୦,୦୦୦ ଟଙ୍କା ଆର୍ଥିକ ପୁରସ୍କାର ପାଇଥିଲେ। ଅନ୍ୟମାନଙ୍କୁ ଯଥାକ୍ରମେ ୪୦୦, ୩୦୦ ଓ ୨୦୦ ଡଲାର ମିଳିଥିଲା। ଏହା ପୂର୍ବରୁ ଶ୍ରୀଲଙ୍କାର କଲମ୍ବୋରେ ଆୟୋଜିତ ତୃତୀୟ ଦକ୍ଷିଣ ଏସୀୟ କନିଷ୍ଠ ଆଥଲେଟିକ୍ସ ପ୍ରତିଯୋଗିତାରେ ପ୍ରଜ୍ଞା ୧୪.୯୮ ସେକେଣ୍ଡ ସମୟ ସହ ରୌପ୍ୟ ପଦକ ଜିତିଥିଲେ। ବରିଷ୍ଠ ସ୍ତରୀୟ ବହୁରାଷ୍ଟ୍ରୀୟ ପ୍ରତିଯୋଗିତାରେ ଏହା ତାଙ୍କର ସର୍ବଶ୍ରେଷ୍ଠ ପ୍ରଦର୍ଶନ। ଏଥିଲାଗି ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟିଛି।


ବାଲେଶ୍ୱର ଜିଲ୍ଲା ବସ୍ତାର ଟିକରପଡ଼ାର ବାସିନ୍ଦା ପାର୍ଥସାରଥୀ ସାହୁ ଏବଂ ସୁକାନ୍ତିମଣି ଜେନାଙ୍କ ସଫଳ କନ୍ୟା ସନ୍ତାନ ପ୍ରଜ୍ଞା ତୃତୀୟ ଖେଲୋ ଇଣ୍ଡିଆ କ୍ରୀଡ଼ାରେ ନୂଆ ମିଟ୍ ରେକର୍ଡ ସ୍ଥାପନ କରିଥିଲେ। ଇଣ୍ଡିଆନ୍ ଗ୍ରାଁ ପ୍ରି ସହ ବହୁ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ପଦକ ଜିତି ରାଜ୍ୟ ବାଧାଦୌଡ଼ର ନୂଆ ନାୟିକା ଭାବେ ଉଭା ହୋଇଥିଲେ। ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ଭଳି ମର୍ଯ୍ୟାଦାଜନକ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ଐତିହାସିକ ସଫଳତା ହାସଲ କରିଥିଲେ ମଧ୍ୟ ଦୁର୍ଭାଗ୍ୟଜନକ ଭାବେ ମାତ୍ର ୦.୦୧ ସେକେଣ୍ଡ ସମୟ ପାଇଁ ପ୍ରଜ୍ଞା ଆସନ୍ତା ମାସରେ ଜାପାନର ଟୋକିଓଠାରେ ଆୟୋଜିତ ହେବାକୁ ଥିବା ବିଶ୍ୱ ଚାମ୍ପିଅନସିପ୍ ଲାଗି ସିଧାସଳଖ ଯୋଗ୍ୟତା ଅର୍ଜନ (୧୨.୭୩ ସେକେଣ୍ଡ) କରିବାରୁ ଅଳ୍ପକେ ବଞ୍ଚିତ ହୋଇଥିଲେ। କିଟ୍ ଛାତ୍ରୀ ପ୍ରଜ୍ଞା ପ୍ରଶାନ୍ତିଙ୍କ ଏହି ଅପୂର୍ବ ସଫଳତା ପାଇଁ ତାଙ୍କୁ ଏହାର ପ୍ରତିଷ୍ଠାତା ଡକ୍ଟର ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇବା ସହ ତାଙ୍କ ପାଇଁ ଦେଶ ଓ ରାଜ୍ୟ ଗର୍ବିତ ବୋଲି ପ୍ରକାଶ କରିଛନ୍ତି।




## ରମେଶଙ୍କୁ ବିଶ୍ୱ ଚାମ୍ପିଅନସିପ୍ ଟିକେଟ୍

**ଭୁବନେଶ୍ୱର, ୧୧।୮ (ସଂଚାର ବ୍ୟୁରୋ):** ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍‌ର ରବିବାର ହୋଇଥିବା ୧୭ଟି ଇଭେଣ୍ଟର ଫାଇନାଲ୍ ମଧରୁ ଏକମାତ୍ର ବ୍ୟକ୍ତିଗତ ବର୍ଗ ଖେଳାଳି ଭାବେ ଶ୍ରୀଲଙ୍କାର ରମେଶ ଥରଙ୍ଗା ଆସନ୍ତାମାସରେ ଜାପାନର ରାଜଧାନୀ ଟୋକିଓରେ ଆୟୋଜିତ ବିଶ୍ୱ ଦୌଡ଼କୁଦ ପ୍ରତିଯୋଗିତା ଲାଗି ସିଧାସଳଖ ଯୋଗ୍ୟତା ଅର୍ଜନ କରିଛନ୍ତି। ବିଶ୍ୱ ଚାମ୍ପିଅନସିପ୍ ପାଇଁ ଯୋଗ୍ୟତା ଅର୍ଜନ ଦୂରତା ୮୫.୫୦ ମିଟର ଥିଲା ବେଳେ ରମେଶ ତାଙ୍କ ଶ୍ରେଷ୍ଠ ଥ୍ରୋ'ରେ ୮୬.୫୦ ମିଟର ଦୂରତାକୁ ଜାଭଲିନ୍ ଫିଙ୍ଗିଥିଲେ। ମହାରାଷ୍ଟ୍ରର ଶିବମ ଲୋଖାରେ (୮୦.୭୩ ମିଟର) ଦ୍ୱିତୀୟ, ଶ୍ରୀଲଙ୍କାର ସୁମେଧା ରଣସିଂହ (୮୦.୬୫ ମିଟର) ତୃତୀୟ ଏବଂ ଉତ୍ତର ପ୍ରଦେଶର ରୋହିତ ଯାଦବ (୮୦.୩୫) ଚତୁର୍ଥ ସ୍ଥାନରେ ରହି ପୁରସ୍କୃତ ହୋଇଥିଲେ।

## ଶ୍ରାବଣୀ ପଞ୍ଚମ ସ୍ଥାନରେ




ମହିଳା ୧୦୦ ମିଟରରେ ଘରୋଇ ଦର୍ଶକଙ୍କ ସବୁ ନଜର ଅଭିଜ୍ଞ ଧାବିକା ତଥା ଅଲିମ୍ପିଆନ୍ ଶ୍ରାବଣୀ ନନ୍ଦଙ୍କ ଉପରେ ରହିଥିଲା। ହିଟ୍‌ରେ ୧୧.୯୨ ସେକେଣ୍ଡ ସମୟ ନେଇ ସଫଳତାର ସହ ଫାଇନାଲ୍‌ରେ ସ୍ଥାନ ସୁରକ୍ଷିତ କରି ନେଇଥିଲେ ସେ। ଫାଇନାଲ୍‌ରେ ୧୧.୮୬ ସେକେଣ୍ଡ ସମୟ ହାସଲ କରି ଏହାଠାରୁ ଭଲ ପ୍ରଦର୍ଶନ କରିଥିଲେ। ତେବେ ନିଜ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନଠାରୁ ଢେର ପଛରେ ରହିଯାଇଥିଲେ। ଫଳରେ ନୈରାଶ୍ୟଜନକ ଭାବେ ପଞ୍ଚମ ସ୍ଥାନରେ ଅଭିଯାନ ଶେଷ କରିଥିଲେ। ଏହି ଇଭେଣ୍ଟରେ ତାମିଲନାଡୁର ଅବନୟା ରାଜାରାଜନ (୧୧.୫୭), କର୍ଣ୍ଣାଟକର ସ୍ନେହା ଏସ୍‌ଏସ୍ (୧୧.୭୦), ତେଲେଙ୍ଗାନାର ନିତ୍ୟା ଗାନ୍ଧେ (୧୧.୬୯୮) ଓ ତାମିଲନାଡୁର ସୁଦେସ୍ନା ହସମନ୍ତ (୧୧.୭୬) ପ୍ରଥମ ୪ ସ୍ଥାନରେ ରହି ଆର୍ଥିକ ପୁରସ୍କାରର ହକ୍‌ଦାର ହୋଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପେଟ୍ରୋଲ...

ନାବାଳିକା ଜଣକ ନିଜ ମାମୁ ଘରେ ରହୁଥିବା ବେଳେ ତାଙ୍କ ବାପା ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଇଥିବା ସୂଚନା ମିଳିଛି। ଗୁରୁତର ଅବସ୍ଥାରେ ତାଙ୍କୁ ବୁର୍ଲା ଭିମସାରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବରଗଡ଼ ଦାୟିତ୍ୱରେ ଥିବା ବଲାଙ୍ଗୀର ଏସ୍ପି ଅଭିଲାଷ. ଜୀ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ବୁର୍ଲା ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା କହିଛନ୍ତି ଭାରପ୍ରାପ୍ତ ଏସ୍ପି। ବରଗଡ଼ରୁ ସଙ୍କଟାପନ୍ନ ଅବସ୍ଥାରେ ବୁର୍ଲା ଅଣାଯାଇଥିଲା।

ଏସପି କହିଛନ୍ତି ଯେ ତାଙ୍କ ପରିବାର ସଦସ୍ୟଙ୍କ ଅଭିଯୋଗ ପରେ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରିଛି। ସେ କହିଛନ୍ତି ଯେ ଘଟଣାର ତଦନ୍ତ ପାଇଁ ଏକ ତିନି ଜଣିଆ ପୋଲିସ ଟିମ ଗଠନ କରାଯାଇଛି। ପୋଲିସ ଝିଅଟି ସହିତ ଜଡିତ ଏକ ଭିଡିଓ ମଧ୍ୟ ଉଦ୍ଧାର କରିଛି। ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ କହିଛନ୍ତି ଯେ ଝିଅଟି ଏକ ହଷ୍ଟେଲରେ ରହି ପାଠ ପଢୁଥିଲା। ମାସେ ତଳେ ତାର ଦେହ ଖରାପ ହେବାରୁ ତା ମାମୁ ଘରକୁ ଆସିଥିଲା, ଯେଉଁଠାରେ ସେ ଏହି ଆତ୍ମହତ୍ୟା ପଦକ୍ଷେପ ନେଇଥିଲା। ଆଇଜି ହିମାଂଶୁ ଲାଲ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପରିବାର ଲୋକଙ୍କ ବୟାନ ରେକର୍ଡ କରାଯାଇଛି। ପାରିବାରିକ କଳହ ଘଟଣାରୁ ଏହା ଘଟିଛି ବୋଲି କହିଛନ୍ତି ହିମାଂଶୁ ଲାଲ। ପୀଡ଼ିତାଙ୍କ ମାମୁ ଝିଅ ପୋଲିସର ପଚରାଉଚରା ବେଳେ ଅସୁସ୍ଥ ହୋଇ ଚେତା ହରାଇଥିବା ସୂଚନା ମିଳିଛି। ତେବେ ଅଷ୍ଟମ ଶ୍ରେଣୀର ଛାତ୍ରୀ କାହିଁକି ଆତ୍ମହତ୍ୟା କରିଛି, ସେ କେଉଁଠୁ ପେଟ୍ରୋଲ ଆଣିଲା, ନା ତାକୁ ଏଥିପାଇଁ କିଏ ଉସକାଇଥିଲା ସେସବୁ ନେଇ ପୋଲିସ ଖୋଳତାଡ କରୁଛି। ବାଲେଶ୍ୱର, ବଲଙ୍ଗୀ ଓ କେନ୍ଦ୍ରାପଡା ପଟ୍ଟାମୁଣ୍ଡାଇରେ ତିନି ଜଣ ଯୁବତୀ ଆତ୍ମାହୁତୀ ଦେଇଥିବା ବେଳେ ଏବେ ଅଷ୍ଟମ ଶ୍ରେଣୀର ଛାତ୍ରୀ ଆତ୍ମହତ୍ୟା କରିବା ଘଟଣା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏହାକୁ ମିଶାଇ ଗତ ୪ ସପ୍ତାହ ମଧ୍ୟରେ ରାଜ୍ୟରେ ଚାରିଜଣ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି।

### ସବୁ...

ପଦକ୍ଷେପ ନେବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ପ୍ରକୋଷ୍ଠ ଭିତରେ ପଞ୍ଜିକୃତ କରିଥିବା ଅଭିଯୋଗକାରୀଙ୍କ ଅଭିଯୋଗ ଶୁଣିଥିଲେ। ମୁଖ୍ୟମନ୍ତ୍ରୀ, ସାଧାରଣ ଲୋକଙ୍କ ସୁଖ ଦୁଃଖ ଶୁଣିବା ଏବଂ ସମସ୍ୟାର ସମାଧାନ ଉପରେ ସବୁବେଳେ ଗୁରୁତ୍ୱ ଦେଇଆସନ୍ତି ।

ଆଜି ପ୍ରକୋଷ୍ଠ ମଧ୍ୟରେ ଗ୍ରହଣ କରାଯାଇଥିବା ସମସ୍ତ ଅଭିଯୋଗ ଗୁଡ଼ିକର ପ୍ରତିବିଧାନ ପାଇଁ ଉପସ୍ଥିତ ସମ୍ପୃକ୍ତ ବିଭାଗର ସଚିବମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରିମଣ୍ଡଳର ୮ ଜଣ ବରିଷ୍ଠ ମନ୍ତ୍ରୀ ଆଜି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ସଚିବ ସ୍ତରୀୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହି ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ସହାୟତା ପ୍ରଦାନ କରିଥିଲେ। ରାଜ୍ୟ ସରକାରଙ୍କ ଏହି ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ରାଜ୍ୟସ୍ତର ସହିତ ଜିଲ୍ଲାସ୍ତରରେ ମଧ୍ୟ ଅନୁଷ୍ଠିତ ହେଉଛି । ଏହି ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଜରିଆରେ ଅନେକ ଲୋକଙ୍କର ବର୍ଷ ବର୍ଷ ଧରି ପଡି ରହିଥିବା ସମସ୍ୟାର ସମାଧାନ ହୋଇପାରୁଛି। ଆଜି ମୁଖ୍ୟମନ୍ତ୍ରୀଙ୍କ ସହିତ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ପଞ୍ଚାୟତିରାଜ, ପାନୀୟ ଜଳ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ, ବିଦ୍ୟାଳୟ ଓ ଗଣଶିକ୍ଷା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବସେବା ତଥା ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ । ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ ଏବଂ ଅନ୍ୟ ବିଭାଗ ଗୁଡ଼ିକର ସଚିବ ସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ ।

### ୧୯୯...

ସାମ୍ନାକୁ ଆସିବା ପରେ ସମସ୍ତଙ୍କୁ ବିସ୍ମିତ କରିଛି। ଆକଳନ ମୂଲ୍ୟ ପରେ ଏହି ଅତିରିକ୍ତ ଖର୍ଚ୍ଚକୁ ନେଇ ନିର୍ମାଣ କରୁଥିବା ଠିକାସଂସ୍ଥାକୁ ଅନୁଗ୍ରହ ଦେଖାଯାଇଛି ବୋଲି ଅଭିଯୋଗ ହେଉଛି। ମିଳିଥିବା ତଥ୍ୟ ଅନୁଯାୟୀ ୧୧, ୨୪, ୩୮୭.୩୨ ବର୍ଗ ଫୁଟ୍ ସ୍ଥାନରେ ମେଡିକାଲ କଲେଜ ନିର୍ମାଣ କାର୍ଯ୍ୟ ୮/୧/୨୦୨୧ ତାରିଖରୁ ଆରମ୍ଭ ହୋଇ ୭/୧/୨୦୨୪ ତାରିଖରେ ଶେଷ ହେବାର ଲକ୍ଷ୍ୟ ରଖାଯାଇଥିଲା। କିନ୍ତୁ ଚୁକ୍ତି ମୁତାବକ ନିର୍ମାଣ ଦାୟିତ୍ୱ ନେଇଥିବା ଏମ୍/ଏସ୍ ଏଲ୍ଏଣ୍ଡଟି ନାମକ ଠିକାସଂସ୍ଥା ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ସଂପୂର୍ଣ୍ଣ କରିପାରି ନଥିଲା। ଏକ ବର୍ଷ ବିଳମ୍ବରେ ୮ ଫେବୃୟାରି ୨୦୨୫ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏହାର ଉଦଘାଟନ କରିଥିଲେ। ଅଭିଯୋଗ ହେଉଛି ଯେ, ପୂର୍ବ ସରକାରରେ ମେଡିକାଲ କଲେଜ ନିର୍ମାଣ ଦାୟିତ୍ୱ ନେଇଥିବା ଏହି ଅଣଓଡିଆ ଠିକାସଂସ୍ଥାକୁ ଅହେତୁକ ଅନୁକମ୍ପା ଦେଖାଯାଇଛି। ୧୯୯ କୋଟି ୫୩ ଲକ୍ଷ ଟଙ୍କାର ଅତିରିକ୍ତ କାର୍ଯ୍ୟ ବିନା ଟେଣ୍ଡରେ ଏହି ଅଣଓଡିଆ ଠିକାସଂସ୍ଥା ହାତରେ ଟେକି ଦିଆଯାଇଛି। ଏହା ସହିତ ଆକଳନ ପ୍ରକ୍ରିୟାରେ ଏତେ ବଡ ପରିମାଣର ଖର୍ଚ୍ଚ କାହିଁକି ଅନ୍ତର୍ଭୁକ୍ତ ହୋଇନଥିଲା, ତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ବିନା ଟେଣ୍ଡରରେ ଠିକାସଂସ୍ଥାକୁ କାର୍ଯ୍ୟ ଦେବା ଓ ଆକଳନ କରୁଥିବା ଯନ୍ତ୍ରୀ ମାନଙ୍କର ଭୂମିକାକୁ ସନ୍ଦେହ ଘେରରେ ଥିବା ବେଳେ ଏହା ଏକ ଯୋଜନା ବଦ୍ଧ ହରିଲୁଟ ବୋଲି ଆଲୋଚନା ହେଉଛି। ରାଜ୍ୟର ଜଣେ ପ୍ରଭାବଶାଳି ପୂର୍ବତନ ମନ୍ତ୍ରୀଙ୍କ ନିୟନ୍ତ୍ରଣରେ ଥିବା ପାଣିକୋଇଲି ପୂର୍ତ୍ତ ବିଭାଜନରେ ଅନେକ ଗୁଡିଏ ପ୍ରକଳ୍ପରେ ଆକଳନ ମୂଲ୍ୟ ଠାରୁ ଢେର ଗୁଣା ଅଧିକ ଖର୍ଚ୍ଚ ହୋଇ ସରକାରୀ ନିୟମ କାନୁନ୍ କୁ ଉଲ୍ଲଙ୍ଘନ କରାଯାଇଛି। ଏହା ବାବଦରେ ଶହ ଶହ କୋଟି ଟଙ୍କା ଅତି ଚତୁରତା ଭାବେ ହରିଲୁଟ କରାଯାଇଛି ଅଭିଯୋଗ ହେଉଛି। ସବୁଠାରୁ ବଡ କଥା ହେଲା ରାଜ୍ୟରେ କେନ୍ଦ୍ରୀୟ ଯୋଜନାରେ ଏକ ସମୟରେ ଅନ୍ୟ ମେଡିକାଲ କଲେଜ ଗୁଡିକ ନିର୍ଦ୍ଧାରିତ ଆକଳନ ମୂଲ୍ୟରେ ସଂପୂର୍ଣ୍ଣ ହୋଇଥିବା ବେଳେ ଯାଜପୁର ମେଡିକାଲ କଲେଜ ନିର୍ମାଣରେ ଅତିରିକ୍ତ ୧୧୯ କୋଟି ରୁ ଅଧିକ ଖର୍ଚ୍ଚ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହାପରେ ମଧ୍ୟ ଜିଲ୍ଲା ଖଣିଜ ପାଣ୍ଠି ରୁ ୨୦୨୦-୨୧ ରେ ୪୩ କୋଟି ଟଙ୍କା ୩୬ ଲକ୍ଷ ଟଙ୍କା ମେଡିକାଲ କଲେଜର ଜମି ଅଧିଗ୍ରହଣ ଓ ଉନ୍ନତିକରଣ ବାବଦରେ ବ୍ୟୟକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ମେଡିକାଲ କଲେଜ ନିର୍ମାଣରେ ହୋଇଥିବା ବ୍ୟାପକ ଅନିୟମିତତା ଓ ଆର୍ଥିକ ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସାଧାରଣରେ ଦାବି ହେଉଛି।

### ଗଞ୍ଜାମରେ...

କରିଛି। ଅଭିଯୁକ୍ତଙ୍କ ମୋବାଇଲ ଟ୍ରାକିଂ କରାଯାଉଛି। ପୋଲିସ ସାଇଣ୍ଟଫିକ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ଘଟଣାର ବିଭିନ୍ନ ଦିଗରୁ ଛାନଭିନ କରୁଛି। ସିସିଟିଭି ଯାଞ୍ଚ ବେଳେ ଜଣେ ଯୁବକ ରବିବାର ବିଳମ୍ବିତ ରାତ୍ରରେ ସେହି ଘରୁ ବାହାରୁଥିବା ଦେଖିବାକୁ ମିଳିଛି। ମହିଳାଙ୍କ ଗଳା କାଟି ହତ୍ୟା କରିବା ପରେ ସେ ଚିହ୍ନଟ ହୋଇଯିବା ଭୟରେ ନିଲମଙ୍କ ବେକରେ ଖଣ୍ଡା ଚୋଟ ପକାଇଥିଲେ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏପରିକି ଘଟଣା ଘଟାଇବା ପରେ ସେ ବାହାର ପଟୁ ତାଲା ପକାଇ ଚମ୍ପଟ ମାରିଥିବା ପୋଲିସ ସନ୍ଦେହ କରୁଛି। ମୃତ ମହିଳାଙ୍କ ଭାଇ ଚିତ୍ରସେନଙ୍କ ଅଭିଯୋଗ ଅନୁସାରେ ୨୪୩/୨୫ ରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଘଟଣାରୁ ପ୍ରକାଶ ଯେ, ସାଧୁଚରଣ ସ୍ୱାଇଁଙ୍କ ଘର କୋରାପୁଟ ହୋଇଥିବା ବେଳେ ସେ ଭୁବନେଶ୍ୱରରେ କାମ କରି ସେଠାରେ ରହୁଛନ୍ତି। ବ୍ରହ୍ମପୁରରେ ତାଙ୍କ ସ୍ତ୍ରୀ ଗାୟତ୍ରୀ ଓ ଝିଅ ନିଲମ ରହୁଥିଲେ। ଶନିବାର ରାଖୀ ପୂର୍ଣ୍ଣିମା ଥିବା ବେଳେ ଗାୟତ୍ରୀ ନିଜ ଝିଅକୁ ଧରି ରାଖୀ ବାନ୍ଧିବା ପାଇଁ ତାଙ୍କ ଭାଇ ଘର ହିଞ୍ଜିଳିକାଟୁ ଯାଇଥିଲେ। ରବିବାର ସନ୍ଧ୍ୟାରେ ସେମାନେ ଘରକୁ ଫେରିଥିଲେ। ସୋମବାର ବଡି ଭୋର ତାଙ୍କୁ ହତ୍ୟା କରାଯାଇଥିବା ଜଣାପଡିଥିଲା। ଖବର ପାଇ ତାଙ୍କ ଭାଇ ଚିତ୍ରସେନ ଭଉଣୀ ଘରକୁ ଆସିଥିଲେ। ସେହିପରି ଭୁବନେଶ୍ୱରରେ ରହୁଥିବା ମୃତକଙ୍କ ସ୍ୱାମୀ ସାଧୁଚରଣ ସ୍ୱାଇଁ ମଧ୍ୟ ଏମକେସିଜି ମେଡିକାଲରେ ପହଞ୍ଚି ଗୁରୁତର ଥିବା ତାଙ୍କ ଝିଅକୁ ଭୁବନେଶ୍ୱର ଏମ୍ସ ହସ୍ପିଟାଲକୁ ନେଇ ଯାଇଥିଲେ। ପୋଲିସ ସିସିଟିଭି ସହାୟତାରେ ତଦନ୍ତ କରୁଛି।ଅନ୍ୟପକ୍ଷରେ ହିଞ୍ଜିଳି ଥାନା ଅନ୍ତର୍ଗତ ରାଳବ ଗ୍ରାମରେ ଘଟିଛି ଆଉ ଏକ ବିଭତ୍ସ ହତ୍ୟାକାଣ୍ଡ। ସାହି ମଝିରେ ଅପରାହ୍ନ ୪ଟାରେ ବୃଦ୍ଧାଙ୍କୁ ପ୍ରଥମେ ଗଳା କାଟି ଓ ପରେ ପେଟକୁ ଛୁରୀ ଭୁସି ହତ୍ୟା କରିଛନ୍ତି ଦୁର୍ବୃତ୍ତ। ତେବେ ଭିନ୍ନକ୍ଷମ ପୁଅକୁ ଗାଳି କରିବା ଓ ତା'ର ପ୍ରତିବାଦ କରିବାରୁ ଉକ୍ତ ହତ୍ୟାକାଣ୍ଡ ଘଟିଥିବା ଶୁଣିବାକୁ ମିଳୁଛି। ମୃତକ ହେଲେ ରାଳବ ଖଣ୍ଡିଆ ସାହିର ହରିକୃଷ୍ଣ ପଟ୍ଟନାୟକ (୫୨) ସୂଚନା ପ୍ରକାରେ, ରାଳବଗ୍ରାମ ବୈଷ୍ଣବ ଟୋଟା ସାହିରେ ଥିବା ବିଜୟାନନ୍ଦ ପାଠାଗାରରେ ପ୍ରତିଦିନ ଭଳି ମୃତକ ହରିକୃଷ୍ଣଙ୍କ ଭିନ୍ନକ୍ଷମ ଥିବା ତୃତୀୟ ପୁଅ ସାଗର ପଟ୍ଟନାୟକ(୨୨) ଶୋଇଥିଲା। ସେହି ସମୟରେ ଖଣ୍ଡିଆ ସାହିରେ ରହୁଥିବା ଅଭିଯୁକ୍ତ ଅରୁଣ ଦଳେଇ (୩୬) କୌଣସି କାରଣକୁ ନେଇ ପାଟିତୁଣ୍ଡ କରି ସାଗର ଦେହରେ କ୍ଷତ ଚିହ୍ନ ଦେଖିବାକୁ ମିଳିଥିଲା। ପରେ ଉଭୟ ଉଭୟଙ୍କୁ ଘରକୁ ଚାଲିଯାଇଥିଲେ। ତେବେ ସାଗରର କ୍ଷତ ଚିହ୍ନ ଦେଖି ସହି ନ ପାରି ବାପା ହରିକୃଷ୍ଣ ଅଭିଯୁକ୍ତ ଅରୁଣଙ୍କ ଘରକୁ ପଚାରି ବୁଝିବାକୁ ଯାଇଥିଲେ। ଏହି ସମୟରେ ଅରୁଣ ଉତ୍ତ୍ୟକ୍ତ ହୋଇ ଏକ ଧାରୁଆ ଛୁରୀ ସାହାଯ୍ୟରେ ବୃଦ୍ଧାଙ୍କୁ ହତ୍ୟା କରିଥିଲା। ଘଟଣା ସ୍ଥଳରେ ଆସିକା ଏସ୍ଡିପିଓ ସନ୍ତୋଷ କୁମାର ଜେନା ପହଞ୍ଚି ମୃତକଙ୍କ ପରିବାର ସହ କଥା ହୋଇଥିଲେ। ଅଭିଯୁକ୍ତକୁ ହିଞ୍ଜିଳି ଥାନାରେ ଅଟକ ରଖାଯିବା ସହ ଥାନାରେ ୬୩୫/୨୫ରେ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଥିବା ଥାନାଧିକାରୀ ଶ୍ରୀନିବାସ ସେଠୀ ସୂଚନା ଦେଇଛନ୍ତି।

### ଭୋଟ...

ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ରାଜ୍ୟ କଂଗ୍ରେସ ଏବେ ଜାତୀୟ କଂଗ୍ରେସର ପଥ ଅନୁସରଣ କରି ଭୋଟ ଚୋରି ପ୍ରସଙ୍ଗକୁ ଜୋରଦାର ଭାବେ ଉଠାଇବାରେ ଲାଗିଛି । କାଳେ କଂଗ୍ରେସ ମାଇଲେଜ ନେଇଯିବ ସେଥିପାଇଁ ବିଜେଡି ନେତାମାନେ ସାମ୍ବାଦିକ ସମ୍ମିଳନୀ କରି ଭୋଟର ତାଲିକାରେ ତ୍ରୁଟି ଥିବା ଅତି ଧୀର ଗଳାରେ କହୁଛନ୍ତି । ଏହାକୁ ନେଇ ବିଜେଡିରେ ଏବେ ଅସନ୍ତୋଷ ମୁଣ୍ଡ ଟେକିବାରେ ଲାଗିଛି । ଉପରାଷ୍ଟ୍ରପତି ନିର୍ବାଚନରେ ବିଜେଡି ଏନ୍‌ଡିଏ ପ୍ରାର୍ଥୀଙ୍କୁ ସମର୍ଥନ କରିବ କି ନାହିଁ ତାହାକୁ ନେଇ ଅଙ୍କକଷା ଚାଲିଥିବା ବେଳେ ଏବେ ଭୋଟ ଚୋରି ପ୍ରସଙ୍ଗରେ କିନ୍ତୁ ଦଳର ନିରବତାକୁ ନେଇ କର୍ମୀମାନେ ପ୍ରଶ୍ନ ଆରମ୍ଭ କରିଦେଇଛନ୍ତି । ନିର୍ବାଚନରେ ହାରିବା ପରେ ବିଜେଡି ଭୋଟ ଚୋରିକୁ ନେଇ ଯେଉଁ ପ୍ରଶ୍ନ କରିଥିଲା, ଏବେ ସେଥିରୁ ଓହରିବ ନା ବିରୋଧୀ ଦଳର ଦାବିକୁ ସମର୍ଥନ କରିବ, ତାହା ଉପରେ ସମସ୍ତଙ୍କ ନଜର ଥିବାବେଳେ ଏ ପ୍ରସଙ୍ଗରେ କିନ୍ତୁ ମୁହଁ ଖୋଲିବାକୁ ଅନେକ ବିଜେଡି ନେତା ରାଜି ହେଉନଥିବା ଲକ୍ଷ୍ୟ କରାଯାଉଛି ।

### ଗ୍ରାହକଙ୍କ...

ସହଯୋଗୀମାନେ ତୁରନ୍ତ ତାଙ୍କୁ ସରକାରୀ ଡାକ୍ତରଖାନାକୁ ନେଇଥିଲେ । କାଳେ କିଛି ହୋଇଯିବ ସେହି ଭୟରେ ତାଙ୍କୁ ଗୋଟିଏ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ତେବେ କେଉଁ ଗ୍ରାହକ କ'ଣ ପାଇଁ ଏଭଳି ଗାଳି ଦେଲା ତାହା ଜଣାପଡିନଥିବାବେଳେ ମୂର୍ଚ୍ଛା ହୋଇଥିବା ଝିଅଟକୁ ଡାକ୍ତରଖାନା ନେଇଥିବା ସହଯୋଗୀ ଏବେ ଅକଳରେ ପଡିଛନ୍ତି। କାରଣ ତୁରନ୍ତ ଚିକିତ୍ସା ପାଇଁ କାମଛାଡି ଡାକ୍ତରଖାନା ଯାଇଥିବା ସହଯୋଗୀଙ୍କ ଏବେ ସମ୍ପୃକ୍ତ ସଂସ୍ଥା କୈଫତ ତଲବ କରିଛି । ଗୋଟିଏ ନାମୀ ଦାମୀ କଲ ସେଣ୍ଟରର ଏଭଳି ଆଚରଣ ଏବେ ରାଜଧାନୀରେ ଚର୍ଚ୍ଚାର ବିଷୟ ପାଲଟିଛି ।

### ଅନ୍‌ଲାଇନ୍‌ରେ...

ଆରମ୍ଭ ହୋଇଥିଲା, ସେଥିରେ ସରକାର ରାଜି ନାହାନ୍ତି। ଏହା ଅନ୍ୟ ମନ୍ଦିର ପ୍ରଶାସନକୁ ଅନୁରୋଧ ଯେ, ମନ୍ଦିର ପ୍ରସାଦକୁ ଅନଲାଇନରେ ହୋଟେଲ ଖାଦ୍ୟ ଭଳି ବିତରଣ କରନ୍ତୁ ନାହିଁ। ମନ୍ଦିର ଆସି ପ୍ରସାଦ ପାଇବା ହିନ୍ଦୁ ମନ୍ଦିରର ରୀତିନୀତି । ଅନ୍ୟପଟେ ଖୁବଶୀଘ୍ର ଅଭଡ଼ା ଦର ରେଟ୍ ଚାର୍ଟ ଲାଗୁ କରାଯିବ । ଏ ବାବଦରେ ବୈଠକ ସରିଛି ।

### ପୁରୀ...

ସୁଗମ ଭାବରେ ସଂଯୋଗ କରିବ, ଯାହା ପୂର୍ବାଂଚଳ ରାଜ୍ୟ ଓଡ଼ିଶା ଏବଂ ଉତର-ପଶ୍ଚିମ ରାଜ୍ୟ ରାଜସ୍ଥାନ ମଧ୍ୟରେ ସାଂସ୍କୃତିକ ଏବଂ ଅର୍ଥନୈତିକ ସମ୍ପର୍କକୁ ଦୃଢ଼ କରିବ । ସାଂସଦ ଶ୍ରୀ ସମ୍ବିତ ପାତ୍ର ୧୩ ଅଗଷ୍ଟ (ବୁଧବାର) ଦିନ ପୁରୀ ରେଳ ଷ୍ଟେସନରେ ବିଧାୟକ ସୁନୀଲ କୁମାର ମହାନ୍ତିଙ୍କ ଉପସ୍ଥିତିରେ ଏହି ଟ୍ରେନର ସମ୍ପ୍ରସାରଣକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିବେ । ଏହି ସମାରୋହରେ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଆଲୋକ ତ୍ରିପାଠୀ ମଧ୍ୟ ଯୋଗଦେବେ । ପୁରୀ ଏବଂ ଲାଲଗଡ଼ ମଧ୍ୟରେ ଉଭୟ ପାର୍ଶ୍ୱରୁ ସ୍ଥିରୀକୃତ ଷ୍ଟେସନ ଠାରେ ରହଣି ସମୟ ଅପରିବର୍ତ୍ତିତ ରହିବ ।

### ସମାଲୋଚକଙ୍କୁ...

ବିଶେଷ ଭାବରେ କଂଗ୍ରେସ ଦଳର ନେତା ରାହୁଲ ଗାନ୍ଧୀ ସବୁବେଳେ ସମ୍ବିଧାନର ଦ୍ୱାହି ଦେଇ ସମ୍ବିଧାନ ବିରୋଧୀ କାମ କରୁଛନ୍ତି। କଂଗ୍ରେସ ପାର୍ଟି ଦିଶାହୀନ ହେବା ରାହୁଲଙ୍କ ପାଇଁ ଦ୍ୱନ୍ଦର କାରଣ ହୋଇଛି। ସେ କହିଛନ୍ତି, ସ୍ୱତନ୍ତ୍ର ସଂଶୋଧିତ ଭୋଟର ତାଲିକା ପ୍ରଥମ ଥର ପାଇଁ ନୁହେଁ ବରଂ ସବୁ ରାଜ୍ୟରେ ଜାତୀୟ ସ୍ତରରେ ନିର୍ବାଚନ କମିଶନଙ୍କ ଏକ ନିୟମିତ ପ୍ରକ୍ରିୟା। ସ୍ୱାଧୀନତା ପରେ ଭୋଟର ତାଲିକାକୁ ସଂଶୋଧିତ ଏବଂ ବ୍ୟବସ୍ଥିତ କରିବା ପାଇଁ ନିର୍ବାଚନ କମିଶନଙ୍କ ଏକ ସ୍ୱତନ୍ତ୍ର ଏବଂ ନିରନ୍ତର ପ୍ରକ୍ରିୟା ରହିଛି। କଂଗ୍ରେସ ଦଳ ପ୍ରଥମେ ଇଭିଏମ ଉପରେ ମିଛ ଅଭିଯୋଗ ଆଣିବା ସହ ସମୟ ସମୟରେ ମହାରାଷ୍ଟ୍ର, ହରିୟାଣାର ପ୍ରସଙ୍ଗ ଉଠାଇ ଦେଶବାସୀଙ୍କ ସାମ୍ନାରେ ମିଛର ପାହାଡ ତିଆରି କରେ। ବିଶେଷ ଭାବରେ ୨୦୧୪, ୨୦୧୯ ଏବଂ ୨୦୨୪ ରେ ଅନେକ ରାଜ୍ୟରେ ଲଗାତାର ପରାଜୟ ଯୋଗୁଁ କଂଗ୍ରେସ ଦଳ ହତାଶାବସ୍ଥାରେ ଅଛି। କଂଗ୍ରେସ ପାଖରେ ନା କୌଣସି ସ୍ପଷ୍ଟ ପ୍ରସଙ୍ଗ ନାହିଁ, ନା କୌଣସି ନୀତି ଅଛି। କେବଳ ଏକ ପ୍ରତିକ୍ରିୟାଶୀଳ ଶକ୍ତି ଭାବରେ ଇଚ୍ଛାନୁସାରେ ନିଜର ରାଜନୈତିକ କାର୍ଯ୍ୟକ୍ରମ ତିଆରି କରୁଛନ୍ତି। ପ୍ରଥମେ କଂଗ୍ରେସ ଇଭିଏମକୁ ପ୍ରସଙ୍ଗ କରିଥିବା ବେଳେ ପରେ ରାଫେଲ ଉପରେ ମିଛ ଟିପ୍ପଣୀ ଦେଇଥିଲା। ତା'ପରେ ସୀମାରେ ଚୀନ୍ ସହିତ ଆମର ବିବାଦ ପ୍ରସଙ୍ଗରେ ଚୀନ୍‌କୁ ସମର୍ଥନ କରିଥିଲା। କଂଗ୍ରେସ ଭାରତୀୟ ସେନା ଏବଂ ଭାରତର ସାର୍ବଭୌମତ୍ୱ ଉପରେ ପ୍ରଶ୍ନ ଉଠାଇଥିଲେ, ଯେଉଁ ପ୍ରସଙ୍ଗରେ ମାନ୍ୟବର ନ୍ୟାୟପାଳିକା ମଧ୍ୟ ସ୍ୱାଧୀନ ଭାରତର କୌଣସି ରାଜନୈତିକ ବ୍ୟକ୍ତିତ୍ୱ ଉପରେ ଏତେ କଠୋର ମନ୍ତବ୍ୟ ଦେବାକୁ ବାଧ୍ୟ ହୋଇଥିଲେ। କେନ୍ଦ୍ରମନ୍ତ୍ରୀ ଆହୁରି କହିଛନ୍ତି ଯେ କଂଗ୍ରେସ ଦଳ ଏବଂ ତାଙ୍କର ନେତା ରାହୁଲ ଗାନ୍ଧୀ ଆଜି ବୈଚାରିକ ଦିଶାହୀନ ହୋଇଯାଇଛନ୍ତି। ଦେଶରେ ଅସ୍ଥିରତା ତିଆରି କରିବା ପାଇଁ ସେମାନଙ୍କର ସୁଚିନ୍ତିତ ରଣନୀତିର ଏକ ଅଂଶ ହେଉଛି ଅରାଜକତା ଏବଂ ଅହଂକାରର ସମିଶ୍ରଣ। ସେମାନଙ୍କର ସ୍ପଷ୍ଟ ନୀତି ହେଉଛି ଯେ ଯଦି ସେମାନେ ନିର୍ବାଚନ ଜିତିଯାଆନ୍ତି, ତେବେ ସବୁକିଛି ଠିକ୍ ଅଛି, କିନ୍ତୁ ଯେତେବେଳେ ସେମାନେ ହାରିଯାଆନ୍ତି, ସେତେବେଳେ ବ୍ୟବସ୍ଥାର ତ୍ରୁଟି ଉପରେ ଦୋଷ ଲଦନ୍ତି। ଗତ ଦୁଇ-ତିନି ଦିନ ମଧ୍ୟରେ ହୋଇଥିବା ବିତର୍କ ଏବଂ ବିବାଦ ପାଇଁ ଭାରତୀୟ ଗଣମାଧ୍ୟମକୁ ଧନ୍ୟବାଦ ଜଣାଇଛନ୍ତି ଶ୍ରୀ ପ୍ରଧାନ।

# 'ଅଦମ୍ୟ' ଶ୍ରେଷ୍ଠ କ୍ଷୁଦ୍ର ଚଳଚ୍ଚିତ୍ର ଭାବେ ପୁରସ୍କୃତ




**ହିଞ୍ଜିଳିକାଟୁ,୧୧।୮ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁର ନୃତ୍ୟମ ଅନୁଷ୍ଠାନର ଗୁରୁ ତଥା ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ସାହୁଙ୍କ ନିର୍ଦ୍ଦେଶିତ 'ଅଦମ୍ୟ' ଚଳଚ୍ଚିତ୍ର ଆଜି ଜାତୀୟସ୍ତରୀୟ ଚଳଚ୍ଚିତ୍ର ମହୋତ୍ସବ ନିର୍ମଲ୍ ପାଣ୍ଡେ ସ୍ମୃତି ଫିଲ୍ମ ଫେଷ୍ଟିଭାଲ ମହୋତ୍ସବରେ ଶ୍ରେଷ୍ଠ କ୍ଷୁଦ୍ର ଚଳଚ୍ଚିତ୍ର ଭବେ ପୁରସ୍କୃତ ହୋଇଛି।

ପ୍ରତ୍ୟେକ ବର୍ଷ ଭିନ୍ନ ଭିନ୍ନ ରାଜ୍ୟରେ ଏହା ଅୟୋଜନ ହୋଇଆସୁଥିବା ବେଳେ ପ୍ରଥମ ଥର କରି ବିଜୁ ପଟ୍ଟନାୟକ ଫିଲ୍ମ ଏବଂ ଟେଲିଭିଜନ ଇନଷ୍ଟ୍ରିଟ୍ୟୁଡ୍ ଅଫ୍ ଓଡ଼ିଶା କଟକ ଠାରେ ଅୟୋଜନ ହୋଇଥିଲା। ଏଥିରେ ବଲିଉଡ୍ ଓ ଅଲିଉଡ୍‌ର ନାମୀଦାମୀ କଳାକାର ଓ ଟେକ୍ନିସିୟାନ୍ ଯୋଗ ଦେଇଥିଲେ। ଅଦମ୍ୟ ଚଳଚ୍ଚିତ୍ରର କାହାଣୀ ସୀମାଞ୍ଚଳ ମହାରଣା ଲେଖିଥିବା ବେଳେ ମୁଖ୍ୟ ଭୂମିକାରେ ବିବେକ କୁମାର୍ ଡାକୁଆ, ପ୍ରୀତି ରଞ୍ଜନ ପ୍ରଧାନ, ସଞ୍ଜିତା, କାଜଲ, ସୁଇଟି, ଶୁଭମ୍, କ୍ଷୀରସିନ୍ଧୁ ମହାନ୍ତି, ଗୁରୁଶ୍ରୀ ନାରାୟଣ ମହାରଣା, ମଧୁସୂଦନ ମିଶ୍ର, ସପନ କୁମାର୍ ସେଠୀ, ଗୀତାଞ୍ଜଳି ସାମନ୍ତରାୟ ଏବଂ ବରିଷ୍ଠ ଅଭିନେତା ଜୟ ପ୍ରକାଶ ଦାସ ପ୍ରମୁଖ ବ୍ୟକ୍ତି ବିଶେଷ ଅଭିନୟ କରିଥିଲେ। ଏହି ସଫଳତା ପାଇଁ 'ଅଦମ୍ୟ' ଚଳଚ୍ଚିତ୍ରକୁ ସବୁଆଡୁ ପ୍ରଶଂସାର ସୁଅ ଛୁଟୁଛି।

# ଶିଶୁ ବିକାଶ ଯୋଜନାର ବିକଳ ଚିତ୍ର
# ଗୋଟିଏ କୋଠାରେ ୩ ଅଙ୍ଗନବାଡ଼ି କେନ୍ଦ୍ର




**ହିଞ୍ଜିଳିକାଟୁ,୧୧।୮ (ସଂଚାର ବ୍ୟୁରୋ):** କଥାରେ ଅଛି ଶିଶୁ ହେଉଛି ଦେଶର ଭବିଷ୍ୟତ। ଶିଶୁ ଶିକ୍ଷିତ ହେଲେ ରାଜ୍ୟ ତଥା ଦେଶର ପ୍ରଗତି ସମ୍ଭବ। ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥାକୁ ଟିକେ ଠଉରାଇଲେ ବାସ୍ତବ ଚିତ୍ର ଆପଣଙ୍କ ସାମ୍ନାରେ। ହିଂଜିଳିକାଟୁ ପୌରାଞ୍ଚଳସ୍ଥିତ ୧୦ନଂ ୱାର୍ଡର ଅଙ୍ଗନବାଡ଼ି କେନ୍ଦ୍ରରେ ବର୍ଷ ବର୍ଷ ଧରି ଯଥାକ୍ରମେ ୭, ୮ ଓ ୧୦ ନଂ ୱାର୍ଡର କାର୍ଯ୍ୟ ସମ୍ପାଦନ ହେଉଛି। ଫଳରେ ପାଠପଢ଼ା ବ୍ୟାହତ ହେବା ସହ ନାନା ସମସ୍ୟା ସୃଷ୍ଟି ହେଉଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି। ଏକ ଛୋଟିଆ ବଖରାରେ ୩ଟି କେନ୍ଦ୍ରର ପିଲାଙ୍କ ପାଇଁ ରୋଷେଇ ହେଉଥିବା ବେଳେ ଖାଇବା ପାଇଁ ସ୍ଥାନ ଅଭାବ ଯୋଗୁ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଶିଶୁ ବିକାଶ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଯୋଜନା ଉପରେ ଯୋଜନା କରୁଥିବା ବେଳେ ପ୍ରକୃତ ପକ୍ଷେ ଏହି ଯୋଜନାର ଏକ ବିକଳ ଚିତ୍ର ଏହି ଅଙ୍ଗନବାଡ଼ିକୁ ଦେଖିଲେ ସ୍ପଷ୍ଟ ବାରି ହୋଇପଡୁଛି।

ପ୍ରକାଶ ଥାଉ କି, ୨୦୧୮ ଜାନୁଆରୀ ୨୬ ତାରିଖରେ ହିଂଜିଳିକାଟୁ ପୌରାଞ୍ଚଳସ୍ଥିତ ୧୦ନଂ ୱାର୍ଡରେ ୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଅଙ୍ଗନବାଡି କେନ୍ଦ୍ର ଉଦଘାଟିତ ହୋଇଥିଲା। ଉଦଘାଟନ ପରଠୁ ବର୍ଷ ବର୍ଷ ଧରି ଯଥାକ୍ରମେ ୭,୮ ଓ ୧୦ ନଂ ୱାର୍ଡର କାର୍ଯ୍ୟ ସମ୍ପାଦନ ହେଉଛି। ପ୍ରତି ଦୁଇ ତିନି ମାସରେ ଏଠାରେ ପୌରାଞ୍ଚଳର ସମସ୍ତ ଅଙ୍ଗନବାଡ଼ି କର୍ମୀଙ୍କ ବୈଠକ ହେଲେ ଉଚ୍ଚପଦସ୍ଥ ଅଧିକାରୀମାନେ ଆସିଥା'ନ୍ତି ହେଲେ ଏଭଳି ଅବ୍ୟବସ୍ଥା ପ୍ରତି ସେମାନଙ୍କୁ କିଏ ଜଣାଉନାହାନ୍ତି ନା ଜାଣି ଅଜଣା ଭଳି ଅଧିକାରୀ ରହୁଛନ୍ତି ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ହିଞ୍ଜିଳିକାଟୁ ପୌରପରିଷଦ ଅନ୍ତର୍ଗତ ୧୦ ନଂ ୱାର୍ଡର ଅଙ୍ଗନୱାଡି କେନ୍ଦ୍ରର ଏଭଳି ବିକଳ ଚିତ୍ରକୁ ନେଇ ସାଧାରଣରେ ପ୍ରଶାସନିକ ଉଦାସୀନତା ଓ ଜନପ୍ରତିନିଧିଙ୍କ ଅପାରଗତାକୁ ଦାୟୀ କରାଯାଉଥିବା ବେଳେ ଏଥି ପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ପ୍ରତିକାରାତ୍ମକ ବ୍ୟବସ୍ଥା ଗ୍ରହଣ କରିବାକୁ ଦାବି ହେଉଛି।

# ଜୟଦେବ ନିର୍ବାଚନମଣ୍ଡଳୀରେ ୬ ମଣ୍ଡଳ ସଭାପତି ମନୋନୀତ



**ବାଲିଅନ୍ତା,୧୧।୮ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଜିଲ୍ଲା ବିଜେପି କାର୍ଯ୍ୟାଳୟ ପକ୍ଷରୁ ଜୟଦେବ ନିର୍ବାଚନ ମଣ୍ଡଳୀର ୬ଗୋଟି ମଣ୍ଡଳୀ ପାଇଁ ନୂତନ ଭାବେ ୬ ଜଣ ମଣ୍ଡଳ ସଭାପତିଙ୍କ ନାମ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ବ୍ରହ୍ମାନନ୍ଦ ସ୍ୱାଇଁ ବାଳକାଟି ମଣ୍ଡଳୀ, ପ୍ରେମା ନନ୍ଦ ଖୁଣ୍ଟିଆ ବାଲିଅନ୍ତା ମଣ୍ଡଳ, ସୌମ୍ୟ ରଞ୍ଜନ ଦାଶ ଭିଙ୍ଗାରପୁର ମଣ୍ଡଳ, ଗିରିଶ ପ୍ରଧାନ ବାଲିପାଟଣା, ସଞ୍ଜୟ କୁମାର ଦାସ ବନମାଳିପୁର, ବସନ୍ତମାଳ ପାଇଁ ଅଭୟ ପ୍ରଧାନଙ୍କ ନାମ ମନୋନୀତ କରାଯାଇଛି। ଏନେଇ ଆଜି ସ୍ଥାନୀୟ ବିଜେପି କାର୍ଯ୍ୟକର୍ତ୍ତାମାନେ ନୂତନ ମଣ୍ଡଳ ସଭାପତିଙ୍କୁ ପୁଷ୍ପ ଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜଣାଇଛନ୍ତି। ଅନ୍ୟପକ୍ଷରେ ମନୋନୀତ ମଣ୍ଡଳ ସଭାପତିମାନେ ବରିଷ୍ଠ ବିଜେପି କାର୍ଯ୍ୟକର୍ତ୍ତାମାନଙ୍କୁ ଏନେଇ କୃତଜ୍ଞତା ଜଣାଇଛନ୍ତି।

# ସାମୂହିକ ଛୁଟିରେ ଅମଲା କର୍ମଚାରୀ



## ଜନସାଧାରଣ ଅସୁବିଧା ସମ୍ମୁଖୀନ
## ଅଫିସରେ ଚୌକି ଖାଲି

**କାକଟପୁର/ଅସ୍ତରଙ୍ଗ,୧୧।୮ (ସଂଚାର ବ୍ୟୁରୋ):** ୯ଦଫା ଦାବୀ ପୂରଣ ଦାବୀରେ ରାଜ୍ୟରେ ଅମଲାମାନେ ଓଡିଶା ରାଜସ୍ୱ ଅମଲା ସଙ୍ଘ ସୋମବାର ଠାରୁ ସମୂହ ଛୁଟିରେ ଯାଇଛନ୍ତି। ପୂର୍ବରୁ କଳା ବ୍ୟାଚ ପରିଧାନ କରି ପ୍ରତିବାଦ ପ୍ରଦର୍ଶନ କରିଥିଲେ। ୮ତାରିଖ ସୁଦ୍ଧା ସରକାର କୌଣସି ପ୍ରକାରର ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ୧୧ତାରିଖରୁ ସମଗ୍ର ରାଜ୍ୟର ଅମଲା ମାନେ ସମୂହ ଛୁଟିରେ ଯାଇ ପ୍ରତିବାଦ କରିବେ ବୋଲି ସୂଚନା ଦେଇଥିଲେ।

ଏହି ପରିପ୍ରେକ୍ଷୀରେ ପୁରୀ ଜିଲ୍ଲା ଅସ୍ତରଙ୍ଗରେ ତହସିଲ, ବ୍ଲକ, ସମନ୍ୱିତ ଶିଶୁ ବିକାଶ ଯୋଜନା ପ୍ରକଳ୍ପ କାର୍ଯ୍ୟାଳୟରେ କାର୍ଯ୍ୟରତ ଅମଲାମାନେ ଛୁଟିରେ ସୋମବାର ଠାରୁ ଯାଇଛନ୍ତି। ତେଣୁ ରାଜସ୍ୱ ଅମଲା ସଙ୍ଘ ସଦସ୍ୟଙ୍କ ଅନୁପସ୍ଥିତରେ ସମସ୍ତ କାର୍ଯ୍ୟାଳୟ ଦୈନନ୍ଦିନ କାର୍ଯ୍ୟ ଠପ୍ ହୋଇଯାଇଛି। ଏହାଦ୍ୱାରା ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ରାଜ୍ୟ ସରକାର ସେମାନଙ୍କ ଦାବୀ ସମ୍ପର୍କରେ ଆଲୋଚନା କରି ବିହିତ ପଦକ୍ଷେପ ନେବାକୁ ସାଧାରଣ ଜନତା ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି। ଦାବୀଗୁଡ଼ିକ ମଧ୍ୟରେ ଅମଲାଙ୍କ ଦରମା ଲେଭେଲ ୯କୁ ବୃଦ୍ଧି, ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ଅଭିଯୋଗ ଜିଲ୍ଲାପାଳଙ୍କ ସୁପାରିଶକୁ ଭିତ୍ତି କରି ନୂତନ ପଦ ସୃଷ୍ଟି ଓ ପୁର୍ନଗଠନ କରିବା, କନିଷ୍ଠ ଅମଲାମାନଙ୍କ ରେସିଡେନ୍ସୀ ୬ବର୍ଷ ସ୍ଥାନରେ ୪ବର୍ଷ କରିବା, ରାଜ୍ୟ ସରକାରୀ କର୍ମଚାରୀ ଓ ସେମାନଙ୍କ ପରିବାର ପାଇଁ ବାର୍ଷିକ ୨୦ଲକ୍ଷ ସ୍ୱାସ୍ଥ୍ୟ ବୀମା ଲାଗୁ, ୨୦୨୨ପରିବର୍ତ୍ତେ ୧୯୯୦ନିୟମ ଅନୁଯାୟୀ ପୁନଃ ଥଇଥାନ କରିବା ଓ ନୂତନ ପେନସନ ଯୋଜନା ପରିବର୍ତ୍ତେ ପୁରାତନ ପେନସନ ଲାଗୁ କରିବା ପ୍ରଭୃତି ରହିଛି।

# କାର ଚାଳକଙ୍କୁ ଆକ୍ରମଣ ଅଭିଯୋଗରେ ୩ ଗିରଫ



**ବ୍ରହ୍ମପୁର,୧୧।୮ (ସଂଚାର ବ୍ୟୁରୋ):** କାର ଚାଳକଙ୍କୁ ଆକ୍ରମଣ ଘଟଣାରେ ସଂପୃକ୍ତ ଥିବା ୩ଜଣ ଅଭିଯୁକ୍ତଙ୍କୁ ଟାଉନ ପୁଲିସ ଗିରଫ କରିଛି। ସେମାନେ ହେଲେ ବଡବଜାର ଥାନା ଅନ୍ତର୍ଗତ ଜଗବନ୍ଧୁ ସାହି ଆପାର୍ଟମେଣ୍ଟରେ ରହୁଥିବା ଲାଲା ମହାନ୍ତି(୨୭), ପାଣିଗ୍ରାହୀପେଣ୍ଠର ବଣ୍ଟି ସାହୁ(୩୦) ଓ ଦିଗପହଣ୍ଡି ଥାନା ଅନ୍ତର୍ଗତ ଅନନ୍ତେଇ ଗ୍ରାମର ମନୋରଞ୍ଜନ ସାହୁ ଓରଫ ବାବୁ(୩୦)। ଦୁଇଟି ବାଇକ ପୁଲିସ ଜବତ କରିଛି। ଲାଲା ମହାନ୍ତି ନାମରେ ବଡବଜାର ଥାନାରେ ୯ ଗୋଟି ମାମଲା ରହିଥିବା ବେଳେ ବଣ୍ଟି ନାମରେ ଗୋଟିଏ ମାମଲା ରହିଥିବା ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ. ସୂଚନା ଦେଇଛନ୍ତି। ମାମଲା ନଂ ୩୧୨/୨୫ରେ ଉକ୍ତ ତିନି ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ଗତ ୨ ତାରିଖ ବଡି ଭୋର୍‌ରେ ବିକାଶ ଶତପଥୀ ତାଙ୍କ ସ୍ତ୍ରୀ ସୋନାଲି ଶତପଥି ଓ ଏମକେସିଜି ମେଡିକାଲରେ ଚିକିତ୍ସା ପରେ ଭଲ ହୋଇଥିବା ଜଣେ ସମ୍ପର୍କୀୟଙ୍କୁ ଧରି ଫେରୁଥିଲେ। ବିକାଶ ନିଜ କାର ଚଳାଇ ତାଙ୍କ ସ୍ତ୍ରୀ ଓ ସମ୍ପର୍କୀୟଙ୍କୁ ଧରି ଘରକୁ ଫେରୁଥିଲେ। ଆସ୍କାରୋଡ ନିକଟ କର୍ପୋରେସନ ଛକରେ ଉକ୍ତ ତିନି ଅଭିଯୁକ୍ତ ଦୁଇଟି ବାଇକରେ କ୍ଷିପ୍ର ଗତିରେ ଆସି ଉକ୍ତ କାର ଅଟକାଇଥିଲେ। ବିନା କୌଣସି କାରଣରେ ସେମାନେ ବିକାଶଙ୍କୁ କାର ଭିତରୁ ଟାଣି ଆଣି ରାସ୍ତା ଉପରେ ଆକ୍ରମଣ କରିଥିଲେ। ପରେ ସେ ଏନେଇ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଉକ୍ତ ଅଭିଯୁକ୍ତ ମାନଙ୍କୁ ଗିରଫ କରିଥିଲା।

# କାର ସହ ଦେଶୀ ଓ ବିଦେଶୀ ମଦ ଜବତ, ଚାଳକ ଫେରାର



**ନାଉଗାଁ,୧୧।୮ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅନ୍ତର୍ଗତ ଜାମୁଗାଁ ଠାରୁ ଏକ କାର ସହ ଦେଶୀ ଓ ବିଦେଶୀ ଚୋରା ମଦ ଅବକାରୀ ବିଭାଗ ଦ୍ୱାରା ସୋମବାର ସଂଧାରେ ଜବତ କରାଯାଇଛି। ମଦ ଜବତ କରାଯାଇଥିବା ବେଳେ ଗାଡି ଚାଳକ ଫେରାର ହୋଇଯାଇଛି। ଜଗତସିଂହପୁର ଅବକାରୀ ବିଭାଗର ଇନ୍ସପେକ୍ଟର ପ୍ରଭାସ କୁମାର ଚୌଧୁରୀଙ୍କ ସୂଚନା ମୁତାବକ ମାରୁତି କାର ଗାଡି ନମ୍ବର ଓଆର ୦୨ବିଏକ୍ସ୦୯୮୯ ରେ ଚୋରା ମଦ ଯାଉଥିବା ଆମେ ବିଶେଷ ସୂତ୍ରରୁ ଖବର ପାଇଥିଲୁ। ଉକ୍ତ ଚୋରା ମଦ ଗାଡିକୁ ଆମ ଟିମ୍ ଦ୍ୱାରା ୨୧ ପେଟି ଅର୍ଥାତ ୧୦୫ ଲିଟର ଆସ୍କା ଫଟି ସହିତ ୪୦ଟି ବିଦେଶୀ ମଦ ଜବତ କରାଯାଇଛି। ଉକ୍ତ ଗାଡିଟି ପ୍ରସାନ୍ତ କୁମାର ସାହୁ ନାମରେ ରହିଛି। ତାଙ୍କ ନାମରେ ଚୋରା ମଦ କାରବାରରେ ପୂର୍ବରୁ ଅନେକ କେସ ରହିଛି। ଖୁବ ଶିଘ୍ର ତାଙ୍କୁ ଧରାଯିବ ବୋଲି ଚୌଧୁରୀ ପ୍ରକାଶ କରିଛନ୍ତି।

ସୂଚନା ମୁତାବକ ପ୍ରଶାନ୍ତ ସାହୁ (ହଡା) ଦୀର୍ଘ ଦିନ ହେବ ଗାଁ ମଧ୍ୟରେ ଚୋରା ମଦ କାରବାର କରି ଆସୁଥିବା ବେଳେ ଅବକାରୀ ବିଭାଗ ଓ ନାଉଗାଁ ପୁଲିସ ଚୋରା ବେପାରୀଙ୍କୁ ଧରିବାରେ ବିଫଳ ହେଉଛି।

# ସମ୍ ହସ୍ପିଟାଲ-୨ରେ ବିରଳ ଶ୍ୱାସନଳୀ ଅସ୍ତ୍ରୋପଚାର
# ବଞ୍ଚିଲା କର୍କଟ ରୋଗୀଙ୍କ ଜୀବନ



**ଭୁବନେଶ୍ୱର,୧୧।୮ (ସଂଚାର ବ୍ୟୁରୋ):** ଆଧୁନିକ ଚିକିତ୍ସା ଏବଂ ଦଳଗତ କାର୍ଯ୍ୟର ଏକ ଉଲ୍ଲେଖନୀୟ ପ୍ରଦର୍ଶନରେ ଫୁଲନଖରା ସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍, କ୍ୟାମ୍ପସ-୨ର ଡାକ୍ତରମାନେ ଜଣେ ୪୦ ବର୍ଷୀୟ କର୍କଟ ରୋଗୀଙ୍କ ରୁଦ୍ଧ ଶ୍ୱାସନଳୀକୁ ସଫଳତାର ସହ ଉନ୍ମୁକ୍ତ କରି ଉଦାହରଣ ସୃଷ୍ଟି କରିଛନ୍ତି।

କଟକ ଜିଲ୍ଲା ନିଆଳୀର ବାସିନ୍ଦା ଏହି ରୋଗୀଙ୍କ ଡାହାଣ ପାର୍ଶ୍ୱ ମୁଖ୍ୟ ବ୍ରୋଙ୍କସ ସମ୍ପୂର୍ଣ୍ଣ ଅବରୋଧ ହେତୁ ନିଃଶ୍ୱାସ ନେବାରେ କଷ୍ଟ ହେଉଥିଲା। ଅସ୍ତ୍ରୋପଚାରର ଦୁଇଟି ପର୍ଯ୍ୟାୟରେ ପ୍ରଥମେ ଅଗଷ୍ଟ ୨ ଏବଂ ଦ୍ୱିତୀୟ ଥର ପାଇଁ ଅଗଷ୍ଟ ୭ରେ କରାଯାଇଥିଲା। ସାଧାରଣ ଆନେସ୍‌ଥେସିଆ ପ୍ରୟୋଗ ତଥା ଅତ୍ୟାଧୁନିକ କାୟୋ ଓ ଇଲେକ୍ଟ୍ରୋସ୍ନେର ଟେକ୍ନୋଲୋଜି ବ୍ୟବହାର କରି ଅତି ସାବଧାନତାର ସହିତ ଏହି ଉପଚାର କରାଯାଇ ଟ୍ୟୁମରକୁ ବାହାର କରାଯିବା ସହ ଶ୍ୱାସନଳୀକୁ ପୁନଃ ଉନ୍ମୁକ୍ତ କରାଯାଇଥିଲା।

ଏହି ଗୁରୁତ୍ୱପୂର୍ଣ୍ଣ ଏୟାରୱେ ପ୍ରକ୍ରିୟା ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ବିଶେଷଜ୍ଞ ଦଳ ଦ୍ୱାରା ସମ୍ପାଦିତ ହୋଇଥିଲେ ମଧ ଏହା (ସୋଆ) ଡିମ୍‌ଡ ଟୁ ବି ୟୁନିଭର୍ସିଟିର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱକୁ ପ୍ରତିଫଳିତ କରିଛି। ଓଡ଼ିଶାରେ ସ୍ୱାସ୍ଥ୍ୟସେବାର ଭିତ୍ତିଭୂମି ଏବଂ ପ୍ରଯୁକ୍ତିବିଦ୍ୟାକୁ ଆଗକୁ ବଢ଼ାଇବା ପ୍ରତି ପ୍ରଫେସର ନାୟକଙ୍କ ପ୍ରତିବଦ୍ଧତା ରାଜ୍ୟ ମଧ୍ୟରେ ଏପରି ଜଟିଳ ଏବଂ ଜୀବନ ରକ୍ଷାକାରୀ ହସ୍ତକ୍ଷେପ ଉପଲବ୍ଧ କରିପାରିଛି।

କାୟୋ ଏବଂ ଇଲେକ୍ଟ୍ରୋସ୍ନେର ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ସେଂଟ୍ରାଲ୍ ଏୟାରୱେ ଟ୍ୟୁମର ଡିବଲକିଂ ଚିକିତ୍ସା ଓଡ଼ିଶାର କେବଳ କିଛି ହାତଗଣିତ କେନ୍ଦ୍ରରେ ଉପଲବ୍ଧ। ଏହି ଚିକିତ୍ସା ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ ନିମନ୍ତେ ଅତ୍ୟାଧୁନିକ ହସ୍ତକ୍ଷେପକାରୀ ପଲମୋନୋଲଜି ପ୍ରକ୍ରିୟା ବ୍ୟବହାର କରିବା କ୍ଷେତ୍ରରେ ଆଉ ଏକ ମାଇଲଖୁଣ୍ଟ ପାଲଟିଛି।

# ୮୦ ପ୍ରତିଶତ ଚାଷୀଙ୍କ ନାମରେ ନାହିଁ ନିଜସ୍ୱ ଜମି
## ମଣ୍ଡିରେ ଧାନ ବିକ୍ରି; ପଞ୍ଜିକରଣରେ ସମସ୍ୟା



**କାକଟପୁର/ଅସ୍ତରଙ୍ଗ,୧୧।୮ (ସଂଚାର ବ୍ୟୁରୋ):** ଖରିଫ ଧାନ ବିକ୍ରି ପାଇଁ ଚଳିତ ବର୍ଷ ସେବା ସମବାୟ ସମିତିରେ ଚାଷୀଙ୍କ ନାମ ପଞ୍ଜିକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ବିଭିନ୍ନ ସେବା ସମବାୟ ସମିତିରେ ଜୁଲାଇ ୧୯ତାରିଖରୁ ପଞ୍ଜିକରଣ ଆରମ୍ଭ ହୋଇଛି। ଏହା ଅଗଷ୍ଟ ୨୦ତାରିଖ ପର୍ଯ୍ୟନ୍ତ ଚାଲିବ। ଧାନ କିଣା ପ୍ରକ୍ରିୟାକୁ ସ୍ୱଚ୍ଛ, ଅବାଧ ଓ ଦୁର୍ନୀତି ମୁକ୍ତ କରିବା ପାଇଁ ସରକାର ଏ ବର୍ଷ ନୂଆ ନିୟମ କରିଛନ୍ତି। ଏହି ନିୟମ ଚାଷୀଙ୍କ ପାଇଁ ସମସ୍ୟା ପାଲଟିଛି। ଧାନ ବିକ୍ରି ପାଇଁ ଯେଉଁ ଚାଷୀ ଆବେଦନ କରୁଛନ୍ତି, ସେମାନଙ୍କ ମଧ୍ୟରୁ ୮୦ପ୍ରତିଶତଙ୍କ ନାମରେ ନିଜସ୍ୱ ଜମି ନାହିଁ। ପୁରୁଷାନୁକ୍ରମେ ପିତୃ ପୁରୁଷଙ୍କ ଜମିରେ ଚାଷ କରି ଆସୁଛନ୍ତି।

ନୂଆ ନିୟମ ମୁତାବକ ଚାଷୀମାନଙ୍କୁ ଏବେ ଉତ୍ତରାଧିକାରୀ ପ୍ରମାଣପତ୍ର ବାହାର କରିବାକୁ ପଡିବ। ଏଥିପାଇଁ ଅତି କମ୍‌ରେ ସେମାନଙ୍କୁ ୪୦ରୁ ୪୫ଦିନ ଅପେକ୍ଷା କରିବାକୁ ପଡିବ। ପଞ୍ଜିକରଣ ଅବଧି ମାସେ ରହିଥିବାରୁ ଚାଷୀ ଏହି ପ୍ରମାଣପତ୍ର ବାହାର କରିବା ଉପରେ ଗୁରୁତ୍ୱ ଦେଲେ ଚଳିତ ବର୍ଷ ନାମ ପଞ୍ଜିକରଣରୁ ବଂଚିତ ହେବାର ଆଶଙ୍କା ଉପୁଜୁଛି। ଚାଷୀ ରୁଆପୋତା କାର୍ଯ୍ୟରେ ବ୍ୟସ୍ତ ଥିଲା ବେଳେ ସେବା ସମବାୟ ସମିତି ଆସିବାକୁ ପରୋକ୍ଷରେ ବାଧ କରାଯିବା ନେଇ ପ୍ରଶ୍ନ ଉଠୁଛି।

ପ୍ରକୃତ ଚାଷୀ ଧାନ ବିକ୍ରିରୁ ବଂଚିତ ହେଉଥିବା ସମସ୍ୟାର ସମାଧାନ ପାଇଁ ଏ ବର୍ଷ ସରକାର କେୱାଇସି ବାଧ୍ୟତା ମୂଳକ କରିଛନ୍ତି। ଯେଉଁ ଚାଷୀ ଉତ୍ତରାଧିକାରୀ ପ୍ରମାଣ ପତ୍ର ଯୋଗାଡ଼ କରି ନ ପାରିଲେ ସେମାନେ ସେବା ସମବାୟ ସମିତିରୁ ସହମତି ଫର୍ମ ନେଇ ରାଜସ୍ୱ ନିରୀକ୍ଷକଙ୍କ ସ୍ୱାକ୍ଷର କରି ଆଣିଲେ ପଞ୍ଜିକରଣ କରିପାରିବେ ବୋଲି କେତେକ ସମବାୟ ସମିତିର ସମ୍ପାଦକ ସୂଚନା ଦେଇଛନ୍ତି। ଚାଷ ଜମିରେ ଚାଷୀ ବ୍ୟସ୍ତ ଥିବାରୁ ସରକାରଙ୍କ ନିୟମରେ କୋହଳ କରିବା ସହ ଚାଷୀଙ୍କ ପଞ୍ଜିକରଣରେ ସହଯୋଗ କରିବା ପାଇଁ ଚାଷୀକୁଳ ନିବେଦନ କରିଛନ୍ତି।

# ବଳଙ୍ଗା ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ନିମାପଡାରେ ଗର୍ଜିଲା କଂଗ୍ରେସ

**ଗୋପ,୧୧।୮ (ସଂଚାର ବ୍ୟୁରୋ):** ବଳଙ୍ଗା ମୃତକ ନାବାଳିକାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ମାଟିରେ ଗର୍ଜିଛି କଂଗ୍ରେସ। ରବିବାର ମଧ୍ୟାହ୍ନରେ ଶୋଭାଯାତ୍ରାରେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଦାଶଙ୍କ ନେତୃତ୍ୱ ଶତାଧିକ ଦଳୀୟ କର୍ମୀ ଖେଲାର ଠାରୁ ବଳଙ୍ଗା ଏବଂ ନିମାପଡା ପର୍ଯ୍ୟନ୍ତ "ନାରୀ ନ୍ୟାୟ ପଦଯାତ୍ରା" ସାମିଲ ହୋଇଥିଲେ। ପିସିସି ସଭାପତି ଭକ୍ତ ଦାଶ ପ୍ରଥମେ ମୃତ ପୀଡିତା ଙ୍କ କବରରେ ପୁଷ୍ପ ମାଲ୍ୟ ପ୍ରଦାନ କରି ଆରମ୍ଭ କରିଥିଲେ ନାରୀ ନାୟ ପଦଯାତ୍ରା। ବଳଙ୍ଗା ଠାରୁ ପଦଯାତ୍ରା କରି ନିମାପଡା ଠାରେ ଅନୁଷ୍ଠିତ ସମାବେଶରେ କଂଗ୍ରେସ ନେତୃତ୍ୱ ସିଧାସଳଖ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ରାଜ୍ୟରେ କ୍ଷମତାସିନ ଭାଜପା ସରକାରଙ୍କ ଅପାର୍ଗତ ଯୋଗୁଁ ନାରୀ ନିର୍ଯ୍ୟତନା ବୃଦ୍ଧିପାଇବାରେ ଲାଗିଛି,ତୁରନ୍ତମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏବଂ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତ ପରିଡାଙ୍କ ଇସ୍ତଫା ଦିଅନ୍ତୁ ବୋଲି ପିସିଛି ସଭାପତି ଭକ୍ତ ଚରଣ ଦାଶ ଦାବୀ କରିଥିଲେ। ଏହିସମାବେଶରେ ପ୍ରସାଦ ହରିଚନ୍ଦନ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂବତନ ପିସିଛି ସଭାପତି ଜୟଦେବ ଜେନା, ପୂର୍ବତନ ସାଂସଦ ଅର୍ଜୁନ ସେଠୀ ପୁରୀ ଜିଲ୍ଲା କଂଗ୍ରେସ କମିଟି ସଭାପତି ରାଜେଶ ମିଶ୍ର, ନିମାପଡା ବ୍ଲକ କଂଗ୍ରେସ କମିଟି ସଂଯୋଜକ କାଳନ୍ଦୀ ବାରିକ, ପୂର୍ବତନ କଂଗ୍ରେସ ଉପସଭାପତି ବିଶ୍ୱ ଦାଶ, ପିସିସି ସାଧାରଣ ସମ୍ପାଦକ ବିଜୟାନନ୍ଦ ଚାଉଳିଆ, ଗୋପ ବ୍ଲକ କଂଗ୍ରେସ ସଭାପତି ଭାସ୍କର ସେଟ, ଯୁବ କଂଗ୍ରେସ ନେତା ଜିତେନ୍ଦ୍ର ସାହୁ, ଗୋବିନ୍ଦ ମଲ୍ଲିକ,ନିମାପଡା ନଗର କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ପପୁନୀ ବସ୍ତିଆ ନାରୀନେତ୍ରୀ ସୁରଭି ବିଶୋଇ, ସସ୍ମିତା ମେହେର, ଜୟଶ୍ରୀ ପତ୍ର, ନିରୁପମା ମହାପାତ୍ର ଉପସ୍ଥିତ ଥିଲେ।

# ରାଜସ୍ୱ ଅମଲା ସଙ୍ଘର ଆନ୍ଦୋଳନ



**ଖୋର୍ଦ୍ଧା,୧୧।୮ (ସଂଚାର ବ୍ୟୁରୋ):** ରାଜ୍ୟ ଅମଲା ସଙ୍ଘ ଆହ୍ୱାନ କ୍ରମେ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ରାଜସ୍ୱ ଅମଲା ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ ଆରମ୍ଭ କରିଛନ୍ତି। ସେମାନଙ୍କର ଦାବି ହେଲା ଜିଲ୍ଲା ସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କ ମୂଳ ଦରମା ଓଆର୍‌ଏସ୍‌ପି ନିୟମ ଅନୁଯାୟୀ ଲେବେଲ-୯କୁ ବୃଦ୍ଧି କରିବା, ଜିଲ୍ଲାପାଳ ମାନଙ୍କ ସୁପାରିସ ଆଧାରରେ କ୍ୟାଡର ପୁନଗଠନ ତଥା ଓଆର୍‌ଏସ୍ ପଦୋନ୍ନତିରେ ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲାଙ୍କୁ ଅବହେଳା ସହିତ ୧୦ ଦଫା ଦାବି ନେଇ ରାଜସ୍ୱ ଅମଲାମାନେ ଗତ ମାସ ୭ ତାରିଖ ଠାରୁ କଳାବ୍ୟାଚ ପରିଧାନ କରି ପ୍ରତିବାଦ କରିଥିଲେ। ଫଳସ୍ୱରୂପ ମାନ୍ୟବର ଓଡ଼ିଶା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସଂଘ ସହିତ ୯ ତାରିଖରେ ଆଲୋଚନା କରି ଶୀଘ୍ର ଏହାର ସମାଧାନ ପାଇଁ ପ୍ରତିଶୃତି ଦେଇଥିଲେ। ସେଠାରେ ଉପସ୍ଥିତ ଥିବା ରାଜସ୍ୱ ଅତିରିକ୍ତ ମୁଖ୍ୟ ଶାସନ ସଚିବ ୧୫ ଭିତରେ କ୍ୟାଡର ପୁନଗଠନ କାର୍ଯ୍ୟକୁ ସମ୍ପାଦନ କରିବାକୁ ପ୍ରତିଶୃତି ଦେଇଥିଲେ। କିନ୍ତୁ ଦୁର୍ଭାଗ୍ୟ ଓ ବିଡମ୍ବନାର ବିଷୟ ଏହିକିଯେ ଦାବି ଗୁଡିକ ମଧ ପୂରଣ ହେଲା ନାହିଁ। ରାଜ୍ୟ ସରକାରଙ୍କ ରାଜସ୍ୱ ଅମଲା ମାନଙ୍କ ପ୍ରତି ବୈମାତୃକ ମନୋଭାବ ପ୍ରତିବାଦରେ ଓ ରାଜ୍ୟ ସଂଘର ଆହ୍ୱାନ କ୍ରମେ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ରାଜସ୍ୱ ଅମଲା ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଜି ଠାରୁ ସାମୁହିକ ଛୁଟିରେ ରହି ଅନିଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ ଆରମ୍ଭ କରିଛନ୍ତି।

# ବରିଷ୍ଠ ନାଗରିକଙ୍କ ଗୋଷ୍ଠୀ କେନ୍ଦ୍ର ନାଁରେ ରେଳବାଇ ଜାଗା ହଡ଼ପ ଉଦ୍ୟମ

**କଟକ,୧୧।୮ (ସଂଚାର ବ୍ୟୁରୋ):** କଟକ ମହାନଗର ନିଗମର ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ ସ୍ଥାନୀୟ ନେତାଙ୍କ ମଧୁଚନ୍ଦ୍ରିକାରେ ଜନସାଧାରଣଙ୍କ ଟିକସ ଅର୍ଥକୁ ବିଭିନ୍ନ ଯୋଜନାରେ ପ୍ରକଳ୍ପ ନିର୍ମାଣ କରି ହରିଲୁଟ୍ କରିବା ଚକ୍ରାନ୍ତ ପଦାକୁ ଆସିଛି। କଟକ ୪୬ନଂ ୱାର୍ଡ ଶିଖରପୁର ଅଞ୍ଚଳରେ ରେଳବାଇ ଜାଗାରେ ବରିଷ୍ଠ ନାଗରିକଙ୍କ ପାଇଁ ଗୋଷ୍ଠୀକେନ୍ଦ୍ର ନିର୍ମାଣ ଆଳ କରି କିଛି ନ୍ୟସ୍ତସ୍ୱାର୍ଥ

## ରେଳବାଇ ଡିଆରଏମଙ୍କୁ ଅଭିଯୋଗ କଲେ ସୂଚନା ଅଧିକାର କର୍ମୀ



ନେତା ମୋଟାଅଙ୍କର ପିସି ହାତେଇବା ଉଦ୍ଦେଶ୍ୟରେ ରେଳବାଇ ଜମି ହଡପ ଉଦ୍ୟମ କରିଛନ୍ତି। ଏଥିରେ ସ୍ଥାନୀୟ ନେତାଙ୍କ ସମେତ ବିଭାଗୀୟ ଅଧିକାରୀଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ହୋଇଛି। କଟକ ମହାନଗର ନିଗମ ଏଭଳି ଜନକଲ୍ୟାଣ ଯୋଜନାକୁ ଆଳ କରି ଏହା ପଛରେ ରାଜନୈତିକ ଉଦ୍ଦେଶ୍ୟ ସହ ମୋଟା ଅଙ୍କର ପିସି କାରବାର ହେଉଛି। ଯେଉଁଥିରେ ସ୍ଥାନୀୟ କର୍ପୋରେଟର, ବିଭାଗୀୟ ଅଧିକାରୀ, ଠିକାଦାରଙ୍କ ସମ୍ପୃକ୍ତି ରହୁଛି ବୋଲି ଚର୍ଚ୍ଚା ଜୋର ହେଉଛି।

୧୬ଲକ୍ଷରୁ ଉର୍ଦ୍ଧ୍ୱ ଅର୍ଥ ବ୍ୟୟରେ ରେଳବାଇ ଜାଗାରେ ବରିଷ୍ଠ ନାଗରିକଙ୍କ ଗୋଷ୍ଠୀକେନ୍ଦ୍ର ନିର୍ମାଣ ପାଇଁ ଚଳିତ ବର୍ଷ ମେ ମାସ ୮ତାରିଖରେ ସ୍ଥାନୀୟ ବିଧାୟକ, କର୍ପୋରେଟର ଶିଳାନ୍ୟାସ କରିଥିଲେ। ନିର୍ମାଣ ପାଇଁ ୧୬ଲକ୍ଷ ଟଙ୍କାର ବ୍ୟୟ ବରାଦ ଥିବା ବେଳେ ଏହି ସରକାରୀ ଟଙ୍କା ଏବେ ଏକପ୍ରକାର ଆତ୍ମସାତ ହେବା ଆଶଙ୍କା ରହିଛି। ଶିଖରପୁରରେ ସିଏମସିର ୨୩ଏକର ଜାଗା ବେଆଇନ ଜବରଦଖଲ ଥିବା ବେଳେ ଏହାକୁ ଉଚ୍ଛେଦ କରାଯାଉନଥିବା ଏକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ସୂଚନାଅଧିକାର କର୍ମୀ ଜିତେନ୍ଦ୍ର କୁମାର ସାହୁ ଉକ୍ତ ପ୍ରକଳ୍ପ କାର୍ଯ୍ୟ ସମ୍ପର୍କରେ ମେ ୯ତାରିଖରେ ସିଏମସିକୁ ସୂଚନାଅଧିକାର ଆଇନରେ ତଥ୍ୟ ମାଗିଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀ ଜାଣିଶୁଣି ତଥ୍ୟ ଦେଇନଥିଲେ ଏନେଇ ମଧ ପ୍ରଥମ ଅପିଲ କରିଥିଲେ। ଅପିଲ ଶୁଣାଣୀ ଏକମାସ ପରେ ଅପିଲ ଅର୍ଡର କପି ମିଳିନଥିବା ଅଭିଯୋଗ କରିଛନ୍ତି ଜିତେନ୍ଦ୍ର। ଯେଉଁଥିରୁ ଏଭଳି କାର୍ଯ୍ୟ ପଛରେ ବଡ଼ ଧରଣର ହେରଫେର ହୋଇଥିବା ଅନୁମାନ ହେଉଛି।

କଟକ ମହାନଗର ନିଗମ ରେଳବାଇ ଜାଗାରେ ବେଆଇନ ଭାବେ ନିର୍ମାଣ କରୁଥିବା ବରିଷ୍ଠ ନାଗରିକଙ୍କ ଗୋଷ୍ଠୀକେନ୍ଦ୍ରର ସତ୍ୟାସତ୍ୟ ଅନୁସନ୍ଧାନ କରି ଏହାକୁ ଉଚ୍ଛେଦ କରାଯିବା ସହ ଜନସାଧାରଣଙ୍କ ଟିକସ ଅର୍ଥକୁ ଅପବ୍ୟବହାର କରୁଥିବା ଅଧିକାରୀ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ସହ ବେଆଇନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ବ୍ୟୟ ହୋଇଥିବା ଟଙ୍କା ଅସୁଲ କରାଯାଉ ବୋଲି ଖୋର୍ଦ୍ଧାରୋଡ ଡିଆରଏମ, ରେଳସୁରକ୍ଷାବଳ ଥାନା ଅଧିକାରୀ, ସିଏମସି ମେୟର ଓ କମିଶନରଙ୍କୁ ଲିଖିତ ଅଭିଯୋଗ କରିବା ସହ ବେଆଇନ ନିର୍ମାଣରେ ଜନସାଧାରଣଙ୍କ ଟିକସ ଅର୍ଥ ବିଭାଗୀୟ ଅଧିକାରୀଙ୍କ ଠାରୁ ଆଦାୟ କରାନଗଲେ ଆଇନର ଦ୍ୱାରସ୍ଥ ହେବେ ବୋଲି ଜିତେନ୍ଦ୍ର ଜଣାଇଛନ୍ତି।

### ଅଷ୍ଟମ ଶ୍ରେଣୀ ଦୁଷ୍କର୍ମ ପୀଡ଼ିତା ଭଦ୍ରକ ହସ୍ପିଟାଲରେ ଭର୍ତ୍ତି

# ମାମଲାକୁ ନେଇ ଶାସକ-ବିରୋଧୀ ମୁହାଁମୁହିଁ

**ବାଲେଶ୍ୱର,୧୧।୮(ସଂଚାର ବ୍ୟୁରୋ):** ସିମୁଳିଆ ଥାନା ଅନ୍ତର୍ଗତ ଅନ୍ତରା ଗ୍ରାମର ଜଣେ ଅଷ୍ଟମ ଶ୍ରେଣୀର ଛାତ୍ରୀଙ୍କୁ ଜଣେ ଯୁବକ ଦୁଷ୍କର୍ମ କରିବା ଘଟଣା ପୁଣି ଚର୍ଚ୍ଚାକୁ ଆସିଛି। ଦୁଷ୍କର୍ମର ଶିକାର ହୋଇଥିବା ପୀଡ଼ିତା ଛାତ୍ରୀଙ୍କୁ ଚିକିତ୍ସା ପାଇଁ ଭଦ୍ରକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ତରାର ଏହି ପୀଡ଼ିତା ଛାତ୍ରୀ ଭଦ୍ରକ ମେଡ଼ିକାଲରେ ଭେଟିଛନ୍ତି ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା। ପୀଡ଼ିତାଙ୍କ ଚିକିତ୍ସା ସମ୍ପର୍କରେ ଭଦ୍ରକ ସିଡିଏମଓ ଏବଂ ଭଦ୍ରକ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ। ଏହି ଘଟଣାରେ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବାଲେଶ୍ୱର ଡିଆଇଜିଙ୍କୁ କହିଥିଲେ। ଭଦ୍ରକ ମେଡ଼ିକାଲରେ ବାଲେଶ୍ୱର ଡିଆଇଜି ପହଞ୍ଚି ପୀଡ଼ିତାଙ୍କୁ ଭେଟିବା ସହ ତାଙ୍କ ପରିବାର ସଦସ୍ୟଙ୍କ ସହ କଥା ହେଉଥିଲେ। ପୀଡ଼ିତାଙ୍କୁ ନ୍ୟାୟ ନିଶ୍ଚୟ ମିଳିବ ବୋଲି ଡିଆଇଜି କହିଛନ୍ତି। ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଭଦ୍ରକ ମେଡ଼ିକାଲରେ ପହଞ୍ଚି ଡାକ୍ତର ଓ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ସିମୁଳିଆ ବିଧାୟକ କହିଚନ୍ତି ଯେ, ଘଟଣା ପରେ ଅଭିଯୁକ୍ତ ପାଣିରେ ଲୁଚି ରହିଥିଲା। ସ୍ଥାନୀୟ ଲୋକେ ଅଭିଯୁକ୍ତଙ୍କୁ କାବୁ କରିଥିଲେ। ପୁଲିସ ମଧ୍ୟ ସଠିକ୍ କାର୍ଯ୍ୟାନୁଷ୍ଠାନ ନେଇଛି। ବାଲେଶ୍ୱର ଏସପି ଘଟଣାସ୍ଥଳରେ ତଦନ୍ତ ପରେ ଭଦ୍ରକ ମେଡିକାଲରେ ପୀଡ଼ିତାଙ୍କୁ ଭେଟିଛନ୍ତି । ସେ ମୁଖ୍ୟମନ୍ତ୍ରୀଙ୍କ ସହ ଘଟଣା ବିଷୟରେ କଥା ହୋଇଛନ୍ତି। ଆବଶ୍ୟକୀୟ ସରକାରୀ ସହାୟତା ଯୋଗାଇ ଦିଆଯିବ । ଦୃଢ଼ କାର୍ଯ୍ୟାନୁଷ୍ଠାନ ପର୍ଯ୍ୟନ୍ତ ସେ ନିଜେ ଜଗି ରହିବେ। ମେଡିକାଲରୁ ଗଲେ ପୁଣି ମୁଖ୍ୟମନ୍ତ୍ରୀଙ୍କ ସହ କଥା ହେବେ ବୋଲି ବିଧାୟକ ଗଣ ମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ତେବେ ଭଦ୍ରକ ଏଡିଏମଓ ମିନତି ଲତା ଦାସ କହିଛନ୍ତି ଯେ, ନାବାଳିକାଙ୍କୁ ସମସ୍ତ ଚିକିତ୍ସା ଯୋଗାଇ ଦିଆଯାଉଛି । ପୀଡ଼ିତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି ।

ଏଭଳି ଏକ ସ୍ପର୍ଶକାତର ଘଟଣା ପୀଡ଼ିତାଙ୍କ ପରିବାରକୁ ଓ ପୀଡ଼ିତାଙ୍କ ଉପଯୁକ୍ତ ନ୍ୟାୟ ଦେବା ପାଇଁ ଦାବି କରି ଭଦ୍ରକ ମେଡ଼ିକାଲରେ ଭଣ୍ଡାରିପୋଖରୀ ବିଧାୟକ ସଂଜୀବ ମଲ୍ଲିକ, ଭଦ୍ରକର ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ସିମୁଳିଆ ପୂର୍ବତନ ମନ୍ତ୍ରୀ ଜ୍ୟୋତି ପାଣିଗ୍ରାହୀ ପ୍ରମୁଖ ପହଞ୍ଚିଥିଲେ। ରାଜ୍ୟରେ ନାରୀ ନିର୍ଯାତନା ଦିନକୁ ଦିନ ବୃଦ୍ଧି ପାଉଛି। ବିଜେପି ସରକାରରେ ନାରୀମାନେ ସୁରକ୍ଷିତ ନୁହନ୍ତି ବୋଲି ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଅଭିଯୋଗ କରିବା ସହ ଅନ୍ତାରାର ପୀଡ଼ିତା ଛାତ୍ରୀଙ୍କୁ ନ୍ୟାୟ ଦିଆଯାଉ ବୋଲି ଦାବି କରିଥିଲେ।

ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଡିଆଇଜିଙ୍କ ନିକଟରେ ସେ ଦାବି ଉଠାଇ ଥିଲେ। କେବଳ ବିଜେଡି ନୁହେଁ, ଭଦ୍ରକ ମେଡ଼ିକାଲରେ ପୀଡ଼ିତାଙ୍କ ନ୍ୟାୟ ମିଳୁ ବୋଲି ଦାବି କରି କଂଗ୍ରେସ ଦଳ ପକ୍ଷରୁ ସରକାରଙ୍କ ଅପାରଗତାକୁ ନେଇ ଅଭିଯୋଗ ଅଣାଯାଇଛି। କଂଗ୍ରେସ ଯୁବ ନେତା ଶୁଭେନ୍ଦୁ ରାୟ ମହାପାତ୍ର, ଦେବରୂପ ମହାନ୍ତି, ବଳରାମ ରାଉତ, ହେମନ୍ତ ସାହୁ ପ୍ରମୁଖ ଭଦ୍ରକ ମେଡ଼ିକାଲ ଯାଇ ପୀଡ଼ିତାଙ୍କ ଭେଟିବା ସହ ତାଙ୍କୁ ତୁରନ୍ତ ନ୍ୟାୟ ମିଳୁ ବୋଲି ଦାବି କରିଛନ୍ତି।

## ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ କଲା ଓସେପା

**ଭୁବନେଶ୍ୱର, ୧୧।୮ (ସଂଚାର ବ୍ୟୁରୋ) :** ହାଇକୋର୍ଟଙ୍କ ନିର୍ଦ୍ଦେଶର ଅନୁପାଳନ କରୁନି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ। ଯାହାଦ୍ୱାରା ବିଦ୍ୟାଳୟ ଓ ଗଣଶିକ୍ଷା ଅଧିନରେ କାର୍ଯ୍ୟ କରୁଥିବା ରାଜ୍ୟ ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ ଅଧିକାରୀଙ୍କ ଦରମା ଗତ ୬ ବର୍ଷ ହେଲା ବଢୁନାହିଁ। ଏନେଇ ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ଅଧିକାରୀ ସେବା ସଂଘ(ଓସେପା)। ରାଜ୍ୟର ସବୁ ଜିଲ୍ଲା ଏପରିକି ରାଜଧାନୀରେ ମଧ୍ୟ ଏହି କାର୍ଯ୍ୟକ୍ରମରେ ପ୍ରାୟ ହଜାରେ ଜଣ କର୍ମଚାରୀ କାମ କରୁଛନ୍ତି। ଏହି ଅଧିକାରୀମାନେ ୧୯୯୬ରୁ କ୍ୟାରିଅର ଆରମ୍ଭ କରିଥିଲେ। କିନ୍ତୁ ସେ ସମୟରେ ତାଙ୍କ ଚାକିରିର ସ୍ଥାୟୀତ୍ୱ କିମ୍ବା ଦରମା ବୃଦ୍ଧି ନେଇ ଚିନ୍ତା କରାଯାଇନଥିଲା। ବାରମ୍ବାର ଦାବି ପରେ ୨୦୧୩ରେ ବିଭାଗ ଏକ କମିଟି ଗଠନ କରିଥିଲା। ୨୦୧୩ରେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ ଦରମା ଅସଙ୍ଗତି ଦୂର କରିବାକୁ ନିଷ୍ପତ୍ତି ହୋଇଥିଲା। ୫ବର୍ଷ ଧରି ସଂଶୋଧିତ ଦରମା ମିଳିବା ପରେ ହଠାତ ୨୦୧୯ରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ବର୍ଦ୍ଧିତ ଦରମା ପ୍ରଦାନ ଉପରେ ରୋକ ଲଗାଇଛି। ଏନେଇ ସଂଘ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲା। ହାଇକୋର୍ଟ ମଧ୍ୟ ବର୍ଦ୍ଧିତ ଦରମା ବନ୍ଦ ନିଷ୍ପତ୍ତିକୁ ଖାରଜ କରିଥିଲା। ତଥାପି ଗଥ ୬ ବର୍ଷ ହେଲା ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ ଅଧିକାରୀମାନେ ବର୍ଦ୍ଧିତ ଦରମା ପାଇପାରୁନାହାଁନ୍ତି।

### ପାତ୍ରପଡ଼ାରେ ହିଟ୍ ଆଣ୍ଡ ରନ୍ ମାମଲା

## ଚିକିତ୍ସାଧୀନ ଅବସ୍ଥାରେ ଜୀବନ ହାରିଲେ ମାଆ

### ମୃତକଙ୍କ ପରିବାରକୁ ୮ ଲକ୍ଷ ଟଙ୍କା ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୧୧।୮(ସଂଚାର ବ୍ୟୁରୋ):** କୁନି ଝିଅ ପରେ ଏବେ ଜୀବନ ହାରିଲେ ମାଆ। ଭୁବନେଶ୍ୱର ପାତ୍ରପଡ଼ାରେ ଗତ ଶନିବାର ପାତ୍ରପଡାରେ ରେସିଂ କରୁଥିବା ବେଳେ ଥାର ଗାଡ଼ି ଧକ୍କାରେ ଗୁରୁତର ହୋଇଥିବା ମହିଳା ରେବତୀ ରାଉଳଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଏନେଇ ଆଜି ସ୍ଥାନୀୟ ଲୋକ ସେଠାରେ ଗାଡ଼ି ମାଲିକଙ୍କୁ ଧରିବା ସହ କ୍ଷତିପୂରଣ ଲାଗି ଦାବି କରିଥିଲେ। ଦୁର୍ଘଟଣା ଦିନ ଘଟଣାସ୍ଥଳରେ ୮ ବର୍ଷିୟ କୁନି ଝିଅର ମୃତ୍ୟୁ ଘଟିଥିବା ବେଳେ ଆଜି ଜୀବନ ହାରିଛନ୍ତି ମାଆ। ଥାର ଗାଡ଼ି ଜବତ ହୋଇଥିବା ବେଳେ ଡ୍ରାଇଭର ଏବେବି ଫେରାର ଅଛି । କୁନି ଝିଅ ସମେତ ତାଙ୍କ ମାଆ ଓ ଭାଇକୁ ଧକ୍କା ଦେଇଥିଲା ଥାର ଗାଡି । ମୃତ ମହିଳାଙ୍କ ସ୍ୱାମୀ କମିଶନରେଟ ପୋଲିସର ହୋମଗାର୍ଡ ଭାବେ କାର୍ଯ୍ୟରତ ଅଛନ୍ତି । ଏହି ଘଟଣା ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି ଏବଂ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ଏହି ଦୁର୍ଘଟଣା ସମ୍ପର୍କିତ ବିସ୍ତୃତ ତଥ୍ୟ ଏପର୍ଯ୍ୟନ୍ତ ସାମ୍ନାକୁ ଆସିନଥିଲେ ହେଁ, ଏହା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇଛି। ମୁଖ୍ୟମନ୍ତ୍ରୀ ଏହି ଦୁଃଖଦ ଘଟଣାରେ ପ୍ରଭାବିତ ପରିବାରକୁ ସାହାଯ୍ୟ କରିବା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି। ସେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ମାଧ୍ୟମରେ ପ୍ରତି ମୃତକଙ୍କ ନିକଟତମ ଆତ୍ମୀୟଙ୍କୁ ୪ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି।

## ସଡ଼କ ଦୁର୍ଘଟଣାରେ ୨ ମୃତ

**ବ୍ରହ୍ମପୁର :** ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି - ବ୍ରହ୍ମପୁର ରାସ୍ତାର ଢ଼େଙ୍ଗାପଦର ଇନ୍ଦିରା ଆବାସ ମଧ୍ୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି । ବ୍ରହ୍ମପୁରରେ ଟ୍ରାଫିକ କନେଷ୍ଟବଳ ଭାବେ କାର୍ଯ୍ୟ କରୁଥିବା ଅନିଲ ନାୟକ ଓ ସାଙ୍ଗ ରୋହିମ୍ ବାଇକରେ ବ୍ରହ୍ମପୁରରୁ ନାରାୟଣପୁରରେ ରହୁଥିବା ସମ୍ପର୍କୀୟ ଘରକୁ ଯାଉଥିବା ବେଳେ ରାସ୍ତାରେ ଦ୍ରୁତ ଗତିରେ ଯାଉଥିବା ପିକଅପ ଭ୍ୟାନ ସହିତ ଧକ୍କା ହୋଇଥିଲା । ଯାହା ଫଳରେ ଦୁଇଜଣ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ । ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ଏମକେସିଜି ମେଡିକାଲ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଥିଲା । କିନ୍ତୁ ମେଡିକାଲରେ ଡାକ୍ତର ମୃତ ଘୋଷଣା କରିଥିଲେ ।

## ପଥର ଖଣିରେ ଖସିଲା ଅତଡ଼ା: ଶ୍ରମିକ ମୃତ

**ଓଡ଼ାପଡ଼ା,୧୧।୮(ସଂଚାର ବ୍ୟୁରୋ):** ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ତହସିଲ ସଦର ଥାନା ଅନ୍ତର୍ଗତ ଇନ୍ଦୁପୁର ଗ୍ରାମ ନିକଟରେ ଥିବା ଏକ ମାଙ୍କଡା ପଥର ଖଣିରେ ଜଣେ ଶ୍ରମିକ ମୃତ୍ୟୁବରଣ କରିଥିବା ଜଣାପଡିଛି। ଖବର ନେବାରେ ଜଣାପଡ଼ିଛି, ସଦର ଥାନା ବେଶାଳିଆ ଗ୍ରାମର ଅକ୍ଷୟ ନାୟକ ୪୭ ବର୍ଷ ନାମକ ଶ୍ରମିକ ସବୁଦିନ ପରି ସୋମବାର ସକାଳେ ଇନ୍ଦିପୁର ଗ୍ରାମ ନିକଟସ୍ଥ ଗୁଣ୍ଡାପଶି ଖଣି ମାଙ୍କଡ଼ା ପଥର ଖଣିକୁ କାମ କରିବା ପାଇଁ ଯାଇଥିଲେ। କାର୍ଯ୍ୟ କରିବା ସମୟରେ ଖଣିରେ ମାଟି ଅତଡା ତଳକୁ ଖସି ପଡିଥିଲା। ସେହି ଅତଡା ମାଟି ଭିତରେ ଶ୍ରମିକ ଜଣଙ୍କ ଚାପି ହୋଇ ଯାଉଥିଲା। ତାଙ୍କୁ ଜେସିବି ମେସିନ ଦ୍ୱାରା କାଢ଼ିବା ପରେ ଶ୍ରମିକ ଜଣକ ମୃତ୍ୟୁବରଣ କରିଥିବା ଜଣାପଡିଥିଲା। ଖବର ପାଇ ସଦର ଥାନାର ବାବୁ କୁମୁଦ ଚନ୍ଦ୍ର ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ପୋଷ୍ଟମର୍ଟମ ନିମନ୍ତେ ଢେଙ୍କାନାଳ ଡାକ୍ତରଖାନାକୁ ପଠାଇ ଦେବା ସହିତ ଜେସିବି ମେସିନ ଜବତ କରିଥିବା ଜଣାପଡିଛି। ଏ ସମ୍ପର୍କରେ ରାଜସ୍ୱ ନିରୀକ୍ଷକ ଅମରେନ୍ଦ୍ର ଶତପଥୀଙ୍କୁ ପଚାରିଓ୍ୱାରୁ ସେ କହିଛନ୍ତି କି, ଖବର ମିଳିଛି ଆସନ୍ତା କାଲି ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ପରେ ସେହି ପଥର ଖଣି ନିଲାମ ଖଣି କି ନୁହେଁ ଜଣା ପଡିବ ବୋଲି କହିଛନ୍ତି।

## କେନାଲ ବନ୍ଧରୁ ଯୁବକଙ୍କ ମୃତଦେହ ଉଦ୍ଧାର

● କେହି ହତ୍ୟା କରି ଯୁବକଙ୍କୁ ଫିଙ୍ଗିଦେଇଥିବା ସନ୍ଦେହ

**ଭୁବନେଶ୍ୱର,୧୧।୮(ସଂଚାର ବ୍ୟୁରୋ):** କେନାଲ ବନ୍ଧରୁ ଯୁବକଙ୍କ ମୃତଦେହ ଉଦ୍ଧାର । ଭୁବନେଶ୍ୱର ଦୟା ୱେଷ୍ଟ କେନାଲରୁ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଉଛନ୍ତି ଜ୍ୟୋତି ରଞ୍ଜନ ବେହେରା । କେହି ହତ୍ୟା କରି ଯୁବକଙ୍କୁ ଫିଙ୍ଗିଦେଇଥିବା ସନ୍ଦେହ କରାଯାଉଛି । ଘଟଣାସ୍ଥଳରେ ଯୁବକଙ୍କ ବାଇକ ପଡିଛି । ଗତକାଲିଠାରୁ ଯୁବକ ଜଣକ ନିଖୋଜ ଥିଲେ । ତାଙ୍କୁ ହତ୍ୟା କରାଯାଇଥିବା ପରିବାରଲୋକେ ଅଭିଯୋଗ କରିଛନ୍ତି । ଗତକାଲି ରାତିରେ ଯୁବକ ଜଣକ ହାଟକୁ ଯାଇଥିଲେ। କିନ୍ତୁ ରାତିରେ ଘରକୁ ନଫେରିବାରୁ ପରିବାର ଲୋକେ ଆଖ ପାଖ ଅଞ୍ଚଳରେ ଖୋଜା ଖୋଜି କରିଥିଲେ। ଆଜି ସକାଳୁ ଦୟା ୱେଷ୍ଟ କେନାଲରେ ଯୁବକଙ୍କ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା । ଏୟାରଫିଲ୍ଡ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ କରୁଛି ।

● ଅନଲାଇନ ପ୍ରେମର କରୁଣ ପରିଣତି

## ପ୍ରେମିକାଙ୍କ ବେକ କାଟିଦେଲା ବୟଫ୍ରେଣ୍ଡ



**ପାରାଦୀପ,୧୧।୮(ସଂଚାର ବ୍ୟୁରୋ) :** ଅନଲାଇନ ପ୍ରେମର ଏକ କରୁଣ ଦୃଶ୍ୟକୁ ନେଇ ଏରସମା ବ୍ଲକ୍ ବଳେଇପୁର ପଞ୍ଚାୟତ ନିକଟ ତାନ୍ତେଇ ଅଞ୍ଚଳରେ ଚାଞ୍ଚଲ୍ୟ। ଜଣେ ଯୁବତୀଙ୍କ ବେକ କାଟିଦେଲା ଯୁବକ। ମୋବାଇଲରୁ ଉଭୟଙ୍କ ମଧ୍ୟରେ ଗଢ଼ିଉଠିଥିଲା ପ୍ରେମ ସମ୍ପର୍କ। ଆଜି ଯୁବକ ଜଣଙ୍କ ଯୁବତୀଙ୍କୁ ଭେଟିବାକୁ ଆସିଥିଲା। ଉଭୟ କଥା ହେଉଥିବା ବେଳେ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ହୋଇଥିଲା ଯୁକ୍ତି ତର୍କ । ଫଳରେ ଉତ୍ୟକ୍ତ ଯୁବକ ଜଣକ କୌଣସି ଧାରୁଆ ଅସ୍ତ୍ରରେ ଯୁବତୀଙ୍କ ବେକ କାଟି ଦେଇଥିଲା । ଯୁବତୀ ଜଣଙ୍କ ରାସ୍ତା କଡ଼ରେ ପଡ଼ି ଚିତ୍କାର କରିବାରୁ ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ପ୍ରଥମେ କୁଜଙ୍ଗ ମେଡିକାଲ ଓ ପରେ ଯୁବତୀଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଯୁବକକୁ କୁଜଙ୍ଗ ଥାନାରେ ଅଟକ ରଖାଯାଇଛି । ଯୁବକର ଘର ବ୍ରହ୍ମପୁର ଅଞ୍ଚଳରେ ବୋଲି ସୂଚନା ମିଳିଛି ।

● ରାୟଗଡ଼ା ପରେ ଚର୍ଚ୍ଚାରେ କୋରାପୁଟ

## ପ୍ରେମ ପାଇଁ ଦମ୍ପତିଙ୍କୁ ବଳଦ ଦଣ୍ଡ

**କୋରାପୁଟ,୧୧।୮(ସଂଚାର ବ୍ୟୁରୋ) :** ପୁଣି ମଣିଷଙ୍କୁ ବଳଦ ଦଣ୍ଡ। ସଂପର୍କରେ ବିବାହ ଯୋଗୁଁ ଦଣ୍ଡିତ କଲେ ଗାଁ ଲୋକ। ପ୍ରେମ ପାଇଁ ବଳଦ ଦଣ୍ଡର ଏହି ଦୃଶ୍ୟ ଦେଖିବାକୁ ମିଳିଛି କୋରାପୁଟ ବନ୍ଧୁଗାଁ ବ୍ଲକ ଚିଡ଼ି ଓ୍ୱାଲସା ଗାଁରେ । ସଂପର୍କୀୟ ଭାଇ ଭଉଣୀ ବାହା ହେବାରୁ କଙ୍ଗାରୁ କୋର୍ଟରେ ଦଣ୍ଡ ଦେଇଛନ୍ତି ଗାଁ ଲୋକ। ସ୍ୱାମୀ- ସ୍ତ୍ରୀଙ୍କୁ କାନ୍ଧରେ ଜୁଆଳି ପକାଇ ଗାଁ ଦାଣ୍ଡରେ ହଳ ବୁଲାଇଥିଲେ। ସ୍ଥାନୀୟ ଲୋକଙ୍କ କହିବା କଥା, ହଳ କରିବା ଅର୍ଥ ମାଟି ମାଆକୁ କ୍ଷମା ପ୍ରାର୍ଥନା କରିବା ଏବଂ ନିଜକୁ ଶୁଦ୍ଧି କରିବା । ଏଭଳି ନକଲେ ଅପାଳକ ହେବ ବୋଲି ଗାଁ ଲୋକଙ୍କ ବିଶ୍ୱାସ ରହିଛି। ଗତ କିଛି ଦିନ ଭିତରେ ଏଭଳି ଏକାଧିକ ଘଟଣା ସାମ୍ନାକୁ ଆସିଲାଣି। କିଛି ଦିନ ତଳେ ରାୟଗଡ଼ାରେ ପିଇସି -ପୁତୁରା ବିବାହ କରିଥିବାରୁ ତାଙ୍କୁ ଲଙ୍ଗଳ ଯୋଚି ହଳ ବୁଲାଇଥିଲେ ଗାଁ ଲୋକ ।

## 'ଖୁବଶୀଘ୍ର କଟକରେ ବିମାନବନ୍ଦର'

**କଟକ,୧୧।୮(ସଂଚାର ବ୍ୟୁରୋ):** କଟକବାସୀଙ୍କ ପାଇଁ ଖୁସି ଖବର । ଏହି ସିଲଭର ସହର ଖୁବ୍ ଶୀଘ୍ର ନିଜସ୍ୱ ଏକ ବିମାନବନ୍ଦର ତିଆରି ହୋଇପାରେ । ଏନେଇ କଟକର ସାଂସଦ ଭର୍ତ୍ତୃହରି ମହତାବ ଏକ ସାମ୍ବାଦିକଙ୍କ



ସହ ଆଲୋଚନା ସମୟରେ କହିଥିଲେ । ଖବର ଅନୁସାରେ ସାଂସଦ କହିଛନ୍ତି କଟକରେ ଏକ ବିମାନବନ୍ଦର ଆରମ୍ଭ କରିବା ଆବଶ୍ୟକତା ରହିଛି । ସେ ଚାରବାଟିଆ ବାୟୁସେନା ଘାଟିର ଆଧୁନିକୀକରଣ ଏବଂ ବିକାଶ ବିଷୟରେ କଥା ହୋଇଥିଲେ । ଭର୍ତ୍ତୃହରି ମହତାବ ସୂଚନା ଦେଇଥିଲେ ଯେ ଚାରବାଟିଆ ବାୟୁସେନା ଘାଟି ପ୍ରତିରକ୍ଷା ମନ୍ତ୍ରଣାଳୟ ଅଧୀନରେ ଅଛି ଏବଂ କଟକ ସହରର ଉପକଣ୍ଠ ଚୌଦ୍ୱାରରେ ଅବସ୍ଥିତ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଏହି ବାୟୁସେନା ଘାଟି ବ୍ୟବହାର କରାଯାଇଥିଲା। ଏହି ବାୟୁସେନା ଘାଟିକୁ ଏବେ କାର୍ଗୋ ଏବଂ ବେସାମରିକ ବିମାନ ଉଭୟ ପାଇଁ ବିକଶିତ ଏବଂ ବ୍ୟବହାର କରାଯାଇପାରିବ । ସାଂସଦ ଆହୁରି ମଧ୍ୟ କହିଛନ୍ତି ଯେ ସେ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସହ କଥା ହୋଇଛନ୍ତି ଏବଂ ଏକ ଲିଖିତ ଅନୁରୋଧ କରିଛନ୍ତି ଏବଂ ମୁଖ୍ୟମନ୍ତ୍ରୀ ଏହି ପ୍ରକଳ୍ପ ପାଇଁ ଆଗ୍ରହ ଦେଖାଇଛନ୍ତି ବୋଲି ସେ କହିଛନ୍ତି ।




## ଆସିଲା ବନ୍ୟା କ୍ଷୟକ୍ଷତି ରିପୋର୍ଟ

## ସୂଚନା ଦେଲେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ

**ଭୁବନେଶ୍ୱର, ୧୧।୮ (ସଂଚାର ବ୍ୟୁରୋ) :** ଆସିଲା ବନ୍ୟା କ୍ଷୟକ୍ଷତି ରିପୋର୍ଟ । ବନ୍ୟା କ୍ଷୟକ୍ଷତି ରିପୋର୍ଟ ନେଇ ସୂଚନା ଦେଲେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର ଓ ବାଲେଶ୍ୱର ପାଇଁ ଦିଆଯାଇଛି ୨ କୋଟି ୧ ଲକ୍ଷ ୧୪ହଜାର ୬୯୭ ଟଙ୍କା। ଯାଜପୁର ପାଇଁ ୩ କୋଟି ୪୫ ଲକ୍ଷ ୯୩.୨୯୦ ଟଙ୍କା । ମୟୂରଭଞ୍ଜ ପାଇଁ ୬୭ ଲକ୍ଷ ୪୮ ହଜାର ୧୪୮ ଟଙ୍କା, ଭଦ୍ରକ ପାଇଁ ୫୧ ଲକ୍ଷ ୩୧ ହଜାର ୮୨୦ ଟଙ୍କା ଦିଆଯାଇଛି। କେନ୍ଦୁଝର ପାଇଁ ୨ ଲକ୍ଷ ୯୧ ହଜାର ଟଙ୍କା ଦିଆଯାଇଛି । ସମୁଦାୟ ୬ କୋଟି ୬୬ ଲକ୍ଷ ୧୭ ହଜାର ୫୫ ଟଙ୍କା ପ୍ରଦାନ କରାଯାଇଛି। ଜିଲ୍ଲାପାଳମାନେ କ୍ଷତିଗ୍ରସ୍ତଙ୍କ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରିଛନ୍ତି । ଫସଲ ନଷ୍ଟ ପାଇଁ କ୍ଷତିପୂରଣ ବି ଜିଲ୍ଲାପାଳମାନଙ୍କୁ ପଠାଯାଇଛି । ରିଲିଫ୍ ଖର୍ଚ୍ଚ ହୋଇଛି, ପାଣି ବିଶୋଧନ ଅର୍ଥ ବି ପଠାଯାଇଛି । ଘର ନଷ୍ଟ, ଲୁଗା, ବାସନ, ମତ୍ସ୍ୟଜୀବୀ, ଉଦ୍ଧାର କାର୍ଯ୍ୟ ଖର୍ଚ୍ଚ ବି ଜିଲ୍ଲାପାଳଙ୍କୁ ଦିଆଯାଇଛି ।

### ଦୀପିକା- ଦିନେଶ ମାମଲାର ନୂଆ ମୋଡ଼

## ଏସ୍‌ପିଙ୍କୁ ଭେଟି ନ୍ୟାୟ ମାଗିଲେ ଦୀପିକା



**ବ୍ରହ୍ମପୁର,୧୧।୮(ସଂଚାର ବ୍ୟୁରୋ):** ଦୀପିକାଙ୍କୁ ନେଇ ପୁଣି ଚର୍ଚ୍ଚା। ସୋମବାର ବ୍ରହ୍ମପୁର ଏସପିଙ୍କ ନିକଟରେ ନୂଆ ଅଭିଯୋଗ କରିଛନ୍ତି ଦୀପିକା। ସେ ଅଭିଯୋଗ କରିଛନ୍ତି ଦିନେଶ ଅନ୍ୟ ଜଣେ ମହିଳାଙ୍କୁ ବିବାହ କରିଛନ୍ତି। ବର୍ତ୍ତମାନ ଦୀପିକା- ଦିନେଶ ମାମଲା କୋର୍ଟରେ ବିଚାରାଧୀନ ଥିବାବେଳେ ଦିନେଶ କେମିତି ବିବାହ କଲେ ? ଏହା ଏହି ପ୍ରଶ୍ନ ଉଠାଇବା ସହ ଦିନେଶ ବର୍ତ୍ତମାନ ଯେଉଁ ମହିଳାଙ୍କୁ ବିବାହ କରିଛନ୍ତି ତାଙ୍କୁ ଏବଂ ତାଙ୍କ ପରିବାରକୁ ଗିରଫ କରିବା ପାଇଁ ଏସପିଙ୍କ ନିକଟରେ ଅଭିଯୋଗ ମଧ୍ୟ କରିଛନ୍ତି ଦୀପିକା। ସୂଚନାଥାଉ କି, କେ. ଦୀପିକା ପୂର୍ବରୁ ଦିନେଶଙ୍କ ନାଁରେ ପ୍ରେମ ଓ ପ୍ରତାରଣ ଅଭିଯୋଗ ଆଣିଥିଲେ। ଏମିତିକି ଦୀପିକା ସ୍ତ୍ରୀର ମାନ୍ୟତା ଓ ଛୁଆକୁ ବାପାର ପରିଚୟ ଦେବାକୁ ଦିନେଶଙ୍କ ଘର ଆଗରେ ଧାରଣାରେ ବସିଥିଲେ। ଏହି ମାମଲାକୁ ନେଇ ସେତେବେଳେ ଖୁବ୍ ଚର୍ଚ୍ଚା ହୋଇଥିବାବେଳେ, ଘଟଣାରେ ଗିରଫ ହୋଇ ଜେଲଯାଇଥିଲେ ଦିନେଶ। ଅବଶ୍ୟ ସେ ଏବେ ଜାମିନରେ ଆସିଛନ୍ତି। ସେପଟେ କୋର୍ଟରେ ଦୁଷ୍କର୍ମ ମାମଲାକୁ ଉଠାଇ ଦିଆଯାଇଥିବା ବେଳେ ପୁଲିସ ପୁଣି ଥରେ ମାମଲାରେ ଦୁଷ୍କର୍ମକୁ ଯୋଡ଼ିବା ପାଇଁ କୋର୍ଟକୁ ନିବେଦନ କରିବ ଏବଂ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବ୍ରହ୍ମପୁର ଏସପି କହିଛନ୍ତି।

### ଭଞ୍ଜନଗର ମେଡିକାଲରେ ରୋଗୀ-ଗାର୍ଡ ଧସ୍ତାଧସ୍ତି

## ଡାକ୍ତରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ଭଞ୍ଜନଗର,୧୧।୮(ସଂଚାର ବ୍ୟୁରୋ):** ଦୁଇ ଦିନ ପୂର୍ବେ ଗଞ୍ଜାମ ଜିଲା ଭଞ୍ଜନଗର ମେଡିକାଲକୁ ଉଲ୍ଲେଖନୀୟ ସାସ୍ଥ୍ୟସେବା ପାଇଁ ରାଜ୍ୟସ୍ତରରେ ଦୁଇଟି ପୁରସ୍କାର ମିଳିଥିଲା। କିନ୍ତୁ ରବିବାର ମେଡିକାଲର ସୁନାମରେ କିଛିଟା ଦାଗ ଦେଖାଦେଇଛି। ମେଡିକାଲରେ ରୋଗୀ ଓ ସିକ୍ୟୁରିଟି ଗାର୍ଡ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏହାପରେ ପୋଲିସ ଦୁଇଟି ଏତଲା ଗ୍ରହଣ କରି ଘଟଣାର ତଦନ୍ତ ଚଳାଇଛି। ଅପରପକ୍ଷେ ରୋଗୀଙ୍କ ସମ୍ପର୍କୀୟ ଡାକ୍ତରଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ ଅଭିଯୋଗରେ ଡାକ୍ତରମାନେ ୧ ଘଣ୍ଟା ଆଉଟ ଡୋର ରୋଗୀ ସେବା ବନ୍ଦ କରିଥିଲେ। ଏହାପରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ ପରେ ରୋଗୀ ସେବା ସ୍ୱାଭାବିକ ହୋଇଥିଲା। ଅପରପକ୍ଷେ ରୋଗୀ ଏବଂ ତାଙ୍କ ସମ୍ପର୍କୀୟଙ୍କୁ ଡାକ୍ତର ଏବଂ ଗାର୍ଡମାନେ ମଧ୍ୟ ଦୁର୍ବ୍ୟବହାର ଦେଖାଇଥିବା ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ ଯେ, ଜିଲୁଣ୍ଡିର ଜଣେ ରୋଗୀ ତାଙ୍କର ପୁଅକୁ ଧରି ଚିକିତ୍ସା ପାଇଁ ଧାଡ଼ିରେ ଠିଆ ହୋଇଥିଲେ। ଏହି ସମୟରେ ଅନ୍ୟ ଜଣେ ରୋଗୀ ଆଗୁଆ ଦେଖାଇବାକୁ ନେଇ ବିବାଦ ଦେଖାଦେଇଥିଲା।

### ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ପୁଣି ଛାତ୍ର ଅଶାନ୍ତି

## କଲେଜ ଫାଟକରେ ତାଲା ପକାଇ ପ୍ରତିବାଦ କଲେ ଛାତ୍ରଛାତ୍ରୀ

**ବାରିପଦା, ୧୧।୮(ସଂଚାର ବ୍ୟୁରୋ):** ସ୍ଥାନୀୟ ତକତପୁର ସ୍ଥିତ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀ ଅଶାନ୍ତି ଥମିବାର ନାଁ ଧରୁନାହିଁ। କିଛି ଦିନର ବ୍ୟବଧାନ ପରେ ପୁଣି ସେମିଷ୍ଟର ପରୀକ୍ଷା ଫଳ ପ୍ରକାଶ ବିଳମ୍ବକୁ ନେଇ ଛାତ୍ରଛାତ୍ରୀ ମାନେ ସୋମବାର କଲେଜ ଫାଟକରେ ତାଲା ପକାଇ ପ୍ରତିବାଦ ପ୍ରଦର୍ଶନ କରିଛନ୍ତି। ଉକ୍ତ ମହାବିଦ୍ୟାଳୟର ଯୁକ୍ତ ତିନିର ୨୦୨୩ ଶିକ୍ଷାବର୍ଷର ଛାତ୍ରଛାତ୍ରୀ ମାନଙ୍କ ଦ୍ୱିତୀୟ ଓ ତୃତୀୟ ସେମିଷ୍ଟର ପରୀକ୍ଷା ଫଳ ପ୍ରକାଶ ପାଇନାହିଁ। ଅନେକ ଦିନ ହେବ ପରୀକ୍ଷା ଦେଇଥିଲେ ସୁଦ୍ଧା କଲେଜ କର୍ତ୍ତୃପକ୍ଷଙ୍କ ତ୍ରୁଟି ପାଇଁ ବର୍ତ୍ତମାନ ପର୍ଯ୍ୟନ୍ତ ତାହା ପ୍ରକାଶ ହୋଇ ପାରିନାହିଁ। ଯାହା ଫଳରେ ଛାତ୍ରଛାତ୍ରୀ ମାନଙ୍କ ଅନେକ ସମସ୍ୟା ହେଉଥିବା ବେଳେ ପାସ ହାର ମଧ୍ୟ କମିଯାଉଛି। ଦୁର୍ଗାପୂଜା ପରେ ଚତୁର୍ଥ ସେମିଷ୍ଟରର ପରୀକ୍ଷା ରହିଛି। ଯେଉଁମାନଙ୍କ ପୂର୍ବର ସେମିଷ୍ଟର ପରୀକ୍ଷାରେ ବ୍ୟାକ ରହିଥିବ। ସେମାନେ ଉକ୍ତ ପରୀକ୍ଷାରେ ଉତୀର୍ଣ୍ଣ ହେବେ। କିନ୍ତୁ, ପରୀକ୍ଷା ଫଳ ବାହାରି ନଥିବା ବେଳେ ପାସ କି ଫେଲ ହେଲେ ଜାଣି ପାରୁନାହାଁନ୍ତି। ଏହାସହିତ ଆଗକୁ ଥିବା ପରୀକ୍ଷାର ୩/୪ଦିନ ପୂର୍ବରୁ ଫଳ ପ୍ରକାଶ ପାଇଲେ, ସେମାନେ କମ ସମୟ ବ୍ୟବଧାନରେ ଅନ୍ୟ ପରୀକ୍ଷା ପାଇଁ କିପରି ପ୍ରସ୍ତୁତି କରିବେ ବୋଲି ପ୍ରଶ୍ନ କରିଛନ୍ତି। ଅନ୍ୟପଟେ ଏନେଇ ପୂର୍ବରୁ କଲେଜ ଅଧ୍ୟକ୍ଷା ଓ ପରୀକ୍ଷା ନିୟନ୍ତ୍ରକଙ୍କୁ ଜଣାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିନଥିଲା। ଯାହାକୁ ନେଇ ପୂର୍ବରୁ କଲେଜ ମୁଖ୍ୟ ଫାଟକ ବନ୍ଦ କରି ଆନ୍ଦୋଳନ କରିବା ସହ ଚାଲି ଚାଲି ଯାଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉଚ୍ଚଶିକ୍ଷା ବିଭାଗର ବାଲେଶ୍ୱର ଜୋନ ଆଞ୍ଚଳିକ ନିର୍ଦ୍ଦେଶକ ହେମନ୍ତ ଘଡେଇଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ, ଉପ ଜିଲ୍ଲାପାଳ ମହାବିଦ୍ୟାଳୟର ଭାରାପ୍ରାପ୍ତ ଅଧ୍ୟକ୍ଷା ଓ ଅନ୍ୟାନ୍ୟ ଅଧିକାରୀ ଅନୁଧ୍ୟାନ କରିଥିଲେ। ପରୀକ୍ଷା ଫଳ ତୁରନ୍ତ ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଯୁଜି ସମସ୍ତ ବ୍ୟାକ ପେପର ୩/୪ଦିନ ମଧ୍ୟରେ ଓ ତୃତୀୟ ସେମିଷ୍ଟର ଏବଂ ଦ୍ୱିତୀୟ ସେମିଷ୍ଟର ପରୀକ୍ଷା ଫଳ ମାସକ ମଧ୍ୟରେ ପ୍ରକାଶ ପାଇବ ବୋଲି କହିଥିଲେ। ଏହାସହିତ ଶୌଚାଳୟ, ଲାଇବ୍ରେରୀରେ ପୁସ୍ତକ ଅଭାବ, ଆଇ କାର୍ଡ ଆଦି ସମସ୍ୟା ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ମାସେ ପରେ ମଧ୍ୟ ପରୀକ୍ଷା ଫଳ ପ୍ରକାଶ ହେଲା ନା ସମସ୍ୟାର ସମାଧାନ କରାଗଲା। ୫୦ ପ୍ରତିଶତ ସିଲାବସ୍ କମାଇବା ପାଇଁ ଦାବି ମଧ୍ୟ ପୂରଣ ହେଲାନାହିଁ। କେବଳ ପରୀକ୍ଷା ନିୟନ୍ତ୍ରକଙ୍କୁ ବଦଳି କରାଯାଇଛି। ଏନେଇ ବାରମ୍ବାର ଅଭିଯୋଗ ଜଣାଇଲେ କର୍ତ୍ତୃପକ୍ଷ କୌଣସି ସମାଧାନ କରିଲେ ନାହିଁ। ଯାହାକୁ ନେଇ ଛାତ୍ରଛାତ୍ରୀ ମାନେ ଅସନ୍ତୋଷ ପ୍ରକାଶ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

### ପୁଣି ଚର୍ଚ୍ଚାରେ ଏଫ୍‌ଏମ୍ କଲେଜ

## କ୍ଲାସ୍‌ରେ ପଶି ଛାତ୍ରୀଙ୍କୁ ଗାଳିଗୁଲଜ, ଅଭିଯୁକ୍ତ ଯୁବକ ଗିରଫ



**ବାଲେଶ୍ୱର,୧୧।୮(ସଂଚାର ବ୍ୟୁରୋ):** ଦେଶରେ ଚର୍ଚ୍ଚାକୁ ଆସିଥିବା ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମଦାହ ମାମଲାକୁ ଆସନ୍ତାକାଲି ଏକ ମାସ ବିତୁଥିବା ବେଳେ ସୋମବାର କଲେଜରେ ଏକ ଅଭାବନୀୟ ଘଟଣା ଘଟିଛି। କଲେଜର ଜଣେ ଛାତ୍ରୀଙ୍କୁ ସୋମବାର ଅପରାହ୍ନରେ ଅଣଛାତ୍ର ତଥା ମୟୂରଭଞ୍ଜ ଅଞ୍ଚଳର ଯୁବକ ଚନ୍ଦନ କୁମାର ଗିରି(୨୭) ଗାଳିଗୁଲଜ କରିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ଯୁବକଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ଏହି ଯୁବକ ଜଣଙ୍କ କ୍ଲାସ୍ ରୁମ୍‌ରେ ପଶି ଛାତ୍ରୀ ଜଣଙ୍କୁ ଗାଳିଗୁଲଜ କରିଥିଲେ। ଏନେଇ ଅଧ୍ୟକ୍ଷ ଫିରୋଜ ପାଢ଼ୀଙ୍କ ନିକଟରେ ଖବର ପହଞ୍ଚିବା ପରେ ସେ ଟାଉନ୍ ଥାନାରେ ଅଭିଯୋଗ କରିବା ପରେ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ତେବେ ଏହି ଯୁବକ ମୟୂରଭଞ୍ଜ ଅଞ୍ଚଳର ହୋଇଥିବା ବେଳେ ସେ ଛାତ୍ରୀଙ୍କ ଉପରେ ପ୍ରତିଶୋଧପରାୟଣ ହୋଇ ବାଲେଶ୍ୱର ଆସିଥିବା ଜଣାପଡ଼ିଛି। ଛାତ୍ରୀ ଏବଂ ଅଭିଯୁକ୍ତ ଯୁବକଙ୍କ ମଧ୍ୟରେ କୌଣସି କାରଣରୁ ପ୍ରେମ ସମ୍ପର୍କ ଭାଙ୍ଗି ଯାଇଥିବାରୁ ଯୁବକ ଜଣଙ୍କ କ୍ଲାସ୍ ରୁମ୍‌ରେ ପଶି ଏଭଳି କାଣ୍ଡ ଭିଆଇଥିବା ଚର୍ଚ୍ଚା ହେଉଥିବା ବେଳେ ଏକତରଫା ପ୍ରେମରୁ ଏଭଳି ଘଟିଥିବା ମଧ୍ୟ ଚର୍ଚ୍ଚା ହେଉଛି। ଏନେଇ ତଦନ୍ତ ଜାରି ରହିଥିବା ଆଇଆଇସି ବିଜୟ କୁମାର ଦାସ କହିଛନ୍ତି।

# ସ୍କୁଲ୍ ଡ୍ରପଆଉଟ ପିଲା ଏସ୍‌ଆଇଓଏସ୍‌ରେ ପଢ଼ିବେ

**ଭୁବନେଶ୍ୱର, ୧୧।୮ (ସଂଚାର ବ୍ୟୁରୋ) :** ବିଭିନ୍ନ କାରଣ ପାଇଁ ଅଧାରୁ ପାଠ ଛାଡ଼ୁଛନ୍ତି ପିଲା । ବିଶେଷ କରି ୧୪ ରୁ ୧୮ ବର୍ଷ ବୟସ ମଧ୍ୟରେ ଡ୍ରପ୍‌ଆଉଟ୍ ସଂଖ୍ୟା ଅଧିକ ରହିଛି । ଅଧାରୁ ପାଠ ଛାଡ଼ିଥିବା ଏବଂ ବିଦ୍ୟାଳୟ ବାହାରେ ଥିବା ପିଲାଙ୍କୁ ସର୍ଭେରେ ଚିହ୍ନଟ କରାଯାଇଛି। ସେମାନଙ୍କୁ ପୁନର୍ବାର ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରାଯିବ । ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଣ୍ଟା ଭିଡ଼ିଛି ।



ଷ୍ଟେଟ୍ ଇନଷ୍ଟିଚ୍ୟୁଟ ଅଫ୍ ଓପନ୍ ସ୍କୁଲିଂ ସେଣ୍ଟର(ଏସ୍‌ଆଇଓଏସ୍)ରେ ପିଲାଙ୍କୁ ପାଠ ପଢ଼ିବାକୁ ସୁଯୋଗ ମିଳିବ। ସର୍ଭେରେ ଚିହ୍ନିତ ଯୋଗ୍ୟ ପିଲାଙ୍କ ଶତପ୍ରତିଶତ ନାମଲେଖା ପାଇଁ ସମସ୍ତ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦେଶ ଦିଆଯାଇଛି ।

ଆସ ସ୍କୁଲ ଯିବା' ଅଭିଯାନରେ ବିଦ୍ୟାଳୟ ବାହାରେ ଥିବା ପିଲାଙ୍କୁ ଚିହ୍ନଟ କରିବା ସହିତ ସେମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ୧୪ରୁ ୧୮ ବର୍ଷର ପିଲାଙ୍କ ସର୍ବେକ୍ଷଣ ଘରକୁ ଘର ବୁଲି କରାଯାଇଥିଲା । ସର୍ବେକ୍ଷଣରୁ ଜଣାପଡ଼ିଲା ଯେ, ୧୪ରୁ ୧୮ ବର୍ଷ ବୟସ ବର୍ଗର ଅଧିକାଂଶ ପିଲା ଅଧାରୁ ପାଠ ଛାଡୁଛନ୍ତି । ଏମାନଙ୍କ ନାମଲେଖା ଏସ୍‌ଆଇଓଏସ୍‌ରେ ହେବ ।

ଆନୁଷ୍ଠାନିକ ଶିକ୍ଷା ସମ୍ପୂର୍ଣ୍ଣ କରିପାରୁନଥିବା ସମସ୍ତ ବାଳିକା, ମହିଳା, ଗ୍ରାମୀଣ ଯୁବପିଢ଼ି, କାମ କରୁଥିବା ପୁରୁଷ ଓ ମହିଳା, ଏସସି, ଏସ୍‌ଟି, ଦିବ୍ୟାଙ୍ଗ, ଅବହେଳିତ ବ୍ୟକ୍ତି ତଥା ବିଦ୍ୟାଳୟ ବାହାରେ ଥିବା ପିଲାଙ୍କୁ ଶିକ୍ଷା ଲାଭ ସୁଯୋଗ ପ୍ରଦାନ କରିବା ଉଦ୍ଦେଶ୍ୟରେ ଏସ୍‌ଆଇଓଏସ୍ ଖୋଲାଯାଇଛି ।

ବିଭିନ୍ନ କାରଣ ପାଇଁ ଅଧାରୁ ପାଠ ଛାଡ଼ିଥିବା ୧୪ରୁ ୧୮ ବର୍ଷ ବର୍ଗର ପିଲାଙ୍କୁ ମାଗଣାରେ ସମ୍ପୃକ୍ତ ବ୍ଲକ୍ ଓ ଜିଲା ଏସଆଇଓଏସ୍ ଷ୍ଟଡି ସେଣ୍ଟରରେ ନାମଲେଖା ଯିବାର ବ୍ୟବସ୍ଥା ରହିଛି। ଷ୍ଟେଟ୍ ଓପନ୍ ସ୍କୁଲିଂ ସାର୍ଟିଫିକେଟ (ଏସଓଏସସି) ପରୀକ୍ଷା ଉତ୍ତୀର୍ଣ୍ଣ ହେବା ପାଇଁ ସେମାନଙ୍କୁ ସୁଯୋଗ ଦିଆଯିବ। ଏହି ପରିପ୍ରେକ୍ଷୀରେ ସର୍ବେକ୍ଷଣରେ ଚିହ୍ନିତ ପିଲାଙ୍କ ଶତପ୍ରତିଶତ ନାମଲେଖା ଏସଆଇଓଏସ୍ ସେଣ୍ଟରଗୁଡ଼ିକରେ କରିବାକୁ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଅଧାରୁ ପାଠ ଛାଡ଼ିଥିବା ପିଲା ଏବଂ ସେମାନଙ୍କ ଅଭିଭାବକଙ୍କୁ ଯୋଗାଯୋଗ କରି ସଠିକ୍ କାଉନସେଲିଂ କରିବାକୁ ନିର୍ଦେଶ ଦିଆଯାଇଛି । ଛାତ୍ରଛାତ୍ରୀଙ୍କ ନାମଲେଖା ସମ୍ପର୍କରେ ପ୍ରବନ୍ଧ ପୋର୍ଟାଲରେ ସଦ୍ୟତମ କରାଯିବ । ଏହାସହ ଶିକ୍ଷା ଅଧିକାରୀଙ୍କୁ କେତେକ ପଦକ୍ଷେପ ନେବାକୁ କୁହାଯାଇଛି । ଜନସାଧାରଣଙ୍କୁ ଦୃଶ୍ୟମାନ ହେଲା ଭଳି ଏସଆଇଓଏସ୍ ସେଣ୍ଟର ସାଇନେଜ୍ ରହିବ। ବିଦ୍ୟାଳୟ ମୁଖ୍ୟ ଫାଟକରେ ସ୍ଥାୟୀ ସାଇନବୋର୍ଡ ଲାଗିବ । ବିଦ୍ୟାଳୟରେ ଏସ୍‌ଆଇଓଏସ୍ ପାଇଁ ନିର୍ଦ୍ଦିଷ୍ଟ ରୁମ୍ ଏବଂ ନୋଟିସ ବୋର୍ଡ ଉପଲବ୍ଧ ହେବ । ବୋର୍ଡରୁ ପ୍ରାପ୍ତ ଶିକ୍ଷଣ ସାମଗ୍ରୀ ଛାତ୍ରଛାତ୍ରୀଙ୍କୁ ବଣ୍ଟନ କରାଯିବ । ବିଳମ୍ବିତ ନାମଲେଖା ପାଇଁ କୌଣସି ଷ୍ଟଡି ସେଣ୍ଟର ଜୋରିମାନା ଲଗାଇ ପାରିବେ ନାହିଁ। ନିୟମ ଅନୁଯାୟୀ ପିସିପି କ୍ଲାସଗୁଡ଼ିକ କରାଯିବ । ପାଠ୍ୟକ୍ରମ ଶେଷ କରିବା ପରିବର୍ତ୍ତେ ଦ୍ୱନ୍ଦ୍ୱ ଦୂର କରିବା ଉପରେ ଅଧିକ ପ୍ରାଥମିକତା ଦିଆଯିବ । ପ୍ରତ୍ୟେକ ବିଷୟରେ ପିସିପିରେ ୩୦ କ୍ଲାସ କରିବା ବାଧ୍ୟତାମୂଳକ । ଯେତେଦୂର ସମ୍ଭବ ଉପଲବ୍ଧ ସ୍ମାର୍ଟ ଶ୍ରେଣୀଗୃହରେ ପିସିପି କ୍ଲାସ କରାଯିବା ଉଚିତ୍ । ଶିକ୍ଷା ଅଧିକାରୀ ଏସଆଇଓଏସ୍ ସେଣ୍ଟର ପରିଦର୍ଶନ କରି ପିସିପି କ୍ଲାସଗୁଡ଼ିକର ଅନୁଧ୍ୟାନ କରିବେ। ଟ୍ୟୁଟର ମାର୍କଡ୍ ଆସାଇନମେଣ୍ଟ (ଟିଏମଏ) ବ୍ୟବସ୍ଥା ଷ୍ଟଡି ସେଣ୍ଟରଗୁଡ଼ିକରେ କାର୍ଯ୍ୟକାରୀ ହେବ। ପ୍ରତ୍ୟେକ ବିଷୟରେ ପିଲାଙ୍କୁ ଗୃହ କାର୍ଯ୍ୟ ଦିଆଯିବ ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ସେପ୍ଟେମ୍ବର ପହିଲାରୁ ଦିଲ୍ଲୀ-ୱାଶିଂଟନ ମଧ୍ୟରେ ବିମାନ ଚାଳଚଳ ଅସ୍ଥାୟୀ ଭାବେ ବନ୍ଦ




ନୂଆଦିଲ୍ଲୀ, ୧୧।୮ଃ ଅସନ୍ତା ସେପ୍ଟେମ୍ବର ୧ରୁ ଦିଲ୍ଲୀ ଓ ୱାଶିଂଟନ ମଧ୍ୟରେ ଉଡାଣକୁ ଅସ୍ଥାୟୀ ଭାବେ ବନ୍ଦ କରିଛି ଏୟାର ଇଣ୍ଡିଆ। ସୋମବାର ଏନେଇ ବିମାନ ପରିଚାଳନା କମ୍ପାନି ପକ୍ଷରୁ ଘୋଷଣା କରାଯାଇଛି। ଏହି ନିଷ୍ପତ୍ତି ଅନେକ ପରିଚାଳନାଗତ କାରଣ ଯୋଗୁ ନିଆଯାଇଛି। ଆକାଶମାର୍ଗରେ ନିର୍ଭରଯୋଗ୍ୟ ଏବଂ ପରିଚାଳନାଗତ ସ୍ଥିରତା ସୁନିଶ୍ଚିତ କରିବା ଏଥିରେ ସାମିଲ ରହିଛି।

କମ୍ପାନି ଦ୍ୱାରା ବୟାନରେ କୁହାଯାଇଛି, ଏହି ବନ୍ଦ ଏୟାର ଇଣ୍ଡିଆର ବିମାନ ସଂଖ୍ୟାରେ ଅସ୍ଥାୟୀ ଅଭାବ ଯୋଗୁ ନିଆଯାଇଛି। ଏୟାର ଇଣ୍ଡିଆ ଗତ ମାସରେ ନିଜର ୨୬ଟି ବୋଇଂ ୭୮୭-୮ ବିମାନର ରିଟ୍ରୋଫିଟିଂ (ନୂତନ ଓ ଉନ୍ନତ କରିବା) ପ୍ରକ୍ରିୟା ଆରମ୍ଭ କରିଥିଲା। ଏହା ଏକ ବଡ଼ ଓ ବିସ୍ତୃତ କାର୍ଯ୍ୟକ୍ରମ, ଯାହାର ଉଦ୍ଦେଶ୍ୟ ଯାତ୍ରୀଙ୍କୁ ଅନୁଭବକୁ ଅଧିକ ସୁଖଦ କରିବା। ଏହି ପ୍ରକ୍ରିୟା କାରଣରୁ ଗୋଟିଏ ସମୟରେ ହିଁ ଅନେକ ବିମାନ ଦୀର୍ଘ ସମୟ ଯାଏ ସେବାରୁ ବାହାରେ ରୁହନ୍ତି ଓ ଏଭଳି ସ୍ଥିତି ଅତି କମରେ ୨୦୨୬ ଯାଏ ରହିବ। ଏହା ସହ ପାକିସ୍ତାନର ଆକାଶମାର୍ଗ ଲଗାତାର ବନ୍ଦ ରହିବା କାରଣରୁ ଏୟାର ଇଣ୍ଡିଆର ଲମ୍ବା ଉଡାଣ ପ୍ରଭାବିତ ହେଉଛି।

କମ୍ପାନିର ବିବୃତ୍ତିରେ କୁହାଯାଇଛି, ୨୦୨୫ ସେପ୍ଟେମ୍ବର ୧ ପରେ ୱାଶିଂଟନ ପାଇଁ କିମ୍ବା ସେଠାରୁ ଏୟାର ଇଣ୍ଡିଆର ବୁକିଂ କରିଥିବା ଯାତ୍ରୀଙ୍କ ସହ ଯୋଗାଯୋଗ କରାଯିବ ଓ ସେମାନଙ୍କୁ ବୈକଳ୍ପିକ ଯାତ୍ରା ପାଇଁ ସୁବିଧା ପ୍ରଦାନ କରାଯିବ। ଯାତ୍ରୀଙ୍କୁ ସେମାନଙ୍କ ପସନ୍ଦ ଅନୁଯାୟୀ ଦ୍ୱିତୀୟ ଉଡାଣ ଉପରେ ପୁଣି ଥରେ ବୁକିଂ କରାଯିବ କିମ୍ବା ସମ୍ପୂର୍ଣ୍ଣ ଟଙ୍କା ଫେରସ୍ତ କରାଯିବ। ଏୟାର ଇଣ୍ଡିଆ ଯାତ୍ରୀ ଏବେ ୱାଶିଂଟନ ଯାଏ ୱାନ୍ ଷ୍ଟପ୍ ଉଡାଣର ବିକଳ୍ପ ପାଇପାରିବେ। ଆମେରିକାର ଚାରି ବଡ଼ ସହର- ନ୍ୟୁୟର୍କ, ନେବାର୍କ, ସିକାଗୋ ଓ ସାନ୍ ଫ୍ରାନ୍ସିସ୍କୋ ଜରିଆରେ ଉପଲବ୍ଧ ହେବ।

## ଆଜିର ସୁନା ଦର



ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୦୨,୨୮୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୩,୭୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୦୨,୨୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୯୩, ୭୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୦୩,୦୪୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୪ ହଜାର ୪୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୦୨,୨୮୦ ଟଙ୍କା ଓ ୨୨ କ୍ୟାରେଟ୍ ୯୩, ୭୫୦ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୦୨,୨୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୩ ହଜାର,୭୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୦୨,୨୮୦ ଓ ୯୩,୭ ୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୧୭,୦୦୦ ଟଙ୍କା ହୋଇଛି।

## ତୃତୀୟ ବୃହତ୍ ଅର୍ଥନୀତି ଦିଗରେ ବଢ଼ୁଛି ଭାରତ: ମୋଦୀ

ବେଙ୍ଗାଲୁରୁ, ୧୧।୮ଃ ଭାରତକୁ 'ମୃତ ଅର୍ଥନୀତି' ବୋଲି ନିକଟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦେଇଥିବା ମନ୍ତବ୍ୟର କଡ଼ା ସମାଲୋଚନା ଆଜି ପୁଣି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କରିଛନ୍ତି। ସିଧାସଳଖ ଟ୍ରମ୍ପଙ୍କ ନାଁ ନେଇ ନଥିଲେ ମଧ ପ୍ରଧାନମନ୍ତ୍ରୀ ମୋଦୀ ଭାରତ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ହେବା ଦିଗରେ ଆଗକୁ ବଢ଼ୁଛି ବୋଲି କହିଛନ୍ତି। ବେଙ୍ଗାଲୁରୁଠାରେ ମେଟ୍ରୋ ଟ୍ରେନ ପ୍ରକଳ୍ପ ଏବଂ ୩ଟି ବନ୍ଦେ ଭାରତ ଟ୍ରେନ୍‌ର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଭାରତ ସଂପ୍ରତି ଯେଉଁ ବେଗରେ ଆଗକୁ ବଢ଼ୁଛି ତାହା ଅନେକ କାରଣରୁ ସମ୍ଭବ ହୋଇଛି। ସେଥିରେ ଅର୍ଥନୈତିକ ସଂସ୍କାର, ସ୍ପଷ୍ଟ ଉଦ୍ଦେଶ୍ୟ ଏବଂ ସଚ୍ଚୋଟ ଉଦ୍ୟମ ଆଦି ରହିଛି। ୨୦୧୪ରେ ଭାରତରେ



ମେଟ୍ରୋ କେବଳ ୫ଟି ସହରରେ ସୀମିତ ଥିଲା। ବର୍ତ୍ତମାନ ଦେଶର ୨୪ଟି ସହରରେ ୧୦୦୦ କିମିରୁ ଅଧିକ ମେଟ୍ରୋ ନେଟୱର୍କ ରହିଛି। ୨୦୧୪ ପୂର୍ବରୁ ଦେଶରେ ପ୍ରାୟ ୨୦ ହଜାର କିମିର ରେଳପଥର ବିଦ୍ୟୁତ୍‌କରଣ ହୋଇଥିଲା। ଗତ ୧୧ ବର୍ଷ ମଧ୍ୟରେ ଆମେ ୪୦ ହଜାର କିମିରୁ ଅଧିକ ରେଳପଥର ବିଦ୍ୟୁତ୍‌କରଣ କରିଛୁ। ୨୦୧୪ ପର୍ଯ୍ୟନ୍ତ ଦେଶରେ କେବଳ ୭୪ଟି ବିମାନବନ୍ଦର ଥିଲା। ବର୍ତ୍ତମାନ ଦେଶରେ ବିମାନବନ୍ଦର ସଂଖ୍ୟା ୧୬୦ରୁ ଅଧିକ ହୋଇପାରିଛି। ସେହିଭଳି ଜଳମାର୍ଗ ସଂଖ୍ୟା ମଧ ଆକର୍ଷଣୀୟ ରହିଛି। ୨୦୧୪ରେ କେବଳ ୩ଟି ଜାତୀୟ ଜଳମାର୍ଗ କାର୍ଯ୍ୟକ୍ଷମ ରହିଥିଲା। ବର୍ତ୍ତମାନ ଏହି ସଂଖ୍ୟା ୩୦କୁ ବୃଦ୍ଧି ପାଇଛି। ଯୁକ୍ତରାଷ୍ଟ୍ର ଆମେରିକା ସହିତ ଭାରତର ବୃଦ୍ଧି ପାଇଥିବା ବାଣିଜ୍ୟ ଉତ୍ତେଜନା ମଧ୍ୟରେ ପ୍ରଧାନମନ୍ତ୍ରୀ ଏହି ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ରୁଷ୍‌ଠାରୁ ଭାରତ ଅଶୋଧିତ ତେଲ କିଣୁଥିବାରୁ ଆମେରିକା ରାଷ୍ଟ୍ରପତି ଏହାକୁ ସମାଲୋଚନା କରିଥିଲେ। ରୁଷ୍ ସହିତ ଭାରତ କ'ଣ କରେ ତାହାକୁ ମୁଁ ଖାତିର କରେନାହିଁ। କିନ୍ତୁ ଭାରତ ଏବଂ ରୁଷ ସେମାନଙ୍କ ଅର୍ଥନୀତିକୁ ବୁଡ଼ାଇ ଦେବେ ବୋଲି ମନ୍ତବ୍ୟ ଦେବା ସହିତ ଭାରତ ଉପରେ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଟ୍ରମ୍ପ ଘୋଷଣା କରିଛନ୍ତି।

## ମାଲାବାରରେ ବ୍ରାଣ୍ଡେଡ୍ ଗହଣା ସୋ'

ଭୁବନେଶ୍ୱର, ୧୧।୮ଃ ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡ୍‌ସ ପକ୍ଷରୁ ସହିଦନଗର ଷ୍ଟୋର୍‌ରେ ସ୍ୱତନ୍ତ୍ର ବ୍ରାଣ୍ଡେଡ୍ ଗହଣା ସୋ' ଆରମ୍ଭ କରାଯାଇଛି ଯାହା ଚଳିତ ମାସ ୧୭ ପର୍ଯ୍ୟନ୍ତ ଚାଲିବ। ଏଥିରେ ସୁନା, ମାଇନ୍ ଡାଇମଣ୍ଡ୍, ଅନ୍‌କଟ୍ ହୀରା ଓ ମୂଲ୍ୟବାନ ରତ୍ନପଥର ଗହଣାକୁ ପ୍ରଦର୍ଶନ ଓ ବିକ୍ରି କରାଯାଉଛି। ଏହି ସୋ'କୁ ମିସେସ୍ ଗ୍ରାଣ୍ଡ ଇଣ୍ଟରନ୍ୟାସନାଲ୍ ୨୦୨୩-୨୪ ଡ. ସାଇପ୍ରସନ୍ନା ବେହେରା ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଗ୍ରାହକମାନେ ସୁନା, ଅନ୍‌କଟ୍ ଓ ରତ୍ନପଥର ଗହଣା ଉପରେ ଫ୍ଲାଟ୍ ୩୦% ରିହାତି ପାଇପାରିବେ। ସେହିପରି, ହୀରା ମୂଲ୍ୟ ଉପରେ ୩୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ପାଇପାରିବେ। ସୋ'ରେ ଗ୍ରାହକମାନେ ରୁବି, ଏମରାଲ୍‌ଡ ଆଦି ପାଇପାରିବେ।




## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି। ତେବେ ଭୁବନେଶ୍ୱରରେ ବଢ଼ିଛି ପେଟ୍ରୋଲ-ଡିଜେଲ ଦାମ୍। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।



## ଆଲୁମିନିୟମ୍ ଶିଳ୍ପ ପ୍ରଭାବିତ ହେବ

ଭୁବନେଶ୍ୱର, ୧୧।୮(ସଂଚାର ବ୍ୟୁରୋ): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ଦୁଇ ପର୍ଯ୍ୟାୟରେ ୫୦ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। ତାହା ରାଜ୍ୟର କେବଳ ଚିଙ୍ଗୁଡ଼ି ରପ୍ତାନି ନୁହେଁ, ଧାତବ, ଖଣିଜ ପଦାର୍ଥ, ରସାୟନ, କୃଷିଜାତ ସାମଗ୍ରୀ ଓ ସଫ୍ଟୱେର୍ ରପ୍ତାନିକୁ ମଧ ପ୍ରଭାବିତ କରିବ। ଓଡ଼ିଶା ରପ୍ତାନି ନୀତି ୨୦୨୨ ଅନୁସାରେ ରାଜ୍ୟ ପାଇଁ ଆମେରିକା ହେଉଛି ଏକ ପ୍ରମୁଖ ରପ୍ତାନି ବଜାର। ବିଶେଷ କରି ସାମୁଦ୍ରୀକ ଜୀବ, ଖଣିଜ ଓ ଧାତବ ପଦାର୍ଥ ଓ ରାସାୟନିକ ପଦାର୍ଥ ଆମେରିକାକୁ ରପ୍ତାନି କରାଯାଉଛି। ୨୦୨୪-୨୫ ଆର୍ଥିକ ବର୍ଷର ଏପ୍ରିଲ୍‌ରୁ ନଭେମ୍ବର ମଧ୍ୟରେ ୫୪.୪ ହଜାର କୋଟି ଟଙ୍କାର ରପ୍ତାନି କରାଯାଇଥିଲା। ସେଥିରେ ମେଟାଲର୍ଜିକାଲ୍‌ର ଭାଗ ସର୍ବାଧିକ ୫୨.୩ ପ୍ରତିଶତ, ଇଞ୍ଜିନିୟରିଂ ଓ ରସାୟନର ୮.୭ ପ୍ରତିଶତ, ଖଣିଜର ୨୩.୧ ପ୍ରତିଶତ, ସାମୁଦ୍ରୀକ ୩.୫ ପ୍ରତିଶତ ଏବଂ ସଫ୍ଟୱେର ଓ ଇଲେକ୍ଟ୍ରୋନିକ୍ସର ଭାଗ ୧୧.୬ ପ୍ରତିଶତ ରହିଥିଲା। ଟ୍ରମ୍ପଙ୍କ ଶୁଳ୍କ ଓଡ଼ିଶାର ଆମେରିକାକୁ ପ୍ରତିବର୍ଷ ହେଉଥିବା ୨୦୦୦ କୋଟି ଟଙ୍କାର ଚିଙ୍ଗୁଡ଼ି ରପ୍ତାନି ପ୍ରତି ବିପଦ ସୃଷ୍ଟି କରିଛି। ୨୦୨୬-୨୭ ସୁଦ୍ଧା



୩.୫ ଲକ୍ଷ କୋଟି ଟଙ୍କାର ରପ୍ତାନି ଲକ୍ଷ୍ୟ ହାସଲ କରିବା ଲାଗି ଓଡ଼ିଶା ଯେଉଁ ମହତ୍ୱାକାଂକ୍ଷୀ ଲକ୍ଷ୍ୟ ରଖିଛି, ସେଥିପ୍ରତି ମଧ ଏହି ଶୁଳ୍କ ଏକ ବଡ଼ ଆଶଙ୍କା ସୃଷ୍ଟି କରିଛି।


ଓଡ଼ିଶା ମୁଖ୍ୟତଃ ଆଲୁମିନିୟମ, ଆଲୁମିନା, ଲୁହା ଓ ଇସ୍ପାତ, ଲୁହାପଥର, ପ୍ରକ୍ରିୟାକୃତ ଖଣିଜ ପଦାର୍ଥ, ସାମୁଦ୍ରିକ ଜୀବ, ପେଟ୍ରୋଲିୟମ୍ ଉତ୍ପାଦ, ହସ୍ତତନ୍ତ ଓ ବୟନ ସାମଗ୍ରୀ, କାଗଜ, ପଟି, ସେରାମିକ୍, ଚାଉଳ, କପା, ନିର୍ମାଣ ମେସିନ୍, ରାସାୟନିକ ଉତ୍ପାଦ, ପ୍ଲାଷ୍ଟିକ୍ କଞ୍ଚାମାଲ, ଏସି, ରେଫ୍ରିଜରେଟର ମେସିନ୍, ମସଲା, ଗାଡ଼ି ଇଞ୍ଜିନ ଓ ପାର୍ଟସ୍, କ୍ରେନ୍, ଲିଫ୍ଟ, ମେଡିକାଲ୍ ଉପକରଣ, କାଜୁ, ଗ୍ରାନାଇଟ୍ ଓ ପ୍ରାକୃତି ପଥର ଆଦି ରପ୍ତାନି କରୁଛି। ୨୦୨୩-୨୪ରେ ଭାରତରୁ ଆମେରିକାକୁ ୮୯୦ ନିୟୁତ ଡଲାରର ଆଲୁମିନିୟମ୍ ରପ୍ତାନି ହୋଇଥିଲା। ନାଲ୍‌କୋ, ବେଦାନ୍ତ ଆଲୁମିନିୟମ୍ ଓ ହିଣ୍ଡାଲ୍‌କୋ ଓଡ଼ିଶାରେ ବିପୁଳ ଆଲୁମିନିୟମ୍ ଉତ୍ପାଦନ କରି ବିକ୍ରି କରୁଛନ୍ତି। ଭାରତର ସର୍ବାଧିକ ଆଲୁମିନିୟମ୍ ଓଡ଼ିଶାରେ ଉତ୍ପାଦନ ହେଉଥିବାରୁ, ଏଠାରୁ ଆମେରିକାକୁ ରପ୍ତାନି ପ୍ରଭାବିତ ହେବା ଆଶଙ୍କା ରହିଛି।

ଓଡ଼ିଶାରୁ ଆମେରିକାକୁ ଯାଉଥିବା ଅନ୍ୟତମ ପ୍ରମୁଖ ଉତ୍ପାଦ ହେଉଛି ପେଟ୍ରୋଲିୟମ୍ ସାମଗ୍ରୀ। ୨୦୨୩-୨୪ରେ ରାଜ୍ୟରୁ ୯୩୯ ନିୟୁତ ଡଲାର ପେଟ୍ରୋଲିୟମ୍ ସାମଗ୍ରୀ ରପ୍ତାନି ହୋଇଥିଲା। ତାହା ମଧ ପ୍ରଭାବିତ ହେବା ଆଶଙ୍କା ରହିଛି। ଆମେରିକାକୁ ଇସ୍ପାତ ଓ ଲୁହାପଥର ରପ୍ତାନି ଏତେ ବଡ଼ ଧରଣର ହେଉନଥିବାରୁ ଶୁଳ୍କ ଦ୍ୱାରା ଏହି କ୍ଷେତ୍ର ଅଳ୍ପ ପ୍ରଭାବିତ ହେବ।

## 'ଭାରତର ଦ୍ରୁତ ଅଭିବୃଦ୍ଧିକୁ ବିଶ୍ୱ ଶକ୍ତି ଈର୍ଷା କରୁଛନ୍ତି'

ଭୋପାଳ, ୧୧।୮ଃ ଯୁକ୍ତରାଷ୍ଟ୍ର ଆମେରିକା ପକ୍ଷରୁ ଭାରତ ଉପରେ ଲଦା ଯାଇଥିବା ଶୁଳ୍କକୁ ଆଜି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସମାଲୋଚନା କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେ କହିଛନ୍ତି ଭାରତର ଦ୍ରୁତ ଅଭିବୃଦ୍ଧିକୁ ବିଶ୍ୱ ଶକ୍ତି ଈର୍ଷା କରୁଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନାମ ନେଇ ନଥିଲେ ମଧ ସମସ୍ତଙ୍କ ବସ୍ ବୋଲାଇବା ପାଇଁ ସେ କରୁଥିବା ଉଦ୍ୟମକୁ ଦର୍ଶାଇ ସମାଲୋଚନା କରିଛନ୍ତି। ଟ୍ରମ୍ପଙ୍କ ଉଦ୍ଦେଶ୍ୟରେ ସ୍ପଷ୍ଟ ବାର୍ତ୍ତା ଦେବାକୁ ଯାଇ ରାଜନାଥ କହିଛନ୍ତି ଭାରତକୁ ସୁପରପାୱାର ହେବାରୁ କେହି ଅଟକାଇ ପାରିବେ ନାହିଁ। ମେକ୍-ଇନ୍-ଇଣ୍ଡିଆ କାର୍ଯ୍ୟକ୍ରମ ଜରିଆରେ ଭାରତରେ ନିର୍ମିତ ସାମଗ୍ରୀର ମୂଲ୍ୟ କିଭଳି ଅଧିକ କରାଯିବ ସେ ନେଇ ବିଦେଶରେ ଷଡ଼ଯନ୍ତ୍ର କରାଯାଉଛି। ଭାରତ ନିର୍ମିତ ସାମଗ୍ରୀ ଦର ଅଧିକ କରାଗଲେ ଅନ୍ୟ ଦେଶ ସେଗୁଡ଼ିକୁ କିଣିବାରୁ ଦୂରେଇ ରହିବେ ବୋଲି ଅନେକ ଭାବୁଛନ୍ତି। କିନ୍ତୁ ଭାରତ ଯେଉଁ ଗତିରେ ଆଗକୁ ବଢ଼ୁଛି ତାକୁ ବିଶ୍ୱଶକ୍ତିରେ ପରିଣତ କରିବାରୁ ବିଶ୍ୱର କୌଣସି ଶକ୍ତି ଅଟକାଇ ପାରିବ ନାହିଁ ବୋଲି ରାଜନାଥ କହିଛନ୍ତି।

## ଆଦାନୀଙ୍କ ହାତକୁ ଆସିଲା ଆଇଟିପିଏଲ କମ୍ପାନୀ



ନୂଆଦିଲ୍ଲୀ, ୧୧।୮: ଆଦାନୀ ଗ୍ରୁପ୍‌ର କମ୍ପାନୀ ଏକ ବଡ଼ ଡିଲ୍ କରିଛି। ଆଦାନୀ ଡିଫେନ୍ସ ସିଷ୍ଟମ୍ସ ଆଣ୍ଡ ଟେକ୍ନୋଲଜିଜ୍ ଲିମିଟେଡ୍ (ଏଡିଏସଟିଏଲ) ପ୍ରାଇମ୍ ଏୟରୋ ସହ ମିଶି ଏହି ପାର୍ଟନରସିପ୍ କରିଛି। ଉଭୟ କମ୍ପାନୀ ମିଶି ଭାରତର ପ୍ରମୁଖ ପ୍ରାଇଭେଟ୍ ସେକ୍ଟରର ରକ୍ଷଣାବେକ୍ଷଣ , ମରାମତି ଓ ଓଭରହାଲ (ଏମଆରଓ) କମ୍ପାନୀ ଗୁଡ଼ିକ ମଧ୍ୟରୁ ଏକ ଇଣ୍ଡମେର ଟେକ୍ନିକ୍ସ ପ୍ରାଇଭେଟ୍ ଲିମିଟେଡ୍ (ଆଇଟିପିଏଲ)ରେ ,୧୦୦ ପ୍ରତିଶତ ଭାଗିଦାରୀ ହାସଲ କରିବା ପାଇଁ ଏକ ଚୁକ୍ତି ସ୍ୱାକ୍ଷରିତ କରିଛନ୍ତି। ଏହି ଅଧିଗ୍ରହଣ ଆଦାନୀ ଡିଫେନ୍ସର ବ୍ୟବସାୟ ହୋରାଇଜନ ଏୟରୋ ସଲ୍ୟୁସନ୍ସ ଲିମିଟେଡ୍ ମାଧ୍ୟମରେ କରାଯାଇଛି। ହୋରାଇଜନ, ଏଡିଏସଟିଏଲ ଓ ପ୍ରାଇମ୍ ଏୟରୋ ମଧ୍ୟରେ ୫୦-୫୦ର ପାର୍ଟନରସିପ୍ ରହିଛି। ପ୍ରାଇମ୍ ଏୟରୋ , ଇଣ୍ଡମେର ଟେକ୍ନିକ୍ସର ନିର୍ଦ୍ଦେଶକ ପ୍ରଜୟ ପଟେଲଙ୍କ ମାଲିକାନାର

### ୧୦୦ % ସେୟାର କିଣିବାକୁ କଲେ ଘୋଷଣା

କମ୍ପାନୀ। ଏହାର ସୂଚନା ଆଦାନୀ ଗ୍ରୁପ୍‌ର କମ୍ପାନୀ ଆଦାନୀ ଏଣ୍ଟରପ୍ରାଇଜେଜ୍ ସୋମବାର ସେୟାର ବଜାର ବନ୍ଦ ହେବା ପରେ ଦେଇଛନ୍ତି। କହି ରଖୁଛି କି , ଆଜି ସୋମବାର ଆଦାନୀ ଏଣ୍ଟରପ୍ରାଇଜେସ୍‌ର ସେୟାରରେ ୪ପ୍ରତିଶତ ଏବଂ ଆଦାନୀ ପୋର୍ଟର ସେୟାରରେ ୩୨ ପ୍ରତିଶତରୁ ଅଧିକ ବୃଦ୍ଧି ରେକର୍ଡ କରାଯାଇଛି। ଏହି ଗ୍ରୀନଫିଲ୍ଡ ସୁବିଧା ମହାରାଷ୍ଟ୍ରର ନାଗପୁରରେ ମିହାନ ସ୍ପେଶାଲ ଆର୍ଥିକ କ୍ଷେତ୍ର (ଏସଇଜେଡ୍)ରେ ରହିଛି। ଏହା ୩୦ ଏକରରେ ବିସ୍ତୃତ ରହିଛି। ଏହି ସୁବିଧାରେ ୧୦ଟି ହ୍ୟାଙ୍ଗରରେ ୧୫ଟି ବିମାନ ବେ ରଖିବାର କ୍ଷମତା ଅଛି। ଆଦାନୀ ଏୟାରପୋର୍ଟ୍ସର ନିର୍ଦ୍ଦେଶକ ଜିତ୍ ଆଦାନୀ କହିଛନ୍ତି , ଇଣ୍ଡିଆନ ଆଭିଏସନ ଇଣ୍ଡଷ୍ଟ୍ରିଜ୍ ଅଭୁତପୂର୍ବ ପରିବର୍ତ୍ତନ ଦେଖିଛି ଏବଂ ଯାତ୍ରୀ ଯାତାୟାତ ମାମଲାରେ ୩ୟ ସବୁଠୁ ବଡ଼ ଉଦ୍ୟୋଗ ହୋଇ ଯାଇଛି। ଆଗାମୀ ବର୍ଷ ଗୁଡ଼ିକରେ ଇଣ୍ଡିଆନ ଆଭିଏସନ କମ୍ପାନୀ ଗୁଡ଼ିକ ୧୫୦୦ରୁ ଅଧିକ ବିମାନ ଗୁଡ଼ିକୁ ନିଜର ବିମାନ କ୍ଷେତ୍ରରେ ସାମିଲ କରିବ। ଆମେ ଆଭିଏସନ ସେକ୍ଟରରେ ଏକ ନୂଆ ଯୁଗର ଆରମ୍ଭ କରିବାକୁ ଯାଉଛୁ। ସେ କହିଛନ୍ତି , ଏହି ଅଧିଗ୍ରହଣ ଭାରତକୁ ଏକ ପ୍ରମୁଖ ବୈଶ୍ୱିକ ଏମଆରଓ ଡେଷ୍ଟିନେସନ ଭାବେ ସ୍ଥାପିତ କରିବାକୁ ଆମର ପ୍ରୟାସର ଆଗାମୀ ପର୍ଯ୍ୟାୟ।

## ଆମେରିକା ଉପରେ ଜବାବୀ ଟିକସ ଲଗାଇବ ଭାରତ

ନୂଆଦିଲ୍ଲୀ, ୧୧।୮ଃ ଭାରତର ଇସ୍ପାତ, ଆଲୁମିନିୟମ୍ ଓ ଅନ୍ୟାନ୍ୟ ଉତ୍ପାଦ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇବା ପରେ ଆମେରିକା ଉପରେ ପାଲଟା ଶୁଳ୍କ ଲଗାଇବାକୁ ଭାରତ ବିଚାର କରୁଛି। ଭାରତ ଓ ଆମେରିକା ଭିତରେ ସମ୍ପର୍କ ଖରାପ ହେବା ପରେ ପ୍ରଥମ ଥର ପାଇଁ ଭାରତ ଏଭଳି ପଦକ୍ଷେପ ନେବାକୁ ଯାଉଛି ଯାହା ସିଧାସଳଖ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଚ୍ୟାଲେଞ୍ଜ ହେବ।

ଗତ ଫେବୃଆରିରୁ ଦୁଇ ଦେଶ ମଧ୍ୟରେ ଇସ୍ପାତ ଓ ଆଲୁମିନିୟମ୍ ଉପରେ ଶୁଳ୍କକୁ ନେଇ ସମସ୍ୟା ରହିଛି। ଧାତବ ପଦାର୍ଥ ଉପରେ ଟ୍ରମ୍ପ ୨୫ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। ଜୁନ୍‌ରେ ସେହି ଶୁଳ୍କକୁ ୫୦ ପ୍ରତିଶତକୁ ବୃଦ୍ଧି କରାଯାଇଥିଲା। ତାହା ଭାରତର ୭୬୦ କୋଟି ଡଲାର ରପ୍ତାନିକୁ ଗୁରୁତର ପ୍ରଭାବିତ କରିଛି। ଏସମ୍ପର୍କରେ ଭାରତ ସରକାର ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲ୍ୟୁଟିଓ)ର ପରାମର୍ଶ ଲୋଡ଼ିଛି। ଜାତୀୟ ସ୍ୱାର୍ଥ ଆଳରେ ଆମେରିକା ନେଉଥିବା ପଦକ୍ଷେପ ଆଇନର ଉଲ୍ଲଂଘନ ବୋଲି ଭାରତ କହିଛି। ଭାରତ ଉପରେ ଆମେରିକା ଏହାର ଶୁଳ୍କ ୫୦ ପ୍ରତିଶତକୁ ବୃଦ୍ଧି କରିବା ପରେ ଦ୍ୱିପାକ୍ଷିକ ବାଣିଜ୍ୟ ଆଲୋଚନାକୁ ମଧ ବନ୍ଦ କରିଦେଇଛି। ତେଣୁ ଭାରତ ଏବେ ଆଇନ ବାଟରେ ଆମେରିକା ସହ ଲଢ଼ିବାକୁ ପ୍ରସ୍ତୁତ ହେଉଛି। ଅନ୍ୟ କୌଣସି ବାଟ ନ ଥିବାରୁ ଭାରତ ଜବାବୀ ଟିକସ ଲଗାଇବାକୁ ଯାଉଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଆମେରିକାର ନିର୍ଦ୍ଦିଷ୍ଟ କିଛି ଉତ୍ପାଦ ଉପରେ ଟିକସ ଲଗାଯିବ। ଆମେରିକା ଭାରତରୁ ୪୫୦୦ କୋଟି ଡଲାରର ସାମଗ୍ରୀ ପଠାଉଥିବା ବେଳେ ଆମେରିକାକୁ ଭାରତ ୮୬୦୦ କୋଟି ଡଲାରର ଜିନିଷ ପଠାଉଛି। ଦୁଇ ଦେଶ ଭିତରେ ଥିବା ବାଣିଜ୍ୟ ଅନ୍ତର ଟ୍ରମ୍ପଙ୍କ ପାଇଁ ଅସହ୍ୟ ହୋଇଛି। କାରବାରକୁ ସମାନ ସ୍ତରକୁ ଆଣିବା ଲାଗି ସେ ଟିକସ ବଢ଼ାଇଛନ୍ତି।

# ଆମଦାବେଡ଼ା ଗ୍ରାମରେ ହାତୀ ଉପଦ୍ରବ ; ଧାନ କିଆରି ନଷ୍ଟ




**ବାରିପଦା,୧୧।୮(ସଂଚାର ବ୍ୟୁରୋ):** ହାତୀ ପାଇଁ ଚିନ୍ତାରେ ଚାଷୀ। ବାରମ୍ବାର ଚାଷ କୁ ନଷ୍ଟ କରୁଛନ୍ତି ହାତୀପଲ। ମୟୁରଭଞ୍ଜ ଜିଲ୍ଲାର ବିଜାତଳା ବ୍ଲକ ମାଣିକପୁର ପଞ୍ଚାୟତ ର ଆମଦାବେଡା ଗ୍ରାମରେ ହାତୀ ଉପଦ୍ରବ କରି ଧାନ ବିଲରେ ବ୍ୟାପକ ତଳି ନଷ୍ଟ କରି ଦେଇଛନ୍ତି। ସୂଚନା ଯେ ଶନିବାର ରାତିରେ ଆମଦାବେଡା ଗ୍ରଗମର ଛୋଟରାଇ ମୁର୍ମୁ, ଯଶବନ୍ତ ଟୁଡୁ, ବନ ବିହାରୀ ମୁର୍ମୁ ଏବଂ ଗୌରୀ ମୁର୍ମୁ ଙ୍କ ଦିନ ବିଲରେ ତଳି, ଧିନରୁଆ ଦଳି ଚିକିଟି ନଷ୍ଟ କରି ଦେଇଛନ୍ତ। ଶ୍ରାବଣ ମାସ ଶେଷ ହେବାକୁ ବସିଲାଣି ବର୍ତ୍ତମାନ ଚାଷୀ ତଳି ପକାଇବ କେବେ, ତଳି ହେବ କେବେ ଏବଂ ଧୋଇବା କରିବ କେବେ ନେଇ ଚାଷୀ ଚିନ୍ତିତ। ଆଖପାଖ ଚାଷୀମାନେ ମଧ୍ୟ ରାତିରେ ହାତୀ ଆସି କାଳେ ସେମାନଙ୍କ ବିଲ ର ତଳି ନଷ୍ଟ କରିଦେବା ତାହାକୁ ନେଇ ଚିନ୍ତିତ । ନିକଟସ୍ଥ ଜଙ୍ଗଲରୁ ହାତୀପଲ ବାରମ୍ବାର ଗ୍ରାମାଭିମୁଖି ହୋଇ ବ୍ୟାପକ କ୍ଷୟକ୍ଷତି ଘଟାଉଥିବାରୁ ଚାଷୀଭାଇମାନେ ଭୟଭୀତ ଓ ଚିନ୍ତିତ ହୋଇପଡ଼ିଛନ୍ତି। ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ କ୍ଷତିପୂରଣ ପ୍ରଦାନ ସହ ହାତୀ ଘଉଡାଇବାକୁ ପଦକ୍ଷେପ ନେବାକୁ ସାଧାରଣରେ ଦାବୀ ହେଉଅଛି ।

---

## ପିଛା ଛାଡୁନି ପାଣି ସମସ୍ୟା

# ଡ୍ୟାମ୍ ଅଛି, ଚାଷ ଜମିକୁ ପାଣି ମାଡୁନି

**ରାୟଗଡ଼ା,୧୧।୮(ସଂଚାର ବ୍ୟୁରୋ):** ଜମିକୁ ପାଣି ମିଳିବ , ଭଲ ଫସଲ ହେବ ବୋଲି ଭାବି ଡ୍ୟାମ୍ ନିର୍ମାଣ ପାଇଁ ନିଜ ଜମି ଦେଇଦେଲେ । ହେଲେ ପାଣି ମିଳିଲା ନାହିଁ। ଡ୍ୟାମ୍‌ର ପାଣି ତଳିଆ ଅଞ୍ଚଳର ରହୁଥିବା ଗାଁକୁ ଯାଉଥିବା ବେଳେ ଡ୍ୟାମ୍ ପାଇଁ ଜମି ଦେଇଥିବା ଲୋକ ମୁଣ୍ଡରେ ହାତ ଦେଇ ବସିଛନ୍ତି। ରାୟଗଡ଼ା ଜିଲ୍ଲାର ବିଷ୍ଣୁଗୁଡ଼ା ଡ୍ୟାମ୍ । ଟେଷ୍ଟାଲିଗୁଡ଼ାରେ ନିର୍ମିତ ଏହି ଡ୍ୟାମ୍‌ରେ ପାଣି ଅଛି, ହେଲେ ଦୀପ ତଳ ଅନ୍ଧାର ପରି ଡ୍ୟାମ୍ ନିକଟ ଚାଷ ଜମିରେ ପହଞ୍ଚିପାରୁ ନି। ଜମିରେ ଗାଈଗୋରୁ ଚରୁଛନ୍ତି । ବର୍ଷା ହେଲେ ଚାଷ ହେଉଛି, ନହେଲେ ନାହିଁ । ଏ ସମସ୍ୟା ଆଜିର ନୁହେଁ । ୨୪ ବର୍ଷ ଧରି ଅସୁବିଧା ଭୋଗୁଛନ୍ତି ଚାଷୀ। ବାରମ୍ବାର ଜିଲ୍ଲା ପ୍ରଶାସନ, ନେତା, ମନ୍ତ୍ରୀଙ୍କୁ ଦୁଃଖ ଜଣାଇ ଥକିଗଲେଣି, ହେଲେ ଦୁଃଖ ସରୁନି । ବିଷ୍ଣୁଗୁଡ଼ା ଗାଁରେ ଜମି ନମିଳିବାରୁ ୨ କିମି ଦୂର ଟେଷ୍ଟାଲିଗୁଡ଼ାରେ ଡ୍ୟାମ୍ ନିର୍ମାଣ ହୋଇଛି । ଡ୍ୟାମ୍ ହେଲେ ଭଲ ଫସଲ ହେବ ଭାବି ଜମି ଦେଇଥିଲେ ଚାଷୀ । ୨୦୦୧ରେ ୩ କୋଟି ୨୦ଲକ୍ଷ ଟଙ୍କା ବ୍ୟୟରେ ଡ୍ୟାମ୍ ନିର୍ମାଣ ହୋଇଛି । ମରାମତି ବାବଦରେ ୧ କୋଟି ୭୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇସାରିଛି। ୧୨ଟି ଗାଁର ୬୦୦ ହେକ୍ଟର ଚାଷ ଜମିକୁ ଜଳସେଚିତ କରିବାକୁ ଲକ୍ଷ୍ୟ ରହିଥିଲା । କିନ୍ତୁ ମାତ୍ର ୫ଟି ଗାଁକୁ ଅନ୍ୟ ଗାଁର ଚାଷୀମାନେ ପାଣି ପାଉନାହାନ୍ତି। ଜମିକୁ ପାଣି ନମିଳିବାରୁ କିଛି ଚାଷୀ କପା ଓ ମାଣ୍ଡିଆ ଚାଷ କରୁଛନ୍ତି । ଆଉ ଅଧିକାଂଶ ଚାଷୀ ପେଟ ପାଟଣା ପାଇଁ ଦାଦନ ଖଟିବାକୁ ଚାଲିଯାଉଛନ୍ତି ।



---

# ବନ୍ୟା ପରବର୍ତ୍ତୀ ସ୍ଥିତି ସମ୍ବନ୍ଧରେ ଅନୁଧ୍ୟାନ କଲେ ବିଧାୟିକା

**ବାଲିଆପାଳ,୧୧।୮(ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ରସଲପୁର ଗ୍ରାମ ରାମନଗରରବନ୍ୟା ପରବର୍ତ୍ତୀ ସ୍ଥିତି ଅନୁଧ୍ୟାନ କରିଛନ୍ତି ବସ୍ତା ବିଧାୟିକା ସୁବାସିନୀ ଜେନା। ରବିବାର ଚଳିତ ବନ୍ୟାର ସମ୍ମୁଖୀନ ହୋଇଥିବା ବାଲିଆପାଳ ବ୍ଲକ ବିଷ୍ଣୁପୁର ପଞ୍ଚାୟତର ରସଲପୁର ଗ୍ରାମ (ରାମନଗର)ର ୧୯, ୨୦ ଓ ୨୧ ନମ୍ବର୍ ୱାଡ଼ରେ ପହଞ୍ଚି ବିଧାୟିକା ଜେନା ବନ୍ୟା ପରବର୍ତ୍ତୀ ସ୍ଥିତି ସମ୍ବନ୍ଧରେ ଅନୁଧ୍ୟାନ କରିବା ସହିତ ବନ୍ୟା ପ୍ରପୀଡ଼ିତଙ୍କ ସମସ୍ୟା ଏବଂ କ୍ଷୟକ୍ଷତି ବାବଦରେ ଆଲୋଚନା କରିଥିଲେ। ଲୋକମାନଙ୍କ ସୁଖ ଦୁଃଖରେ ସାଥି ହୋଇ ବିଧାୟିକା ଲୋକଙ୍କ ଦୁଃଖ ବୁଝିଥିଲେ।

ବିଧାୟିକାଙ୍କ ସହ ବାଲିଆପାଳ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ, ବେଣୁଧର ଜେନା ପ୍ରମୁଖ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ ।



---

# ମାନସିକ ଅନଗ୍ରସର ଶିଶୁଙ୍କ ପାଇଁ ମାଗଣା ଚିକିତ୍ସା ଶିବିର ଅନୁଷ୍ଠିତ



**ଯାଜପୁର ରୋଡ଼, ୧୧। ୮(ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଅଞ୍ଚଳ ସହର ଅନ୍ତର୍ଗତ ଉମାପଦା, ଷ୍ଟାଡିୟମ ରୋଡ଼ ଛକ ଠାରେ ଦର୍ତାତ୍ରେୟ ଶାନ୍ତି ତପୋବନ ପ୍ରାଙ୍ଗଣରେ ଗତକାଲି ମାନସିକ ଅନଗ୍ରସରଙ୍କ ପାଇଁ ଦେଶ ତଥା ଦେଶ ବାହାରେ ଚିକିତ୍ସା ଯୋଗାଉଥିବା ଓଡ଼ିଶାର ସୁନାମଧନ୍ୟ ବିଶିଷ୍ଟ ଡାକ୍ତର ସୁବ୍ରତ କୁମାର ମାଝୀ ଭୁବନେଶ୍ୱରୁ ଆସି ଶତାଧିକ ରୋଗୀଙ୍କୁ ଚିକିତ୍ସା ଯୋଗାଇଦେଇଥିଲେ। ବିଶିଷ୍ଟ ଆଧ୍ୟାତ୍ମିକ ଗୁରୁ ଗଗନ ଗୁରୁଜୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଶାନ୍ତି ତପୋବନ ପରିସରରେ ସକାଳ ୯ ଘଟିକା ଠାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ଏହି ଶିବିର ଚାଲୁ ରହିଥିଲା। ଯେଉଁଥିରେ ରାଜ୍ୟର ଶତାଧିକ ରୋଗୀ ଚିକିତ୍ସା ପାଇଁ ଆସି ଉପକୃତ ହୋଇଥିଲେ। ଅଞ୍ଚଳର ସମାଜସେବୀ ତଥା ପୂର୍ବତନ କାଉନସିଲର ଶ୍ରୀ ତପନ କୁମାର ନାୟକ, ଜିତେନ୍ଦ୍ର ରାଉତ, ଶୁଭେନ୍ଦୁ ନାୟକ, ପ୍ରଦିପ୍ତ ରାଉତ, ଜ୍ଞାନେନ୍ଦ୍ର ନାୟକ, ନଗରପାଳ ଶ୍ରୀ ସୁବାସ ଚନ୍ଦ୍ର ବଳ, ଡ଼ଃ. ଦେବସ୍ମିତା ସାହୁ, ଗୌରୀଶଙ୍କର ଅଗ୍ରୱାଲ, ଭାନୁ ପ୍ରସାଦ ଅଗ୍ରୱାଲ, ସିଦ୍ଧାର୍ଥ ସାମଲ, ଦିପକ ପରିଡା, ପ୍ରିୟବ୍ରତ ରାଉତ, ଜିତେନ୍ଦ୍ର କୁମାର ବେହୁରା, ହାପିନ୍ଦ୍ର କୁମାର ବଳ ପ୍ରମୁଖ ଯୋଗଦେଇ ଶିବିର ପରିଚାଳନା କରିଥିଲେ। ଯାଜପୁର ଜିଲ୍ଲାରେ ପ୍ରଥମ ଥର ପାଇଁ ଏଭଳି ମାନସିକ ଅନଗ୍ରସର ଶିଶୁଙ୍କ ପାଇଁ ଚିକିତ୍ସା ଶିବିର ହେଉଥିବାରୁ ଏ ସଂକ୍ରାନ୍ତୀୟ ସମସ୍ତ ରୋଗୀ ଏଠାରେ ଚିକିତ୍ସା ସୁଯୋଗ ପାଇଥିବାରୁ ଆୟୋଜକ ଗଗନ ଗୁରୁଜୀ ଓ ଡାକ୍ତରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଆଇଡିବିଆଇ ଅଫିସର ସଂଘର ଦିନିକିଆ ଦେଶବ୍ୟାପୀ ଧର୍ମଘଟ

**ଭୁବନେଶ୍ୱର,୧୧।୮ (ସଂଚାର ବ୍ୟୁରୋ):** ସର୍ବ ଭାରତୀୟ ଆଇଡିବିଆଇ ଅଫିସର ସଂଘ (ଏଆଇଆଇଡିବିଓଏ) ଭୁବନେଶ୍ୱର ଜୋନ୍ ପକ୍ଷରୁ ଏକ ବୈଠକ ୟୁନିଟ-୪ ସ୍ଥିତ ହୋଟେଲ ଭି ପ୍ଲାଟିନାଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଏଆଇଆଇଡିବିଓଏ ଭୁବନେଶ୍ୱର ଜୋନ୍ ସମ୍ପାଦକ ଗୌତମ ପଟ୍ଟନାୟକ, ସଭାପତି ଲଲାଟେନ୍ଦୁ ବେହେରା, ଉପସଭାପତି ଦେବବ୍ରତ ବେହେରା, ଏଆଇବିଓଏର କେନ୍ଦ୍ରୀୟ ପରିଷଦ ସଦସ୍ୟ ପ୍ରତ୍ୟୁଷ ମିଶ୍ର ପ୍ରମୁଖ ଯୋଗଦେଇଥିଲେ । ଆଇଡିବିଆଇ ବ୍ୟାଙ୍କର ରାଷ୍ଟ୍ରାୟତ୍ତ ଚରିତ୍ରକୁ ବଜାୟ ରଖିବା ପାଇଁ ଆହ୍ୱାନ ଦେବା ଏହି ବୈଠକର ଉଦ୍ଦେଶ୍ୟ ଥିଲା । ରାଷ୍ଟ୍ରାୟତ୍ତ କ୍ଷେତ୍ରରେ ଥାଇ ଆଇଡିବିଆଇ ବ୍ୟାଙ୍କ ସର୍ବଦା ଆର୍ଥିକ ଲାଭଦାୟକ ବ୍ୟାଟିଂ ସମେତ ସାମାଜିକ ବ୍ୟାଙ୍କି ଦିଗ ଉପରେ ଗୁରୁତ୍ୱ ଦେଇଆସିଛି ।

---

## ଛୁରାମାଡ଼ ଅଭିଯୋଗରେ ଯୁବକ ଅଟକ

# ମହିଳାଙ୍କ ତଣ୍ଟି କାଟି ହତ୍ୟା ଉଦ୍ୟମ

**ଜଗତସିଂହପୁର, ୧୧।୮ (ସଂଚାର ବ୍ୟୁରୋ):** ସୋମବାର ମଧ୍ୟାହ୍ନରେ କୁଜଙ୍ଗ ଥାନା ଅଞ୍ଚଳରେ ଏଭଳି ଅଭାବନୀୟ ଘଟଣା ଘଟିଛି। ସ୍ଥାନୀୟ ଲୋକେ ଯୁବକଙ୍କୁ କାବୁ କରି ପୋଲିସ ଜିମା ଦେଇଛନ୍ତି। ଅଭିଯୁକ୍ତ ଯୁବକ ଜଣଙ୍କ ଗଞ୍ଜାମ ଜିଲ୍ଲା ଶେରଗଡ଼ ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି। ଘଟଣାସ୍ଥଳରେ କୁଜଙ୍ଗ ପୁଲିସ ପହଞ୍ଚି ତନାଘନା ଆରମ୍ଭ କରିଛି। ମହିଳାଙ୍କ ତଣ୍ଟି, ଗାଲ ଓ ହାତରେ କ୍ଷତ ହୋଇଛି। ସୂଚନା ଅନୁସାରେ କୁଜଙ୍ଗ ଥାନା ବାଗୋଇ ପଞ୍ଚାୟତ ଚରଦିଆ ଗ୍ରାମର ପ୍ରଭାତୀ ରାଉତ (୨୮ ବର୍ଷ) ବ୍ୟାଙ୍କ କାର୍ଯ୍ୟରେ ପାଟପୁର ଆସୁଥିଲେ। ଏହି ସମୟରେ ଶେରଗଡ଼ ଅଞ୍ଚଳର ରାଜେଶ ବେହେରା (୨୩ ବର୍ଷ) ଓ ତାର ଦୁଇ ସହଯୋଗୀ ପାଟପୁର ସ୍ଥିତ ରେଲୱେ କ୍ରସିଂ ନିକଟରେ ହଠାତ୍ ଏକ ଧାରୁଆ ଛୁରୀ ବାହାରକରି ମହିଳାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ମହିଳାଙ୍କ ତଣ୍ଟିରେ ଗଭୀର କ୍ଷତ ହେବା ସହିତ ଗାଲ ଓ ହାତରେ ମଧ୍ୟ ଗଭୀର କ୍ଷତ ହୋଇଥିଲା। ସ୍ଥାନୀୟ ଲୋକେ ଅଭିଯୁକ୍ତ ରାଜେଶ ବେହେରାଙ୍କୁ କାବୁ କରି ତାଙ୍କୁ ଉତ୍ତମମଧ୍ୟମ ଦେଇଥିଲେ। ଆମ୍ବୁଲାନ୍ସ ଡାକି ଅଚେତ ଅବସ୍ଥାରେ ପଡ଼ିଥିବା ପ୍ରଭାତୀଙ୍କୁ କୁଜଙ୍ଗ ମେଡିକାଲ ପଠାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ସେହିପରି ଲୋକଙ୍କ ମାଡରେ ଆହତ ଅଭିଯୁକ୍ତ ରାଜେଶ ମଧ୍ୟ କୁଜଙ୍ଗ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଅଭିଯୁକ୍ତର ଦୁଇ ସହଯୋଗୀ ଫେରାର୍ ହୋଇଯାଇଛନ୍ତି। ହତ୍ୟା ଉଦ୍ୟମର କାରଣ ଅସ୍ପଷ୍ଟ ରହିଛି। କୁଜଙ୍ଗ ପୁଲିସ ଏନେଇ ତଦନ୍ତ ଆରମ୍ଭ କରିଛି।




ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର

---

# ବ୍ଲକ୍ କାର୍ଯ୍ୟାଳୟରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର

**କଳିଙ୍ଗନଗର,୧୧।୮(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଦାନଗଦି ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ସଭା ଗୃହ ରେ ଅନୁଷ୍ଠିତ ହୋଇଯାଇଅଛି।ଏହି ଅଭିଯୋଗ ଶିବିରରେ ନୂତନ ଭାବେ ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୪୬ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୨୨ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୫ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୧୯ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୨୦ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଯସ ପ୍ରତାପ ଶ୍ରୀମଲ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଯୁଧିଷ୍ଠିର ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ, କଳିଙ୍ଗନଗର, ସପନ କୁମାର ନନ୍ଦ, ମଣ୍ଡଳ ଉନ୍ନୟନ ଅଧିକାରୀ, ଦାନଗଦି ପ୍ରଦୀପ କୁମାର ସେଠୀ, ତହସିଲଦାର, ଦାନଗଦି ରଞ୍ଜିତ କୁମାର ମଲ୍ଲିକ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।




---

● ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

# ୭୭ ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ



**ସୁବର୍ଣ୍ଣପୁର,୧୧।୮ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଉଲୁଣ୍ଡା ବ୍ଲକ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଡ. ନୃପରାଜ ସାହୁ ଓ ଆରକ୍ଷୀ ଅଧିକ୍ଷକ ନାରାୟଣ ନାଏକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ସର୍ବମୋଟ ୭୭ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୫୭ ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୨୦ ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଥିଲା। ତନ୍ମଧ୍ୟରୁ ୦୧ ଗୋଟି ଆବେଦନ ପତ୍ର ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଚିକିତ୍ସା ପାଇଁ ଆର୍ଥିକ ସହାୟତା ମିଳିବା ପାଇଁ ହସ୍ତଗତ ହୋଇଥିଲା। ଏହି ଅଭିଯୋଗ ଶୁଣାଣିରେ ସମୟରେ ପଞ୍ଚମହଲା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କୁକିଆ ଗ୍ରାମର ଜଣେ ଭିନ୍ନକ୍ଷମ ମହିଳା ଶ୍ରୀମତି ସରୋଜିନୀ ଲୁହାଙ୍କୁ ଜିଲ୍ଲାପାଳଙ୍କ ଦ୍ୱାରା ରିକ୍ସା ପ୍ରଦାନ କରାଯାଇଥିଲା ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବିଡ଼ିଓ, ଉଲୁଣ୍ଡା, ଚିନ୍ମୟ କୁମାର ମହାନନ୍ଦଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ, (ରାଜସ୍ୱ) ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଅଶ୍ୱିନୀ କୁମାର ମେହେର, ଉପ-ଜିଲ୍ଲାପାଳ, ବୀରମହାରାଜପୁର, ସୁରେନ୍ଦ୍ର କୁମାର ମେହେରଙ୍କ ସମେତ ତହସିଲଦାର, ଉଲୁଣ୍ଡା ତଥା ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ, କର୍ମଚାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ।

---

# ବ୍ଲକ ପରିସରରେ ଯୁଗ୍ମ ଜନଅଭିଯୋଗ ଶୁଣାଣି

**ସୁନ୍ଦରଗଡ଼,୧୧।୮(ସଂଚାର ବ୍ୟୁରୋ):** ନୂଆଗାଁ ବ୍ଲକ କାର୍ଯ୍ୟାଳୟରେ ସୋମବାର ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର ଓ ସୁନ୍ଦରଗଡ଼ ଏସପି ପ୍ରତ୍ୟୁଷ ଦିବାକର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ମୋଟ ୧୩୭ ଗୋଟି ଅଭିଯୋଗର ଶୁଣାଣୀ ମଧ୍ୟରୁ ୬୦ ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୭୪ ଟି ସାମୁହିକ ଅଭିଯୋଗ ରହିଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩ ଜଣଙ୍କୁ ଆର୍ଥିକ ସହୟତା ପ୍ରଦାନ କରାଯାଇଛି। ସେହିପରି ୩ ଗୋଟି ସମସ୍ୟାର ତ୍ୱରିତ ସମାଧାନ କରାଯାଇଥିଲା। ଆସିଥିବା ଅଭିଯୋଗ ଗୁଡ଼ିକ ମଧ୍ୟରୁ ମୁଖ୍ୟତଃ ରାସ୍ତା ଘାଟ ସମସ୍ୟା, ପେନସନ, ବିଦ୍ୟୁତ୍ ସମସ୍ୟା, ରାସନ୍ କାର୍ଡ ସମସ୍ୟା, ପାନୀୟ ଜଳ ସମସ୍ୟା ଆଦି ପ୍ରମୁଖ ରହିଥିଲା। ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ସୁରଂଜନ ସାହୁ, ଡିଏଫଓ ଯଶୋବନ୍ତ ସେଠୀ, ପାନପୋଷ ଉପଜିଲ୍ଲାପାଳ ବିଜୟ ନାୟକ, ନୂଆଁ ଗାଁ ଗୋଷ୍ଠି ଉନ୍ନୟନ ଅଧିକାରୀ ଜ୍ୟୋତିବିକାଶ ଦାଶ ସମେତ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

---

# ବିଦ୍ୟାଳୟକୁ ବନ୍ଦ କରିବା ପାଇଁ ସୁରକ୍ଷା କମିଟି ପକ୍ଷରୁ ଜନସଭା



**ଯାଜପୁର ରୋଡ଼,୧୧।୮(ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଅଞ୍ଚଳ ସହର ସ୍ଥିତ ଫେରୋକ୍ରୋମ କାରଖାନା ପରିସର ଭିତରେ ସ୍ଥାପନ ହୋଇଥିବା ଦୀର୍ଘ ୫୮ବର୍ଷର ସ୍କୁଲ କ୍ରୋମନଗର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବେ ଭଗ୍ନ ଅବସ୍ଥାରେ ପଡ଼ିରହିଥିବା ସୁରକ୍ଷା କମିଟି ପକ୍ଷରୁ ଅଭିଯୋଗ ହୋଇଛି। ସ୍କୁଲର ସୁରକ୍ଷା ଓ ସ୍ଥାଇତ୍ୱ ଉପରେ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଓ.ଏମ୍.ସି'କୁ ହସ୍ତାନ୍ତର ହୋଇଥିବା ଏହି ସ୍କୁଲଟିକୁ ଫେରୋକ୍ରୋମ ଓ ଓ.ଏମ୍.ସି'ର କର୍ତୃପକ୍ଷ ମିଳିମିଶି ଚକ୍ରାନ୍ତ କରି ସ୍ଥାୟୀ ବିଦ୍ୟାଳୟକୁ ଅସୁରକ୍ଷିତ ଦର୍ଶାଇ ଅନ୍ୟତ୍ର ସ୍ଥାନାନ୍ତର କରିବା ସହ ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଚକ୍ରାନ୍ତ ଚଳାଇଥିବା କମିଟି ପକ୍ଷରୁ ଅଭିଯୋଗ କରାଯାଉଛି। ଓ.ଏମ୍.ସି ଦ୍ୱାରା ପରିଚାଳିତ ଅନ୍ୟ ସ୍କୁଲ ମାନଙ୍କରେ ଛାତ୍ର ଛାତ୍ରୀମାନଙ୍କୁ ଯେଉଁ ସୁବିଧା ସୁଯୋଗ ଦିଆଯାଉଛି ତାହା ଏହି ସ୍କୁଲ ପାଇଁ ସାତ ସପନ ପାଲଟିଯାଉଛି।ସୁରକ୍ଷା କମିଟିର ସଭାପତି ଶ୍ରୀ ପୀତବାସ ମିଶ୍ର ଓ ମୁଖ୍ୟ ଉପଦେଷ୍ଟା ବିଦ୍ୟାଧର ମହାନ୍ତି'ଙ୍କ ନେତୃତ୍ୱରେ ପରିଚାଳନା କମିଟିର ସମସ୍ତ ସଦସ୍ୟଙ୍କ ସମେତ ଏକ ଓ୍ୱାର୍ଡ କାଉନସିଲର ଶ୍ରୀ ବିଜୟ ଜେନା, ଦୁଇ ନଂ - କାଉନସିଲର କୁନି ହାଁସଦା, ଓ ତିନି ନମ୍ବର ୱାର୍ଡ କାଉନସିଲରଙ୍କ ପ୍ରତିନିଧି ଅନୁପ ନାୟକ ପ୍ରମୁଖଙ୍କ ଉପସ୍ଥିତିରେ ୫ଦଫା ଦାବି ଉପସ୍ଥାପନାକୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଓ ଜନସଭା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

# ସାମ୍ବାଦିକ ପ୍ରଣବ କୁମାର ସାହୁଙ୍କ ସ୍ମୃତିସଭା

**ବାଲିଆପାଳ,୧୧।୮ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଅଧିନସ୍ଥ ମଇଁଷାମୁଣ୍ଡା ଗ୍ରାମର ବାଲିଆପାଳ ବରିଷ୍ଠ ନାଗରିକ ପରିଷଦର ସଭାପତି ନାରାୟଣ ପ୍ରସାଦ ସାହୁଙ୍କ ପୁତ୍ର ପ୍ରାକ୍ତନ ସମାଜ ଖବର କାଗଜ ର ସାମ୍ବାଦିକ- ଶିକ୍ଷାବିତ ପ୍ରଣବ କୁମାର ସାହୁଙ୍କ ପଞ୍ଚମ ଶ୍ରାଦ୍ଧ ବାର୍ଷିକୀ ସ୍ମୃତିସଭା ରବିବାର ତାଙ୍କ ଖପରାପଦା ସ୍ଥିତ ବାସ ଭବନଠାରେ ପାଳିତ ହୋଇ ଯାଇଛି। ଏଥିରେ ବାଲିଆପାଳର ବରିଷ୍ଠ ନାଗରିକ, ସାହିତ୍ୟିକ, ରାଜନେତା, ଯୁବ ଛାତ୍ର, ସାମ୍ବାଦିକ, ବୁଦ୍ଧିଜୀବୀ ପ୍ରମୁଖ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ବାଲିଆପାଳ ବରିଷ୍ଠ ନାଗରିକ ପରିଷଦ ସଭ୍ୟ ତଥା ଶିକ୍ଷାବିତ ପୂର୍ଣ୍ଣ ଚନ୍ଦ୍ର ରାଜଙ୍କ ସଭାପତିତ୍ୱରେ ଅତିଥି ଭାବେ ବସ୍ତା ନିର୍ବାଚନ ମଣ୍ଡଳୀର ବିଧାୟିକା ସୁବାସିନୀ ଜେନା, ଶିକ୍ଷାବିତ ଚିତ୍ତରଞ୍ଜନ ଦାସ, ଅଧ୍ୟାପକ ଡ଼ଃ ସୁକାନ୍ତ ଗିରି, କବି ଡ଼ଃ କାଳିପଦ ପଣ୍ଡା, ଡ଼ଃ ବଂକିମ ଚନ୍ଦ୍ର ଜେନା, ଜଳେଶ୍ୱର ଦୀନକୃଷ୍ଣ ସ୍ମୃତି ପରିଷଦର ସମ୍ପାଦକ ପ୍ରାଧ୍ୟାପକ ସାହିତ୍ୟିକ ବିପିନ ବିହାରୀ ବିଶ୍ୱାଳ, ବିଶିଷ୍ଟ କବି ବ୍ରଜେନ୍ଦ୍ର ନାଥ ଗିରି, ଅନିରୁଦ୍ଧ ମଣ୍ଡଳ ପ୍ରମୁଖ ମଧ୍ୟ ମଂଚାସୀନ ହୋଇଥିଲେ।

---

# ଅଲ୍ ଓଡ଼ିଶା ସିଡୁଲ୍ଡ କାଷ୍ଟ ଫେଡରେସନ ସାଙ୍ଗଠନିକ ଆଲୋଚନାଚକ୍ର



**ଲାଞ୍ଜିଗଡ଼,୧୧।୮ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସ୍ଥିତ ଆମ୍ବେଦକର ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି ଅଲ୍ ଓଡ଼ିଶା ସିଡୁଲ୍ଡ କାଷ୍ଟ ଫେଡରେସନ କଳାହାଣ୍ଡିର ସାଙ୍ଗଠନିକ ଆଲୋଚନା ଚକ୍ର। ଆଲୋଚନା ଚକ୍ରରେ ସର୍ବ ପ୍ରଥମେ ନୂତନ କର୍ମକର୍ତ୍ତା ଚୟନ କରାଯିବା ପରେ ଧର୍ମଗଡ଼ ବ୍ଲକ ବେହେରା ପଞ୍ଚାୟତ ଦଳଶରଗି ଗାଁ ପୀଡିତା ମାନଙ୍କୁ ନ୍ୟାୟ ଦେବା ନିମନ୍ତେ ଆଲୋଚନା କରାଯାଇଥିଲା।ଆସନ୍ତା ମଙ୍ଗଳବାର ଦିନରୁ କଳାହାଣ୍ଡି ଏସପି ଅଫିସ ସମ୍ମୁଖରେ ଅଭିଯୁକ୍ତ ମାନଙ୍କୁ ଗିରଫ ନ'କରାଯିବା ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଭାବରେ ଧାରଣା ଦେବା ପାଇଁ ସଂଘ ନିଷ୍ପତ୍ତି ନେଇଛି। ରାଜ୍ୟ ସଂଯୋଜକ ଭାବେ ଧନଞ୍ଜୟ ଦୀପ୍, ମହାସଚିବ ଶତ୍ରୁଘ୍ନ ନାଏକ, କୋଷାଧ୍ୟକ୍ଷ ବିଜୟ ରାଜ ଶିକ୍ଷାକୁ ରାଜ୍ୟ ପାଇଁ ସର୍ବ ସମ୍ମତିରେ ମନୋନୀତ କରାଯାଇଥିବା ବେଳେ କଳାହାଣ୍ଡି ଜିଲ୍ଲା ସଭାପତି ଭାବରେ ବୃନ୍ଦାବନ ନାଗ କାର୍ଯ୍ୟକାରୀ ସଭାପତି ତେଜରାଜ ବେହେରାକୁ ମନୋନୀତ କରାଯାଇଛି। କଳାହାଣ୍ଡି ଜିଲ୍ଲା ସଭାପତି ବୃନ୍ଦାବନ ନାଗ ଅଳ୍ପ ଦିନ ମଧ୍ୟରେ ବାକି କର୍ମକର୍ତ୍ତା ଚୟନ କରିବେ।କଳାହାଣ୍ଡି ଜିଲ୍ଲାର ୧୩ ଟି ବ୍ଲକ ତିନୋଟି ଏନ୍.ଏ.ସି ଗୋଟିଏ ମୁନିସିପାଲିଟିର ସତାଧିକ ସଦସ୍ୟ ସଦସ୍ୟାଙ୍କ ଉପସ୍ଥିତିରେ ବୈଠକ ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ଉପସ୍ଥିତ ଥିଲେ ନର୍ଲା ବ୍ଲକ ସଭାପତି ରଘୁନାଥ ଦୀପ୍ କେସିଙ୍ଗା ବ୍ଲକ ସଭାପତି ଭାଗିରଥି ନାଏକ, ଭବାନୀପାଟଣା ବ୍ଲକ ସଭାପତି ନିରାକାର ବାଗ, କଲମପୁର ବ୍ଲକ ସଭାପତି ବଳରାମ ଦୁର୍ଗା, ଡମ୍ବୁରୁଧର କରୁଆ, ବିକ୍ରମ ହରପାଲ ଅଶେଷର ଦୁର୍ଗା ସମେତ ଶତାଧିକ ସାଥି ଯୋଗଦେଇଥିଲେ।

---

# ବିଶ୍ୱ ଆଦିବାସୀ ଦିବସ ମହାସମାରୋହରେ ପାଳିତ

**କନ୍ଧମାଳ,୧୧।୮ (ସଂଚାର ବ୍ୟୁରୋ):** ସାରା ବିଶ୍ୱରେ ଅଗଷ୍ଟ ୯ ବିଶ୍ୱ ଆଦିବାସୀ ଦିବସ ରୂପେ ପାଳନ କରୁଥିବା ବେଳେ କନ୍ଧମାଳ ଜିଲ୍ଲାର ଫୁଲବାଣୀ ଠାରେ କୁଇ ସମାଜ ସେବା ସମିତି ଫୁଲବାଣୀ ପକ୍ଷରୁ ଏହି ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବଟି କୁଇ ସମାଜ ସେବା ସମିତି ଫୁଲବାଣୀ ସାଧାରଣ ସମ୍ପାଦକ ତଥା ଆଦିବାସୀ ମହାସଂଘ ଓଡ଼ିଶା ଜିଲ୍ଲା କୋଡିନେଟର ଶ୍ରୀ ଅବନୀ କୁମାର କହଁରଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ କୁଇ ସମାଜ ସେବା ସମିତି ଫୁଲବାଣୀ ଅଧିନରେ କାର୍ଯ୍ୟ କରୁଥିବା ୧୭ ଗୋଟି ଶାଖାର କର୍ମ କର୍ତ୍ତା ଓ ସଭ୍ୟ ସଭ୍ୟା କୁଇ ସମାଜ ପ୍ରେମୀ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମଟି ଶନିବାର ଅପରାହ୍ନ ୨ ଘଣ୍ଟିକା ସମୟରେ ମାଦିକୁନ୍ଦା ଛକ ଠାରୁ ବିଶାଳ ପଦଯାତ୍ରା ଜିଲ୍ଲାପାଳ ଅଫିସ୍ ପର୍ଯ୍ୟନ୍ତ କରି ୭ ଦଫା ସମ୍ବଳିତ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବି ପତ୍ର ମଧ୍ୟରେ ପ୍ରଥମଟି ଜଳ, ଜଙ୍ଗଲ ଓ ଜମି ଆଦିବାସୀ ମାନଙ୍କର ଏଥିରୁ ଆଦିବାସୀଙ୍କୁ ସରକାର ବଞ୍ଚିତ ନ କରୁ। ଭୁଲରେ ଅନାବାଦୀ ନାମରେ ତାଲିକା ଭୁକ୍ତ କରି ନିଜର ଅକ୍ତିଆର କରୁଚି। ଦିତୀୟରେ ଓଡିଶାରେ ପେସା ଆଇନ୍ ଯଥାଶୀଘ୍ର ଆଦିବାସୀ ମାନଙ୍କ ପାଇଁ ଲାଗୁ କରାଯାଉ। ତୃତୀୟରେ ଆଦିବାସୀ ମହିଳାଙ୍କ ପକ୍ଷରେ ପୈତୃକ ସମ୍ପତ୍ତି ଉପରେ ଅଧିକାର ଦିଆ ନଯାଉ କାରଣ ଅନ୍ୟ ବର୍ଗର ଲୋକମାନେ ଆମର ଆଦିବାସୀ ମହିଳା ମାନଙ୍କୁ ବିବାହ କରି ଜମି ହାତେଇବା ସହିତ ବିଭିନ୍ନ ସାମ୍ବିଧାନିକ ଅଧିକାର ହାସଲ କରୁଛନ୍ତି। ଚତୁର୍ଥରେ ଆଦିବାସୀ ମାନଙ୍କ ଜମିକୁ ବନ୍ଧକ ରଖି ବ୍ୟାଙ୍କ ଗୁଡ଼ିକରେ ଲୋନ ଦିଆଯାଉ। ପଞ୍ଚମରେ କନ୍ଧମାଳ ଜିଲ୍ଲାରେ ନୂତନ ଭାବେ ଖୋଲିଥିବା ମେଡିକାଲ କଲେଜରେ ଆମର କନ୍ଧମାଳ ଜିଲ୍ଲାର ଯୁବକ ଯୁବତୀ ମାନଙ୍କୁ ଯୋଗ୍ୟତା ଭିତରେ ନିଯୁକ୍ତି ଦିଆଯାଉ। ଷଷ୍ଠରେ ଆମର ଅଣ ଆଦିବାସୀ ମାନେ ଆଦିବାସୀ (କନ୍ଧ) ଜାତିଗତ ପ୍ରମାଣପତ୍ର ହାସଲ କରି ବିଭିନ୍ନ ସରାକାରୀ ଚାକିରି ହାତଉଛନ୍ତି ତାହାକୁ ଯଥା ଶୀଘ୍ର ରୋକାଯାଉ। ସପ୍ତମରେ ଆମର ପ୍ରାଥମିକ ସ୍ତରରୁ ଛାତ୍ରଛାତ୍ରୀ ମାନଙ୍କୁ କୁଇ ଶିକ୍ଷା ଦିଆଯାଉ ଓ ଯେଉଁ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଏଥିପାଇଁ ନିୟୋଜିତ ହେବେ ସେମାନଙ୍କୁ କୁଇ ଭାଷାରେ ପରୀକ୍ଷା କରି ଉତ୍ତୀର୍ଣ୍ଣ ବ୍ୟକ୍ତି ମାନଙ୍କୁ ହିଁ ନିଯୁକ୍ତ କରାଯାଉ।






# ଭାଇରାଲ ଜ୍ୱର ପାଇଁ ଡାଏଟ୍ ଚାର୍ଟ୍



ପରିବର୍ତ୍ତିତ ଋତୁ ଅନୁଯାୟୀ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ଦେଖାଯାଇଥାଏ। ସେଥôମଧ୍ୟରୁ ପ୍ରମୁଖ ସମସ୍ୟା ସୃଷ୍ଟି କରେ ଥଣ୍ଡାଦିନିଆ ଭାଇରାଲ ଜ୍ୱର (ଭାଇରାଲ ଫିବର)। ଏହି ଜ୍ୱର ଦ୍ୱାରା ଶରୀର କମ୍ଜୋର ହୁଏ। ଥକ୍କା ଲାଗିଥାଏ। ଫିଟ୍ ରହିବାକୁ ଡାକ୍ତର ଭିଟାମିନ୍, ଜିଙ୍କ୍, ପ୍ରୋଟିନ୍ଯୁକ୍ତ ଖାଦ୍ୟ ଖାଇବାକୁ ପରାମର୍ଶ ଦିଅନ୍ତି। ତେଣୁ ଶରୀରରୁ ଦୁର୍ବଳତା ଦୂର କରିବା ପାଇଁ ଡାଏଟ୍ରେ ଡ୍ରାଏଫ୍ରୁଟ୍ସ ସାମିଲ କରିବା ସ୍ୱାସ୍ଥ୍ୟପ୍ରଦ। ଏହାଦ୍ୱାରା ଶରୀର ସୁସ୍ଥ ରହିବା ସହ ରୋଗପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି ପାଏ। ତେଣୁ ଭାଇରାଲ ଜ୍ୱରରେ ପୀଡ଼ିତ ବ୍ୟକ୍ତି କମ୍ଜୋର୍ ଏବଂ ଥକ୍କାପଣ ଦୂର କରିବାକୁ ଡାଏଟ୍ରେ କ'ଣ ଖାଇବା ଜରୁରି ଜାଣିରଖନ୍ତୁ।

**ଡ୍ରାଏ ଫ୍ରୁଟ୍ସ:** ଡ୍ରାଏ ଫ୍ରୁଟ୍ସରେ ବିଭିନ୍ନ ପ୍ରକାର ଭିଟାମିନ୍, ଫାଇବର, ଜିଙ୍କ୍, ଆଇରନ, କ୍ୟାଲସିୟମ, ପଟାସିୟମ୍, ପ୍ରୋଟିନ୍ ଆଦି ଭରପୂର ମାତ୍ରାର ରହିଥାଏ। ତେଣୁ ଡାଏଟ୍ରେ ଡ୍ରାଏଫ୍ରୁଟ୍ସ ସାମିଲ କରିବା ସହ ବାଦାମ, କିସ୍ମିସ୍, କାଜୁ ଏବଂ ଅଖରୋଟ୍ ଆଦି ଡ୍ରାଏ ଫ୍ରୁଟ୍ସ ସାମିଲ କରିପାରିବେ।

**ସବୁଜ ପନିପରିବା:** ଖଣିଜ ପୋଷକତତ୍ତ୍ୱରେ ଭର୍ପୂର ସବୁଜ ପନିପରିବା ଶରୀରକୁ ଫିଟ୍ ଓ ସତେଜ ରଖିବାରେ ପ୍ରମୁଖଭୂମିକା ଗ୍ରହଣ କରେ। ତେଣୁ ଶୀତଦିନିଆ ଭାଇରାଲ ଜ୍ୱର ହୋଇଥôଲେ, ଡାଏଟ୍ରେ ସବୁଜ ପନିପରିବା ତଥା ପାଳଙ୍ଗ, କୋବି, ମଟର, ବଥୁଆ ଶାଗ, ମେଥିଶାଗ, ଗାଜର ଜୁସ୍ ଆଦି ସାମିଲ କରିପାରିବେ।

**ଅଦା, ତୁଳସୀ, ଗିଲୋୟ କାଢ଼ା:** ସାଧାରଣତଃ ଅଦା, ତୁଳସୀ, ଗିଲୋୟ ଆଦି ଅନେକ ରୋଗରୁ ରକ୍ଷା କରିଥାଏ। ଏହାକୁ ରୋଗପ୍ରତିରୋଧକ ବୁଷ୍ଟ କୁହାଯାଏ। ତେଣୁ ଭାଇରାଲ ଜ୍ୱରକୁ ପ୍ରତିହତ କରିବା ପାଇଁ ନିୟମିତ ସକାଳୁ ତୁଳସୀ, ଗିଲୋୟ ଏବଂ ଅଦାର କାଢ଼ା ସେବନ କରିପାରିବେ। ମଧ୍ୟାହ୍ନରେ ଚିକେନ୍ ସିଝା କିମ୍ବା ସୁପ୍ ପିଇପାରିବେ।

**ତଟକା ଫଳ:** ଭାଇରାଲ ଜ୍ୱର, ଡେଙ୍ଗୁ, ମଲେରିଆ କିମ୍ବା ଥଣ୍ଡା ଜନିତ ସମସ୍ୟାରୁ ତୁରନ୍ତ ଆରୋଗ୍ୟ ପାଇଁ ଡାକ୍ତର ତଟକା ଫଳ ସେବନ କରିବାକୁ ପରାମର୍ଶ ଦିଅନ୍ତି। ତେଣୁ ନିଜର ଡାଏଟ୍ରେ ନିୟମିତ ସେଓ, ଡାଳିମ୍ବ, କମଳା ଆଦି ଖାଇପାରିବେ। ଏହାଦ୍ୱାରାଶାରୀରିକଦୁର୍ବଳତାରୁହେନାହିଁ।ସେହିପରିଓଟ୍ସ, ଖିଚିଡି, ଦହି, ମଲ୍ଟିଗ୍ରେନ ଦଲିଆ, ଗହମ ଦଲିଆ ସେବନ କରିପାରିବେ। ସ୍ୱାସ୍ଥ୍ୟ ପାଇଁ ବେଶ୍ ଭଲ। ଏହା ଶରୀରକୁ ଶକ୍ତ ବନାଏ।

# ବିଶ୍ୱରେ ଏଡ୍ସର ବିସ୍ତାର



ସମଗ୍ର ବିଶ୍ୱରେ ଏଡ୍ସ ଏକ ମାରାତ୍ମକ ବ୍ୟାଧି ରୂପେ କାୟା ବିସ୍ତାର କରିଛି। ମାନବ ସମାଜକୁ ସୁସ୍ଥ ଓ ନିରାମୟ ରଖିବାକୁ ହେଲେଏହି ରୋଗର ସମ୍ପୂର୍ଣ୍ଣ ଦୂରୀକରଣ ହେବାର ଆବଶ୍ୟକତା ରହିଛି। ଏହି ଲକ୍ଷ୍ୟ ନେଇ ୧୯୮୮ ମସିହାରୁ ପ୍ରତିବର୍ଷ ଡିସେମ୍ବର ୧ ତାରିଖକୁ ବିଶ୍ୱ ଏଡ୍ସ ଦିବସ ଭାବେ ପାଳନ କରାଯାଇଆସୁଅଛି। ଏହି ଦିନ ଏଡ୍ସ ରୋଗର ଭୟାବହତା ଓ ଏହାର ନିରାକରଣ ଦିଗରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଏ। ଏଥିପାଇଁ ବିଭିନ୍ନ ଆଲୋଚନା ଚକ୍ର, ରାଲି, ସଭାନୁମତିର ଆୟୋଜନ କରାହୁଏ। ଏଚ୍ଆଇଭି ସଂକ୍ରମିତ ରୋଗୀଙ୍କ ମନରେ ସାହସ ଭରିବା ତଥା ସେମାନଙ୍କୁ ସହଯୋଗ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ କିଛି ନା କିଛି ଥିମ୍ ରହିଥାଏ। ଚଳିତ ବର୍ଷର ଥିମ୍ ରହିଛି 'ଲେଟ୍ କମ୍ୟୁନିଟିଜ୍ ଲିଡ୍'। ଏଡ୍ସଏକନିର୍ଦ୍ଦିଷ୍ଟରୋଗନୁହେଁ; କନ୍ତୁ ଏହା ଯୋଗୁଁ ଶରୀରରେ ବହୁତ ପ୍ରକାର ଜଟିଳତା ଦେଖାଯାଏ। ଏଚ୍ଆଇଭି ଭୂତାଣୁ ମାଧ୍ୟମରେ ଏହା ମନୁଷ୍ୟ ଶରୀରକୁ ସଂକ୍ରମିତ କରିଥାଏ। ଯାହାଦ୍ୱାରା ଭୂତାଣୁ ଶରୀରର ରୋଗପ୍ରତିରୋଧକ ଶକ୍ତିକୁ ହ୍ରାସ କରିଦିଏ। ଏଚ୍ଆଇଭି ବା ଏଡ୍ସ ସଂକ୍ରମିତ ଲୋକ ସହ ଯୌନସମ୍ପର୍କ, ସଂକ୍ରମିତ ରକ୍ତଗ୍ରହଣ, ବିଶୋଧିତ ହୋଇନଥିବା ସିରିଞ୍ଜ୍ ଦ୍ୱାରା ଇଞ୍ଜେକ୍ସନ ନେବା ତଥା ଡ୍ରଗ୍ସ ବ୍ୟବହାର କରିବା, ଏକା ବାସନ ଆଦି ବ୍ୟବହାର, ସର୍ବସାଧାରଣ ଶୌଚାଳୟ, ସୁଇମିଂ ପୁଲ୍ ପୋଖରୀ ବ୍ୟବହାର, ସଂକ୍ରମିତ ମା'ଠାରୁ ତା'ରଗର୍ଭରେ ଥିବା ଛୁଆକୁ ଏଡ୍ସ ବ୍ୟାପିଥାଏ। ଏଡ୍ସକୁ ପ୍ରାଥମିକ ଅବସ୍ଥାରେ ଚିହ୍ନଟ କରିବା କଷ୍ଟ ସାଧ୍ୟ। ଏଚ୍ଆଇଭି ଶରୀରରେ ପଜିଟିଭ ହୋଇଗଲା ପରେ ରୋଗୀ ଅତ୍ୟନ୍ତ ଦୁର୍ବଳ ହୁଏ। ବାରମ୍ବାରା ଝାଡ଼ା ଏବଂ ଜ୍ୱର ଲାଗି ରହିବା, ଗୁପ୍ତାଙ୍ଗ ଓ ମୁଖମଣ୍ଡଳରେ ଧଳା ଦାଗ ଦେଖାଦେବା, ବେକ ଗ୍ରନ୍ଥି ଫୁଲିବା, ପାଟି ଭିତରେ ଛତୁଫୁଟିବା ପରି ଧଳାଦାଗ ସୃଷ୍ଟିହେବା, ଶୁଖିଲା କାଶ ବହୁଦିନଧରି ଲାଗିରହିବା। ରକ୍ତହ୍ରାସ ପାଇବା, ନିମୋନିଆ ଯକ୍ଷ୍ମା ଆଦି ଏହାର ଲକ୍ଷଣ। ରୋଗର ଲକ୍ଷଣ ଦେଖାଯିବା ମାତ୍ରେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଏଲିଶା ଟେଷ୍ଟ, ୱେଷ୍ଟର୍ଣ୍ଣ ବ୍ଲଡ୍ଟେଷ୍ଟ, ରିଆଟେଷ୍ଟ ଆଦି କରାଇପାରିବେ।ଏହା ବାଦ୍ ସମ୍ପ୍ରତି ଭିସିସିଟିସିଜରିଆରେ ଟେଷ୍ଟ କରିବା ସୁବିଧାଜନକ ହୋଇଛି। ଏହାର ପ୍ରତିକାର ସଦୃଶ ଯୌନ ସମ୍ପର୍କ ସମୟରେ ନିରୋଧ ବ୍ୟବହାର କରିବା, ଉପଯୁକ୍ତ ପରିଶୋଧିତ ସିରିଞ୍ଜ ଇଞ୍ଜେକ୍ସନ ନେବା, ସେଲୁନ୍ରେ ଗୋଟିଏ ବ୍ଲେଡ୍ରେ ଖିଅର ନହେବା, ସଂକ୍ରମିତ ରୋଗୀ ଗର୍ଭଧାରଣ ନକରିବା, ଡ୍ରଗ୍ସ ବ୍ୟବହାର ବନ୍ଦ କରିବା ନେଇ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟିକରାଯିବ।

# କ୍ଷତିକାରକ ଫିଶ୍ ସ୍ପା !




ମଧୁମେହ ରୋଗୀଙ୍କ ରୋଗ ପ୍ରତିରୋଧକ ଶକ୍ତି କମ୍ଜୋର ଥିବାରୁ ସେମାନେ ଫିଶ୍ ସ୍ପା ନକରାଇବା ଭଲ। ଫିଶ୍ ସ୍ପା ବହୁତ ଲୋକପ୍ରିୟ। ସମ୍ପ୍ରତି ହଜାର ହଜାର ଟଙ୍କା ଖର୍ଚ୍ଚ କରି ଲୋକେ ମଲ୍ କିମ୍ବା ପାର୍ଲରରେ ଫିଶ୍ ପେଡିକ୍ୟୁରୋ କରାଇବାକୁ ପସନ୍ଦ କରୁଛନ୍ତି। କିନ୍ତୁ ଏପରି କରିବା ଦ୍ୱାରା ନାନା ରୋଗ ହେବାର ଆଶଙ୍କା ରହିଥାଏ। ତେଣୁ ଫିଶ୍ ସ୍ପା କରାଇବାକୁ ଯାଉଥିଲେ,ସତର୍କ ରହିବା ନିହାତି ଜରୁରି... ଶରୀରକୁ ଆରାମ ପ୍ରଦାନ କରିବା ପାଇଁ ଅଧିକାଂଶ ବିଭିନ୍ନ ପ୍ରକାର ସ୍ପା ନିଅନ୍ତି। ଆୟୁର୍ବେଦ ଅନୁସାରେ ସ୍ପାର ଭିନ୍ନ ଭିନ୍ନ ତରିକା ଶରୀରରୁ ଥକ୍କାପଣ ଓ ଯନ୍ତ୍ରଣା ଦୂର କରିଥାଏ। ବିଭିନ୍ନ ସ୍ପା ମଧ୍ୟରୁ ଫୁଟ୍ ସ୍ପା, ବଡି ସ୍ପା, ଆଇ ସ୍ପା ଆଦି କରିବାକୁ ପସନ୍ଦ କରନ୍ତି। ପାଦ ଦରଜ ହେଉଥିଲେ ବା ପାଦର ମସାଜ ପାଇଁ ଫିଶ୍ ସ୍ପା ସବୁଠୁ ଗୁରୁତ୍ୱ ବହନ କରେ। ଫିଶ୍ ସ୍ପା ଏକପ୍ରକାର ଥେରାପି। ଏହି ସ୍ପାରେ ଗରୋ ରୁଫା ପ୍ରଜାତିର ଛୋଟ ଛୋଟ ମାଛ ପାଦରୁ ଜୀବାଣୁ ବା ଶୁଷ୍କ ମୃତ ଚର୍ମକୁ ସଫା କରିଥାନ୍ତି। ଫୁଟ୍ ସ୍ପା କିମ୍ବା ଫିଶ୍ ସ୍ପା କରିବା ଦ୍ୱାରା ରକ୍ତ ସଞ୍ଚାଳନ ଭଲ ହୋଇଥାଏ। ତେବେ ଫିଶ୍ ସ୍ପା କରାଉଥିଲେ ସଂକ୍ରମଣର ଆଶଙ୍କା ଅଧିକ ଥାଏ। ମାଛରେ ଥିବା ବ୍ୟାକ୍ଟେରିଆରୁ ସଂକ୍ରମଣ କିମ୍ବା ନିମୋନିଆ ହେବାର ସମ୍ଭାବନା ଅଧିକ ଥାଏ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ ଫିଶ୍ ସ୍ପା କରାଇବା ଦ୍ୱାରା ଏଡ୍ସ, ଏଚଆଇଭି, ସୋରିୟାସିସ୍, ଏକ୍ଜିମା ସମେତ ଅନେକ ଗମ୍ଭୀର ରୋଗ ହେବାର ଆଶଙ୍କା ଅଧôକ ଥାଏ। ଯଦି ସଠିକ୍ ଢଙ୍ଗରେ ପେଡିକ୍ୟୁରୋ ନକରାଯାଏ, ତେବେ ଏହାଦ୍ୱାରା ତ୍ୱଚା ରୁକ୍ଷ ହୋଇଥାଏ। କେବେ କେବେ ମାଛ କାମୁଡ଼ିବା ଦ୍ୱାରା ଘା' ହେବାର ଭୟ ଥାଏ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଫିଶ୍ ସ୍ପା ପାଇଁ କାଚ ଭିତରେ ରଖାଯାଉଥିବା ପାଣି ଯଦି ବହୁ ଦିନ ଧରି ବଦଳାନଯାଏ, ଏହା ଶରୀରରେ ନାନା ରୋଗ ସୃଷ୍ଟି କରିଥାଏ। ପ୍ରତି ମାସରେ ଯଦି ଫିଶ୍ ପେଡିକ୍ୟୁରୋ କରୁଥାନ୍ତି, ଏହି ସମୟରେ କୌଣସି କାରଣରୁ ଯଦି ପାଦରୁ ରକ୍ତ ବାହାରୁଛି, ତୁରନ୍ତ ଜାର୍ରୁ ପାଦକୁ ବାହାରକୁ କାଢ଼ି ଦେବା ଉଚିତ। ଯଦି ପାଦରେ କ୍ଷତାକ୍ତ ଥାଏ ବା କଟିଯାଇଥାଏ, ତେବେ ଫିଶ୍ ସ୍ପା ନକରାଇବା ଭଲ। ସେହିପରି ଫିଶ୍ ସ୍ପାରେ ମାଛଗୁଡିକ ପାଦର ନଖକୁ କାମୁଡ଼ିବା ଦ୍ୱାରା ନଖ ଖରାପ ହେବାର ଅଧିକ ସମ୍ଭାବନା ଥାଏ।

# ସ୍ୱାସ୍ଥ୍ୟପ୍ରଦ ସୁନୁସୁନିଆ ଶାଗ

ଗାଁଗହଳିରେ ନଈକୂଳ, ପୋଖରୀ କୂଳ କିମ୍ବା ସନ୍ତସନ୍ତିଆ ଜମିମାନଙ୍କରେ ସୁନୁସୁନିଆ ଶାଗ ହୋଇଥାଏ। ଏହି ଶାଗ ବେଶ୍ ସ୍ୱାଦିଷ୍ଟ। ସାଧାରଣତଃ ଅଧିକ ନିଦ ହେବା ପାଇଁ ଲୋକେ ସୁନୁସୁନିଆ ଶାଗ ଖାଆନ୍ତି। ଏହାବାଦ୍ ନିୟମିତ ସୁନୁସୁନିଆ ଖାଇବା ବେଶ୍ ସ୍ୱାସ୍ଥ୍ୟପ୍ରଦ। ଏହାନିଦ୍ରା, ଶୁକ୍ରବର୍ଦ୍ଧକ, ରସାୟକ, ଜ୍ୱର ଓ କୋଷ୍ଠକାଠିନ୍ୟ ଆଦି ରୋଗ ପାଇଁ ବେଶ୍ ହିତକର। ନିଦ ହେଉନଥିବା ବ୍ୟକ୍ତି ପ୍ରତିଦିନ ସୁନୁସୁନିଆ ଶାଗ ଭାଜି ଖାଇଲେ ଭଲ ନିଦହୋଇଥାଏ। ସେହିପରି ସୁନୁସୁନିଆ ଶାଗ ଖାଇବା ଦ୍ୱାରା ସ୍ମରଣଶକ୍ତି ବୃଦ୍ଧିହୁଏ। ପିଲାମାନଙ୍କର ଝାଡ଼ା ହେଉଥିଲେ,ଏହି ଶାଗର ରସ ସହିତ ମରିଚଗୁଣ୍ଡ ମିଶାଇ ତିନିଥର ଖାଇବାକୁ ଦେଲେ ଉପଶମ ମିଳେ। ସୁନୁସୁନିଆ କ୍ୱାଥରେ ଅଦାରସ ଓ ମହୁ ମିଶାଇ ଦିନରେ ତିନି ଥର ଖାଇଲେ ଜ୍ୱର ଏବଂ ତାପ କମିଥାଏ। ସୁନୁସୁନିଆ ପତ୍ରର ସାଥିରେ ଅଦା, ମହୁ ଓ ମିଶ୍ରିଗୁଣ୍ଡ ମିଶାଇ ଦିନକୁ ସାତଥର ଖାଇଲେ ଅନିଦ୍ରା ସମସ୍ୟା ଓ ଝାଡ଼ା ଦୂରହୁଏ। ମହିଳାଙ୍କ ସ୍ୱାସ୍ଥ୍ୟ ପାଇଁ ଏହି ଶାଗ ବେଶ୍ ଲାଭପ୍ରଦ।




# ମୌଖିକ ସ୍ୱଚ୍ଛତା



ପାଟିରେ ଖାଦ୍ୟାଂଶ ରହିଲେ, ଦାନ୍ତ ପୋକ ଲାଗିବା, ଜଟିଳ ରୋଗ ଆଦି ପାଇଁ ମୁଖ ଦୁର୍ଗନ୍ଧ ହୋଇଥାଏ। ବେଳେ ବେଳେ ଏହି ମୁଖ ଦୁର୍ଗନ୍ଧ ଏକ ଅସୁସ୍ଥତାର ସଙ୍କେତ ଦେଇଥାଏ। ତେଣୁ ମୌଖôକ ସ୍ୱଚ୍ଛତା କେବଳ ଦାନ୍ତ ଏବଂ ମାଢ଼ିକୁ ସୁସ୍ଥ ରଖେ ତାହା ନୁହେଁ, ବରଂ ଏହା ମନୁଷ୍ୟ ଶରୀରକୁ ସୁସ୍ଥ ରଖିବାରେ ସହାୟକ ହୁଏ। ମୁଖ ସ୍ୱଚ୍ଛତା ନ ରହିଲେ, ମାଢି ସଂକ୍ରମଣ, ହୃଦ୍ରୋଗ, ମଧୁମେହ, ଶ୍ୱସନ ସଂକ୍ରମଣ, ଏପରି ଗର୍ଭାବସ୍ଥାରେ ସମସ୍ୟା ସୃଷ୍ଟି କରେ। ପାଟିର ଜୀବାଣୁ ରକ୍ତରେ ପ୍ରବେଶ କରିବାର ଆଶଙ୍କା ଥିବାରୁ ନାନା ରୋଗ ସୃଷ୍ଟି କରିଥାଏ। ମୁଖଗହ୍ୱର କର୍କଟ ହେବାର ଅଧିକ ଆଶଙ୍କା ଥାଏ। ତେଣୁ ମୁଖ ସ୍ୱଚ୍ଛତା ପାଇଁ ଫ୍ଲୋରାଇଡ୍ଯୁକ୍ତ ଟୁଥପେଷ୍ଟରେ ଦିନକୁ ଦୁଇଥର ଦୁଇମିନଟ୍ ବ୍ରଶ୍ କରିବା ଜରୁରି। ମାଢ଼ିକୁ କ୍ଷତି ନ ପହଞ୍ଚାଇବା ପରି ନରମ ବ୍ରଶ୍ ବ୍ୟବହାର କରିପାରିବେ। ତିନି ଚାରି ମାସ ମଧ୍ୟରେ ବ୍ରଶ୍ ବଦଳାଇବା ଜରୁରି। ଖାଦ୍ୟ କଣକୁ ଦାନ୍ତରୁ ଦୂର କରିବାକୁ ଭଲ କରି କୁଳି କରନ୍ତୁ। ଡାକ୍ତରଙ୍କ ପରାମର୍ଶରେ ରୋଗାଣୁରୋଧିକ ମାଉଥ୍ ୱାସ୍ କରିପାରିବେ। କୌଣସି ସଂକ୍ରମଣ ଯୋଗୁଁ ମାଢ଼ିରେ ପ୍ରଦାହ ହୋଇ ମାଢ଼ିରୁ ରକ୍ତ ବାହାରିଥାଏ। ତେଣୁ ଦନ୍ତ ରୋଗ ବିଶେଷଜ୍ଞ ପରାମର୍ଶ ନେଇ ଚିକିତ୍ସା କରନ୍ତୁ। ପାଟି ଭିତରେ ହେଉଥିବା କ୍ୟାଭିଟି, ପାଇରିଆ, ମାଢି ପ୍ରଦାହ ଆଦି ସଂକ୍ରମଣ ଯୋଗୁଁ ହୋଇଥାଏ। ତେଣୁ ପାଟିର କୌଣସି ପ୍ରକାର ସଂକ୍ରମଣ ହେଲେ, ଦନ୍ତ ରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରି ଚିକିତ୍ସା କରନ୍ତୁ। ଚିନି ମିଠା, ମଇଦା ଆଦି ଜିନିଷ ଖାଦ୍ୟ ଖାଇବା କମ୍ କରନ୍ତୁ।

# ଜଟିଳତା ସୃଷ୍ଟିକରେ ରକ୍ତରେ ୟୁରିକ୍ ଏସିଡ୍ ବୃଦ୍ଧି



ମନୁଷ୍ୟ ଗ୍ରହଣ କରୁଥିବା ଖାଦ୍ୟ ଶରୀର ଭିତରେ ବିଭିନ୍ନ ପ୍ରକାରରେ ପରିବର୍ତ୍ତିତ ହୋଇ ଶକ୍ତିରେ ପରିଣତ ହୋଇଥାଏ। ଏହି ପ୍ରକ୍ରିୟାରେ ଆମ ଶରୀରରେ ୟୁରିକ୍ ଏସିଡ୍ ମଧ୍ୟ ତିଆରି ହୋଇ ରକ୍ତ ସାଙ୍ଗରେ ମିଶିଥାଏ। ସାଧାରଣତଃ ଶରୀରରୁ ୟୁରିକ୍ ଏସିଡ୍ ମୂତ୍ରଗ୍ରନ୍ଥି ମାଧ୍ୟମରେ ବାହାରି ଯାଇଥାଏ। ମାତ୍ର ବେଳେବେଳେ କୌଣସି କାରଣ ଯୋଗୁଁ ରକ୍ତରେ ୟୁରିକ୍ ଏସିଡ୍ର ମାତ୍ରା ହ୍ରାସ କିମ୍ବା ବୃଦ୍ଧି ପାଇ ସ୍ୱାସ୍ଥ୍ୟଗତ ଜଟିଳତା ବଢ଼ାଇଥାଏ। ୟୁରିକ୍ ଏସିଡ୍ର କୁ-ପ୍ରଭାବ ଓ ତା'ର ଉପଚାର ବିଷୟରେ ଜାଣିରଖନ୍ତୁ।

**କାରଣ:** ସାଧାରଣତଃ ଏହି ସମସ୍ୟା ବଂଶଗତ।W ହଠାତ୍ ଶରୀରରେ ଅତ୍ୟଧିକ ଓଜନ ବୃଦ୍ଧି ପାଇଲେ କିମ୍ବା ବେଶିମାତ୍ରାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ଖାଇଲେ, ଅତ୍ୟଧିକ ମଦ୍ୟପାନ, ଯକୃତ୍ବେଶିମାତ୍ରାରେ ୟୁରିକ୍ ଏସିଡ୍ ତିଆରି କରିବା, କେତେକ ଔଷଧ ସେବନ କରିବାଦ୍ୱାରା କିମ୍ବା ଟ୍ୟୁମର୍ ବା କର୍କଟ ଆଦି ରୋଗଥିଲେ ୟୁରିକ୍ ଏସିଡ୍ ବୃଦ୍ଧି କିମ୍ବା ହ୍ରାସର କାରଣ ପାଲଟିଥାଏ।

**ଲକ୍ଷଣ:** ୟୁରିକ୍ ଏସିଡ୍ ବୃଦ୍ଧିରେ ଗଣ୍ଠିବାତ ସମସ୍ୟା ଦେଖାଦିଏ। ବାରମ୍ବାର ଜ୍ୱର ହେବା, ଅସ୍ୱାଭାବିକ ଝାଳ ବୋହିବା, ଅଣ୍ଟା କିମ୍ବା ପିଠିରେ ଯନ୍ତ୍ରଣା ଅନୁଭବ କରିବା, ପାଦର ବୃଦ୍ଧାଆଙ୍ଗୁଠିର ମୂଳ ଅସ୍ୱାଭାବିକ ଫୁଲିବା, ମୂତ୍ରଗ୍ରନ୍ଥିରେ ସମସ୍ୟା ଦେଖାଦେବା, ପେଟରେ ଗୋଟିଏ ପାଖରେ ଯନ୍ତ୍ରଣା ଅନୁଭବ କରିବା ଆଦି ଦେଖାଯାଇପାରେ। ୟୁରିକ୍ ଏସିଡ୍ ପ୍ରଭାବରେ ଗଣ୍ଠିବାତ, ମୂତ୍ରଗ୍ରନ୍ଥିରେ ପଥର, ହୃଦ୍ରୋଗ, ମଧୁମେହ, ମୂତ୍ରନଳୀରେ ପଥର, ମାନସିକ ଅବସାଦ, ଶାରୀରିକ ଦୁର୍ବଳତା ଆଦି ପ୍ରମୁଖ ରୋଗ ସୃଷ୍ଟି ହୋଇଥାଏ।


**ଉପଚାର:** ବଂଶଗତ ୟୁରିକ୍ ଏସିଡ୍ ସମସ୍ୟା ଥିଲେ, ବହୁଦିନ ଧରି ଗଣ୍ଠି ଫୁଲି ଦରଜ ହେବା, ଲାଲ୍ ପଡ଼ିବା କିମ୍ବା ବାରମ୍ବାର ଜ୍ୱରହେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶନେବାଉଚିତ।ସନ୍ତୁଳିତଆହାରଗ୍ରହଣକରିବାସହସଠିକ୍ପରିମାଣରପାଣିପିଇବାଜରୁରି।ମଦ୍ୟପାନକିମ୍ବାଧୂମପାନଠାରୁଦୂରେଇରହିବାଉଚିତ।ଚର୍ବିଜାତୀୟ କିମ୍ବା ପ୍ରୋଟିନ ଖାଦ୍ୟ କମ୍ ପରିମାଣରେ ଖାଆନ୍ତୁ। ଡାକ୍ତରଙ୍କ ପରାମର୍ଶ ନେଇ ପରୀକ୍ଷାନିରୀକ୍ଷା କରିବା ପରେ ୟୁରିକ୍ ଏସିଡ୍ କମ୍ କରିବା ପାଇଁ ଔଷଧ ଖାଇବା ଜରୁରି।

SANCHAR ସଂଚାର



## ଅବହେଳିତ ଧର୍ମଶାଳାର ବଳରାମପୁର ଗଡ଼

# ସୌନ୍ଦର୍ଯ୍ୟଭରା ସ୍ଥାନରେ ମିଳୁନି ମୌଳିକ ସୁବିଧା



**ଯାଜପୁର,୧୧।୮(ସଂଚାର ବ୍ୟୁରୋ):** ଅବହେଳିତ ଯାଜପୁର ଜିଲ୍ଲା ଧର୍ମଶାଳାର ଐତିହାସିକ ବଳରାମପୁର ଗଡ଼ । ରାସ୍ତାଘାଟ ସାଙ୍ଗକୁ ପାନୀୟ ଜଳର ଅଭାବ ବଢ଼ାଇଛି ଲୋକଙ୍କ ଦୁଃଖ । ପ୍ରାକୃତିକ ପରିବେଶ ବିମଣ୍ଡିତ ଗଡ଼ର ସୁରକ୍ଷା ଓ ଏହାକୁ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ଦେବା ପାଇଁ ଦାବି ହେଉଛି । ଗଡ଼ର ସୁରକ୍ଷା, ବନୀକରଣ ଓ ପର୍ଯ୍ୟଟନରେ ସାମିଲ କରିବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି କହିଲେ ବିଧାୟକ । ଧର୍ମଶାଳା ବ୍ଲକ ତାଳଙ୍ଗ ପଞ୍ଚାୟତର ଐତିହାସିକ ବଳରାମପୁର ଗଡ଼ । ଚଣ୍ଡିଖୋଲଠାରୁ ୫୩ ନଂ ଜାତୀୟ ରାଜପଥରେ ପ୍ରାୟ ୧୫ କିମି ଯିବା ପରେ ବାମପଟରେ ପଡ଼େ । ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଗଡ଼ ଚାରିପଟେ ସବୁଜ ଘଞ୍ଚ ବନାନୀ ସାଙ୍ଗକୁ ଝରଣା । ଗଡ଼ର ମଧ୍ୟସ୍ଥଳରେ ରହିଛି ମହାପ୍ରଭୁ ଜଗନ୍ନାଥଙ୍କ ମନ୍ଦିର । ମନ୍ଦିରରେ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରା ପୂଜା ପାଉଥିବା ବେଳେ ଏହା ପ୍ରାୟ ୫ଶହ ବର୍ଷ ତଳର ବୋଲି ଜଣାପଡ଼େ । ରାଜରାଜୁଡ଼ା ଅମଳର ଏହି ଗଡ଼ରେ ରହୁଛନ୍ତି ୫ଶହରୁ ଅଧିକ ଲୋକ । ବଳରାମପୁର ଗଡ଼କୁ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନିତ କରିବା ପାଇଁ ଅନେକ ସମୟରେ ଦାବି କରନ୍ତି ସ୍ଥାନୀୟ ବାସିନ୍ଦା । ହେଲେ ଉନ୍ନତୀକରଣ କରାଯାଉନଥିବା ଅଭିଯୋଗ ହେଉଛି । ସମୁଦ୍ର ପତନଠାରୁ ୩ଶହ ଫୁଟ ଉଚ୍ଚରେ ପାନୀୟଜଳ ସମସ୍ୟା ରହିଛି । ରାସ୍ତାଘାଟ ମଧ୍ୟ ଖୁବ୍ ସଂକୀର୍ଣ୍ଣ । ଫଳରେ ପର୍ଯ୍ୟଟକମାନେ ଗଡ଼ରେ ପହଞ୍ଚିବାରେ ଅସୁବିଧା ଭୋଗୁଛନ୍ତି । ଗଡ଼ର ସାମଗ୍ରୀକ ବିକାଶ କରିବାପାଇଁ ସରକାରଙ୍କୁ ଅନୁରୋଧ କରାଯାଇଛି । ଏହାକୁ ପର୍ଯ୍ୟଟନ ସହ ଯୋଡ଼ିବା ନେଇ ପ୍ରାଶାସନିକ ସ୍ତରରେ ଉଦ୍ୟମ ଚାଲିଥିବା କହିଛନ୍ତି ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ । ଦେଉଳାଦିର ଉନ୍ନତୀକରଣ ପାଇଁ ୫୦ କୋଟିର ଅନୁଦାନ ଘୋଷଣା କରିଛନ୍ତି । ସେହିକ୍ରମରେ ବଳରାମପୁର ଗଡ଼ର ସାମଗ୍ରୀକ ବିକାଶ ଦିଗରେ ପଦକ୍ଷେପ ନେଲେ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ଆଉ ଏକ ଅଧ୍ୟାୟ ଯୋଡ଼ି ହୋଇପାରିବ ।

## ଶୁଣିଲାନି ପ୍ରଶାସନ

# ରାସ୍ତା ମରାମତି କଲେ ୫୦ ଯୁବକ



**କନ୍ଧମାଳ,୧୧।୮(ସଂଚାର ବ୍ୟୁରୋ):** କାଦୁଅ ପଚ ପଚ ରାସ୍ତାରେ ଯାତାୟତରେ ବାଧାପ୍ରାପ୍ତ ହେଉଥିବାରୁ ଅର୍ଥ ଓ ଶ୍ରମ ଦାନ କରି ରାସ୍ତାର ମରାମତି କରିଛନ୍ତି ବଟା ବାହାଲି ଗାଁର ମା' ବରାଳ ଦେବୀ ଯୁବ ପରିଷଦର ୫୦ ଜଣ ଯୁବକ। କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ବାଲନ୍ଦା ପଡ଼ା ପଞ୍ଚାୟତ ବଟା ବାହାଲି ଗାଁରେ ଥିବା ବିଦ୍ୟାଳୟ ନିକଟ ରାସ୍ତାରେ ଦୀର୍ଘ ବର୍ଷ ହେବ କୌଣସି ରାସ୍ତା ନିର୍ମାଣ କିମ୍ବା ମରାମତି ହୋଇନାହିଁ। ଯାହାଦ୍ୱାରା ବର୍ଷା ଦିନରେ ଖାଲ ଖମା ହୋଇ ପାଣି ଜମି ରହି କାଦୁଅ ପଚ ପଚ ହେଉଛି। ଫଳରେ ବିଦ୍ୟାଳୟକୁ ହେଉ କି ଗ୍ରାମବାସୀଙ୍କ ଯାତାୟତ ପାଇଁ ହେଉ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଅଞ୍ଚଳ ବାସୀ। ପୂର୍ବରୁ ରାସ୍ତା ମରାମତି ଏବଂ ନିର୍ମାଣ ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ଏବଂ ପ୍ରଶାସନିକ ସ୍ତରରେ ବିଭିନ୍ନ ଜାଗାରେ ଦାବି କରିଥିଲେ ମଧ୍ୟ ତାହା ସମାଧାନ ହୋଇ ପାରିନାହିଁ। ତେଣୁ ନିଜ ଖର୍ଚ୍ଚରେ ଶ୍ରମ ଦାନ କରି ରାସ୍ତା ମରାମତି କରିବାକୁ ଅଣ୍ଟା ଭିଡ଼ିଥିଲା ବଟା ବାହାଲି ଗ୍ରାମରେ ଥିବା ମା' ବରାଳ ଯୁବ ପରିଷଦ ଯୁବକ ସଂଘ। ଏହି ଯୁବକ ସଂଘର ପ୍ରାୟ ୫୦ ଜଣ ସଦସ୍ୟ ରାସ୍ତା ମରାମତି ପାଇଁ ଆଲୋଚନା କରିବା ସହ ନିଜେ କିଛି ଅର୍ଥ ସଂଗ୍ରହ କରି ନିଜେ ଶ୍ରମ ଦାନ କରି ରାସ୍ତା ମରାମତି କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି। ଟ୍ରାକ୍ଟର ସାହାଯ୍ୟରେ ୪ ରୁ ୫ ଟ୍ରିପ ପଥର ସଂଗ୍ରହ କରି ରାସ୍ତାରେ ପକାଇବା ସହ ସମସ୍ତ ପଚାଶ ଜଣ ସଦସ୍ୟ କାମରେ ଲାଗିଛନ୍ତି। କିଛି ଯୁବକ ପଥର ସଂଗ୍ରହ କରୁଥିବା ବେଳେ କିଛି ଯୁବକ ରାସ୍ତା ଉପରେ କାମ କରୁଥିବା ଦେଖିବାକୁ ମିଳିଛି। ପଥର ପକାଇବା ପରେ ବାହାରୁ ମୋରମ ଆଣି ରାସ୍ତାରେ ପକାଇ ରାସ୍ତା ମରାମତି କରାଯିବ ବୋଲି କହିଛନ୍ତି ମା ବରାଳ ଯୁବ ପରିଷଦର ସଦସ୍ୟମାନେ। ବାରମ୍ବାର ଅଭିଯୋଗ ପରେ କେହି ପ୍ରଶାସନିକ ଅଧିକାରୀ ନ ଶୁଣିବାରୁ ବାଧ୍ୟ ହୋଇ ନିଜ ଖର୍ଚ୍ଚରେ ଏହି ରାସ୍ତା ମରାମତି ନ କଲେ ବିଦ୍ୟାଳୟକୁ ଛୋଟ ଛୋଟ ଛାତ୍ରଛାତ୍ରୀଙ୍କ ସହ ଅଞ୍ଚଳ ବାସୀ ଯିବା ଆସିବା ଅସୁବିଧା ହେଉଛନ୍ତି ବୋଲି କହିଛନ୍ତି ଯୁବକମାନେ। ଅନ୍ୟପଟେ ଏହି କାମକୁ ନେଇ ଅଞ୍ଚଳରେ ଯୁବକମାନଙ୍କୁ ପ୍ରଶଂସା କରାଯାଉଥିବା ବେଳେ ତୁରନ୍ତ ସରକାରଙ୍କ ତରଫରୁ ରାସ୍ତା ନିର୍ମାଣ ପାଇଁ ଅନୁଦାନ ଦେବାକୁ ଦାବି କରିଛନ୍ତି ଅଞ୍ଚଳବାସୀ।

# ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନା ବାଟବଣା



**ଫିରିଙ୍ଗିଆ, ୧୧।୮ (ସଂଚାର ବ୍ୟୁରୋ):** ରାଜ୍ୟ ଓ କେନ୍ଦ୍ର ସରକାର ଗରିବ ଅସହାୟ ବାସହୀନ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘର ଯୋଗାଇ ଦେଉଛନ୍ତି। ହେଲେ ଆଜି ବି ଏହି ଯୋଜନା କେତେକ ହିତାଧିକାରୀଙ୍କ ପାଖରେ ପହଞ୍ଚି ପାରୁନଥିବା ଅଭିଯୋଗ ହେଉଛି। ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କୁଏରୀମାଣ୍ଡୁ ପଞ୍ଚାୟତ ପାଦେରୀପଡ଼ା ଗ୍ରାମରେ ଝାଟିମାଟି କୁଡ଼ିଆରେ ୪ ପ୍ରାଣୀ କୁଟୁମ୍ବ ଜୀବନ ବିତାଉଛନ୍ତି। ରାଜେନ୍ଦ୍ର କହଁର ବୟସ (୩୨) ସ୍ତ୍ରୀ ଓ ଦୁଇ ପୁଅ କୁ ନେଇ ଗୋଟିଏ ପରିବାର। ଦୀର୍ଘ ବର୍ଷ ଧରି ଏହି ଝାଟିମାଟି ଭଙ୍ଗା ଦଦରା କୁଡ଼ିଆରେ ରହି ଆସୁଛନ୍ତି ରାଜେନ୍ଦ୍ର ପରିବାର। ଖରା ଦିନରେ ଯେମିତି ସେମିତି ଚଳି ଯାଉଥିବା ବେଳେ ବର୍ଷା ଦିନ ଘର ଛପରରୁ ପାଣି ଗଳୁଛି। ଯାହା ଫଳରେ ବହୁତ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ରାଜେନ୍ଦ୍ର ଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରି ପକ୍କା ଘର ଖଣ୍ଡିଏ ଯୋଗାଇ ଦେବାକୁ ଦାବି କରିଛନ୍ତି। ଦେଖିବାକୁ ବାକି ରହିଲା ଖବର ପ୍ରସାରଣ ପରେ ନୂତନ ଓଡ଼ିଶା ସରକାର ଗରିବ ଙ୍କ ଦୁଃଖ କେବେ ଦୂର କରୁଛି।

## ମୋବାଇଲ ଲୁଟେରା ଗିରଫ

# ୫ ମୋବାଇଲ ଜବତ, ତିନି ଗିରଫ

**ବୈଶିଙ୍ଗା,୧୧।୮ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅର୍ନ୍ତଗତ ଅଁଳା ବଜାର ଅଞ୍ଚଳରେ ଜଣେ ଅଙ୍ଗନବାଡି କର୍ମୀ ସାଇକେଲରେ ଫୋନରେ କଥା ହୋଇ ଯାଉଥିବା ବେଳେ ହଠାତ ଦୁଇ ଜଣ ଦୁର୍ବୃତ୍ତ ଏକ ଆକ୍ଟିଭା ସ୍କୁଟିରେ ଆସି ତାଙ୍କ ହାତରୁ ମୋବାଇଲ ଝାମ୍ପି ନେଇ ପଳାଇଯାଇଥିଲେ। ହେଲେ ଲୋକେ ମାଡ଼ିବସି ଜଣଙ୍କୁ ଉତ୍ତମ ମଧ୍ୟମ ଦେଇ ପୋଲିସ ଜିମା ଦେଇଥିଲେ।

ଘଟଣାରୁ ପ୍ରକାଶ ଯେ ରବିବାର ଅପରାହ୍ନରେ ଅଙ୍ଗନବାଡି କର୍ମୀ ସୁନିଆ ହେମ୍ବ୍ରମ ସାଇକେଲରେ ଫୋନରେ କଥା ହୋଇ ଯାଉଥିବା ବେଳେ ହଠାତ ଓଡି ୦୧ ଟି ୧୯୩୬ ନଂ ବିଶିଷ୍ଟ ଆକ୍ଟିଭା ସ୍କୁଟିରେ ଦୁଇଜଣ ଯୁବକ ଆସି ତାଙ୍କ ହାତରୁ ମୋବାଇଲ ଝାମ୍ପି ନେଇ ଦ୍ରୁତ ଗତିରେ ପଳାଇଯାଇଥିଲେ। ତେବେ ମହିଳାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ବାଇକରେ ସେମାନଙ୍କୁ ଗୋଡ଼ାଇ କିଛି ଦୂରରେ କାବୁ କରିନେଇଥିଲେ। ତେବେ ଜଣେ ଧରାପଡ଼ିଥିବା ବେଳେ ଅନ୍ୟ ଜଣେ ଦୌଡ଼ି ପଳାଇବାକୁ ସକ୍ଷମ ହୋଇଥିଲେ। ଧରାପଡ଼ିଥିବା ବ୍ୟକ୍ତି ଜଣଙ୍କ ବସ୍ତା ଥାନା ଅର୍ନ୍ତଗତ ବାଉଁଶମୁଖା ଗ୍ରାମର ଓମ୍ ପ୍ରକାଶ ମହାନ୍ତି ବୋଲି ଜଣାପଡ଼ିଛି।

# ମୁମ୍ବାଇରେ 'ମୋ ଓଡ଼ିଆ ସମାଜ' ଦ୍ୱାରା ରକ୍ତଦାନ ଶିବିର ଆୟୋଜନ



**ବୈଶିଙ୍ଗା,୧୧।୮ (ସଂଚାର ବ୍ୟୁରୋ):** ସାରା ଓଡ଼ିଶା ର କୋଣ ଅନୁକୋଣରୁ ଯାଇ ମୁମ୍ବାଇ ମହାନଗର ସ୍ଥିତ ଏକ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଞମୋ ଓଡ଼ିଆ ସମାଜଞ ପକ୍ଷରୁ ମୀରା ଭୟନ୍ଦର୍ ଠାରେ ଏକ ରକ୍ତ ଦାନ ଶିବିର ଆୟୋଜନ ହୋଇ ଯାଇଛି। ବୈଶିଙ୍ଗଞ ତଥା ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ପ୍ରବାସୀ ଓଡିଆମାନେ ଏଥିରେ ଯୋଗଦାନ କରି ରକ୍ତ ଦାନ କରିଥିଲେ। ସମାଜସେବୀ ଶ୍ରୀମତୀ ନୀଲା ସୋଂସ୍ ମୁଖ୍ୟ ଅତିଥି ରୂପେ ଏଥିରେ ଯୋଗ ଦେଇଥିଲେ। ସଂସ୍ଥାର ପ୍ରତିଷ୍ଠାତା ସଭାପତି - ଡ. ହୟଗ୍ରୀବ ଗୁରୁ, ସଭାପତି - ଶ୍ରୀ ଲମ୍ବୋଦର ଦାସ ମହାପାତ୍ର ସଂସ୍ଥା କାର୍ଯ୍ୟକ୍ରମର ରୂପରେଖ ବିଷୟରେ ସମସ୍ତଙ୍କୁ ଅବଗତ କରାଇ ଥିଲେ ଓ ସମସ୍ତ ରକ୍ତ ଦାତାଙ୍କର ଭୂୟସୀ ପ୍ରଶଂସା କରିଥିଲେ। ଏଥିରେ ୩୯ ଜଣ ରକ୍ତ ଦାତା ଯୋଗଦାନ କରିଥିଲେ। ମୁଖ୍ୟ ଅତିଥି ରକ୍ତ ଦାନ ଭଳି ପବିତ୍ର କାର୍ଯ୍ୟକୁ ଜାରି ରଖିବା ପାଇଁ ସମସ୍ତଙ୍କୁ ପ୍ରେରଣା ଯୋଗାଇଥିଲେ। ମୋ ଓଡିଆ ସମାଜ ତରଫରୁ ଆୟୋଜିତ ଏଭଳି କାର୍ଯ୍ୟ କୁ ସାଧାରଣରେ ପ୍ରଶଂସା କରାଯାଇଛି।

## ରୋଟାରୀ କ୍ଲବର ନବମ ପ୍ରତିଷ୍ଠା ଦିବସ ପାଳିତ

**ବାଲିଆପାଳ,୧୧।୮ (ସଂଚାର ବ୍ୟୁରୋ):** ବାଲିଆପାଳ ରୋଟାରୀ କ୍ଲବର ନବମ ପ୍ରତିଷ୍ଠା ଦିବସ ରବିବାର ବ୍ଲକ ଛକ ନିକଟସ୍ଥ ଶୁଭମ ଅତିଥି ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ରୋଟାରିଆନ ସଞ୍ଜୟ କୁମାର ଦେଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ରୋଟାରିଆନ ମନୋଜ କୁମାର ତ୍ରିପାଠୀ, ସମ୍ମାନିତ ଅତିଥି ଭାବରେ ଡିଷ୍ଟ୍ରିକ୍ଟ ସେକ୍ରେଟାରୀ ରୋଟାରିଆନ ସୁରେଶ ଚନ୍ଦ୍ର ସାହୁ, ଆସିଷ୍ଟାଣ୍ଟ ଗଭର୍ଣ୍ଣର ରୋଟାରିଆନ ଲେଲିନ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇ ଉଦବୋଧନ ଦେଇଥିଲେ। ରୋଟାରିଆନ ଇଂ ସୁଶାନ୍ତ କୁମାର ଚକ୍ରବର୍ତ୍ତୀ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ରୋଟାରିଆନ ଅତନୁ ପାଳ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ସଭାପତି ସଞ୍ଜୟ କୁମାର ଦେ ଆଗାମୀ ବର୍ଷ ପାଇଁ ରୋଟାରିଆନ ପ୍ରଦୀପ କୁମାର କରଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ସେପରି ସମ୍ପାଦକ ଦାୟିତ୍ୱ ରୋଟାରିଆନ ତପନ କୁମାର ସାହୁଙ୍କୁ ହସ୍ତାନ୍ତର କରିଥିଲେ।ଏହି ଅବସରରେ ରୋଟାରି କ୍ଲବ ଜଳେଶ୍ୱର, ରୋଟାରି କ୍ଲବ ବାଲେଶ୍ୱର, ସାଶ୍ୱତ ରୋଟାରି କ୍ଲବ ବାଲେଶ୍ୱର, ଲାୟନ୍ସ କ୍ଲବ ବାଲିଆପାଳର ସଦସ୍ୟ ମାନେ ଯୋଗ ଦେଇଥିଲେ।ରୋଟାରିଆନ ସନ୍ତୋଷ କୁମାର ଦାସ, ସୁବ୍ରତ କୁମାର ମହାପାତ୍ର, କୁଞ୍ଜକାନ୍ତ ପାତ୍ର, ମଧୁସୂଦନ ବାରିକ, ବିଜୟ କୁମାର ସାମଲ, ଅଦ୍ୱୈତ ସାହୁ, ଶୁଭ୍ରାଂଶୁ ବିଶ୍ୱାଳ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ରୋଟାରିଆନ ଅସିତ କୁମାର ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।

# ସାମୂହିକ ବାତଜ୍ୱର ଔଷଧ ସେବନ ଶୁଭାରମ୍ଭ



**ବାଲିଆପାଳ,୧୧।୮ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକରେ ଫାଇଲେରିଆ ବା ବାତଜ୍ୱର ରୋଗର ଏକ ବିରଳ ମାଇକ୍ରୋ ଫାଇଲେରିଆ ଜୀବାଣୁ (ବୃଜିୟା ମାଲାୟୀ) ଚିହ୍ନଟ କରାଯାଇଛି। ଯେଉଁ ଜୀବାଣୁ ଭାରତ ବର୍ଷର ଅନ୍ୟ କୌଣସି ସ୍ଥାନରେ ନାହିଁ। ଏହି ରୋଗକୁ ସାମୁହିକ ଔଷଧ ସେବନ କରି ଦୁରେଇ ଦିଆଯାଇପାରିବ। ଏହି ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରବିବାର ବାଲିଆପାଳ ବ୍ଲକର ମଧୁପୁରା ପଞ୍ଚାୟତ ଅନ୍ତର୍ଗତ ପଞ୍ଚୁରୁଖୀ ଗ୍ରାମରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଔଷଧ ସେବନ କାର୍ଯ୍ୟକ୍ରମରେ ବସ୍ତା ବିଧାୟିକା ସୁବାସିନି ଜେନା ଉପସ୍ଥିତ ହୋଇ ଲୋକମାନଙ୍କୁ ନିଜ ହାତରେ ଔଷଧ ଖୁଆଇ ଶୁଭାରମ୍ଭ କରିବା ସହିତ ଉପସ୍ଥିତ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆଯାଉଥିବା ଔଷଧ ସେବନ କରି ବାଲିଆପାଳ ଅଞ୍ଚଳରେ ଥିବା ମାଇକ୍ରୋ ଫାଇଲେରିଆର ବିରଳ କୀଟାଣୁକୁ ହଟାଇବାରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରାପ୍ରାପ୍ତ ଅଧିକାରୀ ଡ ପ୍ରୀତମ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଔଷଧ ସେବନ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡ଼. ସଞ୍ଜିବ ପ୍ରଧାନ, ଅନ୍ୟତମ ଜିଲ୍ଲା ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡ ସୂର୍ଯ୍ୟପ୍ରକାଶ ରାଉତରାୟ, ଡିପିଏମ ଚକ୍ରଧର ଜେନା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନମିତାପ୍ରଭା ସାମଲ, ଜିଲ୍ଲାପରିଷଦ ସଦସ୍ୟ ବେଣୁଧର ଜେନା, ନିଶାକର ସେଠୀ, ଜିଲ୍ଲା ପରାମର୍ଶ ଦାତା ସୁପ୍ରିୟା ପାଢ଼ୀ, ବ୍ଲକ ପୋଗ୍ରାମ ମ୍ୟାନେଜର ବିଶ୍ୱଜିତ ଦାସ, ଜନ ସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀଣୀ ଝୁନିବାଳା ଦେ ବାଲିଆପାଳ ବ୍ଲକ ଫାଇଲେରିଆ କୋର୍ଡିନେଟର ସ୍ୱୟଂପ୍ରଭା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।ବ୍ଲକରେ ମଧୁପୁରା ପଞ୍ଚାୟତର ପଞ୍ଚୁରୁଖି ଓ ବେତଗଡ଼ିଆ ପଞ୍ଚାୟତର କାଳିଆଖିଆ ଠାରେ ନୂତନ ଫାଇଲେରିଆ ରୋଗୀଙ୍କୁ ଚିହ୍ନଟ କରାଯାଇଛି।

## ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମର ଶୁଭାରମ୍ଭ

**ସୁନ୍ଦରଗଡ଼,୧୧।୮(ସଂଚାର ବ୍ୟୁରୋ):** ଫାଇଲେରିଆ ବା ବାତଜ୍ୱର ନିରାକରଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆରଂଭ ହୋଇଥିବା ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ ରବିବାର ଦିନ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଭବାନୀପୁର ସୁନ୍ଦରଗଡ଼ ଠାରେ ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ରଙ୍କ ଦ୍ୱାରା ଶୁଭ ଉଦ୍ଘାଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସୁରଂଜନ ସାହୁ, ସି.ଡି.ଓ ଏବଂ ଇଓ ଡା. ସୁରେଶ ଚନ୍ଦ୍ର ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଭକ୍ତମୋହନ ସ୍ୱାଇଁ, ଏ.ଡି. ପି.ଏଚ. ଓ. (ଭିଭିଡି), ଜିଲ୍ଲା ମଙ୍ଗଳ ଅଧିକାରୀ ଭାଗିରଥି ପଟେଲ, ଅଧକ୍ଷା ଶ୍ରୀମତୀ ସଂଘମିତ୍ରା ପାଣିଗ୍ରାହୀ, ସୁପେରିଟେଣ୍ଡେଣ୍ଟ ଡା. ରାଜେଶ ହେମ୍ବ୍ରମ, ଶ୍ରୀ. ବିଶ୍ୱେମ୍ବର ବେହେରା, ଡି.ପି.ଏମ (ଏନ୍ଏଚମ୍), ଡା. ଧନେଶ୍ୱରୀ ଜେନା, ବିଭାଗୀୟ ମୁଖ୍ୟ, ପିଏସମ ଉପସ୍ଥିତ ଥିଲେ। ଲିମ୍ଫାଟିକ ଫାଇଲେରିଆସିସ (ଏଲଏଫ) ଏକ ମଶା ବାହିତ ରୋଗ / ଏହା ସଂକ୍ରମିତ ମାଇଁ କ୍ୟୁଲେକ୍ସ ମଶା କାମୁଡିବା ଦ୍ୱାରା ଜଣଙ୍କ ପାଖରୁ ଅନ୍ୟ ଜଣଙ୍କୁ ସଂକ୍ରମିତ ହୋଇଥାଏ।

# ସମସ୍ୟା ଘେରରେ ଶିଶୁ ବିକାଶ ପ୍ରକଳ୍ପ

- ୩ଟି ଅଙ୍ଗନବାଡି କେନ୍ଦ୍ର ସ୍କୁଲରେ ପରିଚାଳନା କରୁଥିବା ବେଳେ
- ୬୬ଟି ଅଙ୍ଗନବାଡି କେନ୍ଦ୍ର ଛାଳିଛି ଭଡା ଘରେ

**କଳାହାଣ୍ଡି, ୧୧।୮(ସଂଚାର ବ୍ୟୁରୋ):** ଅଙ୍ଗନୱାଡି କର୍ମୀ ହେଉଛନ୍ତି ଶିଶୁଙ୍କ ପ୍ରଥମ ଗୁରୁ। ଯିଏ କି ନିଜର ପରିବାରକୁ ଜଳାଞ୍ଜଳି ଦେଇ ଅନେକ ଝଡଝଞ୍ଜା ପରେ ମଧ୍ୟ ଜଣେ ମହିଳା ଗର୍ଭବତୀ ସମୟରେ ଓ ପ୍ରସୂତୀ ପରେ ମାଁ ଙ୍କ ଯତ୍ନ ନେବା ସହ ଜନ୍ମିତ ଶିଶୁର ଯତ୍ନ ସହିତ ସୁରକ୍ଷା ଏବଂ ୩ ବର୍ଷ ପରେ ଶିଶୁର ଭବିଷ୍ୟତ ତିଆରି କରିବାର ବିନ୍ଧାଣି ସାଜିଥାନ୍ତି। ଅନ୍ୟପକ୍ଷରେ କିଶୋରୀ ବାଳିକାଙ୍କ ମଧ୍ୟ ରକ୍ଷାକବଚ ସାଜିଥାନ୍ତି। ହେଲେ ତାଙ୍କୁ ମଧ୍ୟ ଏଠାରେ ଅବହେଳା କରାଯାଉଛି। ନିଜସ୍ୱ ଅଙ୍ଗନୱାଡି କେନ୍ଦ୍ର ନଥିବା ଯୋଗୁଁ ଅନେକ ଆଙ୍ଗନୱାଡି କର୍ମୀ କିଏ ଦୋକାନ ଘରେ ତ କିଏ ସ୍କୁଲ ବାରଣ୍ଡା ଆଉ କିଏ କ୍ଲବ ଘରେ ଭଡାରେ ଚଳାଇ ଆସୁଛନ୍ତି ଅଙ୍ଗନୱାଡି କେନ୍ଦ୍ର। ମୂଳଦୁଆ ଠିକ ନ ଥିବା ବେଳେ ଭବିଷ୍ୟତ କିଭଳି ଗଢ଼ା ହେବ ଶିଶୁଙ୍କ। କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଆଇସିଡିଏସ ଅଧୀନରେ ୧୦ ଟି ସେକ୍ଟର ଥିବା ବେଳେ ୨୪୮ ଟି ଅଙ୍ଗନୱାଡି ଅଛନ୍ତି। ଏହି ୨୪୮ କେନ୍ଦ୍ର ମାନଙ୍କରେ ୬ ହଜାର ୭୦୮ ଜଣ ୩ ରୁ ୫ ବର୍ଷର ଶିଶୁ ପାଠ ପଢିବାକୁ ଯାଇଥାନ୍ତି। ସ୍ଥାୟୀ ଅଙ୍ଗନୱାଡି କେନ୍ଦ୍ର ନ ଥିବା ଯୋଗୁଁ କିଏ କ୍ଲବ ଘର ତ ଆଉ କିଏ ଦୋକାନ ଘରେ ତ ଆଉ କିଏ ସ୍କୁଲ ବାରଣ୍ଡାରେ ପାଠ ପଢ଼ାଉଛନ୍ତି। ସେହିଭଳି କେନ୍ଦ୍ର ନ ଥିବା ଯୋଗୁଁ ଅନେକ ଅଙ୍ଗନୱାଡି କର୍ମୀ ଶିଶୁଙ୍କୁ କେବଳ ଖାଇବାକୁ ଦେଇ ଛାଡି ଦେଉଛନ୍ତି। ବର୍ତ୍ତମାନ ଜୁନାଗଡ଼ ବ୍ଲକରେ ୬୬ଟି ଅଙ୍ଗନୱାଡି କେନ୍ଦ୍ର ଭଡା ଘରେ ଚାଲୁଥିବା ବେଳେ ୩ଟି କେନ୍ଦ୍ର ବିଦ୍ୟାଳୟରେ ଚାଲୁଛି। ଅନେକ ଅଙ୍ଗନୱାଡି କେନ୍ଦ୍ର ମଧ୍ୟରୁ କାହାର ଛାତ ଉପରୁ ସିମେଣ୍ଟ, ଲୁହା ପଡୁଛି ତ କାହାର ଭଗ୍ନ ଅବସ୍ଥାରେ ଅଛି। ସେହିଭଳି ଅନେକ ଅଙ୍ଗନୱାଡି କେନ୍ଦ୍ର ଅଧପନ୍ତରିଆ ଭାବେ ପଡ଼ି ରହିଛି। ଯାହା ଫଳରେ କର୍ମୀ ମାନଙ୍କୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ନିଜର ସାମଗ୍ରୀ ରଖିବା ପାଇଁ ମଧ୍ୟ ଜାଗା ନାହିଁ। ଅନେକ ସମୟରେ ଅଙ୍ଗନୱାଡି କର୍ମୀଙ୍କୁ ସମସ୍ତ ଦାୟିତ୍ୱଭାର ଲଦି ଦିଆଯାଏ। ସିଡିପିଓ କିମ୍ବା ଡିଏସଡବ୍ଲୁ ଅଧିକାରୀଣି ମାନେ ନିଜ ଦୋଷ ଦୁର୍ବିଳତାଙ୍କୁ ଲୁଚାଇବା ପାଇଁ ଅଙ୍ଗନୱାଡି କର୍ମୀ ମାନଙ୍କୁ ଭକୁଆ ବନେଇଥାନ୍ତି। ବିଭାଗୀୟ ଅଧିକାରୀଙ୍କ ଅପାରଗତା ଯୋଗୁଁ ମଧ୍ୟ ଏହାର କୌଣସି ସ୍ଥାୟୀ ସମାଧାନ ହେଉନଥିବା ଯୋଗୁଁ ଉଭୟ ଅଙ୍ଗନୱାଡି ଓ ଶିଶୁଙ୍କ ଉପରେ ଏହି ପ୍ରଭାବ ପଡୁଛି। ଯାହା ଫଳରେ ଆଗାମୀ ଭବିଷ୍ୟତ ଶିକ୍ଷା ଗ୍ରହଣ କରିବା ପୂର୍ବରୁ ଦୁସ୍ଥିତି ଆଡ଼କୁ ଗତି କରୁଛି।ଏଣୁ ତୁରନ୍ତ ରାଜ୍ୟ ସରକାର ଯୁଦ୍ଧ କାଳିନ ଭିତ୍ତିରେ ଏଦିଗରେ କଡା ପଦକ୍ଷେପ ନେବାକୁ ବୁଦ୍ଧିଜୀବି ମହଲ ରେ ଦାବି ହେଉଛି।





- ଫ୍ରେଣ୍ଡସ୍ କ୍ଲବ ପକ୍ଷରୁ କୋଟଗଡ଼ ଉପାନ୍ତ ଅଞ୍ଚଳ

# ସିଆରପିଏଫ କ୍ୟାମ୍ପରେ ରକ୍ଷାବନ୍ଧନ ଉତ୍ସବ

**କନ୍ଧମାଳ,୧୧।୮(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର କୋଟଗଡ଼ ବ୍ଲକ ଅନ୍ତର୍ଗତ ଉପାନ୍ତ ଅଞ୍ଚଳରେ କୋଟଗଡ଼ ଫ୍ରେଣ୍ଡସ୍ କ୍ଲବ ପକ୍ଷରୁ ସିଆରପିଏଫ କ୍ୟାମ୍ପରେ ଶନିବାର ଦିନ ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ସୂଚନା ପ୍ରକାରେ ଏହି ରକ୍ଷା ବନ୍ଧନ ଓ ଗହ୍ମାପୂର୍ଣ୍ଣୀମା ଏକ ଭାଇ ଭଉଣୀର ଅତୁଟ ବନ୍ଧନ ନିଜର ସୁରକ୍ଷା ପାଇଁ ଭଉଣୀ ଭାଇଙ୍କୁ ଭଗବାନଙ୍କୁ ସାକ୍ଷୀ ରଖି ରାକ୍ଷୀ ବାନ୍ଧି ଥାଏ। ତେଣୁ ଏହି ଦିବସରେ କୋଟଗଡ଼ ଫ୍ରେଣ୍ଡସ୍ କ୍ଲବ ପକ୍ଷରୁ ଉପାନ୍ତ ଅଞ୍ଚଳ ଲଙ୍କାଗଡ଼, ବଣ୍ଡ୍ରଙ୍ଗି, ବଲକି ଓ ସୁବର୍ଣ୍ଣଗିରି ସିଆରପିଏଫ କ୍ୟାମ୍ପରେ ଅଞ୍ଚଳର ଭଉଣୀ ମାନଙ୍କୁ ନେଇ ନିଜର ପରିବାର ଛାଡି ଦେଶ ସେବା କରୁଥିବା ଭାରତୀୟ ଜବାନ ମାନଙ୍କୁ ରାକ୍ଷୀ ବାନ୍ଧିଥିଲେ। ଦୀର୍ଘ ୫ ବର୍ଷ ହେବ ଏହିପରି ସେବା ଫ୍ରେଣ୍ଡସ୍ କ୍ଲବ କରିଆସୁଛି। ଯାହା ଫଳରେ ଅଞ୍ଚଳର ବୁଦ୍ଧିଜୀବି ମହଲରୁ ପ୍ରଶଂସା କରାଯାଉଥିବା ଶୁଣିବାକୁ ମିଳୁଥିବା ବେଳେ ଉପାନ୍ତ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀ ଓ ଯବାନ ମାନଙ୍କ ମଧ୍ୟରେ ବନ୍ଧୁତା ସ୍ଥାପନା କରିବା ପାଇଁ ଏବଂ ଅଞ୍ଚଳରେ ରହୁଥିବା ଲୋକଙ୍କୁ ଭୟ ଦୂର କରିବା ପାଇଁ ଏହାର ଉଦ୍ଦେଶ୍ୟରେ ବୋଲି କ୍ଲବ ପକ୍ଷରୁ କୁହାଯାଇଛି। ଏଥିରେ କ୍ଲବର ଯୁବ ସମାଜ ସେବୀ ବୁଲୁ ମଲିକ, ପ୍ରବଣ ବେହେରା, ହୀରା ସିଂ ପାତ୍ର, ହରିହର ବାଡିତିଆ, ଦୀନବନ୍ଧୁ ମହାରଣା ପ୍ରମୁଖ ଯାଇ କାର୍ଯ୍ୟକ୍ରମ କରିଥିଲେ।

# ବୃକ୍ଷ ରୋପଣକୁ ନେଇ ଉତ୍ତେଜନା: ତିନି ହଜାର ଗଛ ଉପାଡିଲେ ଅସନ୍ତୁଷ୍ଟ




**ବୈଶିଙ୍ଗା,୧୧।୮(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅର୍ନ୍ତଗତ ଦୁର୍ଗାପୁର ଗ୍ରାମରେ ବୃକ୍ଷରୋପଣ କାର୍ଯ୍ୟକ୍ରମ 'ମା ପାଇଁ ଗଛଟିଏ' ଅବସରରେ ତିନି ହଜାର ଗଛ ଲାଗିବାର ମାତ୍ର ଚବିଶ ଘଣ୍ଟା ଭିତରେ ଏହାକୁ ଉପାଡ଼ି ଦିଆଯିବାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ଘଟଣାରୁ ପ୍ରକାଶ ଯେ ପବିତ୍ର ରାକ୍ଷୀ ପୂର୍ଣ୍ଣିମାରେ ଦୁର୍ଗାପୁର ଗ୍ରାମ ସନ୍ନିକଟ ଏକ ଗୋଚର ପଡ଼ିଆରେ ଦଳେଇସାହି ର ଗ୍ରାମବାସୀ ବୈଶିଙ୍ଗା ମଣ୍ଡଳ ଭାଜପା ସମ୍ପାଦକ ଶାନ୍ତନୁ କୁମାର ଦଳେଇ ଓ ଶଶିଭୂଷଣ ପଣ୍ଡାଙ୍କ ନେତୃତ୍ୱରେ ତିନି ହଜାର ଆକାଶିଆ ଚାରା ରୋପଣ କରିଥିଲେ। ମାତ୍ର ଅନ୍ୟ ଏକ ଗୋଷ୍ଠୀ ସେହି ସ୍ଥାନରେ ଶବଦାହ କରାଯାଉଥିବା ଯୋଗୁଁ ସେଠାରେ ବନୀକରଣ କାର୍ଯ୍ୟକ୍ରମକୁ ବିରୋଧ କରିଥିଲେ ଏବଂ ଚାରା ଗଛ ଗୁଡ଼ିକୁ ଉପାଡ଼ି ଫିଙ୍ଗି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ଉଭୟ ପକ୍ଷଙ୍କ ମଧ୍ୟରେ ଧସ୍ତାଧସ୍ତି ଚାଲିଥିଲା ଏବଂ ଛଅ ସାତ ଜଣ କ୍ଷତବିକ୍ଷତ ହୋଇଥିଲେ। ଆଜି ଶତାଧିକ ଗ୍ରାମବାସୀ ବୈଶିଙ୍ଗା ପୋଲିସ ନିକଟରେ ଲିଖିତ ଅଭିଯୋଗ କରିଥିଲେ ଏବଂ କାମଚଳା ବେତନଟୀ ତହସିଲଦାରଙ୍କ ଦାୟିତ୍ୱରେ ଥିବା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସୁତାରଙ୍କୁ ସାକ୍ଷାତ କରି ବୃକ୍ଷରୋପଣ ସ୍ଥାନର ସରଜମିନ ତଦନ୍ତ କରି ବିବାଦର ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। କାମଚଳା ତହସିଲଦାର କହିଲେ ମଙ୍ଗଳବାର ଯାଇ ତଦନ୍ତ ପୂର୍ବକ ନିର୍ଦ୍ଦେଶ ଦେଇପାରିବେ।

## ଅଭିଭାବକ ଓ ଶିକ୍ଷକମାନଙ୍କ ବୈଠକ ଅନୁଷ୍ଠିତ

**ବେତନଟୀ,୧୧।୮(ସଂଚାର ବ୍ୟୁରୋ):** ଏହି ବ୍ଲକ ଅନ୍ତର୍ଗତ ପି ଏମ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ଶାଳବଣି, ମୟୂରଭଞ୍ଜ ରେ ଅଭିଭାବକ ଓ ଶିକ୍ଷକମାନଙ୍କ ବୈଠକ ଗତ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମୟୂରଭଞ୍ଜ ଜିଲ୍ଲାର ୨୬ ଟି ବ୍ଲକର ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଷଷ୍ଠ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କ ଅଭିଭାବକଗଣ ଉପସ୍ଥିତ ରହିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ଜୟରାମ ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲାର ୨୬ଟି ବ୍ଲକ ରୁ ଅଧ୍ୟୟନରତ ଛାତ୍ର ଓ ଛାତ୍ରୀଙ୍କର ଅଭିଭାବକମାନଙ୍କ ମଧ୍ୟରୁ ୧୫ ଜଣ ଅଭିଭାବକ ଓ ଶିକ୍ଷକମାନଙ୍କ ମଧ୍ୟରୁ ୫ଜଣଙ୍କୁ ପିଟିସି ସଦସ୍ୟ/ସଦସ୍ୟା ଭାବରେ ଚୟନ କରାଯାଇଛି। ସେମାନେ ହେଲେ - ସତୀଶ କୁମାର ସାହୁ-ବେତନଟୀ, ରଶ୍ମି ରେଖା ପାତ୍ର-ବିଶୋଇ, ଝୁନୁରାଣୀ ଗିରି- ଶୁଳିଆପଦା, ଲକ୍ଷ୍ମୀଧର ସାହୁ-ସାରସକଣା, ସରପତି ଟୁଡୁ- ବେତନଟୀ, ସୁମନ୍ତ ସିଂହ- ଶାମାଖୁଣ୍ଟା, ସୁବ୍ରତ କୁମାର ମଣ୍ଡଳ- ରାଇରଙ୍ଗପୁର, ସାଗରିକା ମହାନ୍ତ- ରରୁଆଁ, ରଶ୍ମିତା ବେହେରା- ଉଦଳା, ମମତା ପାତ୍ର- କୁଳିଅଣା, ରୂପାଲୀ ଗିରି- ମରୋଡ଼ା, କ୍ଷୀରୋଦ ଚନ୍ଦ୍ର ପାତ୍ର- କପ୍ତିପଦା, ଯତନ କୁମାର ସେଠୀ- ଯଶୀପୁର, ଜୟନ୍ତ କୁମାର ପଢିଆରୀ- ରାସଗୋବିନ୍ଦପୁର, ପୂର୍ଣ୍ଣଚନ୍ଦ୍ର ପାତ୍ର- କୁସୁମୀ। ଏତଦବ୍ୟତୀତ ୫ଜଣ ଶିକ୍ଷକ ହେଲେ- କେଶବ ଚନ୍ଦ୍ର ସେଠୀ, ମିସ ଜୀନତ ପରବିନ, ସୀତାରାମ ଯାଦବ, ଏସ ଏନ୍ ଦାସ ଓ ମିସ୍ ପି ପି ଦାଶ। ଏହି ୧୫ ଜଣ ପିଟିସି ଅଭିଭାବକ ଓ ବିଦ୍ୟାଳୟର ୫ ଜଣ ଶିକ୍ଷକମାନେ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ମୋହନଦାସ ଗିରିଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟର ବିଭିନ୍ନ ସମସ୍ୟା, ଛାତ୍ର ଓ ଛାତ୍ରୀଙ୍କର ସମସ୍ୟା ତଥା ବିଦ୍ୟାଳୟର ଉନ୍ନତି ମୂଳକ ତଥ୍ୟ ଉପରେ ପ୍ରତ୍ୟେକ ମାସ ଦ୍ୱିତୀୟ ରବିବାର ଆଲୋଚନା କରିବେ ବୋଲି ବୈଠକରେ ସ୍ଥିର କରାଗଲା। ଶେଷରେ ସତୀଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ନର୍ଲାରେ ନିଶା ନିବାରଣ ବ୍ରତ

**ନର୍ଲା,୧୧।୮(ସଂଚାର ବ୍ୟୁରୋ):** ନିଶା ଠାରୁ ଛାତ୍ର ସମାଜକୁ ଦୂରେଇ ରଖିବା ପାଇଁ ସମ୍ବାଦ ଓ ଆମ ଓଡ଼ିଶା ପକ୍ଷରୁ ଏକ ନିଆରା ପ୍ରୟାସ କରାଯାଇଛି। ନର୍ଲା ସ୍ଥିତ ଗୁରୁକୁଳ ନର୍ସିଂ କଲେଜ ଠାରେ ସୋମବାର ଦିନ ସମ୍ବାଦ 'ଆମ ଓଡ଼ିଶା' ପକ୍ଷରୁ ରକ୍ଷା ବନ୍ଧନ ଓ ନିଶା ନିବାରଣ ବ୍ରତ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଗୁରୁକୁଳ ନର୍ସିଂ କଲେଜର ଛାତ୍ରଛାତ୍ରୀ ସାହିତ୍ୟ ଘର ସଦସ୍ୟ ଓ ରକ୍ତଦାତାଙ୍କୁ ନେଇ ଆୟୋଜିତ ହୋଇଥିଲା। ଏଥିରେ ୫୨ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ନର୍ସିଂ କଲେଜର ଅଧ୍ୟକ୍ଷା ଶ୍ରଦ୍ଧାଞ୍ଜଳି ସାହୁଙ୍କ ସଭାପତିତ୍ୱରେ ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କଂଗ୍ରେସର ବରିଷ୍ଠ ନେତା ଚୂଳମଣି ଗୌଡିଆ, ସାମ୍ମନିତ ଅତିଥି ଭାବରେ ଯୁବ ସମାଜସେବୀ ସମୀର ଚାନ୍ଦ, ପୋଲିସ ଏଏସଆଇ ଅବନୀ ଖୁରା, ସବ୍ ଇନ୍ସପେକ୍ଟର କୃତିବାସ ପୁଝାରୀ ପ୍ରମୁଖ ଉପସ୍ଥିତ ରହି ନିଶା ନିବାରଣ ଉପରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ। ନର୍ଲା ସମ୍ବାଦ ପ୍ରତିନିଧି ଅଭିରାମ ନନ୍ଦ ମଞ୍ଚ ପରିଚାଳନା କରିଥିବାବେଳେ ଗୁରୁକୁଳ ନର୍ସିଂ କଲେଜର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସମ୍ବାଦ ସାହିତ୍ୟ ଘରର ସଭାପତି ଅରୁଣ ପ୍ରଧାନି ଧନ୍ୟବାଦ ଅର୍ପଣ କରିଥିଲେ।